# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଜୁଲାଇ ୩୧/୨୦୨୧ (୧୬ ପୃଷ୍ଠା) | Sambalpur, Saturday, July 31/2021 | ★★

୧୭ଶ ଭାଗ ୨୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ନବନୀତ କୌରଙ୍କ ଗୋଲରେ ଭାରତ ବିଜୟୀ**

ଟୋକିଓ ଅଲିମ୍ପିକ୍ସର ଶୁକ୍ରବାର ଅନୁଷ୍ଠିତ ମହିଳା ହକି ମ୍ୟାଚରେ ନବନୀତ କୌରଙ୍କ ଗୋଲରେ ଭାରତ ୧-୦ରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି।

୧୫

୧୦

**ଜନ୍ମଦିନରେ ବାସନ ମାଜିଲେ ସୋନୁ**

ଗରିବଙ୍କ ଦେବଦୂତ ଭାବେ ପରିଚିତ ଅଭିନେତା ସୋନୁ ସୁଦ ୪୮ତମ ଜନ୍ମଦିନ ପାଳନ ଅବସରରେ ବାସନ ମାଜୁଥିବା ଏକ ଭିଡିଓରେ ନଜର ଆସିଛି।





ହିମାଚଳପ୍ରଦେଶର ବରୱାସ୍ ନିକଟରେ ଶୁକ୍ରବାର ଭୂସ୍ଖଳନ ଘଟି ୭୦୭ ନମ୍ବର ଜାତୀୟ ରାଜପଥ ଅବରୋଧ ହୋଇଯାଇଛି। (ରିପୋର୍ଟ: ପୃଷ୍ଠା-୪)

# ଭୁବନେଶ୍ୱର ରିଜିଅନ୍ ପାସ୍ ହାର ୯୯.୫୫%

**ଭୁବନେଶ୍ୱର, ୩୦।୭(ବ୍ୟୁରୋ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥର ପାସ୍ ହାର ପ୍ରାୟ ୧୦ ପ୍ରତିଶତ ଅଧିକ ରହିଛି। ଗତବର୍ଷ ଦେଶରେ ପାସ୍‌ହାର ୮୮.୭୮% ଥିବାବେଳେ ଚଳିତବର୍ଷ ଏହା ୯୯.୩୭% ରହିଛି। ପୁଅଙ୍କ ତୁଳନାରେ ୦.୫୪ ପ୍ରତିଶତ ଛାତ୍ରୀ ଆଗୁଆ ଅଛନ୍ତି। ଛାତ୍ରୀଙ୍କ ପାସ୍ ହାର ୯୯.୬୭% ଥିବାବେଳେ ୯୯.୧୩ % ଛାତ୍ର ପାସ୍ କରିଛନ୍ତି। ୭୦,୦୦୪ଜଣ ଛାତ୍ରୀଛାତ୍ର ୯୫% ଉପରେ ଓ ୧,୫୦,୧୫୨ଜଣ ୯୦ରୁ ୯୫% ମଧ୍ୟରେ ନମ୍ବର ରଖିଛନ୍ତି। ତେବେ ଚଳିତବର୍ଷ କେନ୍ଦ୍ରୀୟ ବିଦ୍ୟାଳୟ ଓ କେନ୍ଦ୍ରୀୟ ତିବ୍ବତୀୟ ସ୍କୁଲଗୁଡ଼ିକରେ ଶତ ପ୍ରତିଶତ ପାସ୍ ହାର ରହିଛି। ତ୍ରିଭେନ୍ଦ୍ରମ ରିଜିଅନ୍‌ରେ ସର୍ବାଧିକ ପାସ୍ ହାର ୯୯.୮୯% ରହିଥିବାବେଳେ ଭୁବନେଶ୍ୱର ରିଜିଅନ୍ (ଓଡ଼ିଶା, ପଶ୍ଚିମବଙ୍ଗ ଓ ଛତିଶଗଡ଼)ରେ ୯୯.୫୫% ରହିଛି। ସେହିଭଳି ବେଙ୍ଗାଲୁରୁ ରିଜିଅନ୍‌ରେ ପାସ୍ ହାର ୯୯.୮୩, ଚେନ୍ନାଇ ୯୯.୭୭, ଦିଲ୍ଲୀ(ପଶ୍ଚିମ) ୯୯.୮୪, ଦିଲ୍ଲୀ (ପୂର୍ବ) ୯୯.୮୪, ପଞ୍ଚକୁଲା ୯୯.୫୪, ଚଣ୍ଡିଗଡ଼ ୯୯.୪୭, ଭୋପାଳ ୯୯.୩୪, ପୁଣେ ୯୯.୩୫, ଆଜ୍‌ମେର ୯୯.୨୯, ନୋଏଡ଼ା ୯୯.୦୨, ଗୁଆହାଟୀ ୯୯.୩୧, ଡେରାଡୁନ ୯୮.୬୪, ପ୍ରୟାଗରାଜ ୯୮.୫୯ ଓ ପାଟଣା ରିଜିଅନ୍‌ରେ ୯୮.୯୧% ରହିଛି। ଚଳିତବର୍ଷ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ପରୀକ୍ଷା ବାତିଲ କରାଯାଇଥିଲା।

**ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାଫଳ ପ୍ରକାଶ**

- ଦେଶରେ ପାସ୍ ହାର ୯୯.୩୭%
- ଅଗଷ୍ଟ ୫ ସୁଦ୍ଧା ଦ୍ୱିତୀୟ ପର୍ଯ୍ୟାୟ ଫଳ
- ୬ରୁ ପ୍ରାଇଭେଟ୍ ଷ୍ଟୁଡେଣ୍ଟ ପରୀକ୍ଷା ଦେବେ
- ଆସନ୍ତା ସପ୍ତାହରେ ବାହାରିପାରେ ଦଶମ ପରୀକ୍ଷାଫଳ

ବୋର୍ଡ ପକ୍ଷରୁ ଗଠିତ ୧୩ ଜଣିଆ ପ୍ୟାନେଲ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟାୟନ ନୀତି ଆଧାରରେ ଫଳ ପ୍ରକାଶ ପାଇଛି। ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ୧୦ମ ଶ୍ରେଣୀ ଥିଓରିରୁ ୩୦ ପ୍ରତିଶତ, ଏକାଦଶ ଶ୍ରେଣୀ ପରୀକ୍ଷା ମାର୍କରୁ ୩୦ ପ୍ରତିଶତ ଓ ଦ୍ୱାଦଶ ଶ୍ରେଣୀ ମଧ୍ୟ ଅବଧି ପରୀକ୍ଷା ମାର୍କରୁ ୪୦ ପ୍ରତିଶତ ଆଧାରରେ ଛାତ୍ରୀଛାତ୍ରଙ୍କୁ ମାର୍କ ଦିଆଯାଇଛି। ଏଥିସହ ଦୁଇଟି ପର୍ଯ୍ୟାୟରେ ଦ୍ୱାଦଶ ପରୀକ୍ଷାଫଳ ପ୍ରକାଶ କରିବାକୁ ବୋର୍ଡ ନିଷ୍ପତ୍ତି ନେଇଥିଲା। ମୋଟ ୧୩,୬୯,୭୪୫ଜଣ ସିବିଏସ୍‌ଇ ଦ୍ୱାଦଶ ରେଗୁଲାର ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୩ ଲକ୍ଷ ୪ ହଜାର ୫୬୧ଜଣଙ୍କ ପରୀକ୍ଷାଫଳ ଘୋଷଣା କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ବାକି ୬୫,୧୮୪ଜଣ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ଅଗଷ୍ଟ ୫ ସୁଦ୍ଧା ଘୋଷଣା କରାଯିବ ବୋଲି ସିବିଏସ୍‌ଇ ପକ୍ଷରୁ କୁହାଯାଇଛି। ସେପଟେ ଦେଶରେ ଆହୁରି ୬୦,୪୪୩ଜଣ ପ୍ରାଇଭେଟ୍ ଷ୍ଟୁଡେଣ୍ଟ ରହିଛନ୍ତି। ଏମାନଙ୍କ ☞ପୃଷ୍ଠା-୪

# ପଦକ ନିଶ୍ଚିତ କଲେ ଲଭଲିନା




**ଟୋକିଓ, ୩୦।୭(ପି.ଟି.)**

ଟୋକିଓ ଅଲିମ୍ପିକ୍ସରେ ମହିଳା ବକ୍ସର ଲଭଲିନା ବୋରଗୋହେନ ଇତିହାସ ସୃଷ୍ଟି କରିଛନ୍ତି। ଅଲିମ୍ପିକ୍ସରେ ପଦାର୍ପଣ କରିଥିବା ଆସାମର ଏହି ତାରକା ମହିଳା ବକ୍ସର ୬୯ କେ.ଜି. ବର୍ଗରେ ସେମିଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ସେ ପୂର୍ବତନ ବିଶ୍ୱ ଚାମ୍ପିୟନ ☞ପୃଷ୍ଠା-୪

# ଜଳିଗଲେ ୬ ଓଡ଼ିଆ ଶ୍ରମିକ

**ରାୟଗଡ଼ା ଅଫିସ/ ଗୁଣପୁର, ୩୦।୭ (ଡି.ଏନ୍.ଏ.)**

- ଆନ୍ଧ୍ର ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ
- ଦୁର୍ଘଟଣା ବେଳେ ସମସ୍ତେ ଶୋଇଥିଲେ
- ମଶା କଏଲ୍, କେମିକାଲ ପ୍ରଭାବରେ ଭୟଙ୍କର ନିଆଁ

ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଜିଲା ଲଙ୍କାଭାନିଦିବା ଗ୍ରାମରେ ଥିବା ଏକ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିରେ ଶୁକ୍ରବାର ଭୋର୍ ସମୟରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। ମଶା କଏଲ୍‌ରୁ ନିଆଁ ଲାଗି ସେଠାରେ ଶୋଇଥିବା ଓଡ଼ିଶାର ୬ ଦାଦନ ଶ୍ରମିକ ଜୀବନ୍ତ ଜଳିଯାଇଛନ୍ତି। ମୃତକଙ୍କ ମଧ୍ୟରେ ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳର ୫ ଜଣ ଏବଂ ଗଜପତି ଜିଲାର ଜଣେ ଶ୍ରମିକ ରହିଛନ୍ତି। ସେମାନେ ହେଲେ ଗୁଣପୁର ବ୍ଲକ ଭୀମପୁର ପଞ୍ଚାୟତ ଝୁମ୍ପାପୁର ଗ୍ରାମର ରାମମୂର୍ତ୍ତି ଗମାଙ୍ଗ, ଫୁଲପୁଟି ଗ୍ରାମର ପାଣ୍ଡବ ଶବର, ମୋହନ ଶବର, କରୁଣାକର ଶବର, ଗୁଣପୁର ସହର ମୋତିଲାଲ ନଗରର ନବୀନ ଶବର ଏବଂ ଗଜପତି ☞ପୃଷ୍ଠା-୪

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ମିଳିଲା ୟୁଜିସି ମାନ୍ୟତା

**ବଲାଙ୍ଗୀର ଅଫିସ, ୩୦।୭**

ପଶ୍ଚିମ ଓଡ଼ିଶାର ପୁରାତନ ଶିକ୍ଷାନୁଷ୍ଠାନ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ୟୁଜିସି ମାନ୍ୟତା ମିଳିଛି। ଏହାସହ ୟୁଜିସିର ବିଶ୍ୱବିଦ୍ୟାଳୟ ତାଲିକାରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି। ୟୁଜିସି ଅଧିନିୟମ ୧୯୫୬ ଧାରା ୨ (ଏଫ୍) ଅନୁଯାୟୀ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ଶୁକ୍ରବାର ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଯାଇଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ଜଣାଇଛନ୍ତି। ମନ୍ତ୍ରୀ ପ୍ରଧାନ କହିଛନ୍ତି ଯେ, ଏହା ନିଶ୍ଚିତ ଭାବରେ ପଶ୍ଚିମ ଓଡ଼ିଶାର ଛାତ୍ରୀଛାତ୍ରଙ୍କ ଆକାଂକ୍ଷାକୁ ପୂରଣ କରିବ। ଏଥିସହ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନୂଆ ଶିକ୍ଷାନୀତିରେ ଉଲ୍ଲେଖ ଥିବା ଗୁଣାତ୍ମକ ଶିକ୍ଷା ଉପଲବ୍ଧ କରିବ ବୋଲି ସେ ଆଶା କରିଛନ୍ତି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ଘରୋଇକରଣ ଚିନ୍ତା

# ହାଇଦର: ଏନ୍‌କାଉଣ୍ଟର ନା ହତ୍ୟା

**ଜ୍ୟୋତିରଞ୍ଜନ ମହାପାତ୍ର**
**ଭୁବନେଶ୍ୱର, ୩୦।୭**

ରିକ୍ସାଚାଳକ ଦିନେ ଗ୍ୟାଙ୍ଗଷ୍ଟର ପାଲଟିବ ଏହା ଶେଖ୍ ହାଇଦରଙ୍କ କ୍ଷେତ୍ରରେ ସମ୍ଭବ ହୋଇପାରିଛି। ଶେଖ୍ ହାଇଦର ନାଁ ଶୁଣିଲେ ବ୍ୟବସାୟୀ, ଶିଳ୍ପପତିଙ୍କ ନିଦ ହଜି ଯାଉଥିଲା। ଦୀର୍ଘ ୪ ଦଶନ୍ଧି ଧରି ଆପରାଧିକ ସାମ୍ରାଜ୍ୟ ଚଳାଇ ଆସୁଥିବା ଶେଖ୍ ହାଇଦରଙ୍କୁ ଶେଷରେ ଗତ ୨୪ ତାରିଖରେ ପୋଲିସ ଏନ୍‌କାଉଣ୍ଟର କରି ମାରିଛି। ହାଇଦରଙ୍କ ମୃତ୍ୟୁ ଯଦିଓ କିଛି ବ୍ୟବସାୟୀ ଗୋଷ୍ଠୀକୁ ଆଶ୍ୱସ୍ତ କରିଛି, ତଥାପି ଏହି ଏନ୍‌କାଉଣ୍ଟରକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ପୋଲିସର ଏହି ଏକ୍ସଟ୍ରା ଜୁଡିସିଆଲ କିଲିଂ ବା ଆଇନ ବାହାରକୁ ଯାଇ ହତ୍ୟାର ଶିକାର କେବଳ ଶେଖ୍ ହାଇଦର ହୋଇନାହାନ୍ତି ବରଂ ୨୦୨୦ରେ ଗ୍ୟାଙ୍ଗଷ୍ଟର ବିକାଶ ଦୁବେଙ୍କୁ ମଧ୍ୟ ଉତ୍ତରପ୍ରଦେଶ ପୋଲିସ ନାଟକୀୟ ଢଙ୍ଗରେ ଏନ୍‌କାଉଣ୍ଟର କରିଥିଲା। ବିକାଶ ଦୁବେଙ୍କ ବଡ଼ ବଡ଼ ରାଜନୈତିକ ଲୋକଙ୍କ ସହ ସମ୍ପର୍କ ରହିଥିବାରୁ ତାଙ୍କୁ ଯୋଜନାବଦ୍ଧ ଭାବେ ଏନ୍‌କାଉଣ୍ଟର କରାଯାଇଥିବା ନେଇ ସେ ସମୟରେ ଉଷ୍ମତା ପ୍ରକାଶ ପାଇଥିଲା। ଏବେ ଶେଖ୍ ହାଇଦରଙ୍କୁ ଏନ୍‌କାଉଣ୍ଟର କରାଯାଇଛି ନା ହତ୍ୟା କରାଯାଇଛି ଏ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ଶେଖ୍ ହାଇଦରଙ୍କ ପରିବାରଠାରୁ ଆରମ୍ଭ କରି ରାଜ୍ୟ ମାନବାଧିକାର କମିଶନ ମଧ୍ୟ ହାଇଦରଙ୍କ ଏନ୍‌କାଉଣ୍ଟରକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। କେଉଁ ପରିସ୍ଥିତିରେ ତାଙ୍କୁ ହତ୍ୟା କରାଗଲା, ତା'ର ରିପୋର୍ଟ ଲୋଡ଼ିଛନ୍ତି। ଏ ନେଇ ଧରିତ୍ରୀ ପକ୍ଷରୁ ଶେଖ୍ ହାଇଦରଙ୍କ ପରିବାର ଲୋକଙ୍କୁ ଭେଟିବା ସହ ବରିଷ୍ଠ ଅଧିକାରୀ ଓ ବୁଦ୍ଧିଜୀବୀଙ୍କ ମତାମତ ନିଆଯାଇଥିଲା।

ଶେଖ୍ ହାଇଦରଙ୍କୁ ଏନ୍‌କାଉଣ୍ଟର କରାଯିବା ପରେ ଏବେ ଧୀରେ ଧୀରେ ଅନେକ କଥା ଉପରୁ ପର୍ଦ୍ଦା ଉଠିବାରେ ଲାଗିଛି। ଗୁରୁତର ରୋଗରେ ପୀଡ଼ିତ ଥିବା କୌଣସି ବିଚାରାଧୀନ କଏଦୀଙ୍କୁ ଗୋଟିଏ ଜେଲରୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରିବା ପୂର୍ବରୁ ଯାତ୍ରାକରିବା ନିମନ୍ତେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଠିକ୍ ଅଛି କି ନାହିଁ, ଏ ନେଇ ଯାଞ୍ଚ ☞ପୃଷ୍ଠା-୧୧







# ୧୫୦ ବର୍ଷର ସୀମା ସଂଘର୍ଷ

ଉତ୍ତର-ପୂର୍ବର ଆସାମ ଓ ମିଜୋରାମ ମଧ୍ୟରେ ଦେଢ଼ ଶତାବ୍ଦୀ ପୁରୁଣା ସୀମା ବିବାଦ ଜୁଲାଇ ୨୬ରେ ହଠାତ୍ ଉଗ୍ରରୂପ ଧାରଣ କରିଥିଲା। ଦୁଇ ପଡ଼ୋଶୀ ରାଜ୍ୟ ମୁହାଁମୁହିଁ ହେବାରୁ ୬ ଆସାମ ପୋଲିସଙ୍କ ଜୀବନ ଯାଇଥିଲା। ମିଜୋରାମ ପୋଲିସର ଗୁଳିମାଡ଼ରେ ଅନ୍ୟ ୬୦ ଜଣ ଆହତ ହୋଇଥିଲେ। କାହା ପୋଲିସ ପ୍ରଥମେ ଗୁଳି ଚଳାଇଥିଲେ ତାକୁ ନେଇ ଦୋଷ ଲଦାଲଦି ମଧ୍ୟରେ ଶାନ୍ତି ଫେରାଇ ଆଣିବାକୁ ବି ଉଦ୍ୟମ ଆରମ୍ଭ ହୋଇଛି। କିନ୍ତୁ ୧୬୫.୫ କି.ମି. ବିସ୍ତୃତ ସୀମା ସଂଲଗ୍ନ ଉଭୟ ପକ୍ଷର ଅଧିବାସୀ ଏହି ସଂଘର୍ଷରେ ଏତେ ଶୀଘ୍ର ବିରାମ ଲାଗିବ ବୋଲି ଆଶା କରୁନାହାନ୍ତି। ୪ ଦିନ ତଳର ନିଆଁକୁ ସାମୟିକ ଭାବେ ପ୍ରଶମିତ କରାଯାଇଛି। ହେଲେ ଆସାମରେ ପ୍ରତିଶୋଧ ନିଆଁ ଏବେ ବି ଜଳୁଛି। ନର୍ଥ-ଇଷ୍ଟ ବର୍ଡରରେ ସମ୍ଭାବ୍ୟ ସଂଘର୍ଷର ଧୂଆଁ ସମସ୍ତଙ୍କୁ ଆତଙ୍କିତ କରିଛି।






# ଅଶାନ୍ତ ଆସାମ, ଅବୁଝା ମିଜୋରାମ

ନୂଆଦିଲ୍ଲୀ,୩୦।୭

## ମୁହାଁମୁହିଁ କାହିଁକି

ଆସାମ ଓ ମିଜୋରାମ ମଧ୍ୟରେ ଲାଗିରହିଥିବା ସୀମା ବିବାଦ ଆଜିର ନୁହେଁ, ବରଂ ଦେଢ଼ଶହ ବର୍ଷ ପୁରୁଣା। ଏହା ବ୍ରିଟିଶ ଅମଳର ଦୁଇଟି ବିଜ୍ଞପ୍ତିର ପରିଣାମ। ପ୍ରଥମଟି ୧୮୭୫ ଓ ଦ୍ୱିତୀୟଟି ୧୯୩୩ ମସିହାରେ ଜାରି ହୋଇଥିଲା। ସେତେବେଳେ ମିଜୋରାମ ଥିଲା ଆସାମର 'ଲୁଶାଇ ହିଲ୍ସ' ନାମକ ଏକ ଜିଲା। ୧୮୭୫ର ସୀମା ନିର୍ଦ୍ଧାରଣ ବିଜ୍ଞପ୍ତି ଲୁଶାଇ ତ୍ରିକୋଣଭୂମିକୁ ଆସାମର ଚାଚର ଓ ଅନ୍ୟ ଅଞ୍ଚଳ ସମେତ ମଣିପୁର ସୀମାରୁ ପୃଥକ କରିଥିଲା। ଅନେକ ବର୍ଷର ଉଗ୍ର ଆନ୍ଦୋଳନ ପରେ ମିଜୋରାମ ୧୯୭୨ରେ କେନ୍ଦ୍ରଶାସିତ ଅଞ୍ଚଳ ଓ ୧୯୮୭ରେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଲାଭ କଲା। ଏହାସତ୍ତ୍ୱେ ୧୮୭୫ରେ ନିର୍ଦ୍ଧାରିତ ସୀମାକୁ ମିଜୋରାମ ଧରି ଚାଲିଛି। ଅନ୍ୟପକ୍ଷେ ଆସାମ ୧୯୩୩ ନୋଟିଫିକେଶନ ଆଧାରରେ ୧୯୮୬ରେ ଟଣାଯାଇଥିବା ଏକ ଭିନ୍ନ ସୀମାରେଖାକୁ ମାନିଥାଏ। ତେବେ ସ୍ୱାଧୀନତା ପୂର୍ବରୁ ସମଗ୍ର ମିଜୋରାମ ଆସାମର ଏକ ଅଂଶ ଥିଲା। ଉପନିବେଶ ଅମଳର ଏକ ଅର୍ଡରକୁ ଆମେ କାହିଁକି ମାନିବୁ ବୋଲି ସଂଘର୍ଷର ପରଦିନ ଅର୍ଥାତ୍ ଜୁଲାଇ ୨୭ରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ପ୍ରଶ୍ନ କରିଥିଲେ। ମିଜୋ ନେତାମାନଙ୍କ ମତରେ ବେଙ୍ଗାଲ ଇଷ୍ଟର୍ନ ଫ୍ରଣ୍ଟିୟର ରେଗୁଲେଶନ (ବିଇଏଫ୍ଆର୍) ଆକ୍ଟ, ୧୮୭୩ ଅନୁସାରେ ୧୮୭୫ ଅଗଷ୍ଟ ୨୦ରେ ଜାରି ବିଜ୍ଞପ୍ତିରେ ଦର୍ଶାଯାଇଥିବା ଇନର୍ ଲାଇନ୍ ବା ଆଭ୍ୟନ୍ତରୀଣ ରେଖା ହିଁ ମାନ୍ୟ। ୧୯୮୬ରେ ସ୍ୱାକ୍ଷରିତ ଏକତରଫା ଚୁକ୍ତିନାମା ଗ୍ରହଣୀୟ ନୁହେଁ। କାରଣ ସେହି ସମୟରେ ମିଜୋ ସିଭିଲ ସୋସାଇଟିର ପରାମର୍ଶ ନିଆଯାଇ ନ ଥିଲା ବୋଲି ମିଜୋରାମ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା ଯୁକ୍ତି ବାଢ଼ିଛନ୍ତି।

## ସାମ୍ପ୍ରତିକ ସ୍ଥିତି

କିଛି ବର୍ଷ ପୂର୍ବେ ଦୁଇ ରାଜ୍ୟ ପକ୍ଷରୁ ସ୍ୱାକ୍ଷରିତ ଏକ ରାଜିନାମା ଅନୁସାରେ ସମାଧାନ ନ ହେବା ଯାଏ ସୀମାରେ ସ୍ଥିତାବସ୍ଥା ବଜାୟ ରଖାଯିବା ଉଚିତ। ମାତ୍ର ଉଭୟ ପକ୍ଷ ପରସ୍ପର ବିରୋଧରେ ଜବରଦଖଲ ଅଭିଯୋଗ ଆଣୁଥିବାରୁ ଆସାମର ଚାଚର, କରିମଗଞ୍ଜ ଓ ହାଇଲାକାଣ୍ଡି ଏବଂ ମିଜୋରାମର କୋଲାସିବ, ଆଇଜଲ ଓ ମିମିତ ଜିଲା ମଧ୍ୟରେ ଆସୁଥିବା ୧୬୫.୫ କି.ମି. ଦୀର୍ଘ ସୀମାରେ ବହୁବାର ସଂଘର୍ଷ ଘଟିଲାଣି। ବାଂଲାଦେଶ ସହ ମଧ୍ୟ ଉଭୟ ରାଜ୍ୟର ସୀମା ଲାଗି ରହିଛି। ୨୦୧୮ ଫେବୃୟାରୀରେ ମିଜୋରାମର ଗୋଟିଏ ଗୋଷ୍ଠୀ ଚାଚର ସୀମାନ୍ତ ଜଙ୍ଗଲ ଜମିରେ ଏକ ଆଶ୍ରୟସ୍ଥଳ ନିର୍ମାଣ କରିବାରୁ ହିଂସାକାଣ୍ଡ ଦେଖାଦେଇଥିଲା। ମିଜୋରାମର ଜଙ୍ଗଲ ଜମିକୁ ଆସାମରେ ରହୁଥିବା ବାଂଲାଦେଶୀ ଶରଣାର୍ଥୀମାନେ ବାରମ୍ବାର ମାଡ଼ିବସୁଥିବା ମିଜୋରାମବାସୀ ଅଭିଯୋଗ ଆଣିଥାଆନ୍ତି। ଗତବର୍ଷ ଅକ୍ଟୋବରରେ କରିମଗଞ୍ଜ ଜିଲାରେ ଅନେକ ସ୍କୁଲ ଗଢ଼ିଉଠିଥିଲା, ଯେଉଁ ଅଞ୍ଚଳକୁ ମିଜୋରାମ ନିଜର ବୋଲି ଦାବି କରିଥାଏ।

ଉତ୍ତର-ପୂର୍ବର ସବୁ ରାଜ୍ୟ ସହ ଆସାମର ସୀମା ଲାଗିରହିଛି। ୧୯୬୩ରୁ ୧୯୭୨ ମଧ୍ୟରେ ମେଘାଳୟ, ନାଗାଲାଣ୍ଡ ଓ ଅରୁଣାଚଳ ପ୍ରଦେଶ ଆସାମଠାରୁ ପୃଥକ ହୋଇଥିଲେ। ଏହି ୩ ରାଜ୍ୟ ସହ ମଧ୍ୟ ଆସାମର ସୀମା ବିବାଦ ଲାଗିରହିଛି। ୧୯୬୫ରୁ ଆସାମ-ନାଗାଲାଣ୍ଡ (୫୦୦ କି.ମି.) ସୀମା ବିବାଦ ଲାଗିରହିଥିବାବେଳେ ୨୦୧୭ରେ ଦୁଇରାଜ୍ୟ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ବହୁ ଲୋକଙ୍କ ଜୀବନ ଯାଇଥିବାବେଳେ ଅନେକେ ବିସ୍ଥାପିତ ହୋଇଥିଲେ। ଆସାମ-ମେଘାଳୟ (୮୮୪ କି.ମି.) ଓ ଆସାମ-ଅରୁଣାଚଳ (୮୦୦ କି.ମି.) ସୀମାରେ ଅନୁରୂପ ସଂଘର୍ଷ ଓ ହିଂସା କିଛି କମ୍ ନୁହେଁ। ସେହିପରି ମିଜୋରାମ ସହ ୧୦୯ କି.ମି. ସୀମାକୁ ନେଇ ତ୍ରିପୁରାର ମଧ୍ୟ ବିବାଦ ରହିଛି। ଏହି ପ୍ରସଙ୍ଗ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାବେଳେ ଗତ ଫେବୃୟାରୀରେ ସବୁ ମୁଖ୍ୟମନ୍ତ୍ରୀ ସମାଧାନ ପାଇଁ ଏକାଠି ହୋଇଥିଲେ। ଶୀର୍ଷ ଅଦାଲତଙ୍କ ରାୟ ନ ଆସିବା ପର୍ଯ୍ୟନ୍ତ ସୀମାରେ ସ୍ଥିତାବସ୍ଥା ବଜାୟ ରଖିବାକୁ ଉକ୍ତ ବୈଠକରେ ସହମତି ପ୍ରକାଶ ପାଇଥିଲା। ଉତ୍ତର-ପୂର୍ବାଞ୍ଚଳର ସୀମା ସଂଘର୍ଷକୁ ନେଇ ୨୦୦୮ରେ ମନୋହର ପାରିକର ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଡିଫେନ୍ସ ଷ୍ଟଡିଜ୍ ପକ୍ଷରୁ ଏକ ନିବନ୍ଧ ପ୍ରକାଶ ପାଇଥିଲା।




### ସମଗ୍ର ଉତ୍ତରପୂର୍ବାଞ୍ଚଳରେ ସୀମା ବିବାଦ

## ବାଜପେୟୀ କହିଥିଲେ...

ଆମେ ଆମର ବନ୍ଧୁଙ୍କୁ ବଦଳାଇପାରିବା, କିନ୍ତୁ ପଡ଼ୋଶୀଙ୍କୁ ନୁହେଁ। ଆମକୁ ଏଠାରେ ରହିବାକୁ ପଡ଼ିବ। ତେଣୁ ବନ୍ଧୁ ଭାବେ ରହିବା ନଚେତ୍ ପରସ୍ପର ସହ ଲଢ଼ି ବିଶ୍ୱ ନଜରରେ ଉପହାସର ପାତ୍ର ହେବା।



ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଏହି ଦଶନ୍ଧି ପୁରୁଣା ମନ୍ତବ୍ୟ ସେଦିନ ନିୟନ୍ତ୍ରଣରେଖା (ଏଲ୍ଓସି)ରେ ଅଶାନ୍ତି ଓ ଭୂସ୍ୱର୍ଗ କଶ୍ମୀରରେ ଅସ୍ଥିରତା ସୃଷ୍ଟିକାରୀ ପଡ଼ୋଶୀ ପାକିସ୍ତାନ ପାଇଁ ଉଦ୍ଦିଷ୍ଟ ଥିଲା। କିନ୍ତୁ ଆଜି ଏହା ଭାରତ ଭିତରେ ବି ପ୍ରଯୁଜ୍ୟ। ବିଶେଷକରି ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ସୃଷ୍ଟ ସୀମା ବିବାଦ ଓ ରକ୍ତାକ୍ତ ସଂଘର୍ଷକୁ ଦେଖିଲେ ବାଜପେୟୀଙ୍କ ଦଳ ଓ ବର୍ତ୍ତମାନର ଶାସକମାନେ ତାଙ୍କର ସେହି ଆପ୍ତବାକ୍ୟର ପ୍ରାସଙ୍ଗିକତାକୁ ହୃଦୟଙ୍ଗମ କରିପାରୁ ନ ଥିବା ମନେହେଉଛି।

## ଭୂମିକା ବଦଳିଗଲା


ହିମନ୍ତ ବିଶ୍ୱଶର୍ମା

ଗତ କିଛି ମାସ ଯାଏ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍ଡିଏ)ର ଉତ୍ତର ପୂର୍ବାଞ୍ଚଳ ମ୍ୟାନେଜର ହିମନ୍ତ ବିଶ୍ୱଶର୍ମା ନର୍ଥ ଇଷ୍ଟ ଡେମୋକ୍ରାଟିକ୍ ଆଲାଏନ୍ସ (ଏନ୍ଇଡିଏ) ଆବାହକ ଭୂମିକାରେ ସହଯୋଗୀ ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍ଏନ୍ଏଫ୍) ସହ କାନ୍ଧ ମିଳାଇ ବାଟ ଚାଲୁଥିଲେ। ଏବେ ସେ ଆସାମର ମୁଖ୍ୟମନ୍ତ୍ରୀ। ଆସାମ ଓ ମିଜୋରାମ ମଧ୍ୟରେ ସୀମା ବିବାଦ ପରିପ୍ରେକ୍ଷୀରେ ହିମନ୍ତ ମିଜୋରାମର ଜୋରାମଥାଙ୍ଗା ସରକାର ବିରୋଧରେ ବିଷୋଦଗାର କରୁଛନ୍ତି। ସେ କହିଛନ୍ତି, ମିଜୋରାମକୁ ୧ ଇଞ୍ଚ ଭୂମି ଛାଡ଼ିବୁ ନାହିଁ। ଏହି ପ୍ରସଙ୍ଗରେ ପଡ଼ୋଶୀ ରାଜ୍ୟ ବିରୋଧରେ ସୁପ୍ରିମକୋର୍ଟ ଯିବୁ। ଇତିମଧ୍ୟରେ ଆସାମ ସରକାର ନିଜ ନାଗରିକମାନଙ୍କୁ ମିଜୋରାମ ନ ଯିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ମିଜୋରାମ ସରକାର ନିଜ ଲୋକଙ୍କ ହାତରୁ ଅସ୍ତ୍ର ନ ଛଡ଼ାଇବା ପର୍ଯ୍ୟନ୍ତ ଏହି ଯାତ୍ରା କଟକଣା ଜାରି ରହିବ ବୋଲି ହିମନ୍ତ ସ୍ପଷ୍ଟ କରିଛନ୍ତି। ଉତ୍ତର-ପୂର୍ବ ଶାସକ ମେଣ୍ଟର ଦୁଇ ବଡ଼ ଦଳ ମୁହାଁମୁହିଁ ହେବାରୁ ଭାଜପା ନେତା ଅମିତ ଶାହାଙ୍କ ଏନ୍ଡିଏରୁ ସହଯୋଗୀ ଏମ୍ଏନ୍ଏଫ୍ ଓହରିଯିବାକୁ ବସିଛି।

## କେନ୍ଦ୍ରର ଅକ୍ଷମତା


ଅମିତ ଶାହା

ଆସାମ ଓ ମିଜୋରାମର ଜନସାଧାରଣ କେନ୍ଦ୍ର ସରକାରଙ୍କ ପକ୍ଷରୁ ତୁରନ୍ତ ସୀମା ନିର୍ଦ୍ଧାରଣ ଜରିଆରେ ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଚାହାନ୍ତି। ପୂର୍ବରୁ ସୁପ୍ରିମକୋର୍ଟ ଏକ ବାଉଣ୍ଡରି କମିଶନ ଗଠନ ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସେନେଇ ବିଶେଷ କିଛି ପଦକ୍ଷେପ ନିଆଯାଇ ନାହିଁ। ସଦ୍ୟ ସଂଘର୍ଷର ୨ ଦିନ ପୂର୍ବରୁ ଅର୍ଥାତ୍ ଜୁଲାଇ ୨୪ରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସମସ୍ତ ଉତ୍ତର-ପୂର୍ବ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ନେଇ ଶିଲଂରେ ରୁଦ୍ଧଦ୍ୱାର ବୈଠକ କରିଥିଲେ। ମୁଖ୍ୟମନ୍ତ୍ରୀମାନେ ଆପୋସ ବୁଝାମଣା ଜରିଆରେ ନିଜ ନିଜ ଆନ୍ତଃରାଜ୍ୟ ସୀମା ବିବାଦର ପରିସମାପ୍ତି ଘଟାନ୍ତୁ ବୋଲି ଶାହା ସେମାନଙ୍କୁ ପରାମର୍ଶ ଦେଇଥିଲେ। ଆସାମ ୬ ଜଣ ପୋଲିସ କର୍ମଚାରୀଙ୍କୁ ହରାଇବା ପରେ ହିମନ୍ତ ବିଶ୍ୱଶର୍ମା ସରକାର ସୀମାରେ ସ୍ଥିତାବସ୍ଥା ବଜାୟ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ଯୋଜନା କରୁଛନ୍ତି। ଜୋରାମଥାଙ୍ଗା ସରକାର ଆପୋସ ବୁଝାମଣା ଜରିଆରେ ବିବାଦର ସମାଧାନ ପାଇଁ ଆସାମ ଶାନ୍ତିପୂର୍ଣ୍ଣ ତଥା ଅନୁକୂଳ ବାତାବରଣ ସୃଷ୍ଟି କରୁ ବୋଲି ଏକ ବିବୃତିରେ କହିଛନ୍ତି। ଘଟଣା ଦିନ ସୀମାରେ ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ଚାଲିଥିବାବେଳେ ଦୁଇ ମୁଖ୍ୟମନ୍ତ୍ରୀଙ୍କ ଟୁଇଟର ଯୁଦ୍ଧ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏବେ ବିରୋଧୀ କଂଗ୍ରେସ ପ୍ରଶ୍ନ କରୁଛି, ଉତ୍ତର-ପୂର୍ବର ସମସ୍ତ ରାଜ୍ୟରେ ଭାଜପା କିମ୍ବା ଏହାର ସହଯୋଗୀ ଦଳଗୁଡ଼ିକର ସରକାର ଚାଲିଛି। ଏହାସତ୍ତ୍ୱେ ଶାହା ସୀମା ବିବାଦର ସମାଧାନ କରିପାରିଲେନି କାହିଁକି?

## ନିରପେକ୍ଷ ହେଉ ସିଆର୍ପିଏଫ୍

ବିବାଦୀୟ ଜଙ୍ଗଲ ଜମିରେ ଏକ ସିଆର୍ପିଏଫ୍ ଶିବିର ରହିଛି। ଜୁଲାଇ ୨୬ରେ ଆସାମ ପୋଲିସ କେନ୍ଦ୍ରୀୟ ବଳର ସେହି କ୍ୟାମ୍ପକୁ ଜବରଦଖଲ କରି ଅନୁପ୍ରବେଶ କରିଥିବା ଅଭିଯୋଗ ଆଣିଛି। ଆସାମ ଏହାକୁ ଖଣ୍ଡନ କରିଛି। ସଂଘର୍ଷ ପରେ ଉଭୟ ରାଜ୍ୟର ପୋଲିସ ନିଜ ନିଜ କ୍ୟାମ୍ପ ଛାଡ଼ି ଚାଲିଯାଇଛନ୍ତି। ସେଠାରେ ସିଆର୍ପିଏଫ୍ ଯବାନଙ୍କୁ ମୁତୟନ କରାଯାଇଛି। ସିଆର୍ପିଏଫ୍ କୌଣସି ରାଜ୍ୟ ସପକ୍ଷରେ ନ ଯାଇ ନିରପେକ୍ଷ ପୋଲିସର ଦାୟିତ୍ୱ ତୁଲାଇବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।


ଚାଚରରେ ସୋମବାର ଆସାମ ପୋଲିସ ଉପରେ ମିଜୋରାମ ଅଧିବାସୀଙ୍କ ଆକ୍ରମଣ ବେଳର ଦୃଶ୍ୟ।

## ସଦ୍ୟ ସଂଘର୍ଷର କାରଣ


ଜୋରାମଥାଙ୍ଗା

ଆସାମର କହିବା ହେଲା, ଜଣେ ଆଇଜିପିଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଚାଚର ଜିଲା ଲଇଲାପୁର ସୀମାନ୍ତକୁ ଯାଇଥିଲା। ସେଠାରେ ଆସାମର ଜଙ୍ଗଲ ଜମିରେ ମିଜୋରାମ ସରକାର ରାସ୍ତା ଓ ସୁରକ୍ଷା ପୋଷ୍ଟ ନିର୍ମାଣ କରିଥିବା ପୋଲିସ ଅଧିକାରୀମାନେ ଦେଖିବାକୁ ପାଇଥିଲେ। ମିଜୋରାମର କୋଲାସିବ ଏସ୍ପିଙ୍କ ସହ ଆଲୋଚନା କରୁଥିବାବେଳେ ସଶସ୍ତ୍ର ଅଧିବାସୀ ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏହା ପରେ ମିଜୋରାମ ପୋଲିସ ଆସାମ ପ୍ରତିପକ୍ଷଙ୍କ ଉପରେ ଗୁଳି ଚଳାଇଥିଲା। ମିଜୋରାମ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା କହିଛନ୍ତି, ଆସାମ ପୋଲିସର ପ୍ରାୟ ୨୦୦ କର୍ମଚାରୀ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍ପିଏଫ୍) ଶିବିର ଓ ଏକ ପୋଲିସ ପୋଷ୍ଟକୁ ଅକ୍ତିଆର କରିଥିଲେ। ସେମାନେ ବୈରେଙ୍ଗଟେରେ ଥିବା ଏକ ଅଟୋ ଷ୍ଟାଣ୍ଡରେ ବିକ୍ଷୋଭକାରୀଙ୍କ ଉପରେ ଲୁହବୁହା ବାଷ୍ପ ପ୍ରୟୋଗ ସହ ଆଖିବୁଜା ଗୁଳି ଚଳାଇଥିଲେ। ମିଜୋରାମ ପୋଲିସ ଆତ୍ମରକ୍ଷା ପାଇଁ ଏହାର ଜବାବ ଦେବାକୁ ବାଧ୍ୟ ହୋଇଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୯,୭୬,୪୭,୮୬୨ | ୪୨,୧୯,୧୫୨ | ୧୭,୮୭,୧୯,୮୮୦ |
| ଭାରତ | ୩,୧୫,୭୯,୬୫୧ | ୪,୨୩,୪୦୩ | ୩,୦୭,୪୩,୯୭୨ |
| ଓଡ଼ିଶା | ୯,୭୫,୬୯୦ | ୫୮୩୪(+୫୩) | ୯,୫୪,୯୨୯ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

**ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ ସଦସ୍ୟଙ୍କ ପିଏସ୍‌ଙ୍କ ଘରୁ ଆୟ ବହିର୍ଭୂତ ସମ୍ପତ୍ତି ଠାବ!**




# ଓଏସ୍ଏସ୍‌ସି ସଦସ୍ୟଙ୍କ ପିଏସ୍ ଘରେ ଭିଜିଲାନ୍ସ ଚଢ଼ାଉ

## ନଗଦ ୨୫ଲକ୍ଷ, ୩.୯କୋଟି ଟଙ୍କାର ସମ୍ପତ୍ତି ଠାବ

ଭୁବନେଶ୍ୱର,୩୦।୭(ବ୍ୟୁରୋ)

ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍ଏସ୍‌ସି) ସଦସ୍ୟଙ୍କ ପ୍ରାଇଭେଟ ସେକ୍ରେଟାରି (ପିଏସ୍) ବିରଞ୍ଚି ନରାୟଣ ସାହୁଙ୍କ ଘରେ ଶୁକ୍ରବାର ଭିଜିଲାନ୍ସ ବଡ଼ଧରଣର ଚଢାଉ କରିଛି। ଭୁବନେଶ୍ୱର ନୀଳାଦ୍ରିବିହାରରେ ଥିବା ତାଙ୍କ ବାସଗୃହ, କଟକସ୍ଥିତ ଶ୍ୱଶୁରଘର ଓ ସମ୍ପର୍କୀୟଙ୍କ ଘରକୁ ମିଶାଇ ଦ୍ୱୈତନଗରୀର ମୋଟ ୬ ସ୍ଥାନରେ ଭିଜିଲାନ୍ସ ଯାଞ୍ଚ କରି ପୁଳା ପୁଳା ଟଙ୍କା ଓ ବିପୁଳ ସମ୍ପତ୍ତି ଠାବ କରିଛି। ତେବେ ନୀଳାଦ୍ରିବିହାରସ୍ଥିତ ୨ ମହଲା ଘରୁ ନଗଦ ୧୨ଲକ୍ଷ ଟଙ୍କା, ଦେଢ଼ କେଜି ସୁନା ଅଳଙ୍କାର (୬୦ଲକ୍ଷ ଟଙ୍କା) ଓ ସ୍ଥାବର ଅସ୍ଥାବର ସମ୍ପତ୍ତି ଭିଜିଲାନ୍ସ ହାତରେ ଲାଗିଛି। ସେହିପରି ସମ୍ପର୍କୀୟଙ୍କ ଘରୁ ୧୩ଲକ୍ଷ ଟଙ୍କା ମିଳିଛି। ଏଥିସହିତ ବିରଞ୍ଚି ଓ ପରିବାର ସଦସ୍ୟଙ୍କ ନାମରେ ଭକ୍ତି ବିହାରରେ ୨ଟି ଘର, ଭୁବନେଶ୍ୱର, କଟକ, ଖୋର୍ଦ୍ଧା ଓ ପୁରୀରେ ୧୪ଟି ପ୍ଲଟ୍, ୫୬ଲକ୍ଷ ଟଙ୍କାର ବୀମା ରାଶି, କାର୍, ୨ ବାଇକ ଓ ଅନ୍ୟାନ୍ୟ ସମ୍ପତ୍ତି ରହିଥିବା ଯାଞ୍ଚରୁ ଜଣାପଡିଛି। ତେବେ ଠାବ ସମ୍ପତ୍ତିର ମୂଲ୍ୟ ୩.୭୯ କୋଟି ଟଙ୍କା ହେବ। ଯାଞ୍ଚ ଓ ହିସାବ ଜାରି ରହିଥିବାରୁ ବିରଞ୍ଚିଙ୍କ ସମ୍ପତ୍ତିର ମୂଲ୍ୟ ଆହୁରି ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ବିରଞ୍ଚି ବ୍ୟବହାର କରିଥିବା ଅନେକ ବ୍ୟାଙ୍କ ରସିଦ୍ ଜବତ କରାଯାଇଛି। ଏଥିରୁ ତାଙ୍କର ଟଙ୍କା ଦେଣନେଣ ସମ୍ପର୍କରେ ତଥ୍ୟ ପାଇବାକୁ ଭିଜିଲାନ୍ସ ଆଶା ରଖିଛି। ସେହିଭଳି ନିଯୁକ୍ତି ସମ୍ପର୍କିତ ଚିଠି, କେତେଜଣ ଛାତ୍ରୀଛାତ୍ରଙ୍କ ଆଡ୍‌ମିଟ୍ କାର୍ଡ, ବିଦେଶୀ ମୁଦ୍ରା ଓ ବିଦେଶ ଗସ୍ତର କିଛି କାଗଜପତ୍ର ମଧ୍ୟ ତାଙ୍କ ଘରୁ ମିଳିଛି। ଛାତ୍ରୀଛାତ୍ରଙ୍କ ଟଙ୍କାରୁ ସେ ଓ ତାଙ୍କ ପରିବାର ବିଦେଶ ବୁଲିଥିବା ସନ୍ଦେହ କରାଯାଉଛି। ଭିଜିଲାନ୍ସ ଏସ୍‌ପି ଆର୍ ପ୍ରକାଶଙ୍କ କହିବାନୁଯାୟୀ, ଜବତ ଜମି, ଘର ଆଦି ସମ୍ପତ୍ତିର ମୂଲ୍ୟ ଆକଳନ କରାଯାଉଛି। ବିରଞ୍ଚି ଜଣେ ତୃତୀୟ ଶ୍ରେଣୀ କର୍ମଚାରୀ ହୋଇ ମଧ୍ୟ ତାଙ୍କ ନିକଟରେ ଏତେ ପରିମାଣର ଟଙ୍କା ଓ ସମ୍ପତ୍ତି କେଉଁଠୁ ଆସିଲା, କାହା ସହାୟତାରେ ସେ ଏସବୁ ଠୁଳ କରିଛନ୍ତି, ତାହାର ସ୍ୱତନ୍ତ୍ର ତଦନ୍ତ କରାଯିବ ବୋଲି ଏସ୍‌ପି କହିଛନ୍ତି।

ସୂଚନା ଅନୁଯାୟୀ, ବିରଞ୍ଚି ସରକାରୀ ଚାକିରି କରାଇଦେବାକୁ କହି ଛାତ୍ରୀଛାତ୍ରଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ନେବା ସହ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ପୂର୍ବରୁ ସୂଚନା ପାଇଥିଲା। ଯୋଜନା ମୁତାବକ, ଶୁକ୍ରବାର ଭୋର୍ ସମୟରେ ଭିଜିଲାନ୍ସର ତିନୋଟି ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ଏସ୍‌ପିଙ୍କ ନେତୃତ୍ୱରେ ଏସବୁ ଟିମ୍‌ରେ ୪ଜଣ ଡିଏସପି, ୧୩ ଇନ୍ସପେକ୍ଟରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ। ବିରଞ୍ଚିଙ୍କ ଘରେ ପହଞ୍ଚିବା ପରେ ଭିଜିଲାନ୍ସ ଟିମ୍ ସର୍ଚ୍ଚ ଆରମ୍ଭ କରିଥିଲା। ପୁଳାପୁଳା ଟଙ୍କା, ସୁନା, ବ୍ୟାଙ୍କ ଓ ବୀମା କାଗଜ ପତ୍ର ଦେଖି ଭିଜିଲାନ୍ସ ଅଧିକାରୀମାନେ ଚକିତ ହୋଇଯାଇଥିଲେ। ଜଣ ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ଘରେ ବ୍ୟାଙ୍କ ଭଳି ଟଙ୍କା ରହିବା ଘଟଣାକୁ ଭିଜିଲାନ୍ସ ଗୁରୁତ୍ୱର ସହ ନେଇ ଅଧିକ ତଦନ୍ତ ଓ ଯାଞ୍ଚ ଚଳାଇଛି। ତେବେ ଏ ସମସ୍ତ ସମ୍ପତ୍ତି ସମ୍ପର୍କରେ କୋର୍ଟରେ ଜବାବ ରଖିବେ ବୋଲି ବିରଞ୍ଚି ନିଜ ପ୍ରତିକ୍ରିୟାରେ କହିଛନ୍ତି। ଅନ୍ୟପକ୍ଷରେ ଘଟଣାର ବିଭାଗୀୟ ତଦନ୍ତ କରାଯିବା ସହ ଦୃଢ ପଦକ୍ଷେପ ନିଆଯିବ ବୋଲି ଓଏସ୍ଏସ୍‌ସି ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ମିଶ୍ର କହିଛନ୍ତି। ତେବେ ଓଏସ୍ଏସ୍‌ସିର ସମସ୍ତ ପରୀକ୍ଷାଠାରୁ ବିରଞ୍ଚି ଦୂରରେ ରୁହନ୍ତି। ଘଟଣାରେ ଆଉ କାହାର ସମ୍ପୃକ୍ତି ଅଛି କି ନାହିଁ ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ସେ କହିଛନ୍ତି।



- ଦ୍ୱୈତନଗରୀର ୬ ସ୍ଥାନରେ ୩ ଟିମ୍‌ର ଯାଞ୍ଚ
- ବିଦେଶ ବୁଲୁଥିଲେ, ଘରୁ ମିଳିଲା ବିଦେଶୀ ମୁଦ୍ରା
- ବିଭାଗୀୟ ତଦନ୍ତ ହେବ କହିଲେ ଓଏସ୍ଏସ୍‌ସି ଅଧ୍ୟକ୍ଷ



# ପଦୋନ୍ନତି ପାଇବେ ୬୩,୩୦୩ ପ୍ରାଥମିକ ଶିକ୍ଷକ

- କମିଲା ରେସିଡେନ୍ସି ପିରିୟଡ
- ଖୁବ୍‌ଶୀଘ୍ର ପୂରଣ ହେବ ଉଚ୍ଚ ପ୍ରାଥମିକ ଶିକ୍ଷକ ପଦବୀ

ଭୁବନେଶ୍ୱର,୩୦।୭(ବ୍ୟୁରୋ)

ରାଜ୍ୟର ୬୩,୩୦୩ ଜଣ ପ୍ରାଥମିକ ଶିକ୍ଷକ ପଦୋନ୍ନତି ପାଇବେ। ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଶିକ୍ଷକମାନଙ୍କ ପଦୋନ୍ନତି ପାଇଁ ଆବଶ୍ୟକ ରେସିଡେନ୍ସି ପିରିୟଡକୁ କମ୍ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଉଚ୍ଚପ୍ରାଥମିକ ସ୍ତରରେ ବିଭିନ୍ନ ବିଷୟ ପାଇଁ ଶିକ୍ଷକ ପଦବୀ ପୂରଣ ହେବ। ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍ତରରେ ପ୍ରଧାନ ଶିକ୍ଷକ ପଦବୀଗୁଡ଼ିକ ମଧ୍ୟ ପୂରଣ ହେବ। ଶିକ୍ଷକ ପଦବର ପୂରଣ ହେବା ଦ୍ୱାରା ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ପରିଚାଳନା ସହିତ ଶୈକ୍ଷିକ ପରିବେଶରେ ଉନ୍ନତି ଆସିପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେବା ଦ୍ୱାରା ୫(ଏ) ସ୍ତରରେ ଥିବା ୨୯,୭୫୯ ଜଣ ସହକାରୀ ଶିକ୍ଷକ ୫(ବି) ସ୍ତରକୁ ପଦୋନ୍ନତି ପାଇବେ ଏବଂ ୫(ବି) ସ୍ତରରେ ଥିବା ୨୯,୭୫୯ ଜଣ ବରିଷ୍ଠ ଶିକ୍ଷକ ତୁରନ୍ତ ଲେଭଲ-୪କୁ ପଦୋନ୍ନତି ପାଇବେ। ଏହାସହିତ ଲେଭଲ ୪ରେ ଥିବା ୩୭୮୫ ଜଣ ପ୍ରଧାନ ଶିକ୍ଷକ ସେପ୍ଟେମ୍ବର ସୁଦ୍ଧା ଲେଭଲ-୩ କୁ ପଦୋନ୍ନତି ପାଇବେ। ଲେଭଲ-୫(ବି)ରେ ଥିବା ସହକାରୀ ଶିକ୍ଷକମାନଙ୍କ ପାଇଁ ରେସିଡେନ୍ସିପିରିୟଡକୁ ୧ ବର୍ଷରୁ ୬ ମାସ କରାଯାଇଥିବା ବେଳେ ଲେଭଲ-୪ରୁ ଲେଭଲ-୩କୁ ପଦୋନ୍ନତି ପାଇବା ପାଇଁ ରେସିଡେନ୍ସି ପିରିୟଡର ସୀମା ୨ ବର୍ଷରୁ ୧ ବର୍ଷ କରାଯାଇଛି।

ସୂଚନାଯୋଗ୍ୟ ଯେ, ୨୦୧୯ରେ ପ୍ରାଥମିକ ଶିକ୍ଷକମାନଙ୍କ କ୍ୟାଡର ପୁନର୍ଗଠନ କରାଯାଇ ଲେଭଲ-୪ରେ ୨୧,୪୬୩ ଶିକ୍ଷକ ପଦବୀ ସ୍ଥାନରେ ୫୧,୧୬୪ ପଦବୀ ସୃଷ୍ଟି କରାଯାଇଥିଲା ଏବଂ ଲେଭଲ-୩ରେ ଥିବା ୯୩୦୫ ପଦବୀ ସ୍ଥାନରେ ୧୮,୭୬୯ ଶିକ୍ଷକ ପଦବୀ ସୃଷ୍ଟି କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଦୋନ୍ନତି ପାଇବାକୁ ଯାଉଥିବା ସମସ୍ତ ଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇବା ସହ ଗୁଣାତ୍ମକ ଶିକ୍ଷାଦାନ ଦିଗରେ ରାଜ୍ୟ ସରକାରଙ୍କ ଉଦ୍ୟମର ସଫଳତାରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

DSPL-105

obcc



Invitation of Bids For Development of Maa Samaleswari Temple Area, Sambalpur under SAMALEI Plan



File No. SMT -1721 – Letter No.5920 Bhubaneswar, 30th July 2021

NOTICE INVITING TENDER

| | |
|---|---|
| Name of the Work | Development of Maa Samaleswari Temple Area Under SAMALEI Plan |
| Date of uploading Tender: | 04.08.2021 |
| Last date of receipt of Pre-Bid Queries: | 11.08.2021 |
| Issue of Pre-Bid Clarifications: | 13.08.2021 |
| Last date for submission of Bids: | 27.08.2021 by 5 pm |

Further details can be seen from the e-procurement portal https: //www.tendersodisha.gov.in

Sd/-
Managing Director

OIPR-34106/13/0002/2122

ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)
Vikash Bhavan, Nayapalli, Bhubaneswar

# ସ୍କୁଲ 'ଇ-ଉପସ୍ଥାନ' ଆପ୍ ଶୁଭାରମ୍ଭ

ଭୁବନେଶ୍ୱର, ୩୦।୭(ବ୍ୟୁରୋ)

ରାଜ୍ୟର ସମସ୍ତ ସ୍କୁଲରେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ପାଇଁ ଆରମ୍ଭ ହୋଇଛି 'ଇ-ଉପସ୍ଥାନ' ଆପ୍। ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହି ଆପ୍‌କୁ ଉନ୍ମୋଚନ କରିଛନ୍ତି। ଏଣିକି ସମସ୍ତ ସ୍କୁଲରେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଏହି ଆପ୍ ମାଧ୍ୟମରେ ଗ୍ରହଣ କରାଯାଇପାରିବ। ଏହା ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଏକ ଅଭିନବ ପଦକ୍ଷେପ ବୋଲି ମନ୍ତ୍ରୀ କହିଛନ୍ତି। ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଭର୍ଚୁଆଲରେ ଯୋଗଦେଇ କହିଲେ, ଏହି ଆପ୍ ମାଧ୍ୟମରେ ଉପସ୍ଥାନ ସହିତ ସେମାନେ କି ପ୍ରକାର ଡିଜିଟାଲ ମାଧ୍ୟମ ଯଥା ସ୍ମାର୍ଟଫୋନ, କମ୍ପ୍ୟୁଟର, ସାଧାରଣ ମୋବାଇଲ୍ ଫୋନ୍ ବ୍ୟବହାର କରୁଛନ୍ତି ତାହା ମଧ୍ୟ ଜାଣିହେବ। ଏହାକୁ ସବୁ ଜିଲାରେ ସୁଚାରୁରୂପେ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ଶିକ୍ଷୟତ୍ରୀଶିକ୍ଷକଙ୍କ ପାଇଁ ପ୍ରଶିକ୍ଷଣର ବ୍ୟବସ୍ଥା କରାଯାଇଛି ବୋଲି ସାହୁ କହିଥିଲେ। ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା କହିଲେ, ଇ-ଉପସ୍ଥାନ ମାଧ୍ୟମରେ ବିଭାଗର ତଥ୍ୟ ସଂଗ୍ରହ ପ୍ରକ୍ରିୟା ଉନ୍ନତ ତଥା ତ୍ୱରାନ୍ୱିତ ହୋଇପାରିବ। ଏହା ଠିକ୍ ଭାବରେ କାର୍ଯ୍ୟକାରୀ ହେଲେ ବିଦ୍ୟାଳୟ ପରିଚାଳନାରେ ସ୍ୱଚ୍ଛତା ଆସିବା ସହ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମସ୍ତ ନିର୍ଦ୍ଦେଶକ, ଜିଲା ଶିକ୍ଷା ଅଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ ଏବଂ ଓସେପାର ବିଭିନ୍ନ ପ୍ରଭାଗର ମୁଖ୍ୟମାନେ ଯୋଗଦେଇଥିଲେ।

# କୋଟିଏ ଟଙ୍କାର ବ୍ରାଉନ୍‌ସୁଗାର ଜବତ

ଭୁବନେଶ୍ୱର,୩୦।୭ (ବ୍ୟୁରୋ)/ ପିପିଲି (ଡିଏନ୍ଏ/ସ୍ୱପ୍ର)

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ପୁରୀ ଜିଲା ନିମାପଡା-ପିପିଲି ଓଭରବ୍ରିଜ୍ ନିକଟରେ ଚଢାଉ କରି ଜଣେ ବ୍ରାଉନ୍‌ସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ପିପିଲି ଥାନ ଅଞ୍ଚଳର ଇମ୍‌ତାଜ୍ ଖାନ୍। ତାଙ୍କ ନିକଟରୁ ୧ କେଜି ୪୮ ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ.୨୬/୨୧) ରୁଜୁ କରିବା ସହ ଅଭିଯୁକ୍ତ ଇମ୍‌ତାଜଙ୍କୁ ପୁରୀ ଏସ୍‌ଡିଜେଏମ୍‌ଙ୍କ କୋର୍ଟକୁ ଚାଲାଣ କରିଛି। ଏଥିସହ ଏହି କାରବାରରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଏସ୍‌ଟିଏଫ୍ ଅଧିକ ତଦନ୍ତ ଜାରି ରଖିଛି।

BADRIPRASAD
Group of Institutions
Affiliated to SCTE & VT and DTE & T, Odisha Approved by AICTE(India), New Delhi
Approved by Govt of Odisha and affiliated to Sambalpur University
Admission Open -2021
Choose Your Career In
Diploma Engineering
Available Branches
Mechanical ELECTRICAL
CIVIL
ELECTRONICS AND TELECOMMUNICATION
Sambalpur: Diploma Engineering, BBA, BCA, B.Sc, B.Com, BA
Bargarh: GNM, BSC(N)
ADMISSION OPEN
9238400140, 9853435210, 7008981857 Sambalpur
At-Debaipali, Majhipali Chowk, Po-Sason, Dist-Sambalpur, Pin-768200
9861599299, 8093798113, 9668822600 Bargarh
Badriprasad, Jaiprakash, Infront of Hotel Ganapathi, Bargarh

IPS
INDIAN PUBLIC SCHOOL, SAMBALPUR
CBSE XII Results 2020-21
Record Breaking Result
A PASSION TO PERFORM WITH EXTRAORDINARY RESULTS



TANISHA GARG
TOPPER
97 %

PRIDE OF IPS
Students Scoring 90% and Above



WE CREATE TOPPERS
TANISHA GARG 97% (Commerce)
PRITI BEHERA 95.8% (Science)
AKANKSHYA HOTA 95.8 % (Science)
TASHU AGRAWAL 94.8 % (Science)
ANUBHAV DASH 94.8 % (Science)
MANNI ARORA 93.6 % (Commerce)
HITESH SAHA 93.4% (Science)
YASHWANT MEHER 91.8 % (Science)
TEJASWEE TRIPATHY 91.2 % (Science)
SPANDAN PANDA 91% (Science)
ADARSH GURU 90.8% (Science)
NEEBEDITA P. BHAINA 90.8 % (Science)

HIGHLIGHTS OF 2020-21 RESULT
■ 100 % Result for 3 consecutive years
■ 20 % Students scored above 90 %
■ 40 % Students scored above 80 %
■ 95 % Students scored above 60 %

Admissions Open for 2021-22
From Nursery to Class IX & XI
STREAMS OFFERED: Science, Commerce & Humanities
CBSE AFFILIATED DAY/ RESIDENTIAL SCHOOL
Separate AC Hostel for Boys & Girls
Contact : 7328088267, 9080702194 Address : Remed, Khetrajpur, Sambalpur Website : www.indianpublicschool.in

**ଆଜିର ମନ୍ତବ୍ୟ**

"ଦିଲ୍ଲୀରେ ବିଭିନ୍ନ ନେତାଙ୍କ ସହ ଆଲୋଚନା ସଫଳ ହୋଇଛି। ଯେକୌଣସି ମୂଲ୍ୟ ଦେଇ ଦେଶର ଗଣତନ୍ତ୍ରକୁ ବଞ୍ଚାଇବାକୁ ହେବ। **-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................


ରୁଦ୍ରାକ୍ଷ
ପରିବାରବର୍ଗ


ଚିତ୍ତରଞ୍ଜନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଜି ଯୁକ୍ତ୨ ବିଜ୍ଞାନ, ବାଣିଜ୍ୟ ପରୀକ୍ଷାଫଳ

**ଭୁବନେଶ୍ୱର, ୩୦।୭(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ଶନିବାର ସନ୍ଧ୍ୟାରେ ପ୍ରକାଶ ପାଇବ। ଛାତ୍ରୀଛାତ୍ରମାନେ orissaresults.nic.in କିମ୍ବା chseodisha.nic.in ୱେବ୍‌ସାଇଟ୍‌ରେ ନିଜ ପରୀକ୍ଷା ଫଳ ଦେଖିପାରିବେ। ତେବେ କଳା ଓ ଧନ୍ଦାମୂଳକ ପରୀକ୍ଷା ଫଳ ୩୧ ତାରିଖ ପରେ ପ୍ରକାଶ ପାଇବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ କରୋନା ଯୋଗୁ ମାଟ୍ରିକ ଭଳି ଯୁକ୍ତ୨ ପରୀକ୍ଷା ବାତିଲ କରାଯାଇଥିଲା। ମୂଲ୍ୟାୟନ ପାଇଁ ବିକଳ୍ପ ପିଦ୍ଧତି ଆପଣାଯାଇଥିଲା। ତେବେ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ଗ୍ରହଣ ପାଇଁ ଯୁକ୍ତ୨ ମାର୍କର ଆବଶ୍ୟକତା ରହିଥିବାରୁ ଏହି ପରୀକ୍ଷା ଫଳ ଜୁଲାଇ ୩୧ ସୁଦ୍ଧା ପ୍ରକାଶ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଧାରିତ ସମୟରେ ଗଣଶିକ୍ଷା ବିଭାଗ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ଘୋଷଣା କରିବାକୁ ଯାଉଥିବାବେଳେ କଳା ଓ ଧନ୍ଦାମୂଳକ ପରୀକ୍ଷାର ଆବଶ୍ୟକ କାଗଜପତ୍ର ଯାଞ୍ଚରେ ଅଧିକ ସମୟର ଆବଶ୍ୟକତା ଥିବାରୁ ପରେ ଫଳ ପ୍ରକାଶ କରାଯିବ ବୋଲି କୁହାଯାଇଛି। ଏଥିପାଇଁ ଅନୁମତି ନିମନ୍ତେ ସୁପ୍ରିମକୋର୍ଟଙ୍କ ନିକଟରେ ପରିଷଦ ତରଫରୁ ସମୟ ଯାଚିକା ଦାଖଲ କରାଯାଇଛି। କଳା ଓ ଧନ୍ଦାମୂଳକ ପାଠ୍ୟକ୍ରମର ପରୀକ୍ଷା ଫଳ ଖୁବ୍‌ଶୀଘ୍ର ପ୍ରକାଶନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଜାରି ରହିଥିବା ସିଏଚ୍‌ଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଛି।

# ହିମାଚଳପ୍ରଦେଶରେ ଭୂସ୍ଖଳନ: ଜାତୀୟ ରାଜପଥ ଅବରୋଧ

**ଶିମଲା, ୩୦।୭**

ହିମାଚଳପ୍ରଦେଶର ସର୍‌ମୌର ଜିଲା ଅନ୍ତର୍ଗତ ବରୱାସ୍ ନିକଟରେ ଭୂସ୍ଖଳନ ଘଟି ୭୦୭ ନମ୍ବର ଜାତୀୟ ରାଜପଥ ସମ୍ପୂର୍ଣ୍ଣ ଅବରୋଧ ହୋଇଯାଇଛି। ସେହିପରି ଭୂସ୍ଖଳନରେ ମଣ୍ଡି ଅଞ୍ଚଳରେ ଥିବା ଚଣ୍ଡିଗଡ଼-ମନାଲି ରାଜପଥ ମଧ୍ୟ ବନ୍ଦ ହୋଇଯାଇଛି। ବାଦଲଫଟା ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଘଟୁଥିବାବେଳେ ଲହାଉଲ୍-ସ୍ପିଟି ଅଞ୍ଚଳରେ ୧୪୪ ଜଣ ପର୍ଯ୍ୟଟକ ଅଟକି ରହିଛନ୍ତି। ପଙ୍ଗନ ଉପତ୍ୟକାରେ ୨୦୪ ଜଣ ଅଟକି ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୬୦ ଜଣଙ୍କୁ ପୋଲିସ ଓ ଅଗ୍ନିଶମ କର୍ମଚାରୀମାନେ ଶିଡ଼ି ସହାୟତାରେ ଉଦ୍ଧାର କରିଛନ୍ତି। ଅନ୍ୟମାନଙ୍କୁ ଉଦ୍ଧାର କରିବା ଲାଗି ରାଜ୍ୟ ସରକାରଙ୍କଠାରୁ ହେଲିକପ୍ଟର ସହାୟତା ମଗାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ପଦକ ନିଶ୍ଚିତ କଲେ ...

ଚାଇନିଜ ତାଇପେର ନିଏନ- ଚିନ ଚେନ୍‌ଙ୍କୁ ପରାସ୍ତ କରିଛନ୍ତି। ଏଥିସହ ସେ ବକ୍ସିଂରେ ଭାରତ ପାଇଁ ପ୍ରଥମ ପଦକ ହାସଲ କରିବା ସ୍ପଷ୍ଟ ହୋଇଛି।

୨୩ବର୍ଷୀୟା ଲଭଲିନା ୩ରାଉଣ୍ଡ ବିଶିଷ୍ଟ ବାଉଟ୍‌ରେ ୪-୧ ବ୍ୟବଧାନରେ ଚେନ୍‌ଙ୍କୁ ହରାଇଛନ୍ତି। ପ୍ରଥମ ରାଉଣ୍ଡରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଦ୍ୱିତୀୟ ରାଉଣ୍ଡରେ ଲଭଲିନା ଏକତରଫା ଭାବେ ଜିତିଥିଲେ। ତୃତୀୟ ରାଉଣ୍ଡରେ ତାଙ୍କୁ କେବଳ ଡିଫେନ୍ସ କରିବାର ଥିଲା। ଏହି ରାଉଣ୍ଡରେ ୪ଜଣ ଜଜ୍ ତାଙ୍କୁ ୧୦ ପଏଣ୍ଟ ଦେଇଥିଲେ। ଫଳରେ ସେ ବିଜୟୀ ହୋଇଥିଲେ। ସେମିଫାଇନାଲରେ ଲଭଲିନା ବିଶ୍ୱ ଚାମ୍ପିୟନ ତଥା ବିଶ୍ୱର ଏକନମ୍ବର ବକ୍ସର ତୁର୍କୀର ବୁସେନାଜ ସୁରମେନେଲିଙ୍କୁ ଭେଟିବେ। ବୁସେନାଜ ଅନ୍ୟ ଏକ କ୍ୱାର୍ଟର ଫାଇନାଲ ବାଉଟ୍‌ରେ ୟୁକ୍ରେନର ଆନ୍ନା ଲିସେଙ୍କୋଙ୍କୁ ହରାଇ ସେମିରେ ପ୍ରବେଶ କରିଛନ୍ତି। ଲଭଲିନା ବିଶ୍ୱ ର୍‍ୟାଙ୍କିଂରେ ୩ ନମ୍ବର ସ୍ଥାନରେ ରହିଛନ୍ତି।

ଆସାମର ପ୍ରଥମ ମହିଳା ବକ୍ସର ଭାବେ ଲଭଲିନା ଅଲିମ୍ପିକ୍ସ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲେ। ସେ ପୂର୍ବରୁ ୨ଥର ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ହାସଲ କରିଥିଲେ। କ୍ୱାର୍ଟରରେ ସେ ଧୈର୍ଯ୍ୟ ଓ ଶାନ୍ତ ସ୍ୱଭାବ ଆଚରଣ କରି ଚେନ୍‌ଙ୍କୁ ଚକ୍‌ମା ଦେଇଥିଲେ। ପୂର୍ବରୁ ୨୦୧୮ ବିଶ୍ୱ ଚାମ୍ପିୟନଶିପ୍‌ରେ ଚେନ୍ ଲଭଲିନାଙ୍କୁ ହରାଇଥିଲେ। ଏବେ ଲଭଲିନା ଏହି ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି। ୫ ଫୁଟ ୧୧ ଇଞ୍ଚ ଉଚ୍ଚତା ବିଶିଷ୍ଟ ଲଭଲିନା ଆରମ୍ଭରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ବାଉଟ୍‌ର ଅନ୍ତିମ ୩ ମିନିଟ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ କାଉଣ୍ଟର ଆଟାକ କରିବାକୁ ମନସ୍ଥ କରିଥିଲେ ମଧ୍ୟ ନିଜର ଡିଫେନ୍ସକୁ ଦୃଢ କରିଥିଲେ ଓ ଚେନ୍‌ଙ୍କୁ ଚକ୍‌ମା ଦେବାକୁ ସକ୍ଷମ ହୋଇଥିଲେ। ନିଜ ଉଚ୍ଚତାର ଫାଇଦା ଉଠାଇଥିଲେ ଲଭଲିନା। ପୂର୍ବରୁ ଆକ୍ରମଣାତ୍ମକ ଖେଳି ସେ ଚେନ୍‌ଙ୍କଠାରୁ ପରାସ୍ତ ହୋଇଥିଲେ। ତେଣୁ ଏହି ମୁକାବିଲାରେ ସେ ଭିନ୍ନ ରଣନୀତି ଆପଣେଇଥିଲେ ବୋଲି ଜାତୀୟ ବକ୍ସିଂ କୋଚ୍ ମହମ୍ମଦ ଅଲି କମାର କହିଛନ୍ତି। ଧୈର୍ଯ୍ୟର ସହ ଛିଡା ହେବା ସହ ନିକଟକୁ ଆସିବାକୁ ଚେନ୍‌ଙ୍କୁ ସୁଯୋଗ ଦେବାକୁ ଲଭଲିନାଙ୍କୁ ପରାମର୍ଶ ଦିଆଯାଇଥିଲା। ସେ ଆଦୌ ଉତ୍ସାହିତ ହୋଇ ନ ଥିଲେ ଓ ନିଜର ରଣନୀତିକୁ ସଫଳତା ଭାବେ କାର୍ଯ୍ୟକାରୀ କରିଥିଲେ ବୋଲି କମାର କହିଛନ୍ତି।

ଲଭଲିନା ଗତବର୍ଷ କୋଭିଡ୍-୧୯ର ଶିକାର ହୋଇଥିଲେ। ଫଳରେ ୟୁରୋପରେ ଟ୍ରେନିଂ ନେବାରୁ ବଞ୍ଚିତ ହୋଇଥିଲେ। ମା' ମାମୋନି ବୋରଗୋହେନଙ୍କ କିଡ୍‌ନୀ ପ୍ରତିରୋପଣ ହୋଇଥିଲା। ତାଙ୍କୁ ଦେଖିବାକୁ ହସ୍ପିଟାଲ ଯାଇଥିବା ବେଳେ ଲଭଲିନା ସଂକ୍ରମିତ ହୋଇଥିଲେ। ତାଙ୍କ ବାପା ଜଣେ ଛୋଟ ବ୍ୟବସାୟୀ। ବଡ଼ ଭଉଣୀ ମଧ୍ୟ ଜଣେ କିକ୍ ବକ୍ସର।

ଆସାମର ଗୋଲାଘାଟ ଜିଲାରେ ପ୍ରତିଭା ଅନ୍ୱେଷଣ କରିବା ବେଳେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) କୋଚ୍ ପଦୁମ ବୋରୋ ଲଭଲିନାଙ୍କୁ ଚିହ୍ନଟ କରିଥିଲେ। ଏହାପୂର୍ବରୁ ସେ ପ୍ରଥମେ ଜଣେ କିକ୍ ବକ୍ସର ଭାବେ ଖେଳ ଆରମ୍ଭ କରିଥିଲେ। କିନ୍ତୁ ବକ୍ସିଂକୁ ଆପଣାଇବା ପରେ ସେ ପଛକୁ ଫେରି ଚାହିଁନାହାନ୍ତି। ୨୦୧୮ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ପଦାର୍ପଣ କରି ବ୍ରୋଞ୍ଜ ପଦକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୧୯ରେ ସେ ଆଉ ଏକ ବ୍ରୋଞ୍ଜ ପଦକ ଜିତିଥିଲେ। ସେ ମଧ୍ୟ ଦୁଇଥର ଏସିଆନ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଗୋଲାଘାଟ ଜିଲାର ବାରୋ ମୁଖିଆ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଲଭଲିନା ନିଜର ସ୍ୱପ୍ନ ପୂରଣ କରିବା ପାଇଁ ଗୁଆହାଟିକୁ ଯାଇଥିଲେ।

ପୂର୍ବରୁ ବକ୍ସିଂରେ ବିଜେନ୍ଦର ସି (୨୦୦୮) ଓ ଏମ୍‌ସି ମେରିକମ (୨୦୧୨) ଭାରତ ପାଇଁ ଅଲିମ୍ପିକ୍ ପଦକ ହାସଲ କରିଥିଲେ। ଉଭୟ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏବେ ଲଭଲିନା ଆହୁରି ଉନ୍ନତ ପ୍ରଦର୍ଶନ କରି ରୌପ୍ୟ କିମ୍ବା ସ୍ୱର୍ଣ୍ଣ ପଦକ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି। ଭାରତ ତରଫରୁ ଅନ୍ୟତମ ମହିଳା ବକ୍ସର ସମରନଜିତ କୌର ୬୦ କେ.ଜି. ବର୍ଗରେ ପ୍ରି- କ୍ୱାର୍ଟର ଫାଇନାଲରେ ଥାଇଲାଣ୍ଡର ସୁଡାପୋର୍ନ ସିସୋଣ୍ଡିଙ୍କଠାରୁ ୦-୫ରେ ପରାସ୍ତ ହୋଇ ବିଦାୟ ନେଇଥିଲେ।

### ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ...

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଆବଶ୍ୟକ ତଥ୍ୟ ପ୍ରଦାନ କଲେ ୟୁଜିସି ଅଧିନିୟମ ୧୯୫୬ର ଧାରା ୧୨ (ବି)ରେ ଖୁବଶୀଘ୍ର କେନ୍ଦ୍ରୀୟ ଅନୁଦାନ ପାଇବ ବୋଲି

■କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ଜଣାଇଲେ

■ଆବଶ୍ୟକ ତଥ୍ୟ ପ୍ରଦାନ କଲେ ୟୁଜିସି ଅଧିନିୟମରେ ମିଳିବ ଅନୁଦାନ

ସୂଚନା ଦେଇଛନ୍ତି। ବିଶ୍ୱବିଦ୍ୟାଳୟ ମାନ୍ୟତା ନେଇ ଗଣମାଧ୍ୟମରୁ ଜାଣିବା ସହ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାର ସିଂଦେଓ, ରାଜ୍ୟସଭା ଏମ୍‌ପି ସୁବାସ ସିଂ, ମୁଜିବୁଲା ଖାନ୍, ମମତା ମହାନ୍ତ ଓ ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଅବଗତ କରାଇଥିଲେ ବୋଲି ସେ ଉଲ୍ଲେଖ କରିଛନ୍ତି। ଛାତ୍ରୀଛାତ୍ରଙ୍କ ହିତ ଦୃଷ୍ଟିରୁ ୟୁଜିସି ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ ଟୁଇଟ୍ କରି ଜଣାଇଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ ୧୯୮୯ର ସେକ୍ସନ ୩୨ ଅନୁଯାୟୀ ରାଜ୍ୟ ସରକାର ୧ ଜୁନ୍ ୨୦୨୦ ମସିହାରେ ବଲାଙ୍ଗୀରରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ତେବେ ନିୟମାନୁଯାୟୀ ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇନାହିଁ ବୋଲି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଏହି ବିଶ୍ୱବିଦ୍ୟାଳୟକୁ ସ୍ୱୀକୃତି ଦେବାକୁ ମନା କରି ଦେଇଥିଲା।

### ଭୁବନେଶ୍ୱର ରିଜିଅନ୍ ପାସ୍ ...

ପୂର୍ବ ତଥ୍ୟ ଠିକ୍‌ରେ ମିଳିପାରୁ ନ ଥିବାରୁ ଏମାନଙ୍କର ପରୀକ୍ଷା କରିବା ପାଇଁ ବୋର୍ଡ ନିଷ୍ପତ୍ତି ନେଇଛି। ଏହି ଛାତ୍ରୀଛାତ୍ରଙ୍କ ପରୀକ୍ଷା ଅଗଷ୍ଟ ୧୬ରୁ ସେପ୍ଟେମ୍ବର ୧୫ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ସେପଟେ ଆସନ୍ତା ସପ୍ତାହରେ ସିବିଏସ୍‌ଇ ଦଶମ ପରୀକ୍ଷାଫଳ ପ୍ରକାଶ ପାଇପାରେ। ଏ ନେଇ ଶୁକ୍ରବାର ସିବିଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ସୟଂମ ଭରଦ୍ୱାଜ କହିଛନ୍ତି। ଛାତ୍ରୀଛାତ୍ରଙ୍କ ସଫଳତାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି।

### ଜଳିଗଲେ ୬ ଓଡ଼ିଆ ...

ଜିଲା ରାୟଗଡ଼ ବ୍ଲକ ସାନତୁଣ୍ଡି ଗ୍ରାମର ମହେନ୍ଦ୍ର ଶବର। ମହେନ୍ଦ୍ର ନାବାଳକ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଏହି ଶ୍ରମିକମାନେ ଉକ୍ତ ଚିଙ୍ଗୁଡ଼ି ଉତ୍ପାଦନ ୟୁନିଟରେ କାମ କରୁଥିଲେ। ରାତିରେ ସେମାନେ ଫ୍ୟାକ୍ଟ୍ରିର ଏକ ରୁମ୍‌ରେ ଶୋଇଥିଲେ। ଭୋର୍ ସମୟରେ ନିଆଁ ଲାଗିଥିବା ଖବରପାଇ ଗୁଣ୍ଟୁର ପୋଲିସ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ହେଲେ ସେତେବେଳକୁ ଶ୍ରମିକମାନଙ୍କ ମୃତ୍ୟୁ ହୋଇସାରିଥିଲା। ମୃତଦେହ ଜବତ କରାଯାଇ ଗୁଣ୍ଟୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି। ଶ୍ରମିକମାନେ ଶୋଇଥିବା ରୁମ୍‌ରେ ବ୍ଲିଚିଂ ପାଉଡର ଏବଂ ଅନ୍ୟ କେମିକାଲ ରହିଥିଲା। ତେଣୁ ମଶା କଏଲ୍‌ରୁ ନିଆଁ ଲାଗିବା ସହ କେମିକାଲ ପ୍ରଭାବରେ ଏହା ଭୟଙ୍କର ଆକାର ଧାରଣ କରିଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଗୁଣ୍ଟୁର ଏସ୍‌ପି ଭିସାଲ୍ ଗନି ସୂଚନା ଦେଇଛନ୍ତି। ଦୁର୍ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ଶ୍ରମିକଙ୍କ ପରିବାର ଏବଂ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତଦେହ ଆଣିବାକୁ ପରିବାର ଲୋକେ ଆନ୍ଧ୍ର ଅଭିମୁଖେ ବାହାରିଛନ୍ତି। ସେମାନେ କହିଛନ୍ତି, ଲକ୍‌ଡାଉନ୍‌ରେ କାମ ନ ପାଇ ଶ୍ରମିକମାନେ ଦାଦନ ଖଟିବାକୁ ଯାଇଥିଲେ। ଟଙ୍କା ନ ମିଳିବାରୁ ଫେରିବାକୁ ଉଦ୍ୟମ କରୁଥିଲେ। ହେଲେ ଫ୍ୟାକ୍ଟ୍ରି ମାଲିକ ବୁଝାଶୁଝା କରି ରଖିଥିଲେ ବୋଲି ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ରାୟଗଡ଼ା ଶ୍ରମ ଅଧିକାରୀ ଯସ୍ମିନ୍ ଶୁଭଦର୍ଶିନୀ ସାହୁ କହିଛନ୍ତି, ଶ୍ରମିକମାନଙ୍କ ପରିବାର ଲୋକେ ମୃତଦେହ ଆଣିବାକୁ ଯାଇଛନ୍ତି। ଜିଲାପାଳଙ୍କ ସହ ଘଟଣା ନେଇ ଆଲୋଚନା କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ସରକାରୀ ନିୟମ ଅନୁଯାୟୀ ସେମାନଙ୍କ ପରିବାରକୁ ସହାୟତା ପ୍ରଦାନ କରାଯିବ ବୋଲି ଶ୍ରମ ଅଧିକାରୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏହି ଶ୍ରମିକମାନଙ୍କ ମୃତ୍ୟୁ ପାଇଁ କିଏ ଦାୟୀ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଥିବା ଶ୍ରମିକମାନଙ୍କ ସମ୍ପର୍କରେ ଶ୍ରମ ବିଭାଗ ନିକଟରେ ତଥ୍ୟ ଅଛି କି ଏବଂ ସେମାନଙ୍କ ସୁରକ୍ଷା ଦାୟିତ୍ୱ କାହାର ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଶୋକ, ସହାୟତା ଘୋଷଣା

**ଭୁବନେଶ୍ୱର, ୩୦।୭(ବ୍ୟୁରୋ):** ଆନ୍ଧ୍ର ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ଘଟି ଓଡ଼ିଶାର ୬ ଶ୍ରମିକଙ୍କ ମୃତ୍ୟୁ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ଏଥିସହ ମୃତ ଶ୍ରମିକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ପ୍ରତି ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ମୂଳକ ସହାୟତା ପ୍ରଦାନ କରାଯିବ ବୋଲି ସେ ଘୋଷଣା କରିଛନ୍ତି।


## classifieds Everyday 0674-2580101, 2549302




**SALE**

ଭୁବନେଶ୍ୱର ଜଟଣୀଗେଟ୍‌ରୁ 500mtr ଦୂରତାରେ sqft. 250/-, 450/-, Adyanta/ Getam/ BEC Collegeକୁ ଲାଗି sqft. 270/- ପ୍ଲଟ୍ ପୋଜେସନ ସହ ମିଳୁଛି। 7894433357, 9437607388. D-70877

ଭୁବନେଶ୍ୱର ଭରତପୁର GA plot ପାଖରେ revenue ରୋଡ୍ ଇଲେକ୍ଟ୍ରିସିଟି ସୁବିଧା ଥାଇ boundary plot @14,40,000/-ରେ ନେଇ ତୁରନ୍ତ ଘର କରନ୍ତୁ। 7978998868. D-70873

**1/2/3BHK ready to move apartment for sale at DHPL Enclave 2, Kalarahanga and DHPL Platinum, Rudrapur. Contact: 9937059891.** D-21159

Conversion plot sale 5k.m. from ନଖରା East College ପରେ 1500 sqft. 12,00,000/-, 9437306208. D-70871

**ଭୁବନେଶ୍ୱର ପଟିଆ, ରଘୁନାଥପୁର, ନଖରାପାଖରେ 1, 2, 3BHK Simplex/Duplex ଅଛି। 8327785834, 9658122456.** D-70868

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70869

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-21043

ଭୁବନେଶ୍ୱର New Railwaystation ପାଖରେ 30ft.Road Yellowzone Plot Sq.ft. 520/-, M.- 6371406921. D-69399

ଭୁବନେଶ୍ୱର ଲିଙ୍ଗିପୁରଛକ, ପୁରୀ bypassରୁ 200mtr. ଦୂରତାରେ ସଙ୍ଗେ ସଙ୍ଗେ ଘର କଲାଭଳି ଘରବାରି boundary ପ୍ଲଟ୍, ରୋଡ୍, ଇଲେକ୍ଟ୍ରିସିଟି ସୁବିଧା ଥାଇ @20,40,000/-ରେ ମିଳୁଛି। 7978998868. D-70874

**ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300mtr ଦୂରତାରେ 30ft. ରାସ୍ତାଥାଇ ପ୍ଲଟ ମିଳୁଅଛି। 7848882166.** D-70875

Bhubaneswar Smartcity area Ghangapatna Mouza 30ft. road, electricity, borewell ସହ ସ୍ଥିତିବାନ plot ପୋଜେସନ୍ ଥାଇ ମିଳୁଛି। Owner. 9090963952. D-70865

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**"For sale of residential plot 60ft X 40ft having 25ft approach road in Badaraghunathpur mouza near Gita College, plot is very close (100mtr) to newly constructed Infosys-2 road. Price- 50Lacs. Only really interested Customers contact- 9443101191".** D-21097




Want a dream home on your own plot assistance for construction, design and development. Contact: K. K. Construction. 7008268129, 9439143273. D-71811




2BHK Flat, Ground Floor for rent at Ambedkar Enclave, Unit-6, near Rajbhavan, Call: 7847894542. Only for Official Staff, Family. D-21168

Furnished Airconditioned 1BHK/ 7000, Single Room/ 5000, Oldtown, Bhubaneswar. 9437388990. D-70723

Infocity Bhubaneswar, 3 floors, 10,000 sqft each. Best for Software Companies. Call/Whatsapp 9437513333/ /9437313333 or 9438874333. D-21189




Newly open SPA Offer @799/-, positively health benefits, Jaydev Vihar. 7846814019. D-59997

New opening Saikrupa Panchakarma and Spa jointpain, fullbody massage, 8984068077. D-65919




ଘରେବସି Matter Forwarding କାମ କରି 12000-35000 ରୋଜଗାର କରନ୍ତୁ। 9667693638, 9667693639. D-59998

**LOST**

ଆମ୍ଭେ ଶ୍ରୀ ବାଲ୍‌କିଶୋର ଖାଡଙ୍ଗା, ପିତା- ସ୍ୱର୍ଗତ ବାଞ୍ଛାନିଧି ଖାଡଙ୍ଗା, ନିବାସୀ: ବରପାଲି (ୱାର୍ଡ ନଂ୧ମ୍ବର), ଥାନା/ତହସିଲ- ବରପାଲି, ଜିଲ୍ଲା- ବରଗଡ଼ ଏତଦ୍ ଦ୍ୱାରା ଘୋଷଣା କରୁଅଛୁ ଯେ, ଆମ୍ଭ ବରପାଲି ମୌଜା ସ୍ଥିତ ବାସଗୃହ ସମ୍ପର୍କିତ କାଗଜାତ ଯାହାକି ମେଜର ଖାତା ନ ୧୪୧୦/୪୬୪୬ମ୍ବରର ଓରିଜିନାଲ ପାର୍ଚ୍ଚା ଓ ଓରିଜିନାଲ ରେଜେଷ୍ଟ୍ରୀ କବଲା ନମ୍ବର ୯୯/ତା.୦୮।୦୧।୨୦୧୦ ଆମ୍ଭେ ଇତି ମଧ୍ୟରେ ହଜାଇ ଦେଇଛୁ। ତେଣୁ କୌଣସି ସହୃଦୟ ବ୍ୟକ୍ତି ଏହାକୁ ଯଦି ପାଆନ୍ତି ତେବେ ଆମ୍ଭ ମୋବାଇଲ ନମ୍ବର ୯୪୩୮୧୫୭୭୭୪ରେ ଆମ୍ଭଙ୍କୁ ଯୋଗାଯୋଗ କରି ଫେରାଇ ଦେବାକୁ ଅନୁରୋଧ କରୁଛୁ। କୌଣସି ବ୍ୟକ୍ତି ଯଦି ପ୍ରୋକ୍ତ କାଗଜାତ ପ୍ରାପ୍ତି ଅନ୍ତେ ତାହାର ଅସଦ୍ ବିନିଯୋଗ କରିବେ ତେବେ ସେ ଆଇନତଃ ଦାୟୀ ରହିବେ। ଧ-୨୧୨୨୦

I, Rakesh Pattanaik, S/o- Prafulla Chandra Pattanaik of Jagannathpur, P.S.- Town, Dist.- Keonjhar sworn in affidavit that my original ROR bearing Hal Khata No.- 60/100 of Mouza- Mandua has been misplaced, which has not been traceble. If any one found contact above address. D-21219

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସମ୍ପର୍କୀୟ ଭାଇ, ପାଖ ପଡ଼ୋଶୀ, ସହକର୍ମୀ କିମ୍ବା ଅଧସ୍ତନ କର୍ମଚାରୀଙ୍କ ସହ ସମ୍ପର୍କ ଭଲ ରହିବ ନାହିଁ। କିନ୍ତୁ କର୍ମକ୍ଷେତ୍ରରେ, ଆନୁଷ୍ଠାନିକ କାମରେ ଠିକ୍ ପରାମର୍ଶ ଦେଇ ଅନ୍ୟମାନଙ୍କ ପ୍ରଶଂସାର ପାତ୍ର ହେବେ। ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**ବୃଷ**
ଆଜିର ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ସ୍ତ୍ରୀ ସମ୍ପର୍କରେ ଉନ୍ନତ ମାନର ଫଳ ପାଇବେ। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି ହେବ। ବେପରୁଆ କାର୍ଯ୍ୟକଳାପ ସକାଶେ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଦାୟୀ ହେବାକୁ ପଡ଼ିପାରେ, ଏଣୁ ସତର୍କତାର ସହ କାମ କରିବା ଭଲ।

**ମିଥୁନ**
ଅଭାବ ଅସୁବିଧା ଲାଗି ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। ବିଶେଷ କଷ୍ଟ ସ୍ୱୀକାର କରିବା ପରେ ଅର୍ଥ ପାଇବେ ଓ କାମଟି ବିଳମ୍ବରେ ହେବ। ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିବେ।

**କର୍କଟ**
କିଛି ସୁବିଧା ସଙ୍ଗକୁ କିଛି ଅସୁବିଧା ରହିଥିବାରୁ ମାନସିକ ଦ୍ୱନ୍ଦ୍ୱ ଭିତର ଦେଇ ଗତି କରିବେ। ପାରିବାରିକ କ୍ଷେତ୍ର ବୁଝାମଣା ଭିତିରେ ଶୃଙ୍ଖଳିତ ହେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ ଓ ଫାଇଲ୍ କାମରେ ଅଧିକ ସମୟ ବିନିଯୋଗ କରିବେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ସିଂହ**
ଭିତରେ ରାଗରେ ଜଳୁଥିଲେ ମଧ୍ୟ ଉପରେ କିଛି କହିବାକୁ ସାହସ କରିପାରିବେ ନାହିଁ। ନିଜ ଦକ୍ଷତାରୁ ଉଚ୍ଚ ସମ୍ମାନ ପାଇବେ ଏବଂ ବୁଦ୍ଧିଜୀବୀଙ୍କ ସାନ୍ନିଧ୍ୟରେ ଆସିବେ। ଅଫିସ୍‌ର ପରିସ୍ଥିତି ସେତେଟା ଜଟିଳ ହେବ ନାହିଁ। ପରିବାରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।

**କନ୍ୟା**
କୌଣସି ବନ୍ଧୁ ଆର୍ଥିକ ସମସ୍ୟାକୁ ସୁଧାରି ନେବେ। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁଁ କର୍ମକ୍ଷେତ୍ରରେ ଚିନ୍ତା କରିଥିବା କାର୍ଯ୍ୟଗୁଡିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ।

**ତୁଳା**
ଆଜି ନିଜର ପ୍ରତ୍ୟୁତ୍ପନ୍ନମତିତା କାରଣରୁ ଖୁସୀଗପ ଓ ମଉଜ ମଜଲିସ୍ ପାଇଁ ମନ ବଳିବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାର ସମ୍ଭାବନା ରହିଛି। କାର୍ଯ୍ୟବ୍ୟସ୍ତ ଯୋଗୁ ଅବସର ପାଇବେ ନାହିଁ କିମ୍ବା ଖାଦ୍ୟପେୟରେ ମଧ୍ୟ ଠିକ୍ ରହିବ ନାହିଁ। ଅଫିସ୍‌ରେ ମଧ୍ୟାହ୍ନରେ ଟେନସନ୍ ଦୂର ହେବ।

**ବିଛା**
ସବୁ ଥାଇ ମଧ୍ୟ କିଛି ନ ଥିଲା ଭଳି ପରିସ୍ଥିତି ଭିତର ଦେଇ ଗତି କରିବାକୁ ବାଧ ହେବେ। ସତର୍କରେ ନ ଚଳିଲେ ମିଥ୍ୟାପବାଦରେ ନିନ୍ଦିତ ହୋଇପାରନ୍ତି। କୌଣସି ମହିଳା ଧୋକା ଦେଇ ପାରନ୍ତି,ଏଣୁ ସମସ୍ତଙ୍କୁ ସରଳଭାବରେ ଗ୍ରହଣ କରିବା ଅସୁବିଧାର କାରଣ ହେବ। ମନେ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ।

**ଧନୁ**
କୌଶଳ କରି କାମ କରିବା କାରଣରୁ ସମସ୍ତ ଅଭିଳାଷ ପୂରଣ ଦିଗରେ ଅନୁକୂଳ ପରିବେଶ ସୃଷ୍ଟି ହେବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ। ଖଳ ଲୋକମାନଙ୍କ ଦ୍ୱାରା ପ୍ରାୟୋଜିତ ଅପମାନଜନକ ସ୍ଥିତିରୁ ଖସି ପାଇପାରନ୍ତି। ଅପେକ୍ଷା କରିଥିବା କାମରେ ଶୁଭ ସୂଚନା ପାଇବେ।

**ମକର**
ଚିନ୍ତା ନ କରି କାମରେ ଆଗକୁ ମାଡି ଚାଲନ୍ତୁ, କୌଣସି ଅସୁବିଧା ନ ହୋଇ କାମ ହୋଇଯିବ। କଳେ ବଳେ କୌଶଳରେ ଅର୍ଥ ସଂଗ୍ରହ ଅଭିଯାନ ଜାରି ରଖି ସଫଳତା ପାଇବେ। କିନ୍ତୁ ଧନିଷ୍ଠା ନକ୍ଷତ୍ର ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ଭ୍ରାତୃପ୍ରୀତି ମିଳିପାରେ, ଯାହାକି ସହଯୋଗ ରୂପେ ପ୍ରାପ୍ତ ହେବ।

**କୁମ୍ଭ**
ମନ କଥା ମନ ଭିତରେ ରଖି ବନ୍ଧୁଙ୍କ ସହ ମିଶିପାରିଲେ ସୁଯୋଗ ଆପଣା ଛାଏଁ ଆସିବ। କର୍ମକ୍ଷେତ୍ରରୁ ଯାହା ଓ ଯେତିକି ପାଇବା କଥା ଅବଶ୍ୟ ପାଇବେ। ବ୍ୟବସାୟ, ବାଣିଜ୍ୟ, କଳା, ସାହିତ୍ୟ, ସାମ୍ବାଦିକତା ଓ ସଭାସମିତିରେ ସଫଳତା ହାସଲ କରିବେ। ସ୍ତ୍ରୀଙ୍କ ଅଭିଯୋଗ ଅମୂଳକ ନୁହେଁ, ଏହାର ପୁନର୍ବିଚାର କରିବା ଭଲ ହେବ।

**ମୀନ**
ଆଜି ହାତକୁ ନେଇଥିବା କାର୍ଯ୍ୟ ଅବଶ୍ୟ ସୁବିଧାରେ ହୋଇଯିବ, ମାତ୍ର ଏଥି ସକାଶେ କଠିନ ପରିଶ୍ରମ କରିବାକୁ ପଡ଼ିବ। ଏଜେନ୍ସି, ସାହିତ୍ୟ ଚର୍ଚ୍ଚା, ସଭାସମିତି ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଉନ୍ନୟନ କାମ ବାଧାପ୍ରାପ୍ତ ହେବ। ଈର୍ଷା ପରାୟଣ ବ୍ୟକ୍ତିମାନେ କଟୁ ମନ୍ତବ୍ୟ ଦେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

ଆଜି ଶ୍ରାବଣ କୃଷ୍ଣ ଅଷ୍ଟମୀ ଶନିବାର, ଜୁଲାଇ ୩୧ ତାରିଖ, ରାଶି ନକ୍ଷତ୍ର -ଅଶ୍ୱିନୀ/ମେଷ, ଅଷ୍ଟମୀ ର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୯.୪୩ମି. ଗତେ ଘ.୦୧.୧୦ମି. ମଧ୍ୟେ ଅମୃତବେଳା। ଦିବା ଘ.୦୮.୩୯ମି. ଗତେ ଘ.୧୦.୧୬ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଶନିବାର, ୩୧ ଜୁଲାଇ, ୨୦୨୧



# ଚାଷୀ ଆନ୍ଦୋଳନ ଭାଜପାର କ୍ଷତି କରିପାରିବ ନାହିଁ



୨୧ ବର୍ଷର ଚାକିରି ଛାଡ଼ି ରାଜନୀତିରେ ପ୍ରବେଶ କରିଥିବା ମୁକେଶ ମହାଲିଙ୍ଗ ଏବେ ବଲାଙ୍ଗୀର ଜିଲା ଲୋଇସିଂହା ବିଧାୟକ। ସ୍କୁଲ ଜୀବନରୁ ସ୍ୱୟଂସେବକ ଭାବେ କାର୍ଯ୍ୟ କରୁଥିବା ମହାଲିଙ୍ଗ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍)ର ରାଷ୍ଟ୍ରୀୟବାଦ, ଆଧ୍ୟାତ୍ମିକ ଚିନ୍ତାଧାରାରେ ବେଶ୍ ଅନୁପ୍ରାଣିତ। ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓଙ୍କୁ ସେ ରାଜନୈତିକ ଗୁରୁ ବୋଲି ମାନନ୍ତି। ସରକାରୀ ଚାକିରି ଛାଡ଼ିବା ସମୟରେ ସେ ରାଜ୍ୟ ସରକାରଙ୍କ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ କାର୍ଯ୍ୟରତ ଥିଲେ। ଦୀର୍ଘ ୨ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ସରକାରୀ କାର୍ଯ୍ୟର ଅଭିଜ୍ଞତାକୁ ରାଜନୀତିରେ ଉପଯୋଗକରି ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖିଥିବା ମହାଲିଙ୍ଗଙ୍କ ସହ ଧରିତ୍ରୀର ଆଳାପ...

ମୁକେଶ ମହାଲିଙ୍ଗ

## ଧରିତ୍ରୀ ଆଳାପ

**ଆପଣ ଭାବୁଛନ୍ତି କି, ଓଡ଼ିଶାରେ ଭାଜପା ବିଶେଷ କରି ଆର୍‌ଏସ୍‌ଏସ୍ ଉଧେଇପାରୁନି, କାରଣ ଏଠାରେ ସାମ୍ପ୍ରଦାୟିକ ମନୋଭାବ ନାହିଁ ଏଥିପାଇଁ ଜଗନ୍ନାଥ ସଂସ୍କୃତି କାରଣ କି?**

ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କ ଘରେ ଜଗନ୍ନାଥ ସଂସ୍କୃତି ପରିଚିତ। ଭାଜପା ସାମ୍ପ୍ରଦାୟିକ ରାଜନୀତିକୁ ବିଶ୍ୱାସ କରେନାହିଁ। ଏଠାରେ ମୁଖ୍ୟତଃ ବିଜେଡିକୁ ଚ୍ୟାଲେଞ୍ଜ ଦେବାକୁ ଦଳ ଚେଷ୍ଟା କରୁଛି। ଗତ ୨୦ ବର୍ଷରେ ବିଜେଡି କରିଥିବା ଦୁର୍ନୀତି ଲୋକଲୋଚନକୁ ଆଣିବାକୁ ଚେଷ୍ଟା କରୁଛୁ।

**ବିଜେଡି କରିଥିବା କେଉଁସବୁ ଦୁର୍ନୀତିକୁ ଲୋକଲୋଚନକୁ ଆଣିବା ପାଇଁ ଚେଷ୍ଟା କରୁଛନ୍ତି?**

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଣ୍ଠିର ଦୁରୁପଯୋଗ, ୧୪ଦଶ ଓ ପଞ୍ଚଦଶ ଅର୍ଥଦଶ କମିଶନରୁ ପଞ୍ଚାୟତକୁ ଆସୁଥିବା ଅର୍ଥର ବାଟମାରଣା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଥିବା ୫ ଜିଲାର ୯ଟି ବ୍ଲକ ପରିଦର୍ଶନ କରି କେନ୍ଦ୍ରୀୟ ଟିମ୍ ରିପୋର୍ଟରେ ଦର୍ଶାଇଛି, ବିଦ୍ୟୁତ୍ ଭିତ୍ତିଭୂମି ଏବଂ ସରବରାହ ଓ ବଣ୍ଟନ କ୍ଷେତ୍ରରେ ଅନେକ ହଜାର କୋଟି ଟଙ୍କାର ଦୁର୍ନୀତି ସାଙ୍ଗକୁ ମାଇନିଂ ସେକ୍ଟରରେ ୫ ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଛି। ଚାଷୀ ଆନ୍ଦୋଳନ ଓଡ଼ିଶାର ଏକ ମୁଖ୍ୟ ପ୍ରସଙ୍ଗ ପାଲଟିଛି। ଏସବୁ ପ୍ରସଙ୍ଗ ଲୋକଙ୍କ ପାଖରେ ପହଞ୍ଚାଉଛୁ।

**ଏସବୁ କାରଣରୁ ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା କମିଛି କି?**

ନବୀନଙ୍କ ଲୋକପ୍ରିୟତା ନେଇ ସର୍ଭେ ରିପୋର୍ଟ କ'ଣ କହୁଛି କହିପାରିବି ନାହିଁ। ଏନେଇ କିଛି ଅଧ୍ୟୟନ କରିନାହିଁ। ତଥାପି ତାଙ୍କ ଭାବମୂର୍ତ୍ତି କମିଛି। ସେ ରାଜ୍ୟର ଶାସନ ଡୋରି ସମ୍ପର୍କରେ ବୁଝୁଛନ୍ତି ନା ନାହିଁ ଜାଣିନି, ହେଲେ ତାଙ୍କ ଆଖପାଖରେ ଥିବା ସରକାରୀ ଅଧିକାରୀ ଓଡ଼ିଶାରେ ବେଶି ରାଜନୀତି କରୁଛନ୍ତି। ମନ୍ତ୍ରୀ, ବିଧାୟକ ଓ ଦଳୀୟ ନେତାମାନେ ସ୍ଥାଣୁ ପାଲଟି ଯାଇଛନ୍ତି। ତୃଣମୂଳସ୍ତରରେ ଗରିବ ଲୋକଙ୍କ ପାଖରେ ଯୋଜନା ଠିକ୍‌ରେ ପହଞ୍ଚିପାରୁ ନାହିଁ।

**ଓଡ଼ିଶାରେ ଭାଜପା, ବିଜେଡି ଏକ ବୋଲି ଆଲୋଚନା ହୁଏ। ବିଜେଡି ଗୋଟିଏ ରାଜ୍ୟ ସଭା ଆସନ ଭାଜପାକୁ ଛାଡ଼ିଦେବା ଏହାର ଏକ ବଡ଼ ଉଦାହରଣ ବୋଲି କୁହାଯାଇପାରିବ । ଏ ଘଟଣାକୁ ଆପଣ କେମିତି ଦେଖୁଛନ୍ତି?**

ଅଶ୍ୱିନୀ ବୈଷ୍ଣବ ଭାଜପାର ରାଜ୍ୟ ସଭା ପ୍ରାର୍ଥୀ ଥିଲେ। ଆମେ କହି ନ ଥିଲୁ ସମର୍ଥନ ଦିଅ, ସେମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ରାଜ୍ୟ ସଭା ଆସନ ଛାଡ଼ିଛନ୍ତି। ଏଥିରେ ସିଧାସଳଖ କୌଣସି ବୁଝାମଣା ନ ଥିଲା। ବିଜେଡି ପ୍ରାର୍ଥୀ ଦେଇଥିଲେ ଆମେ କଦାପି ଜିତି ନ ଥାଆନ୍ତୁ। ତେଣୁ ଏଥିରେ ଭାଜପାର ନୁହେଁ ବିଜେଡିର କ୍ଷତି ହେଲା। ଏନେଇ ବିଜେଡିର ସ୍ୱାର୍ଥ ଥାଇପାରେ। ବିଧାନ ପରିଷଦ ବିଲ୍ ପାସ୍ କରିବା ଲାଗି ଏପରି କରିଥାଇପାରେ।

**ଚାଷୀ ସମସ୍ୟା ଓଡ଼ିଶାର ମୁଖ୍ୟ ପ୍ରସଙ୍ଗ ବୋଲି କହୁଛନ୍ତି। ହେଲେ ଦିଲ୍ଲୀ ସମେତ ଅନ୍ୟ କେତେକ ରାଜ୍ୟରେ କେନ୍ଦ୍ର ସରକାରଙ୍କ ବିରୋଧରେ ଦୀର୍ଘ ୬ ମାସ ହେବ ଚାଷୀ ଆନ୍ଦୋଳନରେ ବସିଲେଣି। ଏହା କ'ଣ ଭାଜପା ସମର୍ଥିତ ଏନ୍‌ଡିଏ ସରକାରର ବିଫଳତା ନୁହେଁ କି?**

ଦିଲ୍ଲୀରେ ଚାଲିଥିବା ଚାଷୀ ଆନ୍ଦୋଳନ ସମାଧାନ ଲାଗି କେନ୍ଦ୍ର ସରକାର ସବୁବେଳେ ପ୍ରସ୍ତୁତ। ହେଲେ କୃଷକମାନଙ୍କ ସହ କେନ୍ଦ୍ର ଯେତେବେଳେ ଆଲୋଚନା କରୁଛି ସେମାନେ ପ୍ରସଙ୍ଗ ବାହାରକୁ ଯାଇ କଥାବାର୍ତ୍ତା କରୁଛନ୍ତି। ସମାଧାନ ରାସ୍ତା କାଢ଼ିବାକୁ କେନ୍ଦ୍ର ପ୍ରସ୍ତୁତ, ହେଲେ ୩ କୃଷି ବିଲ୍ ପ୍ରତ୍ୟାହାର ଲାଗି ଯେଉଁ ଦାବି ସେମାନେ କରୁଛନ୍ତି, ତାହା ଅସମ୍ଭବ। ଚାଷୀ ଆନ୍ଦୋଳନ ଯୋଗୁ ଭାଜପାର କିଛି କ୍ଷତି ହେବନାହିଁ।

**ବିଦ୍ୟୁତ୍ ଦରବୃଦ୍ଧି ପ୍ରସଙ୍ଗରେ ବାରମ୍ବାର ଆନ୍ଦୋଳନ କରୁଥିବା ଭାଜପା ପେଟ୍ରୋଲ, ଡିଜେଲ ଦରବୃଦ୍ଧି ନେଇ କାହିଁକି ନୀରବ ରହୁଛି?**

ଉତ୍ତର: ଉପା ସରକାର ନିର୍ବାଚନ ସମୟରେ ତେଲ ଦାମ୍‌କୁ ସ୍ଥିର ରଖିବା ସକାଶେ ୧୩୧ ଲକ୍ଷ କୋଟି ଟଙ୍କାର ଏକ ଅଏଲ ବଣ୍ଡ କରିଥିଲା। ୨୦୨୬ ମାର୍ଚ୍ଚ ସୁଦ୍ଧା ଉକ୍ତ ଅଏଲ ବଣ୍ଡର ଅର୍ଥ ଫେରାଇବାକୁ ପଡ଼ିବ। ସେହି ରାଶି ଭରଣା କରିବା କାମ ମୋଦି ସରକାର ଚଳାଇଛନ୍ତି। ସେହିପରି ତେଲ ଉପରେ ଯେଉଁ କେନ୍ଦ୍ରୀୟ ଶୁଳ୍କ ଲଗାଯାଉଛି ସେହି ଅର୍ଥରେ ଦେଶର ଅନ୍ୟାନ୍ୟ ଉନ୍ନୟନମୂଳକ ଯୋଜନା କରାଯାଇ ଗରିବ ଲୋକଙ୍କ ନିକଟରେ ପହଞ୍ଚାଯାଉଛି।

**ଓଡ଼ିଶାର କିଛି ଯୁବପିଢ଼ି ମୋଦିଙ୍କ ଯୋଗୁ ଭାଜପା ସମର୍ଥକ ପାଲଟିଥିଲେ, ସାମାଜିକ ଗଣମାଧ୍ୟମରେ ମଧ୍ୟ ଅନେକ ଓଡ଼ିଆ ସମର୍ଥକ ଥିବା ସତ୍ତ୍ୱେ ନିର୍ବାଚନରେ ଆପଣଙ୍କ ଦଳ ଜିତିପାରିଲା ନାହିଁ ତା'ର କାରଣ କ'ଣ?**

ଯୁବପିଢ଼ି ରାଷ୍ଟ୍ରୀୟବାଦ୍ ଓ ବୈଚାରିକ ଚିନ୍ତାଧାରାରେ ମୋଦିଙ୍କ ପ୍ରତି ଆସ୍ଥା ପ୍ରକଟ କରିସାରିଛନ୍ତି। ଓଡ଼ିଶାରେ ଆମ ଆକଳନ ମୁତାବକ ଆସନ ମିଳିଲାନାହିଁ, ବିଜେଡି ଆମଠାରୁ ଆଗରେ ରହିଲା। ହେଲେ ଆମର ଭୋଟ ସଂଖ୍ୟା ବୃଦ୍ଧି ପାଇଛି। ଓଡ଼ିଶାର ୯୧ ପ୍ରତିଶତ ଲୋକ ମୋଦିଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଥିବା ଏକ ସର୍ଭେରୁ ଜଣାପଡ଼ିଛି।

**ଯଦି ଯୁବପିଢ଼ି ମୋଦିଙ୍କ ସପକ୍ଷରେ ଅଛନ୍ତି ତେବେ ଓଡ଼ିଶାରେ ଆର୍‌ଏସ୍‌ଏସ୍ ଉଧାଇ ନ ପାରିବାରୁ ଭାଜପା ଏଠି ଆଗକୁ ବଢ଼ିପାରୁନି ବୋଲି ଭାବୁଛନ୍ତି କି?**

ଆର୍‌ଏସ୍‌ଏସ୍‌ର ବିଚାରଧାରା, କାର୍ଯ୍ୟଶୈଳୀ ସମ୍ପୂର୍ଣ୍ଣ ଭିନ୍ନ। ଏହା ରାଷ୍ଟ୍ରବାଦ ଉପରେ ବିଶ୍ୱାସ କରେ। ଆର୍‌ଏସ୍‌ଏସ୍ କେବେ ରାଜନୀତି କରେ ନାହିଁ। ଆର୍‌ଏସ୍‌ଏସ୍ ବିଚାରଧାରାକୁ ଭାଜପା ରାଜନୀତି ମାଧ୍ୟମରେ ପରିପ୍ରକାଶ କରିଥାଏ।

**୨୦୨୪ରେ ଓଡ଼ିଶାରେ ଭାଜପାର ଭବିଷ୍ୟତ କ'ଣ ହେବ?**

୨୦୨୪ରେ ଓଡ଼ିଶାରେ ଭାଜପା ନିଶ୍ଚିତ ସରକାର କରିବ। ବିଜେଡିର କପି ପେଷ୍ଟ ଷ୍ଟ୍ରାଟେଜିକୁ ଲୋକମାନେ ବୁଝି ପରିବର୍ତ୍ତନ ଆଡ଼କୁ ମୁହାଁଇଲେଣି।

**ପୂର୍ବ ଭାରତରେ ଭାଜପା କାହିଁକି ଉଧାଇପାରୁନି?**

ପୂର୍ବ ଭାରତରେ ଭାଜପା ପୂର୍ବାପେକ୍ଷା ଶକ୍ତି ବଢ଼ାଇବାରେ ସକ୍ଷମ ହୋଇପାରିଛି। ପଶ୍ଚିମବଙ୍ଗରେ ଦଳ ସରକାର କରିବାରେ ସଫଳ ହୋଇପାରି ନ ଥିଲେ ମଧ୍ୟ ଭୋଟ ଅନୁପାତ ବୃଦ୍ଧି ପାଇଛି। ସେହିପରି ଓଡ଼ିଶା କଥା ଦେଖିଲେ ଏଠାରେ ଲୋକ ସଭା ଓ ବିଧାନସଭାରେ ଦଳ ଅଧିକ ଆସନ ହାତେଇଛି। ଓଡ଼ିଶା ଲୋକମାନେ ପ୍ରଥମ ଥର ଭାଜପାକୁ ମୁଖ୍ୟ ବିରୋଧୀ ଦଳ ଆସନରେ ବସାଇଛନ୍ତି। ବିଜେଡି କେନ୍ଦ୍ରୀୟ ଯୋଜନା ହଡ଼ପକରି ପ୍ରଭାବୀ ଢଙ୍ଗରେ ନିଜର ବୋଲି କହି ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଭୁଆଁ ବୁଲାଇବାରେ ସଫଳ ହେଉଛନ୍ତି। ଏହାକୁ ପ୍ରତିହତ କରିବାକୁ ଭାଜପା ଚେଷ୍ଟା କରୁଛି।

**ଉତ୍ତରପ୍ରଦେଶ(ୟୁପି)ରେ ହେବାକୁ ଥିବା ନିର୍ବାଚନରେ କ'ଣ ହେବ ବୋଲି ଭାବୁଛନ୍ତି?**

ୟୁପି ନିର୍ବାଚନ ନେଇ ବର୍ତ୍ତମାନଠାରୁ ସ୍ପଷ୍ଟ ଚିତ୍ର ଆସିଗଲାଣି। ସେଠାକାର ପଞ୍ଚାୟତ ନିର୍ବାଚନରେ ଭାଜପାକୁ ଭଲ ସଫଳତା ମିଳିଛି। ୟୁପି ଲୋକମାନେ ଭାଜପା ଉପରେ ଭରସା କରିବେ ବୋଲି ଭାବୁଛି।

**ରାଜନୀତିକୁ ଛାଡ଼ି ଖାଲି ସମୟ ମିଳିଲେ ଆପଣ କ'ଣ କରିବାକୁ ବେଶି ପସନ୍ଦ କରନ୍ତି?**

ଖାଲି ସମୟ ମିଳିଲେ ବିଶେଷକରି ପଢ଼ାପଢ଼ି କରିବା ଉପରେ ରୁଚି ରଖେ। ବହୁ ମହାପୁରୁଷଙ୍କ ଜୀବନୀ ପଢ଼ିବାକୁ ବହୁତ ଭଲ ଲାଗେ। ବହୁ ରାଜନେତାଙ୍କ ବିଷୟରେ ଜାଣିବାକୁ ମଧ୍ୟ ଚେଷ୍ଟା କରେ। ପ୍ରତିଦିନ ଖାଲି ସମୟ ଦେଖି ଶରୀର ପାଇଁ ଅଧଘଣ୍ଟା ସମୟ ଦିଏ। ଯୋଗ ଓ ପ୍ରାଣାୟାମ କରିବା ଦୈନନ୍ଦିନ କାର୍ଯ୍ୟ।

**ସାକ୍ଷାତ୍‌କାର-: ସୁନୀତ ମିଶ୍ର**

# ଗୃହ ବିଭାଗରେ ଯୋଗଦେଲେ ୧୮୫ ଡାଟାଏଣ୍ଟ୍ରି ଅପରେଟର

ଭୁବନେଶ୍ୱର,୩୦।୭(ବ୍ୟୁରୋ)

**ନିଜର କାର୍ଯ୍ୟ ପ୍ରତି ସମ୍ବେଦନଶୀଳ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

ଷ୍ଟାଫ୍ ସିଲେକ୍ସନ କମିଶନ ଦ୍ୱାରା ଚୟନ ହୋଇଥିବା ୧୮୫ କନିଷ୍ଠ ଡାଟାଏଣ୍ଟ୍ରି ଅପରେଟର ଶୁକ୍ରବାର ରାଜ୍ୟ ସରକାରଙ୍କ ଗୃହ ବିଭାଗରେ ଯୋଗ ଦେଇଛନ୍ତି। ଏହି ଅବସରରେ ଭର୍ଚୁଆଲ ମାଧ୍ୟମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ପ୍ରଶାସନିକ ସେବା ପାଇଁ ଡାଟା ହେଉଛି ଗୁରୁତ୍ୱପୂର୍ଣ୍ଣ। ଡାଟା ତିଆରି, ରଖିବା, ସୁରକ୍ଷା ଏବଂ ପଠାଇବା ହେଉଛି ନିଷ୍ପତ୍ତି ଓ ସେବା ଯୋଗାଇବା କ୍ଷେତ୍ରରେ ଅତ୍ୟନ୍ତ ଆବଶ୍ୟକ। ପ୍ରଶାସନିକ କ୍ଷେତ୍ରରେ ଡାଟାଏଣ୍ଟ୍ରି ଅପରେଟରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଡାଟାଏଣ୍ଟ୍ରି ଅପରେଟରମାନେ ଆଇଟି କ୍ଷେତ୍ରରେ ଉଚ୍ଚ ଶିକ୍ଷିତ। ୫-ଟି କ୍ଷେତ୍ରରେ ଟାଇମ ଓ ଟେକ୍ନୋଲୋଜି ହେଉଛି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦିଗ। ପ୍ରଶାସନ କ୍ଷେତ୍ରରେ ଡାଟାଏଣ୍ଟ୍ରି ଅପରେଟରମାନେ ନିଜର ଦକ୍ଷତା ଓ ଅଭିଜ୍ଞତାକୁ ପ୍ରଦର୍ଶନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ନିଜର କାର୍ଯ୍ୟ ପ୍ରତି ସମ୍ବେଦନଶୀଳ ହେବା ସହ ପ୍ରଶାସନିକ ଯୋଗାଯୋଗ କ୍ଷେତ୍ରରେ ଅତ୍ୟନ୍ତ ଦାୟିତ୍ୱସମ୍ପନ୍ନ ହେବାକୁ ମୁଖ୍ୟମନ୍ତ୍ରୀ ଡାଟାଏଣ୍ଟ୍ରି ଅପରେଟରଙ୍କୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି, ଆମକୁ ସମୟ ସହ ପରିବର୍ତ୍ତନ କରିବାକୁ ହେବ। ୩୦ ବର୍ଷ ପୂର୍ବର ପ୍ରଶାସନିକ ବ୍ୟବସ୍ଥା ନାହିଁ। ସବୁ କ୍ଷେତ୍ରରେ କମ୍ପ୍ୟୁଟର ଦେଖିବାକୁ ମିଳୁଛି। ଲୋକମାନଙ୍କୁ ଦ୍ରୁତ ଗତିରେ ପ୍ରଶାସନିକ ସେବା ଯୋଗାଇଦେବା ପାଇଁ ଶାସନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଡିଜିଟାଇଜ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଅଭିନବ ୫-ଟି ଅନୁଯାୟୀ କାର୍ଯ୍ୟ କରିବାକୁ ସେ ନବନିଯୁକ୍ତ ଡାଟାଏଣ୍ଟ୍ରି ଅପରେଟରମାନଙ୍କୁ ପରାମର୍ଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ସରକାରୀ କ୍ୟାଡରରେ ଯୋଗ ଦେବାରେ ସେମାନେ ହେଉଛନ୍ତି ପ୍ରଥମ। ସରକାରଙ୍କ ସମସ୍ତ ଅଫିସ କାର୍ଯ୍ୟ ଅନ୍‌ଲାଇନରେ କରାଯାଉଛି। ଏ କ୍ଷେତ୍ରରେ ନିଜର ବୈଷୟିକ ଜ୍ଞାନ ଦକ୍ଷତାକୁ କାର୍ଯ୍ୟ କ୍ଷେତ୍ରରେ ବିନିଯୋଗ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ପରିଚାଳନା କରିଥିବା ବେଳେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା ସ୍ୱାଗତ ଭାଷଣ ଦେଇଥିଲେ। ଗୃହ ବିଭାଗ ଓଏସ୍‌ଡି ଧନ୍ୟବାଦ ଦେଇଥିଲେ।

# ପୁରୀ ବିଚ୍ ସ୍ୟାକ୍ସ ପ୍ରସ୍ତାବ ରଦ୍ଦ

ପୁରୀ ଅଫିସ,୩୦।୭

ପୁରୀ ବେଳାଭୂମିରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ କାର୍ଯ୍ୟକାରୀ କରିବାକୁ ଥିବା ପ୍ରସ୍ତାବିତ ବିଚ୍ ସ୍ୟାକ୍ସ ଯୋଜନାକୁ ରଦ୍ଦ କରାଯାଇଛି। ପୁରୀ ସହରର ସମସ୍ତ ପ୍ରମୁଖ ଅନୁଷ୍ଠାନ ଓ ରାଜନୈତିକ ଦଳର ବିରୋଧ ପରେ ରାଜ୍ୟ ସରକାର ଏହି ପ୍ରସ୍ତାବକୁ ଖାରଜ କରିବା ସହ ପୁରୀ ବେଳାଭୂମିରେ ମଦ୍ୟପାନ ଓ କୁଟୀର ବ୍ୟବସ୍ଥା ହେବ ନାହିଁ ବୋଲି ଜିଲାପାଳ ସମର୍ଥ ବର୍ମା ଜଣାଇଛନ୍ତି। ଏ ନେଇ ଜିଲାପାଳ ବର୍ମା କହିଛନ୍ତି, ବିଚ୍ ସ୍ୟାକ୍ସ ପ୍ରସ୍ତାବକୁ ପ୍ରତ୍ୟାହର କରିନିଆଗଲା। ଏହା ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଛି। ପୁରୀ ଏକ ଐତିହ୍ୟ ସହର। ଦେଶ ତଥା ଦେଶ ବାହାରୁ ଲୋକେ ଏଠାକୁ ଭ୍ରମଣ ଉଦ୍ଦେଶ୍ୟରେ ଆସନ୍ତି। ଧାର୍ମିକ ତୀର୍ଥ କ୍ଷେତ୍ର ପୁରୀର ପବିତ୍ରତାକୁ ଧ୍ୟାନ ଦେଇ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଆଗାମୀ ଦିନରେ ପୁରୀକୁ ଐତିହ୍ୟ ସହର ଭାବେ ଅଧିକ ବିକଶିତ କରିବାର ପ୍ରୟାସ ଜାରି ରହିବ। ଅନ୍ୟପକ୍ଷେ ପୁରୀ ଦେଶର ଏକ ପ୍ରମୁଖ ତୀର୍ଥକ୍ଷେତ୍ର ହୋଇଥିବା ହେତୁ ଏଠାରେ ମଦ ବିକ୍ରି ଉପରେ ସ୍ଥାୟୀ ନିଷିଦ୍ଧାଦେଶ ଜାରି କରିବା ପାଇଁ ସାଧାରଣ ଲୋକଙ୍କ ମଧ୍ୟରେ ଦାବି ଉଠିଛି। ବିଭିନ୍ନ ଅନୁଷ୍ଠାନ ଓ ବୁଦ୍ଧିଜୀବୀମାନେ ପୁରୀ ସହରରେ ମଦକୁ ବ୍ୟାନ୍ କରିବା ସପକ୍ଷରେ ଥିବାବେଳେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ମଧ୍ୟ ସମାନ ପ୍ରସଙ୍ଗ ଉଠାଇଛନ୍ତି। ଏ ସମ୍ପର୍କରେ ଜିଲାପାଳ କହିଛନ୍ତି, ପୁରୀ ସହରବାସୀଙ୍କ ପରାମର୍ଶ ଓ ମତ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ତୁରନ୍ତ ଅବଗତ କରାଯିବ। ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ପୁରୀ ସହରବାସୀ ସ୍ୱାଗତ କରିଛନ୍ତି। ସରକାର ପୁରୀ ସହରବାସୀଙ୍କ ଦାବିକୁ ମାନି ନେଇ ଯୋଜନା ରଦ୍ଦ କରିବା ଘଟଣାକୁ ଦଳମତ ନିର୍ବିଶେଷରେ ସ୍ୱାଗତ କରାଯାଇଛି।

## ଭାଜପା ସମେତ ୨୫ ସଂଗଠନ ବିରୋଧ କରିଥିଲେ



ବିଚ୍ ସ୍ୟାକ୍ସ ପ୍ରସ୍ତାବକୁ ବିରୋଧ କରି ଭାଜପାର ଶୋଭାଯାତ୍ରା।

ପୁରୀ ବେଳାଭୂମିରେ ମଦ୍ୟପାନ ବ୍ୟବସ୍ଥାକୁ ବିରୋଧ କରି ଭାଜପା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାସଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ପୁରୀ ଏକ ଧାର୍ମିକ ସହର ହୋଇଥିବାରୁ ଏଭଳି ବ୍ୟବସ୍ଥା ଏଠାରେ କରିବା ଅନୁଚିତ। ଏଭଳି ଯୋଜନାକୁ କାର୍ଯ୍ୟକାରୀ ନ କରି ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ଏହି ଶୋଭାଯାତ୍ରାରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଦାବିପତ୍ର ଗ୍ରହଣ କରିବା ପରେ ବିଚ୍ ସ୍ୟାକ୍ସ ବ୍ୟବସ୍ଥାକୁ ରାଜ୍ୟ ସରକାର ରଦ୍ଦ କରିଥିବା କଥା ଜିଲାପାଳ କାର୍ଯ୍ୟକର୍ତ୍ତାଙ୍କୁ ଜଣାଇଛନ୍ତି। ସେହିଭଳି ପୁରୀ ବିଚ୍ ସ୍ୟାକ୍ସ ବ୍ୟବସ୍ଥାକୁ ବିରୋଧ କରି ୨୫ଟି ସଂଗଠନ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ହୀରାକୁଦ ଡ୍ୟାମ୍‌ର ୮ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ

**ସମ୍ବଲପୁର,୩୦।୭ (ବ୍ୟୁରୋ):** ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ହୀରାକୁଦ ଡ୍ୟାମ୍‌ର ୮ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଜଳଭଣ୍ଡାରର ଜଳସ୍ତର ୬୦୫.୧୦ ଫୁଟ୍ ରହିଛି। ବାମ ପାର୍ଶ୍ୱର ୫ ଓ ଡାହାଣ ପାର୍ଶ୍ୱର ୩ ଗେଟ୍ ଖୋଲା ରହିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୫୧ ହଜାର ୨୨୮ କ୍ୟୁସେକ ଜଳ ପ୍ରବେଶ କରୁଛି। ସେହିପରି ୧ ଲକ୍ଷ ୩୭ ହଜାର ୬୧୫ କ୍ୟୁସେକ ଜଳ ନିଷ୍କାସନ ହେଉଛି। ୮ ଗେଟ ଦେଇ ୧ ଲକ୍ଷ ୧୫ ହଜାର ୫୭୬, ପାୱାର ଚ୍ୟାନେଲ ୧୮ ହଜାର ୨୧୨, ଶିଲ୍ପାଞ୍ଚଳ ୨୭୨, ଚାଷ ପାଇଁ ବିଭିନ୍ନ କେନାଲରେ ୩୫୫୫ କ୍ୟୁସେକ ଜଳ ନିଷ୍କାସନ ହେଉଛି। ବେଲଗାଁରେ ୨୧ ହଜାର, ପର୍ଥଲାରେ ୩୨ ହଜାର ୬୯, ଖଇରମାଲରେ ୧ ଲକ୍ଷ ୯୮ ହଜାର, ବରମୁଲାରେ ୨ ଲକ୍ଷ ୪୨ ହଜାର ଓ ମୁଣ୍ଡଳୀରେ ୨ ଲକ୍ଷ ୩୬ ହଜାର ୧୯୨ କ୍ୟୁସେକ ଜଳ ପ୍ରବାହିତ ହେଉଛି। ଉପର ମୁଣ୍ଡରେ ୧୨.୬୫, ତଳ ମୁଣ୍ଡରେ ୨୦.୫୩ ମିମି ବର୍ଷା ହୋଇଛି।

SALES MAN, MARKETING EXECUTIVE
ଆବଶ୍ୟକ।
ଯୋଗାଯୋଗ:
Bita House - 28, Bhoisahi, Nayapalli, Bhubaneswar
9437001718 | 9040444570

AIRPORT ODISHA
Required male / female (8th to graduate) for Air hostess Ground Staff, I.T.I Diploma Eng, Ex-man, Computer Operator, Data Entry, Air Ticketing & Driver.
Salary-28K to 85K. Send C.V: interglobe62@gmail.com, Ph-9711809424, 7052138505

HINDUSTAN URVARAK & RASAYAN LIMITED
(A JV of NTPC, CIL, IOCL, FCIL & HFCL)
HURL is setting up state-of-art fertilizer plants at Gorakhpur (UP), Barauni (Bihar) and Sindri (Jharkhand) with capital investment of Rs. 21,000 Cr. and is poised to be the largest Urea producer in the country by 2021/22.
CAREER OPPORTUNITY IN HURL
HURL invites applications for appointment of 513 Non-Executives as
OPERATORS, TECHNICIANS, LAB ASSISTANTS, ACCOUNTANTS, STORE ASSISTANTS
(Diploma holders/ Graduates with 0-15 years' Experience)
IN VARIOUS DISCIPLINES VIZ. AMMONIA, UREA, OFF SITES & UTILITIES, INSTUMENTATION, ELECTRICAL, MECHANICAL, STORE, FINANCE, QUALITY, ENVIRONMENT & QUALITY CONTROL
Interested candidates may visit HURL website www.hurl.net.in for details regarding application process, eligibility criteria, experience etc.
हिन्दुस्तान का अपना यूरिया
SCOPE Minar, Core 4, 9th Floor, Laxmi Nagar, District Center, Delhi-110092 | Website: www.hurl.net.in

Required Councillor (02nos)
APTECH
Saheed Nagar, Bhubaneswar
Candidates can send their resume to: aptechsaheednagar@gmail.com
Contact for Details :-
9040004498 / 9040033321

REQUIRED 29NOS (M/F) CANDIDATES
Post of Asst.Engg Asst. Manager / Jr. Engg / Supervisor Electrician / Technician / Store keeper/ Store In-charge/ Welder / Cleark / Peon.
Qualification: 9th/10th to B.Tech
Salary : Rs 9,380/- to Rs 74,800/-
Food & Accommodation facility
Email your CV to : glovalpower@gmail.com
Contact : 7205138157

M/s. KALLAM TEXTILES LIMITED
GUNTUR - AP
WANTED
Graduates of Engineering / B.S.C / M.S.C / M.C.A / M.B.A with working knowledge in Odiya language are required for the following departments.
1. Personal Department
2. Welfare Department
3. Production Department
Knowledge in Telugu speaking is must for all posts.
What's up No : 95505 22557
Mail Id : infosp@ksml.in

INSTITUTE ON MANAGEMENT OF AGRICULTURAL EXTENSION (IMAGE)
(AN AUTONOMOUS INSTITUTE OF GOVERNMENT OF ODISHA)
Siripur, BHUBANESWAR-751003, Odisha
Ph.-(0674) 2562151, Fax- 2561879,
E-mail: imagebbsr@rediffmail.com
No.CAD-758:- Applications are invited from eligible candidates for engagement in different positions for the FAO-GEF assisted Green Agriculture Project to be implemented in Similipal Bio-sphere area. The positions are purely contractual & coterminous with the project.
Interested candidates may apply with complete CV in prescribed format, self-attested photocopies of certificates towards educational qualifications & experiences along with a passport size photograph to the Director, IMAGE, Siripur, Bhubaneswar- 751003 on or before 23.08.2021 through Speed Post/ Registered Post only. The documents sent through any mode other than Speed Post/ Registered Post shall not be accepted. The general instruction to candidates, different positions, Nos. of positions, duty station, details of qualifications, experiences, deliverables, performance indicators, selection process etc. are available in departmental website and Odisha Govt. Portal i.e. www.agriodisha.nic.in / www.odisha.gov.in. Women candidates are encouraged to apply.
Director, IMAGE
OIPR-28009/11/0007/2122

NATIONAL PROJECTS CONSTRUCTION CORPORATION LIMITED
(A Govt. of India Enterprise)
SOUTH EASTERN ZONE, BHUBANESWAR
Plot No.: HIG/59, Sailashree Vihar, Bhubaneswar-751021
Ph.: 0674-2741417, Email-ID: npccbbsr@gmail.com
WALK-IN-INTERVIEW
Advt. No.SEZ/Contract Basis/ 464 Date : 30.07.2021
NPCC Ltd a schedule "B" Premier Central Public Sector Enterprise, Miniratna, Category-1 Company invites applications for the post of Site Engineer(Civil) on Contract basis.
For details, please visit our Website: www.npcc.gov.in
Zonal Manager

Sambalpur University Institute of Information Technology
Jyoti Vihar, Burla, Sambalpur, Odisha - 768019
SUIIT
Advt. No. 544 / SUIIT Date. 29 /07/2021
WALK-IN-INTERVIEW
Walk-in-interview is going to be held at SUIIT on date and time mentioned against each for the following teaching posts on contractual basis for two semesters (i.e. up to 31st May,2022 ) with a consolidated remuneration.

| Name of the Post | No. of post | Date & time of Interview | Reporting time |
|---|---|---|---|
| Asst. Prof. in ECE | 05 | 07.08.2021 11:00 AM | 9.00A.M. |
| Asst. Prof. in CSE | 07 | 08.08.2021 11:00 AM | 9.00A.M. |
| Asst. Prof. in EEE | 04 | 09.08.2021 11:00 AM | 9.00A.M. |

Interested candidates are required to come prepared with original & one set of photocopy of all testimonials, experience certificate (if any), one recently drawn PP size colored photograph, the filled in application form and a demand draft (non-refundable) of Rs. 500/- (Rs. 350/- in case of ST/SC candidates) drawn at any SBI branches in favour of Director, SUIIT payable at SBI, Jyoti Vihar (Code-6672).
No TA/DA is admissible for attending the interview.
The authority reserves the right to reject any or all the applications or cancel the entire selection process without assigning any reason thereof. The number of posts may vary as per requirement.
The details of posts, qualifications, remuneration structure and application form are available at our website www.suiit.ac.in. All are requested to report the Administrative Officer, SUIIT, Jyoti Vihar, Burla, Sambalpur as mentioned above.
Sd./-
Director, SUIIT

OFFICE OF THE SPECIAL LAND ACQUISITION OFFICER
KHORDHA ROAD-BOLANGIR NEW B.G. RAIL LINK PROJECT
OLD COLLECTORATE, KHORDHA
E-Mail - spllaokhurda@gmail.com
No. 257/Dt.26.7.2021
ADVERTISEMENT
No. F-82:- Applications are invited from suitable and willing retired persons as detailed below.

| Sl. No. | Name of the Post | No. of persons to be Engaged | Mode of Engagement | Monthly Remuneration |
|---|---|---|---|---|
| 1 | Revenue Inspector | 01 (One) | Contractual | Rs.13,000.00 |
| 2 | Amin | 09 (Nine) | Contractual | Rs.12,000.00 |
| 3 | Process Server | 02 (Two) | Contractual | Rs.8,000.00 |
| 4 | Office Assistance for Clerical works | 01 (One) | Contractual | As per Para-3 of Finance Department Office Memorandum No. 7022/F dt. 17.3.18 as per Grade Pay / Level of the posts |
| 5 | Draftsman | 01 (One) | Contractual | |
| 6 | Chainman | 03 (Three) | Contractual | |
| 7 | Peon | 01 (One) | Out Sourcing | |
| 8 | Driver | 01 (One) | Out Sourcing | |
| 9 | Night Watchman-cum-Sweeper | 4 (Four) | Out Sourcing | |

The persons for the above posts are required to work in the Land Acquisition Zone Office Nayagarh / Boudh / Bolangir under Khordha Road-Bolangir New B.G. Rail Link Project and to be deployed in Jeypore-Malkangiri / Jeypore-Nabarangapur Rail Link and Titlagarh-Vizianagram 3rd Line under Koraput and Kalahandi District.
Retired and willing persons may submit their applications in the prescribed Form Annexed herewith addressed to the Special Land Acquisition Officer, Khordha Road-Bolangir New B.G. Rail Link Project, Khordha, Old Collectorate, Building, At/Po-Pallahat, Dist.- Khordha, Pin-752056 by Regd. post so as to reach this office on or before 15 (Fifteen) days from the date of publication of the advertisement. The detailed guidelines including the eligibility criteria and Terms and Conditions laid down vide G.A. Department Resolution No. 23750/Gen dt. 27.8.2014 and the Application Form may be downloaded from the District NIC, Khordha website www.khordha.nic.in.
Sd./- Special Land Acquisition Officer,
Khordha Road-Bolangir New B.G. Rail Link Project, Khordha
OIPR-24205/11/0001/2122

❝ କ୍ରମବିକାଶର ଶେଷ ହୋଇନାହିଁ। ପ୍ରକୃତିର ଶେଷକଥା ମଧ ମନୁଷ୍ୟର ବୌଦ୍ଧିକ ମନନଶୀଳତା ନୁହେଁ। ପଶୁ ଭିତରୁ ଯେପରି ମଣିଷ ଉଠି ଆସିଛି- ସେହିପରି ମଧ ମଣିଷ ଭିତରୁ ଅତିମାନବ ଉଠିଆସୁଛି। -ଶ୍ରୀଅରବିନ୍ଦ



# ଘରୋଇକରଣ ଚିନ୍ତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଏୟାର ଇଣ୍ଡିଆର ଘରୋଇକରଣ ପ୍ରକ୍ରିୟାକୁ ସରକାରୀ ସ୍ତରରେ ଏବଂ ବାହାରେ ଲୋକେ ଉତ୍ସୁକତାର ସହ ଲକ୍ଷ୍ୟ ରଖିଛନ୍ତି। ଜଣେ ଦକ୍ଷ ଅଧିକାରୀ ଭାବେ ବେସାମରିକ ବିମାନ ଚଳାଚଳ ସଚିବ ପ୍ରଦୀପ ସିଂ ଖରୋଲା ବିନିବେଶ ପ୍ରକ୍ରିୟା କିଭଳି ଶୀଘ୍ର ସମ୍ପାଦିତ ହେବ ସେଥିପାଇଁ ବ୍ୟସ୍ତ ରହିଛନ୍ତି। ତେବେ ସରକାରୀ କାଗଜପତ୍ର କାମରେ ହେଳା ଓ କୋଭିଡ୍ ମହାମାରୀ ଯୋଗୁ ଘରୋଇକରଣ ବିଳମ୍ବ ହୋଇଛି ବୋଲି ବିଭାଗୀୟ କର୍ମଚାରୀମାନେ ଏକମତ। ଏହା ସହ ଏବେ ନୂଆ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ବୋର୍ଡକୁ ଆସିଛନ୍ତି। ପୂର୍ବତନ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କର ସିନ୍ଧିଆଙ୍କ ଦ୍ୱାରା ଏୟାର ଇଣ୍ଡିଆ ବିକ୍ରି ପ୍ରକ୍ରିୟା ଖୁବ୍ ଶୀଘ୍ର ଶେଷ ହେବ ବୋଲି କେତେକେ ବିଶ୍ୱାସ କରୁଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟରେ କାର୍ଯ୍ୟରତ ବାବୁମାନଙ୍କୁ ସରକାର ସ୍ପଷ୍ଟ କରି ଦେଇଛନ୍ତି ଯେ ଚଳିତ ବର୍ଷ ଏୟାର ଇଣ୍ଡିଆର ବିନିବେଶ ପ୍ରକ୍ରିୟାକୁ ବେଶି ପ୍ରାଥମିକତା ଦିଆଯାଇଛି। ଏଥିପାଇଁ ଖରୋଲା ତାଙ୍କ ବିଭାଗୀୟ ମନ୍ତ୍ରୀଙ୍କ କାର୍ଯ୍ୟ ଉପରେ ସମ୍ପୂର୍ଣ୍ଣ ଧ୍ୟାନ ରଖିଛନ୍ତି। ଏବେ ଗୋଟିଏ ମନ୍ତ୍ରଣାଳୟ ଉପରେ ସମସ୍ତଙ୍କ ଦୃଷ୍ଟି ରହିଥିବାବେଳେ ବାବୁମାନେ ବି ନିଜକୁ ଖୁବ୍ ସଶକ୍ତ ମନେକରୁଥିବା ଦେଖିବାକୁ ପାଉଛୁ। ସ୍ପଷ୍ଟତଃ, ରାଜୀବ ଗାନ୍ଧୀ ଭବନରେ ଥିବା ଖରୋଲା ଏବଂ ତାଙ୍କ ସାଥୀ ବାବୁମାନେ ଘରୋଇକରଣ ପ୍ରକ୍ରିୟାକୁ ଶୀଘ୍ର ଆଗକୁ ବଢ଼ାଇବାକୁ ଚାହୁଁଛନ୍ତି। ସରକାର ଏୟାର ଇଣ୍ଡିଆର ମାଲିକ ହୋଇଥିବାରୁ ଘରୋଇକରଣ ପର୍ଯ୍ୟନ୍ତ ଏହାର କର୍ମଚାରୀଙ୍କର ସୁବିଧା ସୁଯୋଗକୁ ନେଇ ଅତିରିକ୍ତ ବିକଳ୍ପ ଉପରେ ଆଲୋଚନା କରି ଏହା କରିବା ପାଇଁ ଚାହୁଁଛନ୍ତି। ଏହା ଘରୋଇ ନିଲାମଧାରୀଙ୍କୁ ଏୟାରଲାଇନ ପ୍ରତି ଆକର୍ଷିତ କରିବାକୁ କରାଯାଉଛି, ଯେଉଁଥିରେ ସେମାନେ କର୍ମଚାରୀଙ୍କ ପାଇଁ ନୂଆ ସର୍ତ୍ତ ବା କାର୍ଯ୍ୟ ବ୍ୟବସ୍ଥା ରଖିପାରିବେ ଏବଂ କ୍ଷତିପୂରଣ ପ୍ୟାକେଜକୁ ଠିକ୍ କରିପାରିବେ। ଏବେ ଏୟାର ଇଣ୍ଡିଆର ଘରୋଇକରଣ ପ୍ରକ୍ରିୟା ଉପରେ ସଭିଙ୍କ ନଜର। କାରଣ ସରକାର ଅନ୍ୟ ଯେଉଁ ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକର ଘରୋଇକରଣ ପାଇଁ ଯୋଜନା କରୁଛନ୍ତି ସେଥିପାଇଁ ଏହା ପଥ ପ୍ରଦର୍ଶନ କରିବ ବୋଲି ବିଶ୍ୱାସ କରାଯାଉଛି।

### ବାବୁଙ୍କୁ ଚେତାବନୀ

ହରିୟାଣାରେ ମନୋହର ଲାଲ ଖଟ୍ଟର ସରକାର ତାଙ୍କ ଭାବମୂର୍ତ୍ତି ବଢ଼ାଇବା ଲାଗି ସରକାରୀ ଅଧିକାରୀମାନଙ୍କ ଉପରେ କଠୋର ପଦକ୍ଷେପ ନେଇଛନ୍ତି। ସିବିଆଇ ତଦନ୍ତର ସମ୍ମୁଖୀନ ହେଉଥିବା ଆଇଏଏସ୍, ଆଇପିଏସ୍ ଅଧିକାରୀଙ୍କ ସମେତ ଅନ୍ୟମାନଙ୍କୁ ଫିଲ୍ଡ ଆସାଇନ୍‌ମେଣ୍ଟ ବା କ୍ଷେତ୍ର କାର୍ଯ୍ୟଭାର କିମ୍ବା ଲୋକମାନଙ୍କ ସହ କାର୍ଯ୍ୟ କରିବାର ସୁଯୋଗ ଥିବା ଭଳି ପଦବୀରେ ଅବସ୍ଥାପିତ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ହରିୟାଣା ମୁଖ୍ୟ ଶାସନ ସଚିବ ବିଜୟ ବର୍ଦ୍ଧନ ଏକ ନିର୍ଦ୍ଦେଶ ଜାରି କରି କହିଛନ୍ତି ଯେ, ଯେଉଁମାନଙ୍କ ବିରୋଧରେ ଯୋଗ୍ୟ ଅଧିକାରୀ ମକଦ୍ଦମା ଚଳାଇବାକୁ ଅନୁମତି ଦେଇଛନ୍ତି କିମ୍ବା ଆପରାଧିକ ମାମଲାରେ ଅଦାଲତ ଅଭିଯୋଗ ପ୍ରସ୍ତୁତ କରିଛନ୍ତି, ସେମାନଙ୍କୁ ଫିଲ୍ଡ ପୋଷ୍ଟିଂ ବା କ୍ଷେତ୍ର ନିଯୁକ୍ତିରୁ ବଞ୍ଚିତ କରାଯିବ। ସରକାର ତାଙ୍କ ଉଦ୍ଦେଶ୍ୟର ପ୍ରମାଣ ଦେବାକୁ ଯାଇ ଏବେ ଦୁର୍ନୀତି ପାଇଁ ୧୯୧୯ ବ୍ୟାଚ୍ ଆଇଏଏସ୍ ଅଧିକାରୀ ସନ୍ଦିପ ଗର୍ଗଙ୍କୁ ଚାକିରିରୁ ବିଦା କରିଛନ୍ତି। ବେଆଇନ ଭାବେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ସିବିଆଇ କୋର୍ଟ ଗର୍ଗଙ୍କୁ ଦୋଷୀ ସାବ୍ୟସ୍ତ କରିବା ପରେ ୨୦୧୬ରୁ ତାଙ୍କୁ ନିଲମ୍ବନ କରାଯାଇଥିଲା। ପରେ କେନ୍ଦ୍ର କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ଅନୁମୋଦନ କ୍ରମେ ତାଙ୍କୁ ଚାକିରିରୁ ବରଖାସ୍ତ କରାଯାଇଛି। ଦୁର୍ନୀତି ପାଇଁ ଚାକିରି ହରାଇବାରେ ଗର୍ଗ ହେଉଛନ୍ତି ରାଜ୍ୟର ଦ୍ୱିତୀୟ ଆଇଏଏସ୍ ଅଧିକାରୀ। ନିଃସନ୍ଦେହ ଯେ, ଗର୍ଗଙ୍କ ମାମଲା ଦୁର୍ନୀତିଗ୍ରସ୍ତ ବାବୁମାନଙ୍କ ପାଇଁ ଏକ ଶକ୍ତ ଚେତାବନୀ ଏବଂ ଦୁର୍ନୀତି ପଦା କରିବାରେ ସରକାର ବେଶ୍ ଗମ୍ଭୀର ବୋଲି ଜଣାଇ ଦେଇଛନ୍ତି।

### ଇଡି ଉପରେ ନଜର

ନିକଟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ସ୍ୱତନ୍ତ୍ର ନିର୍ଦ୍ଦେଶକ ସୁଶୀଲ କୁମାର ତାଙ୍କ ମୂଳ କ୍ୟାଡର ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସନ (ସିବିଡିଟି)କୁ ପ୍ରତ୍ୟାବର୍ତ୍ତନ କରିବାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏହି ନିର୍ଦ୍ଦେଶ ରାଜସ୍ୱ ବିଭାଗରୁ ଆସିଥିଲା। ସୁଶୀଲ କୁମାର ଇଡି ମୁଖ୍ୟଙ୍କର ଜଣେ ବିଶ୍ୱସ୍ତ ଅଧିକାରୀ ବୋଲି ବିଶ୍ୱାସ କରାଯାଉଥିଲେ ମଧ୍ୟ ତାଙ୍କୁ ମୂଳ କ୍ୟାଡରକୁ ପଠାଇ ଦିଆଯିବା ସମସ୍ତଙ୍କୁ ବିସ୍ମିତ କରିଛି। ଅର୍ଥ ମନ୍ତ୍ରଣାଳୟ ଏହି ପ୍ରତ୍ୟାବର୍ତ୍ତନ ଅର୍ଡର ଦେବାକୁ ନିର୍ଦ୍ଦେଶ ଦେଇଥିଲା ଏବଂ ଇଣ୍ଟେଲିଜେନ୍ସ ରିପୋର୍ଟ ଆଧାରରେ ଓ ଇଡିର ଶୀର୍ଷ ପଦାଧିକାରୀଙ୍କ ନିଷ୍ପତ୍ତି ବିରୋଧରେ ଏହା କରାଯାଇଥିଲା। ପେଗାସସ୍ ସ୍ପାଏୱେର ରହସ୍ୟ ପ୍ରକାଶ ପାଇବା ସମୟରେ ଇଡି ସମେତ ବିଧି ପ୍ରବର୍ତ୍ତନରେ ଯେଉଁମାନେ ରହିଛନ୍ତି ସେମାନେ ନିଶ୍ଚିତ ନୁହନ୍ତି ଯେ କିଏ କାହା ଉପରେ ଗୁପ୍ତଚରୀ କାର୍ଯ୍ୟ କରୁଛନ୍ତି। ଜଣାପଡୁଛି, ଆର୍ଥିକ ଅପରାଧର ତଦନ୍ତ କରୁଥିବା ଦେଶର ଏହି ପ୍ରମୁଖ ସଂସ୍ଥାର ଅବସ୍ଥା ଭଲ ନାହିଁ। ଏହାର ଅଧିକାରୀମାନେ ଦୁଃଖ ଓ ନୈରାଶ୍ୟରେ କହିପାରନ୍ତି ଯେ ସେମାନଙ୍କ କାର୍ଯ୍ୟଚାପ ବଢ଼ିଯାଇଛି, କିନ୍ତୁ ସେମାନଙ୍କର ଏହି ଅଭିଯୋଗ ଘଟିଥିବା କିଛି ତ୍ରୁଟିପୂର୍ଣ୍ଣ କାମକୁ ଘୋଡ଼ାଇବା ଲାଗି ଅଭିପ୍ରେତ। ଏହାର କିଛି ଦିନ ପୂର୍ବରୁ ବ୍ୟାଙ୍କ ଘୋଟାଲାରେ ସମ୍ପୃକ୍ତ ଗୁଜରାଟର ଏକ କମ୍ପାନୀର ମାଲିକଙ୍କଠାରୁ ଲାଞ୍ଚ ଦାବି କରିବା ଅଭିଯୋଗରେ ଇଡିର ଉପ ନିର୍ଦ୍ଦେଶକ ପି.କେ.ସିଂ ଏବଂ ସହକାରୀ ନିର୍ଦ୍ଦେଶକ ଭୁବନେଶ କୁମାର ସିବିଆଇ ଦ୍ୱାରା ଗିରଫ ହେବା ଘଟଣା ଉକ୍ତ ସଂସ୍ଥା ପାଇଁ ଅତ୍ୟନ୍ତ ଲଜ୍ଜାଜନକ ଘଟଣା। ଇଡିର ଗୁରୁତର କ୍ଷତି ହେବା ପୂର୍ବରୁ ଶୀଘ୍ର ତା'ର ଖ୍ୟାତି ଫେରାଇ ଆଣିବା ପାଇଁ ଚେଷ୍ଟାକରି ସରକାର ଏହି ସବୁ ପଦକ୍ଷେପ ଗ୍ରହଣ କରୁଥିବା ଜଣାପଡୁଛି।

Email: dilipcherian@gmail.com

# ଗଣତନ୍ତ୍ର ଉପରେ ପେଗାସସ୍ ଆକ୍ରମଣ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଭାରତ ସମେତ ବିଶ୍ୱର ୫୦ଟି ଦେଶର ପଚାଶ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ମୋବାଇଲ୍ ଫୋନ୍‌କୁ ପେଗାସସ୍ ସଫ୍ଟୱେର ମାଧ୍ୟମରେ ହ୍ୟାକିଂ କରି ସରକାରଙ୍କ ଦ୍ୱାରା ସେମାନଙ୍କ ନଜରଦାରି କରୁଥିବାର ଖବର ଏବେ ସାରା ବିଶ୍ୱରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଭାରତର ଜଣାଶୁଣା ନ୍ୟୁଜ୍ ପୋର୍ଟାଲ୍ 'ଦି ୱାଇର୍' ସମେତ ୱାଶିଂଟନ୍ ପୋଷ୍ଟ, ଗାର୍ଡ଼ିଆନ୍ ପରି ବିଶ୍ୱର ୧୭ଟି ପ୍ରମୁଖ ମିଡ଼ିଆ ସଂସ୍ଥାଙ୍କୁ ନେଇ ଗଠିତ ଏକ ସାମ୍ବାଦିକ ଗୋଷ୍ଠୀ ଦ୍ୱାରା ହୋଇଥିବା ସଘନ ଅନୁସନ୍ଧାନରୁ ଏହି ତଥ୍ୟ ଉଜାଗର ହୋଇଛି। ଇସ୍ରାଏଲର ଏନ୍ଏସ୍‌ଓ କମ୍ପାନୀ ଦ୍ୱାରା ପ୍ରସ୍ତୁତ ଏହି ସଫ୍ଟୱେର ମାଧ୍ୟମରେ ବିଭିନ୍ନ ଦେଶର ସରକାର ନିଜର ନାଗରିକମାନଙ୍କ ମୋବାଇଲ୍ ଫୋନ୍‌ରେ ଏକ ଗୋଇନ୍ଦା ଭାଇରସ୍ (ସ୍ପାଇୱେର) ଭର୍ତ୍ତିକରି ସେମାନଙ୍କ ମୋବାଇଲରେ ରହିଥିବା ସମସ୍ତ ତଥ୍ୟକୁ ଚୋରି କରିବା ସହିତ ସେମାନଙ୍କ ସମସ୍ତ କଥାଭାଷା ଏବଂ କାର୍ଯ୍ୟକଳାପର ଭିଡ଼ିଓ ରେକର୍ଡ଼ିଂ କରିଥିବା ଜଣାପଡ଼ିଛି।

ପେଗାସସ୍ ହ୍ୟାକିଂର ଶିକାର ହୋଇଥିବା ବ୍ୟକ୍ତିଙ୍କ ତାଲିକାରେ ବିଶ୍ୱର ତିନୋଟି ଦେଶର ରାଷ୍ଟ୍ରପତି, ୧୦ଟି ଦେଶର ପ୍ରଧାନମନ୍ତ୍ରୀ, ୭ ଜଣ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସମେତ ଅନେକ ଦେଶର ବିରୋଧୀ ଦଳଗୁଡ଼ିକର ପ୍ରମୁଖ ନେତା, ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି, ବରିଷ୍ଠ ପୋଲିସ ଓ ସେନା ଅଧିକାରୀ ଏବଂ ଅନେକ ସାମ୍ବାଦିକଙ୍କ ନାମ ରହିଛି। ପେଗାସସ୍ ନଜରଦାରି ଜରିଆରେ ନିକଟ ଅତୀତରେ ଦୁଇ ଜଣ ସାମ୍ବାଦିକଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ସରକାରଙ୍କୁ ସମାଲୋଚନା କରୁଥିବା ଯୋଗୁ ସାଉଦିଆରବ ସରକାର ଗତବର୍ଷ 'ୱାଶିଂଟନ ପୋଷ୍ଟ'ର ସ୍ଥାନୀୟ ସାମ୍ବାଦିକ ଜମାଲ ଖାସୋଗୀଙ୍କୁ ହତ୍ୟା କରିଥିବା ବେଳେ ମେକ୍ସିକୋର ସରକାର ବିରୋଧୀ ସାମ୍ବାଦିକ ସିସୋଲିଓ ପେନୋଜଙ୍କୁ ମଧ୍ୟ ପେଗାସସ୍ ଜରିଆରେ ହିଁ ନଜରଦାରି କରି ହତ୍ୟା କରାଯାଇଥିବା ଜଣାପଡ଼ିଛି। 'ଦି ୱାଇର୍'ର ତଥ୍ୟ ଅନୁଯାୟୀ ପେଗାସସ୍ ଗୁଇନ୍ଦାଗିରିର ଶିକାର ବ୍ୟକ୍ତିଙ୍କ ତାଲିକାରେ ଆମ ଦେଶର ଦୁଇ ଜଣ କେନ୍ଦ୍ରମନ୍ତ୍ରୀ, ସୁପ୍ରିମକୋର୍ଟର ବିଚାରପତି, ସେନା ଓ ପୋଲିସର ବରିଷ୍ଠ ଅଧିକାରୀ, ସିବିଆଇର ପୂର୍ବତନ ମୁଖ୍ୟ, ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର, କିଛି ବୈଜ୍ଞାନିକ ତଥା ବିଭିନ୍ନ ବିରୋଧୀଦଳର ପ୍ରମୁଖ ନେତାଙ୍କ ସମେତ ଦେଶର ୪୦ ଜଣ ସାମ୍ବାଦିକ ରହିଛନ୍ତି। ଏପରିକି ସରକାରଙ୍କ ଟାର୍ଗେଟ୍‌ରେ ରହିଥିବା ଉପରୋକ୍ତ ବ୍ୟକ୍ତିମାନଙ୍କ ପରିବାରର ସଦସ୍ୟ ଓ ସଦସ୍ୟାମାନେ ମଧ ରହିଛନ୍ତି।

ଆଇନ ଅନୁଯାୟୀ ସରକାର ଦେଶର ସୁରକ୍ଷା ଦୃଷ୍ଟିରୁ ସନ୍ଦିଗ୍ଧ ମନେ କରୁଥିବା କୌଣସି ନାଗରିକର ଫୋନ୍‌କୁ ରେକର୍ଡ଼ କରିପାରିବେ। କିନ୍ତୁ ଏଥିପାଇଁ ଭାରତୀୟ ଟେଲିଗ୍ରାଫ୍ ଆଇନ-୧୮୮୫ରେ ଏକ ପ୍ରକ୍ରିୟା ରହିଛି। ଏଥିପାଇଁ ସରକାରଙ୍କ ନିର୍ଦ୍ଦିଷ୍ଟ ଅଧିକୃତ ଅଧିକାରୀମାନଙ୍କ ପାଖରୁ ଏକ ଲିଖିତ ଅନୁମତି ଆଣିବାକୁ ହେବ। କିନ୍ତୁ ଗ୍ରୀକ୍ ପୁରାଣର 'ଉଡ଼ନ୍ତା ଘୋଡ଼ା' ରୂପେ ପରିଚିତ ପେଗାସସ୍ ଏକ ସାଧାରଣ ନଜରଦାରି କିମ୍ବା ଫୋନ୍ ଟ୍ୟାପିଂ ନୁହେଁ। ଏହା ଗୋଇନ୍ଦା ଭୂତାଣୁ ବା ସ୍ପାଇୱେର୍ ଜରିଆରେ କୌଣସି ବ୍ୟକ୍ତିର ମୋବାଇଲରେ ତା'ର ସମ୍ପୂର୍ଣ୍ଣ ଅଜଣାତରେ ପଶି ତା'ର ଫୋନ୍‌କୁ ହ୍ୟାକିଂ କରିଥାଏ। କେବଳ ସେତିକି ନୁହେଁ ସମ୍ପୃକ୍ତ ଫୋନ୍‌ର ମାଇକ୍ ଓ କ୍ୟାମେରାକୁ ନିଜର ଇଚ୍ଛା ମୁତାବକ ଖୋଲି ଫୋନ୍ ବନ୍ଦଥିବା ଅବସ୍ଥାରେ ମଧ ଫୋନ୍‌ର ଚାରିପାଖରେ ଘଟୁଥିବା ସମସ୍ତ ଘଟଣାର ଶବ୍ଦ ଓ ଚିତ୍ରକୁ ଉତ୍ତୋଳନ କରି ସଂଗ୍ରହ କରାଯାଇପାରେ। ଭାରତର ସୂଚନା ଓ ପ୍ରଯୁକ୍ତି ଆଇନ- ୨୦୦୦ର ଧାରା ୬୯ ଅନୁଯାୟୀ ଏହା ଏକ ଦଣ୍ଡନୀୟ ଅପରାଧ। ସରକାର ପେଗାସସ୍ ଜରିଆରେ ନାଗରିକମାନଙ୍କ ବ୍ୟକ୍ତିଗତ କଥାଭାଷା ଓ ଭିଡ଼ିଓକୁ ଯେଉଁଭଳି ସଂଗ୍ରହ କରୁଛନ୍ତି, ତାହା ସେମାନଙ୍କ ବ୍ୟକ୍ତିଗତ ନିଜତାର ଅଧିକାର, ଯାହାକି ଏକ ମୌଳିକ ଅଧିକାର ରୂପେ ସ୍ୱୀକୃତ ହୋଇସାରିଛି, ତା'ର ଖୋଲା ଉଲ୍ଲଂଘନ।

କେବଳ ସେତିକି ନୁହେଁ, ସରକାର ନିଜର ରାଜନୈତିକ ବିରୋଧୀମାନଙ୍କୁ ଆତଙ୍କବାଦୀ ବୋଲି ଅଭିଯୁକ୍ତ କରିବା ପାଇଁ ସେମାନଙ୍କ ଫୋନ୍‌କୁ ହ୍ୟାକ୍ କରି, ତା'ର ମେଲ୍‌ରେ ଆପତ୍ତିଜନକ ଦସ୍ତାବିଜକୁ ସଂଲଗ୍ନ କରିବା ବି ଦେଖାଯାଇଛି। ବହୁଚର୍ଚ୍ଚିତ ଭୀମା କୋରେଗାଓଁ ମାମଲାରେ ଅଭିଯୁକ୍ତ ରହି ଜେଲରେ ବନ୍ଦୀ ରହିଥିବା ବୁଦ୍ଧିଜୀବୀମାନଙ୍କ କମ୍ପ୍ୟୁଟରକୁ ହ୍ୟାକିଂ କରି ଏଭଳି ଆପତ୍ତିଜନକ ଦସ୍ତାବିଜ ଭର୍ତ୍ତି କରି ସେମାନଙ୍କ ବିରୋଧରେ ମିଥ୍ୟା ଓ କପୋଳକଳ୍ପିତ ଅଭିଯୋଗ ଅଣାଯାଇଥିବା ଜଣାପଡ଼ିଛି। ଏଭଳି କାର୍ଯ୍ୟ କେବଳ ଜଣେ ବ୍ୟକ୍ତିର ମୌଳିକ ଅଧିକାରର ଉଲ୍ଲଂଘନ ନୁହେଁ, ବରଂ ଅତ୍ୟନ୍ତ ଆପରାଧିକ କୃତ୍ୟ, ଯାହାକି ଦେଶକୁ ଏକ ଆତଙ୍କବାଦୀ ଓ ଏକଚ୍ଛତ୍ରବାଦୀ ରାଷ୍ଟ୍ରରେ ପରିଣତ କରିଦେବାର ସମ୍ଭାବନା ରହିଛି। କାରଣ କ୍ଷମତାରେ ଥିବା ଦଳ ଏହା ଜରିଆରେ ନିଜର ରାଜନୈତିକ ବିରୋଧୀମାନଙ୍କ ନଜରଦାରି କରି ସେମାନଙ୍କୁ ବ୍ଲାକ୍‌ମେଲ କରିବାର ଏପରିକି ହତ୍ୟା କରିବାର ବି ସମ୍ଭାବନା ରହିଛି। ଦୁଇ ବର୍ଷ ତଳେ କର୍ଣ୍ଣାଟକରେ ହୋଇଥିବା ସରକାର ପରିବର୍ତ୍ତନ ପାଇଁ ବି ପେଗାସସ୍‌ର ସହାୟତା ନିଆଯାଇଥିବାର ଅଭିଯୋଗ ଇତିମଧ୍ୟରେ ଆସିଛି।

ପେଗାସସ୍‌ର ନିର୍ମାତା ଇସ୍ରାଏଲର ଘରୋଇ କମ୍ପାନୀ ଏନ୍ଏସ୍‌ଓ, ଇତି ମଧ୍ୟରେ ସ୍ପଷ୍ଟୀକରଣ ଦେଇ କହିଛି ଯେ, ସେମାନେ ଏହି ସଫ୍ଟୱେରକୁ କୌଣସି ବ୍ୟକ୍ତି ବିଶେଷ ବା ସଂଗଠନ ନୁହେଁ, କେବଳ ସରକାରମାନଙ୍କୁ ହିଁ ବିକ୍ରି କରୁଛନ୍ତି। ଇସ୍ରାଏଲ ସରକାର ଆତଙ୍କବାଦ ଓ ସଙ୍ଗଠିତ ଅପରାଧର ମୁକାବିଲା ପାଇଁ ଏହାକୁ ଏକ ହତିଆର ଶ୍ରେଣୀରେ ରଖିଛନ୍ତି। ତେବେ ଉପରୋକ୍ତ ଉଦ୍ଦେଶ୍ୟ ବ୍ୟତୀତ ଅନ୍ୟ କୌଣସି ଉଦ୍ଦେଶ୍ୟରେ ଏହାର ବ୍ୟବହାର ହୋଇପାରିବ ନାହିଁ ବୋଲି କମ୍ପାନୀ ପକ୍ଷରୁ ସ୍ପଷ୍ଟ କୁହାଯାଇଛି। ଏପରିକି କୌଣସି ବିଦେଶୀ ଟାର୍ଗେଟ୍ ପାଇଁ ପେଗାସସ୍‌ର ଉପଯୋଗ ହୋଇପାରିବ ନାହିଁ ବୁଝାମଣା ପତ୍ରରେ କୁଆଡ଼େ ସ୍ପଷ୍ଟ କରାଯାଇଛି। କୌଣସି ଦେଶ ସହିତ ଯୁଦ୍ଧାସ୍ତ୍ର ବିକ୍ରିର ବୁଝାମଣା ପରି ଇସ୍ରାଏଲ ସରକାରଙ୍କ ଅନୁମତି ପରେ ହିଁ କମ୍ପାନୀ ପେଗାସସ୍ ସଫ୍ଟୱେର ବିକ୍ରି କରୁଛି। ଏପରିକି ବିକ୍ରି ପାଇଁ ଅନୁମତି ଦେବା ପୂର୍ବରୁ ଇସ୍ରାଏଲ ସରକାର ସମ୍ପୃକ୍ତ ଦେଶର ମାନବାଧିକାର ରେକର୍ଡ଼କୁ ଦେଖିଥାନ୍ତି ବୋଲି ମଧ କୁହାଯାଇଛି।

ପେଗାସସ୍ ନଜରଦାରିରେ ଭାରତର ଏତେ ସଂଖ୍ୟକ ବିଶିଷ୍ଟ ରାଜନେତା, ସାମ୍ବାଦିକ, ସାମାଜିକ କର୍ମୀ ଆସିବା ପରେ ସାରା ଦେଶରେ ଏହାକୁ ନେଇ ପ୍ରତିକ୍ରିୟା ସୃଷ୍ଟି ହେବା ସ୍ୱାଭାବିକ। ସଂସଦର ଚଳିତ ମୌସୁମୀ ଅଧିବେଶନର ପ୍ରଥମ ଦିନରୁ ଏହାର ପ୍ରତିବାଦରେ ତଥା ନିରପେକ୍ଷ ତଦନ୍ତ ଦାବିରେ ବିରୋଧୀ ଦଳମାନେ ଜୋରଦାର ପ୍ରତିକ୍ରିୟା ଜଣାଇଛନ୍ତି। ପଶ୍ଚିମବଙ୍ଗ ସରକାର ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ମଦନ ଲୋକୁରଙ୍କ ଅଧ୍ୟକ୍ଷତାରେ ଏକ ବିଚାର ବିଭାଗୀୟ କମିଶନ ଗଠନ କରି ତା'ର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ବିଶିଷ୍ଟ ସାମ୍ବାଦିକ ଏନ୍. ରାମ ଏନେଇ ସୁପ୍ରିମ୍‌କୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଛନ୍ତି।

ପେଗାସସ୍ ମାମଲାରେ କେନ୍ଦ୍ରର ମୋଦି ସରକାରଙ୍କ ଭୂମିକାଟି "ଲୁଚିଛି ନା ଗୋଡ଼ ଦି'ଟା ଦୁଶୁଛି" ପରି ମନେହେଉଛି। ବିରୋଧୀ ଦଳମାନଙ୍କ ବାରମ୍ବାର ଦାବି ସତ୍ତ୍ୱେ ସରକାର ଏଯାଏ ଏହି ସଫ୍ଟୱେରକୁ କିଣିଛନ୍ତି ନା ନାହିଁ ବୋଲି କହିବାକୁ ସାହସ ଜୁଟାଇ ପାରି ନାହାନ୍ତି। କାରଣ ଯଦି କିଣିଥିବା କଥା ସ୍ୱୀକାର କରନ୍ତି ତା'ହେଲେ ତା'ର ଦୁରୁପଯୋଗ ହୋଇଥିବାର ଅଭିଯୋଗଟି ପ୍ରମାଣିତ ହୋଇଯିବ। ନିଜର ରାଜନୈତିକ ସ୍ୱାର୍ଥରେ ଏହାର ଦୁରୁପଯୋଗ କରିଛନ୍ତି ବୋଲି ସ୍ପଷ୍ଟ ହୋଇଗଲେ ସରକାର ଦେଶବାସୀଙ୍କ ଆଗରେ ବଦନାମ୍ ହେବା ସହ ପେଗାସସ୍ ଯୋଗାଣକାରୀ କମ୍ପାନୀ ଓ ଇସ୍ରାଏଲୀ ସରକାରଙ୍କ ସହ କରିଥିବା ଚୁକ୍ତିନାମାର ଉଲଂଘନ କରିଥିବା ପ୍ରମାଣିତ ହୋଇଯିବ। ଇତିମଧ୍ୟରେ ଫ୍ରାନ୍ସର ପ୍ରମୁଖ ଖବରକାଗଜ 'ଲା ମୁନ୍' ୨୦୧୭ ଜୁଲାଇରେ ମୋଦିଙ୍କ ଇସ୍ରାଏଲ ଗସ୍ତ ସମୟରେ ଏନେଇ ବୁଝାମଣା ହୋଇଥିବା ଆଶଙ୍କା କରି ଖବର ପ୍ରକାଶ କରିଛି। ମୋଦିଙ୍କ ଇସ୍ରାଏଲ ଗସ୍ତ ପରେ ହିଁ ଦେଶର ନାଗରିକମାନଙ୍କ ଫୋନ୍‌କୁ ପେଗାସେସ୍ ଜରିଆରେ ହ୍ୟାକିଂ କରାଯାଇଥିବାର ଅଭିଯୋଗ ଆସିଥିବାରୁ ଉପରୋକ୍ତ ଖବରରେ ସତ୍ୟତା ରହିଥିବା ଅନୁମାନ କରାଯାଉଛି। ନିକଟରେ ଭାଜପା ସାଂସଦ ସୁବ୍ରମଣ୍ୟମ୍ ସ୍ୱାମୀ ବି କେନ୍ଦ୍ର ବଜେଟରେ ଜାତୀୟ ସୁରକ୍ଷା ପରିଷଦ ପାଇଁ ହୋଇଥିବା ବ୍ୟୟବରାଦରେ ଅଚାନକ ବୃଦ୍ଧି ହେବା ପଛରେ ଏହି ସଫ୍ଟୱେର କିଣାଯାଇଥିବାର ଆଶଙ୍କା କରିଛନ୍ତି।

ପେଗାସସ୍ ଜରିଆରେ ନଜରଦାରିଟି କେବଳ ସରକାରଙ୍କ ସହ ଭିନ୍ନମତ ରଖିଥିବା ନାଗରିକମାନଙ୍କ ମଧ୍ୟରେ ହିଁ ସୀମିତ ନୁହେଁ। ଖୋଦ୍ ସରକାରଙ୍କ ବରିଷ୍ଠ ସେନା ଅଧିକାରୀ, ସିବିଆଇ, ବିଏସ୍‌ଏଫ୍ ଓ ଇଡିର ଶୀର୍ଷ ଅଧିକାରୀ ଏପରିକି ସୁପ୍ରିମକୋର୍ଟର ବିଚାରପତିମାନଙ୍କ ଫୋନ୍‌କୁ ବି ହ୍ୟାକ୍ କରାଯାଇ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ନିଆଯାଉଥିବାରୁ ଏଥିରେ ଜାତୀୟ ସୁରକ୍ଷାର ପ୍ରଶ୍ନ ବି ଜଡ଼ିତ ରହିଛି। କିନ୍ତୁ ପରିତାପର ବିଷୟ, ଏଭଳି ଏକ ସ୍ପର୍ଶକାତର ପ୍ରସଙ୍ଗରେ ସରକାର ତତ୍‌କ୍ଷଣାତ୍ ଘଟଣାର ତଦନ୍ତ କରିବାକୁ ତତ୍ପରତା ଦେଖାଇବା ପରିବର୍ତ୍ତେ ତାକୁ ଘଷ୍ଟ ଘୋଡ଼େଇବାକୁ ଚେଷ୍ଟା କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଦେଶର ନିରାପତ୍ତା, ଗଣତନ୍ତ୍ର ଏବଂ ନାଗରିକମାନଙ୍କ ନିଜତାକୁ ହନନ କରୁଥିବା ଏଭଳି ଏକ ସ୍ପର୍ଶକାତର ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ନିହାତି ଜରୁରୀ।

ମୋ : ୯୪୩୭୧୬୭୩୯୧

# ଚାଲ ଗାଁକୁ ଯିବା



ଦ୍ୱିତୀ ଚନ୍ଦ୍ର ସାହୁ

ଘରେ ପିଲା। ସ୍କୁଲରେ ତାଲା। ପିଲାଙ୍କ ନିକଟକୁ ଶିକ୍ଷା ପହଞ୍ଚାଇବା ଲାଗି ସମସ୍ତ ଚେଷ୍ଟା ପରେ ବି ସମସ୍ତଙ୍କ ନିକଟରେ ଶିକ୍ଷା ପହଞ୍ଚିପାରୁନି। ଆଧୁନିକ ବୈଷୟିକ କୌଶଳକୁ ବ୍ୟବହାର କରାଗଲେ ମଧ୍ୟ ପ୍ରତିଟି ପିଲା ସିଧାସଳଖ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି। ଡିଜିଟାଲ ମାଧ୍ୟମରେ ଶିକ୍ଷାଦାନ କିଛି ମାତ୍ରାରେ ଆଶା ପୂରଣ କରିପାରିଛି ବୋଲି ଭାବୁଛୁ। କିନ୍ତୁ ଭୌଗୋଳିକ ସ୍ଥିତି, ବୈଷୟିକ ଆହ୍ୱାନ ଓ ଭାଷା ସମସ୍ୟା ଏ ଦିଗରେ ପ୍ରମୁଖ ଅନ୍ତରାୟ ସୃଷ୍ଟି କରିଛି।

ଓଡ଼ିଶାରେ ପ୍ରାଥମିକ ଶିକ୍ଷା ଲାଗି ଡିଜିଟାଲ ମାଧ୍ୟମ ସେତେଟା ଫଳପ୍ରଦ ହୋଇପାରିନି। କେବଳ ଓଡ଼ିଶା ନୁହଁ, ଭାରତର ପ୍ରାୟ ସବୁ ରାଜ୍ୟର ସ୍ଥିତି ଏମିତି। ତେବେ ପିଲା ପଢ଼ିବେ କେମିତି? ଦେଶରେ ଦ୍ୱିତୀୟ ଲହରର ପ୍ରାଦୁର୍ଭାବ ତଥାପି କମିନି। ଏପରି କି ଆଗାମୀ ଦୁଇ ମାସ ମଧ୍ୟରେ ତୃତୀୟ ଲହର ଆରମ୍ଭ ହୋଇପାରେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆକଳନ କରାଯାଉଛି। ଏହା କାଳେ ପିଲାଙ୍କ ଲାଗି ଘାତକ ହେବ। ସ୍ୱଳ୍ପ ସମୟ ଭିତରେ ସମସ୍ତ ପିଲାଙ୍କୁ ଟିକାକରଣ କରିବା ବି ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫଳତଃ ଆଗାମୀ ଆହୁରି କିଛି ମାସ ପିଲା ବିଦ୍ୟାଳୟକୁ ଆସି ନ ପାରନ୍ତି। ଏଭଳି ପରିସ୍ଥିତିରେ ପ୍ରାଥମିକ ଶିକ୍ଷାକୁ ସଜାଡ଼ିବା ଚରମ ଆହ୍ୱାନ। ପ୍ରଥମ ଲହର ପରେ ପରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ପିଲାଙ୍କ ଶିକ୍ଷା ଲାଗି ଅଭିନବ ପ୍ରୟାସ ଆରମ୍ଭ ହୋଇଥିଲା। ଶିକ୍ଷକମାନେ ଗାଁରେ ପହଞ୍ଚି ଶିକ୍ଷାଦାନ କରିଥିଲେ। ଏହାର ତିନି ମାସ ପରେ ୟୁନିସେଫ୍ ଓ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଏହାର ମୂଲ୍ୟାୟନ କରାଯାଇଥିଲା। ବିକଳ୍ପ ଶିକ୍ଷାଦାନ ନେଇ କ୍ଷେତ୍ରସ୍ଥଳରୁ ପିଲା ଓ ଅଭିଭାବକ ପକ୍ଷରୁ ଅନୁକୂଳ ମନ୍ତବ୍ୟ ମିଳିଥିଲା। ଏଇ ବିକଳ୍ପ ଶିକ୍ଷାଦାନ ଆଗକୁ ଚାଲିବ ବୋଲି ଆଶା କରାଯାଉଥିଲା। କିନ୍ତୁ ବିଭିନ୍ନ ସମସ୍ୟା ହେତୁ ଏହାକୁ ଶିକ୍ଷାବର୍ଷ ଶେଷରେ ବନ୍ଦ କରାଯାଇଥିଲା। ଏବେ ଉଭୟ ଗଣଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଅନ୍‌ଲାଇନ ମାଧ୍ୟମରେ ଶିକ୍ଷାଦାନ ଆରମ୍ଭ ହୋଇଛି। ଏହି କ୍ରମରେ ଓଡ଼ିଶା ବ୍ୟତୀତ ଦେଶର ଅନ୍ୟ ରାଜ୍ୟମାନେ କୋଭିଡ୍ ସମୟରେ କିଭଳି ଶିକ୍ଷାଦାନ ବ୍ୟବସ୍ଥା କରିଛନ୍ତି ସେ ଦିଗରେ ଆଲୋଚନା କରିବା ଜରୁରୀ।

ଆସାମ ପକ୍ଷରୁ ଲୋକ ସଂଗୀତକୁ ଆଧାର କରି କିଶୋରୀ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। କୋଭିଡ୍ ସମୟରେ ମାନସିକ ସୁସ୍ଥତା ବଜାୟ ରଖିବା ଲାଗି ଗାଁସ୍ତରରେ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀଙ୍କ ଜରିଆରେ ବିଭିନ୍ନ ସାମାଜିକ ସମସ୍ୟା ଆଧାରିତ ସଚେତନଧର୍ମୀ ଲୋକ ସଂଗୀତ ଜରିଆରେ ପିଲାଙ୍କ ନିକଟରେ ଶିକ୍ଷା ପହଞ୍ଚାଇବାର ବ୍ୟବସ୍ଥା କରାଯାଇଛି। ଝାଡ଼ଖଣ୍ଡର ଆଦିବାସୀ ଅଞ୍ଚଳରେ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀଙ୍କୁ ନେଇ ବସ୍ତି ଅଞ୍ଚଳରେ ଛୋଟ ଛୋଟ ଦଳ କରି ପିଲାଙ୍କୁ ଆନନ୍ଦମୟ ଶିକ୍ଷଣ କାର୍ଯ୍ୟ ଜରିଆରେ ଶ୍ରେଣୀର ଦକ୍ଷତାଗୁଡ଼ିକୁ ପିଲାଙ୍କ ନିକଟରେ ପହଞ୍ଚା ଯାଉଛି। ଏଥିରେ ଗୋଷ୍ଠୀର ସହଭାଗିତା ଲୋଡ଼ାଯାଉଛି। ସେହିପରି କେରଳରେ 'ପଢ଼ନ ଉଦ୍ୟାନମ୍' ନାମରେ ଏକ ସ୍ୱତନ୍ତ୍ର ଶିକ୍ଷା ଅଭିଯାନ ଆରମ୍ଭ ହୋଇଛି। ଗୋଷ୍ଠୀର ଶିକ୍ଷିତ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀଙ୍କ ଜରିଆରେ ସାହି ଓ ବସ୍ତିରେ କର୍ମାନୁଭୂତିକ ଶିକ୍ଷାଦାନ ପ୍ରଦାନ କରାଯାଉଛି। ଅପରପକ୍ଷେ କେତେକ ରାଜ୍ୟରେ ଭ୍ରାମ୍ୟମାଣ ଗାଡ଼ି ଗାଁକୁଗାଁବୁଲିପିଲାଙ୍କ ନିକଟରେ ପହଞ୍ଚିଶିକ୍ଷାଦାନ ବ୍ୟବସ୍ଥା କରାଯାଉଛି। ଏସବୁ ରାଜ୍ୟରେ ଶିକ୍ଷାଦାନକ୍ରମରେ କୋଭିଡ୍ ନିୟମକୁ କଡ଼ାକଡ଼ି ଅନୁପାଳନ ପୂର୍ବକ ଗ୍ରାମାଞ୍ଚଳସ୍ତରରେ ପ୍ରତ୍ୟକ୍ଷ ଶିକ୍ଷାଦାନ ଦିଆଯାଉଛି।

ଭାରତ ବ୍ୟତୀତ ଅନ୍ୟ ଦେଶଗୁଡ଼ିକରେ କୋଭିଡ୍ ପରଠାରୁ ପିଲାଙ୍କୁ ପଢ଼ାଇବା ଲାଗି ଅନ୍‌ଲାଇନ ଶିକ୍ଷାଦାନ ବ୍ୟବସ୍ଥା ହୋଇଛି। ସମସ୍ତ ପ୍ରୟାସ ସତ୍ତ୍ୱେ ଶ୍ରୀଲଙ୍କାରେ ୩୯ ପ୍ରତିଶତ, ମାଳଦ୍ୱୀପରେ ୭୫ ପ୍ରତିଶତ, ଭୁଟାନରେ ୩୫ ପ୍ରତିଶତ ପିଲାଙ୍କ ନିକଟରେ ଅନ୍‌ଲାଇନ ପାଠପଢ଼ା ପହଞ୍ଚିପାରିଛି। ଭୌଗୋଳିକ ଓ ବୈଷୟିକ ପ୍ରତିବନ୍ଧକ ସେସବୁ ଦେଶରେ ଅନ୍‌ଲାଇନ ଶିକ୍ଷାକୁ ସଫଳ କରିପାରିନାହିଁ। ଏଇକାରଣରୁ ଶ୍ରୀଲଙ୍କାରେ କୋମେପିଟୁ ନାମରେ ଗୃହଭିତ୍ତିକ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି। ଶିକ୍ଷକ ଓ ସ୍ୱେଚ୍ଛାସେବୀମାନେ ଗାଁକୁ ଯାଇ ପିଲାଙ୍କୁ ନେଇ ବିଭିନ୍ନ ସକ୍ରିୟାତ୍ମକ ଶିକ୍ଷଣ କାର୍ଯ୍ୟକ୍ରମ ଜରିଆରେ ଶିକ୍ଷାଦାନ ଜାରି ରଖିଛନ୍ତି। ରେଡିଓ ଓ ସ୍ଥାନୀୟ ଖବରକାଗଜକୁ ମଧ୍ୟ ଶିକ୍ଷାଦାନ ଲାଗି ବ୍ୟବହାର କରାଯାଉଛି। ଭୁଟାନ ଓ ମାଳଦ୍ୱୀପରେ ବି ଗ୍ରାମ, ପଡ଼ାସ୍ତରରେ ପିଲାମାନଙ୍କୁ ନେଇ ଛୋଟ ଛୋଟ ଦଳ ଗଠନ କରି ବିଭିନ୍ନ ଶିକ୍ଷଣ କାର୍ଯ୍ୟ ଜରିଆରେ ପ୍ରାଥମିକ ଶିକ୍ଷାଦାନ ବ୍ୟବସ୍ଥା କରାଯାଉଛି। ଏଭଳି ଶିକ୍ଷାଦାନକୁ ଅଭିଭାବକ ଓ ପିଲାମାନେ ସ୍ୱାଗତ କରିଛନ୍ତି। ଏଥିରୁ ପ୍ରମାଣିତ ଯେ ପ୍ରତ୍ୟକ୍ଷ ଶିକ୍ଷାଦାନର ବିକଳ୍ପ ନାହିଁ।

ବିକଳ୍ପ ଶିକ୍ଷାଦାନ ବ୍ୟବସ୍ଥା ହିଁ କରୋନା କାଳରେ ପ୍ରାଥମିକ ଶିକ୍ଷା ପାଇଁ ହୁଏତ ଭଲ ବିକଳ୍ପ। ଗ୍ରାମକୁ ଯାଇ ପିଲାଙ୍କ ସହ ମିଶି କରୋନା ସମ୍ପର୍କରେ ସଚେତନତା ସୃଷ୍ଟି ସହ ସେମାନଙ୍କ ମନରେ ସରସତା ଭରିବା ଆବଶ୍ୟକ। ପିଲାଙ୍କ ମାନସିକ ସୁସ୍ଥତା ବଜାୟ ରଖିବା ସାମ୍ପ୍ରତିକ ସମୟରେ ବଡ ଆହ୍ୱାନ ହୋଇଥିବାରୁ ବିକଳ୍ପ ଶିକ୍ଷା ଏ ଦିଗରେ ନୂଆ ଆଶା ସଞ୍ଚାର କରିପାରିବ। ପ୍ରତ୍ୟହ କିଛି ଘଣ୍ଟା ପିଲାମାନଙ୍କୁ ବିଭିନ୍ନ ରୋଚକ କାର୍ଯ୍ୟରେ ଜଡ଼ିତ କରାଇବା ଏବଂ ସେହିକ୍ରମରେ ଭିଡିଓ, ଚିତ୍ର, ଖେଳ, ଗୀତ ଆଦି ଶିକ୍ଷଣ କୌଶଳ ଜରିଆରେ ଶିକ୍ଷଣ ଦକ୍ଷତାଗୁଡ଼ିକ ହାସଲ ଦିଗରେ ଚେଷ୍ଟା କରିବା ଏକ ଉତ୍ତମ ପ୍ରୟାସ। ଏଦିଗରେ ୟୁନିସେଫ୍ ଓ ରାଜ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ମିଳିତ ପ୍ରୟାସରେ ଗତ ଶିକ୍ଷା ବର୍ଷରେ କାର୍ଯ୍ୟକାରୀ ହୋଇଥିବା ଏଏଲ୍‌ଏମ୍‌ପି ନାମକ ବିକଳ୍ପ ଶିକ୍ଷାଦାନ ବ୍ୟବସ୍ଥା କେବଳ ଦେଶକୁ ନୁହେଁ ସମଗ୍ର ବିଶ୍ୱ ପାଇଁ ପଥ ପ୍ରଦର୍ଶକ ସାଜିଥିଲା। ପ୍ରଥମ ଲହରରେ ଏହା ବିଶେଷ ଫଳପ୍ରଦ ହୋଇଥିଲା। ଚଳିତ ବର୍ଷ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳରେ ସ୍ୱେଚ୍ଛାସେବୀଙ୍କୁ ଚୟନ ସହ ତାଲିମ ପ୍ରଦାନପୂର୍ବକ ଛୋଟ ଛୋଟ ଦଳ ଭିତ୍ତିରେ ଗ୍ରାମୀଣ ସ୍ତରରେ ଶିକ୍ଷାବନ୍ଧୁ ନାମରେ ବିକଳ୍ପ ଶିକ୍ଷାଦାନ ଦେବା ଲାଗି ପ୍ରୟାସ ଆରମ୍ଭ ହୋଇଛି। ଅପରପକ୍ଷେ ଆଦିମ ଜନଜାତି ପିଲାଙ୍କୁ ଶିକ୍ଷାଦାନ ଲାଗି ସ୍କୁଲ ଜ୍ଞାନ ସଂଯୋଗ କାର୍ଯ୍ୟକ୍ରମ ସହିତ ମୋବାଇଲ ଗାଡ଼ି ଜରିଆରେ ଗାଁକୁ ପହଞ୍ଚି ଶିକ୍ଷାଦାନ ଲାଗି ଯୋଜନା କରାଯାଇଛି। ଏସ୍‌ସିଇଆର୍‌ଟି, ଓଡ଼ିଶା ପକ୍ଷରୁ ସିଟି ତାଲିମ ନେଉଥିବା ପିଲାଙ୍କୁ ନେଇ ଗ୍ରାମୀଣସ୍ତରରେ ପ୍ରାଥମିକ ପିଲାଙ୍କୁ ଶିକ୍ଷାଦାନ ଲାଗି ସ୍ଥିର ହୋଇଛି। ଅନୁରୂପ ଭାବେ ଶିକ୍ଷକଙ୍କୁ ଗାଁ ଗାଁକୁ ପଠାଇ ଶିକ୍ଷାଦାନ ଲାଗି ଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ଚିନ୍ତା କରାଯାଉଛି। କରୋନା କାଳରେ ପିଲାଙ୍କ ମନରେ ହସ ଫୁଟାଇବା ସହ ନ୍ୟୂନତମ ଦକ୍ଷତାଗୁଡ଼ିକ ହାସଲ ଦିଗରେ ବିକଳ୍ପ ଶିକ୍ଷା ଲାଗି ଗାଁକୁ ଯିବା ଜରୁରୀ। ଅନ୍ୟଥା ବିଦ୍ୟାଳୟ ମୁହାଁ ପାଇଁ ଆମ ଅପେକ୍ଷା ହୁଏତ ପିଲାଙ୍କ ଶୈକ୍ଷିକ ପ୍ରଗତିରେ ବାଧକ ସାଜିବ। ଏଥର ଚାଲ ଗାଁକୁ ଯିବା। ପିଲାଙ୍କ ସହ ପିଲାଟିଏ ହୋଇ ହସି ହସେଇ ଶିଖିବା ଓ ଶିଖେଇବା।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା**
**ମୋ: ୯୪୩୭୯୦୯୬୭୧**

## ଏଇ ଭାରତରେ

ଭାରତର ଉତ୍ତରପୂର୍ବାଞ୍ଚଳରେ ଭୂସ୍ଖଳନ ଜନିତ ଧନ ଜୀବନ ହାନିକୁ ରୋକିବାକୁ ଆଇଆଇଟି(ମଣ୍ଡି)ର ଦୁଇ ଗବେଷକ ଡ. ବରୁଣ ଦତ୍ତ ଏବଂ ଡ.କେ.ଭି.ଉଦୟ ଏକ ଡିଭାଇସ୍ ବା ଯନ୍ତ୍ର ବିକାଶ କରିଛନ୍ତି। ଏହାର ଦାମ କମ୍ ଓ ଭୂସ୍ଖଳନ ହେବା ପୂର୍ବରୁ ଏହା ସଙ୍କେତ ପ୍ରଦାନ କରିପାରୁଛି। ଏବେ ସୁଦ୍ଧା ଏହି ଦୁଇ ବନ୍ଧୁଙ୍କ ଦ୍ୱାରା ନିର୍ମିତ ୧୩ ଟି ଡିଭାଇସ ହିମାଚଳପ୍ରଦେଶର ଭୂସ୍ଖଳନ ପ୍ରବଣ ଅଞ୍ଚଳରେ ଲଗାଯାଇଛି। ଆସନ୍ତା ଦୁଇ ବର୍ଷରେ ଆଉ ୨୦ଟି ଡିଭାଇସ ସ୍ଥାପନ କରାଯିବା ଲାଗି ମଣ୍ଡି ପ୍ରଶାସନ ସହ ଏକ ଚୁକ୍ତି କରାଯାଇଛି। ତେବେ ଏହାକୁ ନିର୍ମାଣ କରିବା ଲାଗି ଏମାନେ ୭ ଜଣିଆ ଟିମ୍ ଗଠନ କରିଛନ୍ତି। ଏଥିରେ ଆଇଆଇଟିର ଛାତ୍ର ଓ କର୍ମଚାରୀଙ୍କୁ ସାମିଲ କରିଛନ୍ତି। ସେମାନେ ଭୂସ୍ଖଳନ ପ୍ରବଣ ଅଞ୍ଚଳରେ ଗବେଷଣା କରି ଡିଭାଇସ ଲଗାଇବାରେ ସହଯୋଗ କରୁଛନ୍ତି। ଏଥିରେ ଥିବା ସେନ୍‌ସର ପାଗର ସ୍ଥିତି, ବର୍ଷାର ତୀବ୍ରତା ଏବଂ ମାଟି ଓ ପଥରର ଗତିକୁ ନିରୂପଣ କରିପାରୁଛି ଓ ଇଣ୍ଟରନେଟ ଅଫ ଥିଙ୍ଗସ (ଆଇଓଟି) ସଂଗୃହୀତ ତଥ୍ୟକୁ ସେଣ୍ଟ୍ରାଲ ସିଷ୍ଟମକୁ ପ୍ରେରଣ କରୁଛି। ୨୦୧୮ରେ ଏହି ଦୁଇ ବନ୍ଧୁ 'ଇଣ୍ଟିଓଟ ସର୍ଭିସ' ଷ୍ଟାର୍ଟଅପ୍ ଗଠନ କରି ପ୍ରଥମ ଡିଭାଇସ ନିର୍ମାଣ କରିବା ପରେ ତାହାକୁ ଘଡପା ହିଲ୍‌ରେ ଲାଗଇଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

ଘ ୩୧ ଜୁଲାଇ ୧୯୯୬

- ସନ୍ତୋଷ କୁମାର ମିଶ୍ର ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ନୂତନ ନିର୍ଦ୍ଦେଶକ ଭାବରେ ନିଯୁକ୍ତି ପାଇଛନ୍ତି।
- ନିଖିଳ ବୋଡୋ ଛାତ୍ରସଂଘର ଅଧ୍ୟକ୍ଷ ବାସୁମତାରୀଙ୍କୁ କୋକ୍ରାଝାରସ୍ଥିତ ବାସଭବନରେ କେତେକ ସନ୍ଦିଗ୍ଧ ଉଗ୍ରପନ୍ଥୀ ଗୁଳିକରି ହତ୍ୟା କରିଛନ୍ତି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 8 | 2 | |
| | 1 | | 4 | | | 6 | | |
| | | | 8 | | 9 | | 5 | |
| 7 | 8 | | | | | 2 | 9 | |
| | 6 | 2 | | | 7 | | | |
| | | | | | | | | |
| | 2 | 4 | | | 3 | | | |
| | | 5 | | | 6 | | 7 | |
| 6 | 7 | | 2 | 5 | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 8 | 2 | 3 | 1 | 9 | 7 | 6 |
| 7 | 3 | 6 | 4 | 9 | 5 | 1 | 2 | 8 |
| 9 | 2 | 1 | 6 | 8 | 7 | 3 | 4 | 5 |
| 3 | 6 | 9 | 5 | 4 | 8 | 2 | 1 | 7 |
| 8 | 1 | 5 | 7 | 2 | 9 | 4 | 6 | 3 |
| 2 | 4 | 7 | 3 | 1 | 6 | 5 | 8 | 9 |
| 6 | 8 | 4 | 9 | 5 | 2 | 7 | 3 | 1 |
| 1 | 9 | 3 | 8 | 7 | 4 | 6 | 5 | 2 |
| 5 | 7 | 2 | 1 | 6 | 3 | 8 | 9 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଏନ୍‌କାଉଣ୍ଟର ପୋଲିସର କର୍ତ୍ତବ୍ୟ ପରାୟଣତାକୁ ପ୍ରକାଶ କରୁଛି

ମହାଶୟ,

ପୋଲିସ ଏନ୍‌କାଉଣ୍ଟର୍‌ରେ ମୃତ୍ୟୁବରଣ କରିବାରେ ଆଇନର ମର୍ଯ୍ୟାଦା ଉଲ୍ଲଂଘନ ହେଉନାହିଁ। ଯଥାର୍ଥରେ, 'ଗ୍ୟାଙ୍ଗଷ୍ଟର୍ ହାଇଦର୍ ଏନ୍‌କାଉଣ୍ଟର୍' ପୋଲିସ ବିଭାଗର କର୍ମନିପୁଣତାରେ ସ୍ୱଚ୍ଛତାର ଆଭିମୁଖ୍ୟ ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ପୋଲିସଙ୍କ ଭାବମୂର୍ତ୍ତି ବୃଦ୍ଧି କରିଛି। ସାଧାରଣ ଲୋକଙ୍କ ନିକଟରେ ବିଶ୍ୱାସ ଭାଜନ ହୋଇଛି ପୋଲିସ। ତେଣୁ ଜଘନ୍ୟ ଅପରାଧରେ ସଂପୃକ୍ତ ଅପରାଧୀମାନେ ପୋଲିସ ହାତରୁ ଖସିଯିବାର ପୁନରାବୃତ୍ତି ଯେପରି ନ ହୁଏ, ସେଥିପାଇଁ ପ୍ରଶାସନିକ ଅଧିକାରୀମାନେ ନିଜ ଦାୟିତ୍ୱ ପ୍ରତି ଯତ୍ନବାନ ହେବା ଆବଶ୍ୟକ। ସଂକ୍ଷେପରେ, ଅପରାଧମୁକ୍ତ ସମାଜ ଗଠନ କରିବାରେ ପୋଲିସ ବିଭାଗ, ନ୍ୟାୟପାଳିକା ଚେଷ୍ଟିତ ହେବା ଦରକାର।

-ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନିରାକାର କୋଳେ ମୋର
ସାକାର ଜୀବନ ଯିବି ରଚି,
ନାହିଁ ମଧ୍ୟେ ଚିତ୍କାରିବି
ଅଛି ସବୁ ଅଛି! ଅଛି! ଅଛି!
-(ଶୂନ୍ୟ ଚିନ୍ତା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୩୧ ଜୁଲାଇ, ୨୦୨୧



**ମାଟ୍ରିକ ଅଫ୍‌ଲାଇନ ପରୀକ୍ଷା: ୫୬ ଜଣଙ୍କ ଅଂଶଗ୍ରହଣ**

ଦେବଗଡ଼,(ଡି.ଏନ.ଏ): ଦେବଗଡ଼ ଜିଲାରେ ମାଟ୍ରିକ ଅଫ୍ ଲାଇନ ପରୀକ୍ଷା ହୋଇଯାଇଛି। ଜିଲା ସଦର ମହକୁମାସ୍ଥିତ ରାଜା ବାସୁଦେବ ହାଇସ୍କୁଲ ଓ ଟାଉନ ହାଇସ୍କୁଲ ସମେତ ବାରକୋଟସ୍ଥିତ ଉଁରା ହାଇସ୍କୁଲ ଓ ରିଆମାଳ ରିଆମାଳ ହାଇସ୍କୁଲ ଆଦି ୪ଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଛି। ୮୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୬ ଉପସ୍ଥିତ ରହି ଅଂଶଗ୍ରହଣ କରିଥିଲେ। ୨୯ ଅନୁପସ୍ଥିତ ଥିଲେ। ପରୀକ୍ଷା ଦେବା ପାଇଁ ଆବେଦନ କରିଥିବା ଉପରୋକ୍ତ ୮୫ଙ୍କ ମଧ୍ୟରୁ ୧୦ ରେଗୁଲାର, ୬ ଏକ୍ସ ରେଗୁଲାର, ୮ ପତ୍ରମାଧମ ଓ ୬୧ ଏସ୍‌ଆଇଓଏସ୍ (ଷ୍ଟେଟ ଇନ୍‌ଷ୍ଟିଚ୍ୟୁଟ ଅଫ ଓପନ ସ୍କୁଲ)ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩ରେଗୁଲାର, ୪ ଏକ୍ସ ରେଗୁଲାର, ୮ ପତ୍ର ମାଧମ ଓ ୪୧ ଏସ୍‌ଆଇଓଏସ୍ ପରୀକ୍ଷାର୍ଥୀ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଶୋଇବା ଘରୁ ନାଗ ସାପ ଉଦ୍ଧାର



କୁତ୍ରା,୩୦।୭(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁତ୍ରା ବାସନ୍ତି କଲୋନୀର ସପ୍ନେଶ୍ୱର ମାଝୀଙ୍କ ଶୋଇବା ଘରୁ ଗୁରୁବାର ରାତ୍ରିରେ ଏକ ନାଗ ସାପ ଉଦ୍ଧାର ହୋଇଛି । ଗତ ରାତିରେ ସପ୍ନେଶ୍ୱର ଶୋଇବାକୁ ଯିବା ବେଳେ ଏକ ନାଗ ସାପ ଗର୍ଜନ କରୁଥିବା ଶୁଣିବାକୁ ପାଇଥିଲେ। ପରେ ସାପକୁ ଦେଖି ଭୟରେ ଛାନିଆଁ ହୋଇ ବଡଗାଁର ସାପ ଧରାଳିଙ୍କୁ ଖବର ଦେଇଥିଲେ । ସେମାନେ ଆସି ଏକ ୪ ଫୁଟିଆ ନାଗ ସାପ ଉଦ୍ଧାର କରି ସ୍ଥାନୀୟ ଜଙ୍ଗଲରେ ଛାଡି ଦେଇଥିଲେ ।

### ଆମ୍ବଗଛ ତଳୁ ମିଳିଲା ନବଜାତ ଶିଶୁପୁତ୍ର

ରାଉରକେଲା ଅଫିସ୍, ୩୦।୭: ରାଉରକେଲାର ସେକ୍ଟର-୨୦ର ମିଶ୍ର ଖଟାଲ ମନ୍ଦିର ନିକଟ ଆମ୍ବଗଛ ମୂଳରେ ଶୁକ୍ରବାର ଏକ ନବଜାତ ଶିଶୁପୁତ୍ରକୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ପୋଲିସ ଓ ଚାଇଲ୍ଡ ଲାଇନ ଟିମ୍ ପହଞ୍ଚି ଶିଶୁଟିକୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଶିଶୁ ଦେହର କିଛି ସ୍ଥାନରେ କ୍ଷତ ଚିହ୍ନ ରହିଛି। କିଏ ଓ କାହିଁକି ଶିଶୁଟିକୁ ଫିଙ୍ଗି ଦେଇଛି ତାହା ଜଣାପଡିନାହିଁ। ସେକ୍ଟର-୧୯ ପୋଲିସ ଘଟଣାର ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ସକାଳ ପ୍ରାୟ ୭ଟାରେ ସ୍ଥାନୀୟ ଲୋକେ ଆମ୍ବଗଛ ତଳେ ଶିଶୁର କାନ୍ଦ ଶୁଣି ସେଠାକୁ ଯାଇଥିଲେ। ନବଜାତ ଶିଶୁପୁତ୍ରକୁ ଦେଖି ସେମାନେ ସେକ୍ଟର-୧୯ ପୋଲିସ ଓ ଚାଇଲ୍ଡ ଲାଇନକୁ ସୂଚନା ଦେଇଥିଲେ। ଏହି ଖବର ପ୍ରସାରିତ ହେବା ପରେ ଶିଶୁଟିକୁ ଦେଖିବାକୁ ଘଟଣାସ୍ଥଳରେ ଲୋକଙ୍କ ଭିଡ ଜମିଥିଲା। ତେବେ ଲୋକଲଜ୍ଜାରୁ ବର୍ତ୍ତିବା ପାଇଁ କେହି କୁଆଁରୀ ମା’ ନବଜାତ ଶିଶୁଟିକୁ ଫିଙ୍ଗି ଦେଇଥାଇପାରନ୍ତି ବୋଲି ଅନୁମାନ କରାଯାଉଛି।

### ବେକରେ ଚୁନି ଲଗାଇ ମହିଳାଙ୍କ ଆତ୍ମହତ୍ୟା

ଟେନ୍‌ସା,୩୦।୭(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ ପାଟମୁଣ୍ଡା ନିକଟ ପୋଡାଡ଼ିହି ଗ୍ରାମରେ ଗୁରୁବାର ରାତିରେ ମନ୍ଦିନ ମୁଣ୍ଡା(୧୯) ନିଜ ଚୁନି ବେକରେ ଲଗାଇ ଆତ୍ମହତ୍ୟା କରିଛନ୍ତି। ଖବରପାଇ କୋଇଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବଦ କରି ବ୍ୟବଚ୍ଛେଦ ନିମନ୍ତେ କୋଇଡା ପଠାଇଛି । ଏନେଇ କୋଇଡା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୦୨୧) ରୁଜୁ ହୋଇଛି। କେନ୍ଦୁଝର ଜିଲା ବାମ୍ବାରି ଥାନା ଅନ୍ତର୍ଗତ ଓନଶପାଲି ଅଞ୍ଚଳର ଅଶୋକ ମୁଣ୍ଡା(୨୧) କୋଇଡାର ପାଟମୁଣ୍ଡାର ପୋଡାଡ଼ିହି ଗ୍ରାମର ସୁରଜ ମୁଣ୍ଡାଙ୍କ ଝିଅ ମନ୍ଦିନଙ୍କୁ ଭଲ ପାଇ ବିବାହ କରିଥିଲେ। କୌଣସି କାରଣକୁ ନେଇ ସ୍ୱାମୀସ୍ତ୍ରୀ ମଧ୍ୟରେ ଝଗଡା ହୋଇଥିଲା ।ଗତ ଦୁଇଦିନ ତଳେ ଅଶୋକ ଆତ୍ମହତ୍ୟା କରିଥିଲେ। ମନ୍ଦିନଙ୍କ ବାପା ଝିଅକୁ ପାଟମୁଣ୍ଡା ନେଇ ଆସିଥିଲେ। ହେଲେ ରାତିରେ ସମସ୍ତେ ଖାଇ ପିଇ ଶୋଇ ସାରିବା ପରେ ମନ୍ଦିନ ଘରେ ଥିବା ଲାଟିନ ଭିତରେ ନିଜ ଚୁନି ସାହାଯ୍ୟରେ ବେକରେ ଲଗାଇ ଆତ୍ମହତ୍ୟା କରିଥିଲେ।

### ଭାଜପା ଲହୁଣୀପଡା ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ

ଲହୁଣୀପଡା,୩୦।୭(ଡି.ଏନ.ଏ): ଲହୁଣୀପଡା ବ୍ଲକ ରାଜାମୁଣ୍ଡା ସ୍ଥିତ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟଠାରେ ଲହୁଣୀପଡା ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲା ସଭାପତି ଅନିଲ ବାର୍ଲା ଯୋଗଦେଇଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାହାସ ବିହାରୀ ପ୍ରଧାନ, ବ୍ଲକ ପ୍ରଭାରୀ ମନୋଜ ପ୍ରଧାନ, ମଣ୍ଡଳ ପ୍ରଭାରୀ ବାସୁଦେବ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସେବତୀ ନାଏକ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ମଣ୍ଡଳ ସଭାପତି ନମିତା ମହାନ୍ତ ଅଧ୍ୟକ୍ଷତା କରିଥିବା ବେଳେ ମଣ୍ଡଳ ସାଧାରଣ ସମ୍ପାଦକ ନାରାୟଣ କୁମ୍ଭାର ସଞ୍ଚାଳନ କରିଥିଲେ । ଜିଲା ଉପସଭାନେତ୍ରୀ ଦିବ୍ୟମଞ୍ଜରୀ ଶେଖର ଦେଓ, ଜିଲା ସମ୍ପାଦକ ବନ୍ଦିତା ମାହାନ୍ତ ଉପସ୍ଥିତ ଥିଲେ।

# ଧମକ ଦେଇ ଟଙ୍କା ଆଦାୟ: ୫ ଗିରଫ

ରାଜଗାଙ୍ଗପୁର,୩୦।୭(ଡି.ଏନ.ଏ)

ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ରାଣୀବନ୍ଧ ହାଇୱେ ଜଲାନ ପେଟ୍ରୋଲ ପମ୍ପ ନିକଟରେ ଗତ ରାତିରେ ନିଜକୁ ଫାଇନାନ୍ସ କମ୍ପାନୀର ଲୋକ କହି ଟ୍ରକଠାରୁ ଜୋରଜବରଦସ୍ତ ରେପୋଚାର୍ଜ ମାଗିବା ଅଭିଯୋଗରେ ରାଜଗାଙ୍ଗପୁର ପୋଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାରୁ ପ୍ରକାଶ ଯେ, ପାନପୋଷ ନିବାସୀ ମହମ୍ମଦ ତସଲିମଙ୍କ ୧୨ ଚକିଆ ଟ୍ରକ ନଂ. ଓଡି ୧୪ ଆର– ୧୭୭୮ କୋଇଡାରୁ ଲୁହାପଥର ନେଇ ବାମଡା ଯାଉଥିଲା । ରାଜଗାଙ୍ଗପୁରର ରାଣୀବନ୍ଧ ପେଟ୍ରୋଲ ପମ୍ପ ନିକଟ ହାଇୱେରେ ୧୦ ରୁ ୧୫ ଜଣ ଯୁବକ ୨ଟି କାରରେ ଆସି ଟ୍ରକଟିକୁ ଅଟକାଇଥିଲେ ଓ ଡ୍ରାଇଭରକୁ କହିଥିଲେ ତୁମ ଟ୍ରକର ଇନଷ୍ଟଲମେଣ୍ଟ ଫେଲ ଅଛି। ତେଣୁ ତୁମେ ୧୨ ହଜାର ୫୦୦ ଦେଲେ ଗାଡି ଛାଡିବୁ ନହେଲେ ଗାଡିକୁ ନେଇ ଯିବୁ, ତୁମ ମାଲିକଙ୍କୁ ଫୋନ କର। ଡ୍ରାଇଭର ମାଲିକଙ୍କୁ ଫୋନ ଲଗାଇ ସେମାନଙ୍କୁ ଫୋନ ଦେଇଥିଲା ଓ ଏହି ଘଟଣା ସମ୍ବନ୍ଧରେ ମାଲିକ ତସଲିମ ଅବଗତ ହୋଇ ଆସୁଛି ବୋଲଇ କହିଥିଲା, ତସଲିମଙ୍କ କୌଣସି ଇନଷ୍ଟଲମେଣ୍ଟ ବାକି ନଥିଲଶ, ତେଣୁ ତାଙ୍କ ମନରେ ସନ୍ଦେହ ଜାତ ହେଲା । ସେ ତୁରନ୍ତ ରାଉରକେଲା ଟିପର ସଂଘ ଓ ରାଜଗାଙ୍ଗପୁର ଟ୍ରକ ମାଲିକ ସଂଘକୁ ଏହି ବିଷୟରେ ଜଣାଇ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଘଟଣା ସ୍ଥଳରେ ତାଙ୍କ ସହିତ ଉପସ୍ଥିତ ଯୁବକମାନେ ଝଗଡା କରିବା ସହ ଟଙ୍କା ମାଗିଥିଲେ ଓ ଧମକ ଦେଇଥିଲେ। ଟଙ୍କା ନଦେଲେ ଜୀବନରୁ ମାରିଦେବୁ। ଠିକ ଏହି ବାର୍ତ୍ତାଳାପ ସମୟରେ ରାଜଗାଙ୍ଗପୁର ଟ୍ରକ ମାଲିକ ସଂଘର ସଦସ୍ୟମାନେ ଓ ରାଉରକେଲା ଟିପର ସଂଘର ସଦସ୍ୟମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଏହାଦେଖି ଉପସ୍ଥିତ ଯୁବକମାନେ ସେଠାରୁ ପଳାଇଯିବାକୁ ଚେଷ୍ଟା କରୁଥିବା ବେଳେ ରାଜଗାଙ୍ଗପୁର ପୋଲିସ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚିଥିଲା ଓ ୫ଜଣଙ୍କୁ କାବୁ କରି ଥାନାକୁ ଆଣିଥିଲା ଓ ଏହା ସହିତ ଯୁବକମାନଙ୍କ ଦ୍ୱାରା ବ୍ୟବହୃତ ହୋଇଥିବା ଏକ ଇନୋ କାର ନଂ. ଓଡି ୦୨ ବିୟୁ– ୬୫୮୧ ଓ ଅନ୍ୟ ଏକ କାର ନଂ. ଓଡି ୧୪ ଏମ– ୩୧୯୭କୁଜବତ କରିଥିଲା। ଥାନାଧିକାରୀ ବୀଭସ ପ୍ରଧାନ ସଂପୂର୍ଣ୍ଣ ଘଟଣାର ତଦନ୍ତ କରି ଏହି ଘଟଣାର ଅଭିଯୁକ୍ତ ୫ ଜଣ, ମହମ୍ମଦ ଦୌସିଫ୍, ସୌଭାଗ୍ୟ ସିଂ, ନଗେ ବରୁଆ, ଅଭିଜିତ ମହାନ୍ତି ଓ ବାବୁ ସିଂକୁ ଆଜି ଧାରା ୩୪୧/୩୮୫/୫୦୬/୩୪ ଗିରଫ କରି କୋର୍ଟ ଚାଲାଣ କରିଛି । ଏହିପରି ନକଲି ରେପୋ ର୍ୟାକେଟ ଏହି ଅଞ୍ଚଳରେ ସକ୍ରିୟ ଅଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ରହିଛି।

# ଟ୍ରାକ୍ଟର ତଳେ ଚାପି ହୋଇ ଯୁବକ ମୃତ



ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର।

ଲହୁଣୀପଡା,୩୦।୭(ଡି.ଏନ.ଏ)

ସୁନ୍ଦରଗଡ ଜିଲା କେବଲାଙ୍ଗ ଥାନା ଅନ୍ତର୍ଗତ ଖରିଆବାହାଲ ଗ୍ରାମରେ ଗୁରୁବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଟ୍ରାକ୍ଟରରେ ଚାପି ହୋଇ ଜଣେ ଯୁବକର ଶୋଚନୀୟ ମୃତ୍ୟୁ ଘଟିଥିବା ଜଣାପଡିଛି। ପ୍ରାପ୍ତସୂଚନା ଅନୁସାରେ ଖରିଆବାହାଲ ଗ୍ରାମରେ ଏକ ଟ୍ରାକ୍ଟର ଓଡି ୧୪ ଟି–୫୮୫୯ ଜମି ଚାଷ କରୁଥିବା ସମୟରେ କାଦୁଅରେ ଫସି ଯାଇଥିଲା। ସ୍ଥାନୀୟ ଲୋକ ମିଶି ଟ୍ରାକ୍ଟରଟିକୁ ଉଠାଇବା ସମୟରେ ହଠାତ ଭାରସାମ୍ୟ ହରାଇ ଟ୍ରାକ୍ଟରଟି ଓଲଟି ପଡିଥିଲା। ଫଳରେ ସିଆଁବାହାଲ ଗ୍ରାମର ବୁଧୁ ମୁଣ୍ଡା (୨୦) ଟ୍ରାକ୍ଟର ତଳେ ଚାପି ହୋଇ ଯାଇଥିଲେ। ବହୁତ ଚେଷ୍ଟା କରି ମୃତ ଶରୀରକୁ ଉଦ୍ଧାର କରାଯାଇଥିଲା। ଟ୍ରାକ୍ଟର ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଜାଣିବାକୁ ମିଳେ। ଶୁକ୍ରବାର ଦିନ କେବଲାଙ୍ଗ ଥାନାରେ ଅଭିଯୋଗ କ୍ରମେ ପୋଲିସ ଶବକୁ ଜବତ କରି ଲହୁଣୀପଡା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରିବା ସହିତ ଘଟଣାରେ ତଦନ୍ତ ଚଳାଇଥିବା ଜଣାପଡିଛି।

# ଚୋରି ଅଭିଯୋଗରେ ୪ ଅଭିଯୁକ୍ତ ଗିରଫ

ବେଦବ୍ୟାସ,୩୦।୭(ଡି.ଏନ.ଏ)



ଗିରଫ ୪ ଅଭିଯୁକ୍ତ।

ଜାତୀୟ ରାଜପଥ ୧୪୩ର ସଂପ୍ରସାରଣ କାର୍ଯ୍ୟ କରୁଥିବା ଏକ ଏଜେନ୍ସିର ଶଙ୍ଖ ନଦୀ ନିକଟରେ ଥିବା ଏକ କ୍ୟାମ୍ପ ଭିତରୁ ଗତ ୨୯ ଜୁଲାଇ, ୨୦୨୧ ଭିତରୁ ଆଇଏସଏମଇ ଚେନେଲ ଚୋରି ଅଭିଯୋଗରେ ଶୁକ୍ରବାର ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ତାଙ୍କ ଠାରୁ ସବୁ ଚୋରି ହୋଇଥିବା ଚେନେଲ ଉଦ୍ଧାର କରାଯାଇଛି। ଅଭିଯୁକ୍ତମାନେ ହେଲେ ଲାଲସ ବାରୁଆ (୩୨) ବର୍ଷ, କାଡା ଓରଫ୍ ଅଜିତ ମିଞ୍ଜ (୩୧), ଜୁନାସ ତିର୍କି (୩୯) ଓ ଆଦାମ ତିର୍କି (୩୨) ବର୍ଷ ସମସ୍ତ ଅଭିଯୁକ୍ତ ଗୋପପାଲି ନିବାସୀ ଅଟନ୍ତି। ପୋଲିସ ସୂଚନାନୁଯାୟୀ ଗତ ୨୯ ତାରିଖ ଶଙ୍ଖ ନଦୀ ନିକଟରେ ଥିବା କ୍ୟାମ୍ପ ଭିତରୁ ପ୍ରାୟ ୭ ଗୋଟି ଚେନେଲ ଯାହାର ବଜାର ମୂଲ୍ୟ ୬୦ ହଜାର ଟଙ୍କା ହେବ ଚୋରୀ ହୋଇଥିବା ଏଜେନ୍ସିର ଅଧିକାରୀ ପୁରବିନ୍ଦର କାରତିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ଅପରାଧ ମୂଳକ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ବଳବତ୍ତର ରଖିଥିଲା। ବିଶେଷ ସୂତ୍ରରୁ ଖବର ପାଇ ଅଭିଯୁକ୍ତମାନେ ଗୋପପାଲି ଅଞ୍ଚଳରେ ବୁଲିଥିବା ବେଳେ ଗିରଫ କରିଥିଲେ। ପୋଲିସ ଦଳରେ ଭାରପ୍ରାପ୍ତ ଅଧିକାରୀ ମାନସ କୁମାର ବାରିକ, ଏଏସଆଇ ତଥା ତଦନ୍ତ ଅଧିକାରୀ କିଶୋର କୁମାର ମହାକୁଡ, ସୁବ୍ରତ କୁମାର ପଣ୍ଡା ପ୍ରମୁଖ ସଦଳବଳେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତମାନଙ୍କଠାରୁ ସମସ୍ତ ଚୋରୀ ସାମଗ୍ରୀ ଉଦ୍ଧାର କରାଯାଇଛି।

## ୧୯ଜଣ ଅଫ୍‌ଲାଇନ ମାଟ୍ରିକ ପରୀକ୍ଷା ଦେଲେ

କୁତ୍ରା,୩୦।୭(ଡି.ଏନ.ଏ)

ରାଜ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଅଫଲାଇନ ମାଟ୍ରିକ ପରୀକ୍ଷା। ଯେଉଁମାନେ ଅନଲାଇନ ପରୀକ୍ଷା ଫଳରେ ଅସନ୍ତୁଷ୍ଟ ହୋଇଥିଲେ ସେହି ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଉଛନ୍ତି। ଦିନ ୧୦ଟାରୁ ସାଢେ ୧୨ଟା ପର୍ଯ୍ୟନ୍ତ ପରୀକ୍ଷା ସମୟ ରହିଛି। ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକରେ କେବଳ ଗୋଟିଏ କୁତ୍ରା ଉଚ୍ଚ ବିଦ୍ୟାଳୟକୁ ପରୀକ୍ଷା ସେଣ୍ଟର ବ୍ୟବସ୍ଥା କରାଯାଇଛି। ଏହି ପରୀକ୍ଷା କେନ୍ଦ୍ରରେ ୨୭ଜଣ ପରୀକ୍ଷାର୍ଥୀଙ୍କୁ ଏଲଟମେଣ୍ଟ କରାଯାଇଥିବା ବେଳେ ୧୯ଜଣ ପରୀକ୍ଷା ଦେଇଥିଲେ ଓ ୮ଜଣ ଅନୁପସ୍ଥିତ ଥିଲେ। ସ୍ଥାନୀୟ ପ୍ରଧାନ ଶିକ୍ଷକ ନଳିନିକାନ୍ତ ସାସନୀ ସୁପରିଣ୍ଟେଣ୍ଡେଣ୍ଟ, ବିଭୀଷଣ ବାରିକ ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ଓ ଗୋଷ୍ଠୀ ଶିକ୍ଷାଅଧିକାରୀ ଗୁରୁଚରଣ ସାହୁଙ୍କୁ ଅବଜରଭର ଭାବରେ ଦାୟିତ୍ୱ ଦିଆଯାଇଛି। ସ୍କୁଲ ପରିସର ଓ ପରୀକ୍ଷା ହଲଗୁଡିକ ସାନିଟାଇଜ କରାଯିବା ସହିତ ଛାତ୍ରୀଛାତ୍ର ପରୀକ୍ଷା ହଲକୁ ପ୍ରବେଶ କରିବା ପୂର୍ବରୁ ଥର୍ମାଲ ସ୍କାନିଂ କରାଯାଇଥିଲା। ସମସ୍ତ ପରୀକ୍ଷାର୍ଥୀଙ୍କୁ ମାସ୍କ ସାଙ୍ଗକୁ ସାନିଟାଇଜ ଦିଆଯାଇଥିଲା। ସୁନ୍ଦରଗଡ ଜିଲାରେ ସମୁଦାୟ ୯ଟି ପରୀକ୍ଷା କେନ୍ଦ୍ର କରାଯାଇଛି।

# ରାଜଗାଙ୍ଗପୁର ରାଜସ୍ୱ ବିଭାଗ ଦ୍ୱାରା ଜଙ୍ଗଲ ଜମିପଟ୍ଟା ବଣ୍ଟନ



ଜଙ୍ଗଲ ଜମିର ପଟ୍ଟା ବଣ୍ଟନ କରାଯାଉଛି ।

ରାଜଗାଙ୍ଗପୁର, ୩୦।୭ (ଡି.ଏନ.ଏ)

ଶୁକ୍ରବାର ରାଜଗାଙ୍ଗପୁର ରାଜସ୍ୱ ବିଭାଗ ଦ୍ୱାରା କୁରୁଣିଆ ପଞ୍ଚାୟତର ରାଇକାକଛର ଅଞ୍ଚଳରେ ବସବାସ କରୁଥିବା ଅଧିବାସୀଙ୍କୁ ଜଙ୍ଗଲ ଜମିର ପଟ୍ଟା ବଣ୍ଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏକ ରାଜସ୍ୱ ରଥ ରାଇକାକଛର ଅଞ୍ଚଳରେ ବାହାରିଥିଲା। ପୂର୍ବରୁ ଏଫଆରଏ କମିଟି ଦ୍ୱାରା ଅନୁମୋଦିନ ହୋଇ ଏହି ଜଙ୍ଗଲ ଜମି ପଟ୍ଟା ପାଇବା ପାଇଁ ନାମଗୁଡିକ ଜିଲା କାର୍ଯ୍ୟାଳୟକୁ ଯାଇଥିଲା। ଜିଲା କାର୍ଯ୍ୟାଳୟରୁ ୧୦୯ଟି ପଟ୍ଟା ଅଧିକାରୀଙ୍କ ଦସ୍ତଖତ ହୋଇ ଆସିବା ପରେ ୧୦୯ ଜଣଙ୍କ ମଧ୍ୟରୁ ୯୮ ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ଏହି ବଣ୍ଟନ କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ରାଜସ୍ୱ ବିଭାଗ ପର୍ଯ୍ୟବେକ୍ଷକ ଭୀମ ମାଝୀ, ରାଜସ୍ୱ ନିରୀକ୍ଷକ କୈଳାଶ ଚନ୍ଦ୍ର ବେହେରାଙ୍କ ସହ ଅନ୍ୟମାନେ ଥିଲେ।

# ସ୍କର୍ପିଓ ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ବଡ଼ଗାଁ, ୩୦।୭(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଜାମବାହାଲଛକଠାରେ ୧୦ନଂ.ରାଜ୍ୟ ରାଜପଥରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ସ୍କର୍ପିଓ ଧକ୍କା ଦେବାରୁ ବଡ଼ଗାଁ ଅବକାରୀ କନଷ୍ଟେବଳ ବନ୍ଧପାଲି ଗ୍ରାମର ବବଲୁ ଦାସ(୪୧) ଗୁରୁତର ଆହତ ହୋଇଥିଲେ। ତାଙ୍କ ସ୍ତ୍ରୀ ଲତିକା ନାଏକ (୩୨)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସୂଚନାନୁଯାୟୀ ରାଉରକେଲା ଅବକାରୀ ବିଭାଗରେ କନଷ୍ଟେବଳ ଥିବା ସ୍ତ୍ରୀ ଲତିକାଙ୍କ ସହିତ ବବଲୁ ମୋଟରସାଇକେଲରେ ବଡ଼ଗାଁ ଆସୁଥିବାବେଳେ ଜାମବାହାଲ ଛକରେ କୌଣସି କାରଣରୁ ଅଟକି ଥିଲେ। ଏହି ସମୟରେ ପଛପଟୁ ଦ୍ରୁତଗତିରେ ଆସୁଥିବା ସ୍କର୍ପିଓ ଧକ୍କା ଦେଇଥିଲା। ବଡ଼ଗାଁ ବସଷ୍ଟାଣ୍ଡରେ ସ୍ତ୍ରୀଙ୍କୁ ରାଉରକେଲା ଯାଉଥିବା ବସରେ ବସାଇ ସେ ବଡ଼ଗାଁ ଅବକାରୀ କାର୍ଯ୍ୟାଳୟରେ କାର୍ଯ୍ୟରେ ଯୋଗଦେଇଥାନ୍ତେ।

## ଜବାହର ନବୋଦୟ ବିଦ୍ୟାଳୟରେ ସୃଷ୍ଟି ସୁଦର୍ଶିନୀ ଟପ୍ପର

ଦେବଗଡ,୩୦।୭(ଡି.ଏନ.ଏ)

ସିବିଏସ୍‌ଇ.ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ସୁନାମୁଣ୍ଡାସ୍ଥିତ ଦେବଗଡ ଜବାହର ନବୋଦୟ ବିଦ୍ୟାଳୟର ୮୦ ପରୀକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ଉକ୍ତ ୮୦ ଜଣଙ୍କ ମଧ୍ୟରେ ବିଜ୍ଞାନରେ ୪୧ ଓ କଳାରେ ୩୯ ଜଣ ରହିଛନ୍ତି। ବିଦ୍ୟାଳୟର ସୃଷ୍ଟି ସୁଦର୍ଶନୀ ସର୍ବୋଚ୍ଚ ୯୪.୨ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ଏହି ସଫଳତା ନିମନ୍ତେ ବିଦ୍ୟାଳୟର ଅଧକ୍ଷ ଉତ୍ତମ ପ୍ରସାଦ ଓ ଉପାଧ୍ୟକ୍ଷ ହରିହର ମିଶ୍ରଙ୍କ ସମେତ ସମସ୍ତେ ଅଭିନନ୍ଦନ ଜଣାଇଛନ୍ତି। ବିଦ୍ୟାଳୟର ଟପ୍ପର ହୋଇଥିବା ଛାତ୍ରୀ ସୁଦର୍ଶିନୀ ବିଦ୍ୟାଳୟର ଗ୍ରନ୍ଥାଗାର ଅଧକ୍ଷା ଗୌରୀ ନନ୍ଦିନୀ ବେହେରା ଓ ପ୍ରମୋଦ ଛୁରିଆଙ୍କ ସୁପୁତ୍ରୀ।



ସୃଷ୍ଟି ସୁଦର୍ଶିନୀ।

# ସ୍ୱତନ୍ତ୍ର ମାଟ୍ରିକ ପରୀକ୍ଷା ଆରମ୍ଭ

ଭୁବନେଶ୍ୱର, ୩୦।୭(ବ୍ୟୁରୋ)

ରାଜ୍ୟରେ ଶୁକ୍ରବାରଠାରୁ ସ୍ୱତନ୍ତ୍ର ମାଟ୍ରିକ ଅଫ୍‌ଲାଇନ୍ ପରୀକ୍ଷା ଆରମ୍ଭ ହୋଇଛି। ମୋଟ ୫୦୪ଟି କେନ୍ଦ୍ରରେ କରୋନା କଟକଣା ଭିତରେ ପରୀକ୍ଷା ଚାଲିଛି। ପରୀକ୍ଷା ଦେବା ପାଇଁ ୧୫,୧୫୬ଜଣ ଫର୍ମ ପୂରଣ କରିଥିବାବେଳେ ପ୍ରଥମ ଦିନରେ ୧୨,୨୧୦ ଛାତ୍ରୀଛାତ୍ର ମାତୃଭାଷା ପରୀକ୍ଷା ଦେଇଛନ୍ତି। ୮୦ ମାର୍କର ପରୀକ୍ଷା ହେଉଛି। ତେବେ କପିରେ ଧରାପଡି ୫ଜଣ ଏମ୍‌ପି ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୪ଜଣ ମୁକ୍ତ ବିଦ୍ୟାଳୟର ଥିବାବେଳେ ଜଣେ ରେଗୁଲାର ପିଲା ରହିଛନ୍ତି। ସକାଳ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟାରେ ସରିଥିଲା। ସ୍କ୍ରିନିଂ ପରେ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ ଅନୁମତି ମିଳିଥିଲା। ପୂର୍ବରୁ ସମସ୍ତ ଶିକ୍ଷକଙ୍କ ଆଣ୍ଟିଜେନ୍ ପରୀକ୍ଷା ମଧ କରାଯାଇଥିଲା। ସେପଟେ କଟକ ଜିଲାର ୩ ଶିଶୁ ବିଦ୍ୟାମନ୍ଦିର ସ୍କୁଲର ୧୧ଜଣ ଛାତ୍ରୀଛାତ୍ର ଆଡ୍‌ମିଟ୍ କାର୍ଡ ପାଇ ନ ଥିବାରୁ ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି। ଏହି ପିଲାମାନେ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ମାଲଗୋଦାମ ଥାନାରେ ଏତାଲା ଦେଇଛନ୍ତି।

ସୂଚନାଯୋଗ୍ୟ, ଚଳିତବର୍ଷ କରୋନା ଯୋଗୁ ମାଟ୍ରିକ ପରୀକ୍ଷା ବାତିଲ କରାଯାଇଥିଲା। ବିନା ପରୀକ୍ଷାରେ ଫଳ ପ୍ରକାଶ ପାଇଥିଲା। ନବମ ଓ ଦଶମର ପୂର୍ବ ପରୀକ୍ଷା ଫଳକୁ ବିଚାର କରି ମୂଲ୍ୟାୟନ କରାଯାଇଥିଲା। ଗତ ୨୫ ତାରିଖରେ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ଏଥର ରେକର୍ଡ ସଂଖ୍ୟକ ପାସ୍ ହାର ୯୭.୮୯% ରହିଥିଲା। ତେବେ ବିକଳ୍ପ ମୂଲ୍ୟାୟନ ପଦ୍ଧତି ଅନୁସାରେ ମାର୍କ ଦିଆଯାଇ ନ ଥିବା ବହୁ ଛାତ୍ରୀଛାତ୍ର ଓ ଅଭିଭାବକ ଅଭିଯୋଗ କରି ଆନ୍ଦୋଳନକୁ ଓହ୍ଲାଇଥିଲେ। କିନ୍ତୁ ବୋର୍ଡ ଏହାକୁ ଖଣ୍ଡନ କରିଥିଲା। ଏହାପରେ ଅସନ୍ତୁଷ୍ଟ ପିଲାଙ୍କ ପାଇଁ ଅଫ୍‌ଲାଇନ ପରୀକ୍ଷାର ବ୍ୟବସ୍ଥା କରାଯାଇଥିଲା। ଏହି ପରୀକ୍ଷା ଅଗଷ୍ଟ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଗଷ୍ଟ ୧୦ରୁ ୧୫ ମଧ୍ୟରେ ପରୀକ୍ଷା ଖାତା ମୂଲ୍ୟାୟନ ହେବ ଓ ୨୨ ମଧ୍ୟରେ ରେଜଲ୍ଟ ପ୍ରକାଶ କରାଯିବ ବୋଲି ପୂର୍ବରୁ ବିଭାଗ ପକ୍ଷରୁ କୁହାଯାଇଥିଲା।

# କେନ୍ଦ୍ରୀୟ ବିଦ୍ୟାଳୟର ଶିତିକଣ୍ଠ ଓ ଅଂଶୁମାନ ଜିଲା ଟପ୍ପର

ଦେବଗଡ,୩୦।୭(ଡି.ଏନ.ଏ)

ସିବିଏସ୍‌ଇ ଯୁକ୍ତ ୨ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଥିବାବେଳେ ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ଶୀତିକଣ୍ଠ ନନ୍ଦ ଓ ଅଂଶୁମାନ ବେହେରା ୯୪.୪ ପ୍ରତିଶତ ନମ୍ବର ରଖି ଯୁଗ୍ମ ଭାବେ ଜିଲାର ଟପ୍ପର ହୋଇଥିବା ଜଣାପଡିଛି। ବିଦ୍ୟାଳୟର ସମସ୍ତ ୩୨ ଜଣ ପରୀକ୍ଷାର୍ଥୀ ସଫଳତାର ସହ କୃତକାର୍ଯ୍ୟ ହୋଇଥିବାବେଳେ କାଜୋଲ ପ୍ରଧାନ ୯୨.୮ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଟପ୍ପର ଏବଂ ରତିକାନ୍ତ ପ୍ରଧାନ ୮୯.୪ ପ୍ରତିଶତ ନମ୍ବର ରଖି ତୃତୀୟ ଟପ୍ପର ବିବେଚିତ ହୋଇଥିବା ଜଣାପଡିଛି। ଛାତ୍ରୀଛାତ୍ରଙ୍କର ଏହି ସଫଳତା ନିମନ୍ତେ ବିଦ୍ୟାଳୟର ଅଧକ୍ଷ ପ୍ରଦୀପ୍ତ କୁମାର ଦାଶଙ୍କ ସମେତ ସମସ୍ତ ଅଧାପିକା ଅଧାପକ ଅଭିନନ୍ଦନ ଜଣାଇଛନ୍ତି।



ଶୀତିକଣ୍ଠ ନନ୍ଦ



ଅଂଶୁମାନ ବେହେରା

# ସମାନ ନାଗରିକ ସଂହିତା ଲାଗୁ କରାଯାଉ: ଭିଏଚ୍‌ପି

ରାଉରକେଲା ଅଫିସ୍, ୩୦।୭

କିଛିଦିନ ତଳେ ସମାନ ନାଗରିକ ସଂହିତାର ଆବଶ୍ୟକତାକୁ ନେଇ ଦିଲ୍ଲୀ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ କରିଥିଲେ। ତେବେ ଶୁକ୍ରବାର ସମାନ ନାଗରିକ ସଂହିତାକୁ ଅତିଶୀଘ୍ର ଲାଗୁ କରିବାକୁ ଦାବି କରିଛନ୍ତି ବିଶ୍ୱହିନ୍ଦୁ ପରିଷଦର ବରିଷ୍ଠ ନେତା ଶାନ୍ତନୁ କୁସୁମ। ଏହି ପରିପ୍ରେକ୍ଷୀରେ ଭିଏଚପି ନେତା କୁସୁମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ଚିଠି ଲେଖି ନାଗରିକ ସଂହିତାର ଆବଶ୍ୟକତା ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି। ସେ ତାଙ୍କ ଚିଠିରେ ଦର୍ଶାଇଛନ୍ତି, ଭାରତ ଭଳି ଏକ ସର୍ବବୃହତ ଗଣତନ୍ତ୍ର ଓ ଧର୍ମ ନିରପେକ୍ଷ ରାଷ୍ଟ୍ରରେ ଧର୍ମ ଆଧାରରେ ଅଲଗା ଅଲଗା ଆଇନ ରହିବା କେବେ ଗ୍ରହଣୀୟ ନୁହେଁ । ଭାରତୀୟ ସମାଜରେ ଜାତି, ଧର୍ମ ଓ ସମୁଦାୟ ସହିତ ଜଡିତ ଥିବା ବିଭିନ୍ନ ତାରତମ୍ୟ ଧୀରେ ଧୀରେ ଶେଷ ହେବାକୁ ଯାଉଥିବା ବେଳେ କିଛି ଆଇନ ହିଁ ଏପରି ବିଭେଦକୁ ଶେଷ କରିବା ପାଇଁ ଦେଉନାହିଁ। ଦେଶରେ ସମାନ ନାଗରିକ ସଂହିତା ଲାଗୁ ହୋଇ ନ ଥିବା କାରଣରୁ ଅନ୍ୟ ଧର୍ମ ବା ଜାତିରେ ବିବାହ, ଛାଡପତ୍ର, ସମ୍ପତ୍ତିରେ ପିଲାମାନଙ୍କ ଅଧିକାର ନେଇ ବହୁ ସମସ୍ୟା ସୃଷ୍ଟି ହେଉଛି। ସ୍ୱତନ୍ତ୍ର ସମ୍ବିଧାନ ହେବାର ୭୧ ବର୍ଷ ପରେ ବି ସମସ୍ତ ନାଗରିକଙ୍କ ପାଇଁ ସମାନ ନିୟମ କଥାକୁ ସୁନିଶ୍ଚିତ କରି ନ ପାରିବା ନିଶ୍ଚିତ ଭାବରେ ଚିନ୍ତାଜନକ କଥା । ଦିଲ୍ଲୀ ହାଇକୋର୍ଟଙ୍କ ଟିପ୍ପଣୀକୁ ସମ୍ମାନ ଦେଇ ଏବଂ ଆମ୍ବେଡ଼କରଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବାକୁ ଯାଇ ଚଳିତ ମୌସୁମୀ ଅଧିବେଶନରେ ହିଁ ସମାନ ନାଗରିକ ସଂହିତାକୁ ଲାଗୁ କରିବା ଦିଗରେ ଅଗ୍ରସର ହେବାକୁ ପ୍ରଧାନମନ୍ତ୍ରୀଙ୍କୁ ଭିଏଚପି ନେତା କୁସୁମ ନିବେଦନ କରିଛନ୍ତି।

# ସରକାରୀ ସହାୟତା ଦାବିରେ ପରିବହନ ଶ୍ରମିକଙ୍କ ବିକ୍ଷୋଭ

ରାଉରକେଲା ଅଫିସ୍, ୩୦।୭




ପରିବହନ ଶ୍ରମିକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

୨୦୨୦ ମାର୍ଚ୍ଚରୁ କରୋନା ସଂକ୍ରମଣ ଯୋଗୁ ସମଗ୍ର ରାଜ୍ୟରେ ଶଟ୍‌ଡାଉନ ଓ ଲକ୍‌ଡାଉନ କଟକଣା ଘୋଷଣା କରାଯାଇଥିଲା। ଫଳରେ ଓଡିଶାରେ ଘରୋଇ ପରିବହନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲକ୍ଷ ଲକ୍ଷ ପରିବହନ ଶ୍ରମିକ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲେ। ଆଜି ପର୍ଯ୍ୟନ୍ତ ପରିବହନ ଶ୍ରମିକ ଓ ସେମାନଙ୍କ ପରିବାର ଭୋକ ଉପାସରେ ଜୀବନ ଅତିବାହିତ କରୁଛନ୍ତି। ପରିବହନ ଶ୍ରମିକମାନଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି କରାଯାଇଥିଲେ ମଧ ସରକାର ଏହାକୁ କର୍ଣ୍ଣପାତ କରୁନାହାନ୍ତି। ରାଜ୍ୟ ସରକାର ଅନ୍ୟାନ୍ୟ କ୍ଷେତ୍ରରେ କେତେକ ସାହାଯ୍ୟ ଘୋଷଣା କରିଥିଲେ ମଧ ପରିବହନ ଶ୍ରମିକମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି । ଓଡିଶା ସରକାରଙ୍କ ପରିବହନ ଶ୍ରମିକ ବିରୋଧୀ ନୀତି ଓ କେନ୍ଦ୍ରର ମୋଦୀ ସରକାରଙ୍କ ଶ୍ରମିକ ବିରୋଧୀ ଆଭିମୁଖ୍ୟ ବିରୋଧରେ ଶୁକ୍ରବାର ରାଜ୍ୟବ୍ୟାପୀ ଅଲ୍ ଓଡିଶା ଟ୍ରାନ୍ସପୋର୍ଟ ୱାର୍କର୍ସ ଫେଡେରେଶନ ଆହ୍ୱାନରେ ସୁନ୍ଦରଗଡ ମୋଟର କର୍ମଚାରୀ ସଂଘ, ରାଉରକେଲା ମିନି ବସ୍ ଆସୋସିଏଶନ (ସିଆଇଟିୟୁ) ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସିଟୁର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସଭାପତି ବିମାନ ମାଇତି, ଆଇନଜୀବୀ ରାଜକିଶୋର ପ୍ରଧାନ, ସମ୍ପାଦକ ଅକ୍ଷୟ ମହାନ୍ତ, ଅରୁଣ ମହାରଣା, ବଜରଙ୍ଗୀ ଚୌଧୁରୀ, ଦିଲୀପ ଧଳସାମନ୍ତ, ପ୍ରାଣବନ୍ଧୁ ଦାସ, ଶ୍ରୀରାମ ସୋନା, ଗୁରମିତ୍ ସିଂହ, ବିନୋଦ ସିଂ, ଶୁଭେନ୍ଦୁ ମହାନ୍ତି, ହୁଲାସ ମହାନ୍ତ, ଏସଏ ରବିପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ନାକଟିଦେଉଳ,(ଡ଼ି.ଏନ.ଏ.): ନାକଟିଦେଉଳ ବସ୍ଷ୍ଟାଣ୍ଡ ନିକଟରେ ଶୁକ୍ରବାର ଜଣେ ବାଇକ୍ ଆରୋହୀ ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ନାକଟିଦେଉଳ ଗ୍ରାମର ସନ୍ତୋଷ ଧଳ (୨୩)। ସୂଚନା ଅନୁସାରେ ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ସନ୍ତୋଷ ବାଇକ୍‌ରେ ୨ଜଣଙ୍କୁ ବସାଇ ନାକଟିଦେଉଳ ବସ୍ଷ୍ଟାଣ୍ଡକୁ ଆସୁଥିବା ବେଳେ ଘସିଆପଡ଼ା ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ଏକ ଖୁଣ୍ଟରେ ପିଟି ହୋଇଯାଇଥିଲେ। ଫଳରେ ତଳେ ଛିଟିକି ପଡ଼ିବାରୁ ସନ୍ତୋଷଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ନାକଟିଦେଉଳ ଡ଼ାକ୍ତରଖାନା ନିଆଯାଇଥିଲା। ସେଠାରୁ ତାଙ୍କୁ ବୁର୍ଲା ମେଡିକାଲ ପଠାଇ ଦିଆଯାଇଛି।

## ସଂକ୍ଷେପରେ

### ଚାରମାଳ ପୋଲିସ ପକ୍ଷରୁ ରକ୍ତଦାନ ଶିବିର

ରେଢ଼ାଖୋଲ,୩୦।୭(ଡି.ଏନ.ଏ.): ସମ୍ବଲପୁର ଜିଲା ପୋଲିସ ଆନୁକୂଲ୍ୟରେ ଚାରମାଳ ଥାନା ପରିସରରେ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହାକୁ ଡିଏସ୍‌ପି ଜ୍ୟୋତ୍ସ୍ନାମୟୀ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର କର୍ମଚାରୀଙ୍କ ପରିଚାଳନାରେ ୬୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଚାରମାଳ ଥାନା ଅଧିକାରୀ ବସନ୍ତ କୁମାର ଦଲାଇ, ଏସ୍‌ଆଇ ପଦ୍ମଲୋଚନ ବେଣ୍ଟକାର, ଏଏସ୍‌ଆଇ ଗଣେଶ ବାରିକ, ସୁକୁଟା ନାଏକ ପ୍ରମୁଖ ସହଯୋଗ କରିଥିଲେ। ଥାନା ଅଧିକାରୀଙ୍କ ସମେତ କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ।

### ରାଜ୍ୟ ମୁକ୍ତ ବିଦ୍ୟାଳୟର ୨୦ ଜଣ ଦେଲେ ପରୀକ୍ଷା

ଜମନକିରା,୩୦।୭ (ଡି.ଏନ୍.ଏ.): ଜମନକିରା ବ୍ଲକ୍ ବଡ଼ରମା ପଞ୍ଚାୟତ ଷଣ୍ଢପଥର ସରକାରୀ ଏସ୍‌ଏସ୍‌ଡ଼ି ହାଇସ୍କୁଲରେ ଶୁକ୍ରବାର ରାଜ୍ୟ ମୁକ୍ତ ବିଦ୍ୟାଳୟରେ ପଢୁଥିବା ୨୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ତଥା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ରାଜେନ୍ଦ୍ର କୁମାର ଜଗତ ରହିଥିବା ବେଳେ ସମ୍ବଲପୁର ଜିଲା ଶିକ୍ଷା ଅଧିକାରିଣୀ ମୀନାରାଣୀ ମଙ୍ଗଳ ପରିଦର୍ଶନରେ ଆସି ପରୀକ୍ଷା କେନ୍ଦ୍ର ବୁଲି ଦେଖିଥିଲେ। ଜମନକିରା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୁଷମା ନାୟକ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଫସଲବୀମା, ପଞ୍ଜୀକରଣ ସମୟସୀମା ବୃଦ୍ଧି ଦାବି

ସମ୍ବଲପୁର,୩୦।୭(ବ୍ୟୁରୋ): ଚଳିତ ଖରିଫ ପାଇଁ ପ୍ରଧାନମନ୍ତ୍ରୀ ଫସଲବୀମା ସମୟ ସୀମା ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ରହିଛି। ଏହାକୁ ବୃଦ୍ଧି କରାଯାଇ ଅଗଷ୍ଟ ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଉ ବୋଲି ଭାଜପା କୃଷକ ମୋର୍ଚ୍ଚା ଜିଲା ସଭାପତି ସମୀର ରଞ୍ଜନ ବାବୁ ଦାବି କରିଛନ୍ତି। ଏହା ସହ ଖରିଫ ଚାଷୀ ପଞ୍ଜୀକରଣ ସମୟସୀମା ଅଗଷ୍ଟ ୧୫ ପର୍ଯ୍ୟନ୍ତ ରହିଛି। ଏହାକୁ ମଧ୍ୟ ରାଜ୍ୟ ସରକାର ଅଗଷ୍ଟ ୩୦ ପର୍ଯ୍ୟନ୍ତ ବୃଦ୍ଧି କରନ୍ତୁ ବୋଲି ଦାବି କରିଛନ୍ତି। ରବି ସମୟରେ ଚାଷୀମାନେ ଅମଳ କରିଥିବା ଧାନ ବିକ୍ରି କରିପାରିଲେ ନାହିଁ। ଋଣ ପରିଶୋଧ କରି ନୂତନ ଭାବେ ଋଣ ନେବାକୁ ସକ୍ଷମ ନୁହନ୍ତି। ସେମାନେ ପ୍ରଧାନମନ୍ତ୍ରୀ ଫସଲବୀମାରେ ପ୍ରିମିୟମ ରାଶି ଦେବା କଷ୍ଟକର ହେଉଛି। ଏବେ ଖରିଫ ଚାଷ ପାଇଁ ଚାଷୀମାନେ ବ୍ୟସ୍ତ ଅଛନ୍ତି। ସେମାନେ ସମବାୟ ସମିତିକୁ ଆସି ପଞ୍ଜୀକରଣ କଲେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେବ। ତେଣୁ ସମୟସୀମା ବୃଦ୍ଧି କରାଯାଉ ବୋଲି ଦାବି କରିଥିଲେ।

### ୬ କେନ୍ଦ୍ରରେ ୧୦୪୮ ଜଣ ନେଲେ ଟିକା

ସମ୍ବଲପୁର,୨୮।୭(ବ୍ୟୁରୋ): ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକରେ ମେଗା ଟିକାଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁଯୁମୁରା ସିଏଚ୍‌ସି ପକ୍ଷରୁ ଏହା ପରିଚାଳନା କରାଯାଇଥିଲା। ୬ କେନ୍ଦ୍ରରେ ୧୦୪୮ ଜଣଙ୍କୁ ଟିକାଦାନ ହୋଇଥିଲା। ୧୮ରୁ ୪୪ ବର୍ଷ ଓ ୪୫ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ଟିକା ଦିଆଯାଇଥିଲା। ଯୁଯୁମୁରା କେନ୍ଦ୍ରରେ ୨୦୦, ଟାମ୍ପରଗଡରେ ୨୫୦, ଡଙ୍ଗରପଡା ପଞ୍ଚାୟତରେ ୪୦୦, ଗଡଲୁଇସିଂ ପଞ୍ଚାୟତରେ ୧୧୦, ମେଘପାଲ ପଞ୍ଚାୟତରେ ୩୮, କେଶାପାଲିରେ ୫୦ ଜଣ ଟିକାନେଇଥିବା ରିପୋର୍ଟ ରହିଛି।

### ଜାତୀୟ କବାଡି ଖେଳାଳିଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର,୩୦।୭ (ବ୍ୟୁରୋ): ଜାତୀୟ କବାଡି ଓ ଫୁଟବଲ ଖେଳାଳି ଦିଲୀପ ଚାନ୍ଦଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ ପାଇଛି। ସମ୍ବଲପୁର ଜିଲା କ୍ରୀଡା ସଂଘ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, କ୍ରୀଡା ସଂଘ ସାଧାରଣ ସମ୍ପାଦକ ସଦାଶିବ ପୁରୋହିତ, ସିନିୟର କବାଡି ଖେଳାଳି ଶେର୍ ଅଲ୍ଲିଖାନ୍, ଜିଲା କ୍ରୀଡା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାର ପୃଥକ୍ ଭାବେ ଶୋକପ୍ରକାଶ କରିଛନ୍ତି। ଜିଲା ଓ ରାଜ୍ୟ ଦଳରେ ସାମିଲ ହୋଇ ଦିଲୀପ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସମ୍ବଲପୁର କସମସ୍ କ୍ଲବର ଗୋଲ କିପର ଭାବେ ସେ ରାଜ୍ୟରେ ପ୍ରଶଂସିତ ହୋଇଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୭ବର୍ଷ ହୋଇଥିଲା।

# ମାନବ ଶୃଙ୍ଖଳ କରି ପ୍ରତିବାଦ

■ସମ୍ବଲପୁର ରୋଡ୍ ଷ୍ଟେଶନ ବନ୍ଦ ନିଷ୍ପତ୍ତିକୁ ବିରୋଧ
■ପ୍ରତିଶ୍ରୁତି ରକ୍ଷା କଲାନାହିଁ ରେଳ ବିଭାଗ

ସମ୍ବଲପୁର,୩୦।୭(ବ୍ୟୁରୋ)

ସମ୍ବଲପୁର ରୋଡ୍ ଷ୍ଟେଶନକୁ ରେଳ ବିଭାଗ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଏ ନେଇ ଅଭିଯୋଗ ପରେ ବିଭାଗ ପକ୍ଷରୁ ଆଲୋଚନା ମାଧ୍ୟମରେ ସମାଧାନ କରାଯାଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ବିଭାଗ ପ୍ରତିଶ୍ରୁତି ରକ୍ଷା କଲାନାହିଁ। ଏବେ ବନ୍ଦ କରି ଭାଙ୍ଗିଦେବାକୁ ଯୋଜନା କରାଯାଉଛି। ଏହି ନିଷ୍ପତ୍ତିକୁ ବିରୋଧ କରି ଶୁକ୍ରବାର ଷ୍ଟେଶନ ପରିସରରେ ସଚେତନ ନାଗରିକ କମିଟି ପକ୍ଷରୁ ମାନବ ଶୃଙ୍ଖଳ କରାଯାଇଥିଲା।

କିଛିଦିନ ପୂର୍ବରୁ ଗଣମାଧ୍ୟମ ସମ୍ମୁଖରେ ଡିଆର୍‌ଏମ୍ ପ୍ରଦୀପ କୁମାର ଷ୍ଟେଶନ ବନ୍ଦ କରିବାକୁ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଥିବା ସୂଚନା ଦେଇଥିଲେ। ଏହା ଜାଣିବା ପରେ ସଚେତନ ନାଗରିକ କମିଟିର ଶତାଧିକ ମହିଳାପୁରୁଷ ଷ୍ଟେଶନ ପରିସର ଓ ବାହାରେ ମାନବ ଶୃଙ୍ଖଳ କରି ପ୍ରତିବାଦ କରିଛନ୍ତି। ଅବାହକ ପ୍ରଦୀପ ବହିଦାର କହିଛନ୍ତି, ଦେଶ ସ୍ୱାଧୀନତା ପୂର୍ବରୁ ୧୮୯୦ ମସିହାରେ ସମ୍ବଲପୁର ରୋଡ୍ ଷ୍ଟେଶନ ନିର୍ମାଣ ହୋଇଥିଲା। ଏଭଳି ଏକ ଐତିହାସିକ ଷ୍ଟେଶନ ବନ୍ଦ କରିବାକୁ ବିଭାଗ ଯୋଜନା କରିଛି। ପ୍ରଥମେ ଡାକ ଓ ସାମଗ୍ରୀ ନେବା ପାଇଁ ଷ୍ଟେଶନକୁ ବ୍ୟବହାର ହେଉଥିବା ବେଳେ ପରେ ଲୋକସଂଖ୍ୟା ବୃଦ୍ଧି ଓ ଟ୍ରେନ ରହଣି ଯୋଗୁ ଯାତ୍ରୀମାନେ ଯିବାଆସିବା କରୁଥିଲେ। ରାତି ଅଧରେ ମଧ୍ୟ ସେମାନେ ଯିବାକୁ ସୁରକ୍ଷିତ ମନେ କରୁଥିଲେ। ୧୯୯୨-୯୩ରେ ଷ୍ଟେଶନ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ବିରୋଧ ହେବା ପରେ ସ୍ଥଗିତ ରଖାଯାଇଥିଲା। ପରେ ଷ୍ଟେଶନର ଭିତ୍ତିଭୂମି ବିକାଶ କରାଯାଇଥିଲା। ଏବେ ଷ୍ଟେଶନରେ ଟିକେଟ କାଉଣ୍ଟର, ଯାତ୍ରୀ ପ୍ରତୀକ୍ଷାଳୟ ଭଳି ସମସ୍ତ ସୁବିଧା ରହିଛି। ଏହା ଉପରେ କେବଳ ସମ୍ବଲପୁର ନୁହେଁ ଆଖପାଖ ଜିଲାବାସୀ ମଧ୍ୟ ନିର୍ଭର କରନ୍ତି। ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରା ନ ଗଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ତୀବ୍ର ହେବ ବୋଲି ସେ ଚେତାବନୀ ଦେଇଛନ୍ତି ।


ସମ୍ବଲପୁର ରୋଡ୍ ଷ୍ଟେଶନରେ ମାନବ ଶୃଙ୍ଖଳ।

## ଧାନ କ୍ଷେତରେ ପଶି ନଷ୍ଟ କଲା ହାତୀ


ଲୋକଙ୍କ ଫସଲ ନଷ୍ଟ କରୁଥିବା ଦନ୍ତାହାତୀ।

ନାକଟିଦେଉଳ,୩୦।୭(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ଜାମୁଯୋରୀ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଧାନ କ୍ଷେତରେ ଏକ ଦନ୍ତାହାତୀ ପଶି ବ୍ୟାପକ ଫସଲ ନଷ୍ଟ କରୁଛି। ଶୁକ୍ରବାର ଅପରାହ୍ନରେ ହାତୀଟି ନିକଟସ୍ଥ ଜଙ୍ଗଲରୁ ଅଙ୍ଗାବିରା ଗାଁ ମୁଣ୍ଡକୁ ଚାଲି ଆସିଥିଲା। ପରେ ହାତୀଟି କ୍ଷେତରେ ପଶି ଚାଷୀଙ୍କ ଧାନତଳି ଓ ଧାନଗଛ ନଷ୍ଟ କରିଛି। ଏଥିରେ ଗ୍ରାମର ପଣ୍ଡିତ ମୋହନ ସାହୁ, ଚନ୍ଦ୍ରମଣି ସାହୁ ଓ ରବିନାରାୟଣ ସାହୁଙ୍କ ଧାନ ଫସଲ ନଷ୍ଟ ହୋଇଛି। ଗୋଠଛଡ଼ା ଏହି ଦନ୍ତା ହାତୀ ପ୍ରାୟ ୨ସପ୍ତାହ ହେବ ଅଙ୍ଗାବିରା, ଚଢ଼ଚଢ଼ି, ବିନ୍ଧପୁର ଗ୍ରାମକୁ ଆସି ଧାନ କ୍ଷେତରେ ପଶି କ୍ଷୟକ୍ଷତି ଘଟାଉଛି। ବନ କର୍ମଚାରୀ ଓ ଗ୍ରାମବାସୀ ଘଉଡ଼ାଉଥିଲେ ମଧ୍ୟ ସେଭଳି କିଛି ସୁଫଳ ମିଳୁନାହିଁ। ଏ ଦିଗରେ ପ୍ରଶାସନ ଦୃଷ୍ଟିଦେଇ ପଦକ୍ଷେପ ନେବାକୁଗ୍ରାମବାସୀ ଦାବିକରିଛନ୍ତି।

# ଶପିଂ ମଲ୍‌ରୁ ଚୋରି ଘଟଣା: ସେଲ୍‌ସମ୍ୟାନ୍ ଗିରଫ

ଝାରସୁଗୁଡ଼ା ଅଫିସ,୩୦।୭

ଗତ ରବିବାର ରାତିରେ ସହରରେଥିବା ଓ୍ୱେଷ୍ଟସାଇଡ୍ ଶପିଂ ମଲ୍‌ରୁ ନଗଦ ୨ଲକ୍ଷ ୬୦ହଜାର ଟଙ୍କା, ୪ ସାମ୍‌ସଙ୍ଗ ଟାବ୍ଲେଟ୍, ସିସିଟିଭି ଡିଭିଆର୍ ମେଶିନ୍ ଓ ଗୋଟିଏ ଜିଓ ଇଣ୍ଟରନେଟ୍ ମୋଡେମ୍ ଆଦି ଚୋରି ହୋଇଥିଲା। ଏ ନେଇ ମଲ୍ ମ୍ୟାନେଜର ସମୀର ବିଶ୍ୱାଳ ଗତ ସୋମବାର ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଥାନା କେସ୍ ନଂ.୩୭୪/୨୧ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ୫ଦିନ ପରେ ଉକ୍ତ ଶପିଂ ମଲ୍‌ର ଜଣେ ଅଭିଯୁକ୍ତ କର୍ମଚାରୀଙ୍କୁ ପୋଲିସ ଗିରଫ କରିଛି । ସେ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଉଦୟପୁର ଗ୍ରାମର ଦେବ ନାୟକ(୨୪)। ତାଙ୍କ ନିକଟରୁ ଚୋରି ଯାଇଥିବା ନଗଦ ୧ଲକ୍ଷ ୭୧ହଜାର ୪୦ଟଙ୍କା ସହିତ ଉପରୋକ୍ତ ଇଲେକ୍‌ଟ୍ରୋନିକ୍ ସାମଗ୍ରୀ ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଚୋରି ଘଟଣାର ପର୍ଦ୍ଦାଫାଶ ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଗଠନ ହୋଇଥିଲା । ଏଥିରେ ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଆଇଆଇସି ସାବିତ୍ରୀ ବଳ, ଏସ୍‌ଆଇ ମହେଶ୍ୱର ପାଣିଗ୍ରାହୀ ଓ ଏସ୍‌ଆଇ ମଦନ ମୋହନ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଏହି ଟିମ୍ ସେଲ୍‌ସମ୍ୟାନ୍ ଦେବଙ୍କ ଉପରେ ସନ୍ଦେହକରି ତାଙ୍କ ମୋବାଇଲ୍ ଟ୍ରାକିଂକରି ଉଦୟପୁର ଗ୍ରାମରୁ ତାଙ୍କୁ ଗିରଫ କରିବା ସହ ସମସ୍ତ ଚୋରି ସାମଗ୍ରୀ ଉଦ୍ଧାର କରିଥିଲା। ଏସ୍‌ପି ବିକାଶ ଚନ୍ଦ୍ର ଦାସ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଅଭିଯୁକ୍ତ ଜଣଙ୍କ ଶପିଂ ମଲ୍‌ରେ ସେଲ୍‌ସମ୍ୟାନ୍ ଭାବେ କାମକରି ମାସିକ ଦରମା ୧୫ହଜାର ଟଙ୍କା ପାଉଥିଲେ। ଏତେ କମ୍ ଟଙ୍କାରେ ତାଙ୍କୁ ପରିବାର ଚଳାଇବା କଷ୍ଟ ହେଉଥିଲା। ଏହା ସହିତ ଭାଇର ବାହାଘର ହେବାର ଥିଲା । ଏଭଳି ସ୍ଥିତିରେ ସେ ମୋଟା ଅଙ୍କର ଅର୍ଥ ଯୋଗାଡ ପାଇଁ ଚିନ୍ତାକରି ଶପିଂ ମଲ୍‌ରୁ ଚୋରି ଯୋଜନା କରିଥିଲେ। ମଲ୍ ବନ୍ଦ ହେବାପରେ ରାତିରେ ପଛପଟ ରାସ୍ତାରେ ପଶି ଚୋରି କରିଥିଲେ।


ଏସ୍‌ପିଙ୍କ ଖବରଦାତା ସମ୍ମିଳନୀରେ ହାଜର ହୋଇଥିବା ଅଭିଯୁକ୍ତ।

## ଆଦିବାସୀଙ୍କ ଅଧିକାରକୁ ଅଣଦେଖା କରୁଛନ୍ତି ସରକାର

ଝାରସୁଗୁଡ଼ା ଅଫିସ,୩୦।୭

ସମ୍ମିଳିତ ଆଦିବାସୀ ସମାଜ ତରଫରୁ ସ୍ଥାନୀୟ କାପୁମାଲ୍‌ସ୍ଥିତ ଗୋଁଣ୍ଡ ଭବନରେ ଶୁକ୍ରବାର ସଙ୍ଗଠନ ସଭାପତି ବୁନ୍ଦେ ଧୁରୁଆଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଦିବାସୀଙ୍କ ଅଧିକାର ଉପରେ ସରକାର ଦୃଷ୍ଟି ଦେଉ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଏ ନେଇ ସଙ୍ଗଠନର କର୍ମକର୍ତ୍ତା ଏକ ଖବରଦାତା ସମ୍ମିଳନୀରେ ଅସନ୍ତୋଷ ବ୍ୟକ୍ତକରି କହିଥିଲେ, ଝାରସୁଗୁଡା ଜିଲାର ଲଇକେରା, କିର୍ମିରା ଓ ସମ୍ବଲପୁର ଜିଲାର ଯୁଯୁମୁରା ବ୍ଲକ୍ ଟିଏସ୍‌ପିରେ ଅନ୍ତର୍ଭୁକ୍ତ ହୋଇନାହିଁ। ୨୦୧୧ ଜନଗଣନା ଅନୁସାରେ ୫୦ପ୍ରତିଶତରୁ ଊର୍ଦ୍ଧ୍ୱ ଆଦିବାସୀ ବସବାସ କରିଆସୁଛନ୍ତି। ହେଲେ ସେମାନେ ହକ୍ ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାରଙ୍କ ପ୍ରସ୍ତାବ ଆଦିବାସୀ ବ୍ୟାପାର ବିଭାଗର ନାଳିଫିତା ତଳେ ରହିଯାଇଛି। ଏ ନେଇ ସମାଜ ତରଫରୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଆଦିବାସୀ ମନ୍ତ୍ରୀ ଓ ଏମ୍‌ପି, ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ସେମାନେ ସାମ୍ବିଧାନିକ ସୁବିଧା ପାଇପାରିନାହାନ୍ତି। ଆଗାମୀ ଅଗଷ୍ଟ ୧ରୁ ୯ତାରିଖ ପର୍ଯ୍ୟନ୍ତ ଜିଲାର ୭୮ ପଞ୍ଚାୟତରେ ଦସ୍ତଖତ ଅଭିଯାନ ଚାଲିବ। ଆସନ୍ତା ୯ତାରିଖ ଆଦିବାସୀ ଦିବସରେ ବସ୍‌ଷ୍ଟାଣ୍ଡ ଗାନ୍ଧୀମୂର୍ତ୍ତି ଛକ ନିକଟରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି । ଏହି ଦିବସକୁ ସରକାରୀ ଛୁଟି ଘୋଷଣା କରିବାପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରାଯିବ ବୋଲି କୁହାଯାଇଛି । ଅଗଷ୍ଟ ତୃତୀୟ ସପ୍ତାହରେ କରୋନା ମହାମାରୀକୁ ଦୃଷ୍ଟିରେ ରଖି ସମାଜର ଏକ ପ୍ରତିନିଧି ଦଳ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରିବ। ଏକ ପ୍ରତିନିଧି ଦଳ ଦିଲ୍ଲୀ ଗସ୍ତକରି କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି ଆଲୋଚନା ହୋଇଛି । ଏଥିରେ ଉପଦେଷ୍ଟା ମହେନ୍ଦ୍ର ନାୟକ, ମହାସଚିବ ପ୍ରଭାକର ଓରାମ, କାର୍ଯ୍ୟକାରୀ ସଦସ୍ୟ ରତ୍ନାକର ପ୍ରଧାନ, ସଚିବ ପଦ୍ମଲୋଚନ ବୁଦୁଲା, ବିନୋଦ ବିହାରୀ ବାଗ୍, ଉମ୍ବରୁଧର ନାୟକ, ଲିଙ୍ଗରାଜ ବଢେଇ ପ୍ରମୁଖ ଉପସ୍ଥିତଥିଲେ।

## ସୁନ୍ଦରଗଡ଼ରେ ଦ୍ୱିତୀୟ ଏମ୍ସ ନିର୍ମାଣ ପାଇଁ ଆର୍‌ଡିସିଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର


ସମ୍ବଲପୁର ଆର୍‌ଡିସି ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ସମ୍ବଲପୁର,୩୦।୭(ବ୍ୟୁରୋ)

ସୁନ୍ଦରଗଡ ଜିଲାରେ ରାଜ୍ୟର ଦ୍ୱିତୀୟ ଏମ୍ସ ନିର୍ମାଣ କରିବାକୁ ସମ୍ବଲପୁର ଆର୍‌ଡିସିଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନାଗରିକ କଲ୍ୟାଣ ସମିତି ଦାବିପତ୍ର ପ୍ରଦାନ କରିଛି। ପଶ୍ଚିମ ଓଡିଶାର ସୁନ୍ଦରଗଡ ଜିଲାରେ ସମସ୍ତ ସୁବିଧା ରହିଛି। ଝାରସୁଗୁଡ଼ା ବିମାନବନ୍ଦର, ବିଜୁ ଏକ୍ସପ୍ରେସ ଓ୍ୱେ ଭଳି ଗମନାଗମନ ସୁବିଧା ରହିଛି। ଏହା ଦ୍ୱାରା ପଶ୍ଚିମ ଓଡିଶା ସହିତ ପଡୋଶୀ ରାଜ୍ୟ ଛତିଶଗଡ, ଝାଡଖଣ୍ଡ ଲୋକମାନେ ମଧ୍ୟ ଉପକୃତ ହୋଇପାରିବେ। ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଅନୁରୋଧ କରିଛନ୍ତି। ଦାବିପତ୍ରରେ ଗୋବିନ୍ଦ ଅଗ୍ରୱାଲ, ମହେନ୍ଦ୍ର ମିଶ୍ର, ସୂର୍ଯ୍ୟ ପାଣିଗ୍ରାହୀ, ମହେଶ ସାଏତା, ଡାକ୍ତର ସଞ୍ଜୀବ ମିଶ୍ର, ରଜେନ୍ଦ୍ର କୁମାର ମହପାତ୍ର, ପ୍ରଦୀପ କୁମାର ସୁପକାର ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।

## ଭାଜପା ଆଦିବାସୀ ମୋର୍ଚ୍ଚାର ଆଦିବାସୀ ଅଧିକାର ରାଲି


ସମାବେଶରେ ଯୋଗଦେଇଥିବା ଭାଜପା ଆଦିବାସୀ ମୋର୍ଚ୍ଚା ନେତୃବୃନ୍ଦ।

କୁଚିଣ୍ଡା,୩୦।୭(ଡି.ଏନ.ଏ.)

ଆଦିବାସୀଙ୍କୁ ଅଧିକାର ପ୍ରଦାନ ଦାବିରେ ଶୁକ୍ରବାର ଭାଜପା ଆଦିବାସୀ ମୋର୍ଚ୍ଚା ପକ୍ଷରୁ କୁଚିଣ୍ଡାଠାରେ ଏକ ବିଶାଳ ରାଲି ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ପୂର୍ତ୍ତ ବିଭାଗ ଡାକବଙ୍ଗଳାରୁ ଶୋଭାଯାତ୍ରା ବାହାରି କୁଚିଣ୍ଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ସମ୍ବଲପୁର ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ଧ୍ରୁବଚରଣ କିଷାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ନେତୃମଣ୍ଡଳୀ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ। ପରେ ୧୨ ଦଫା ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ଉପଜିଲାପାଳଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା ଓଡ଼ିଶା ରାଜ୍ୟ ସାଧାରଣ ସମ୍ପାଦକ ରବିନାରାୟଣ ନାଏକ, ଆଦିବାସୀ ମୋର୍ଚ୍ଚା ରାଜ୍ୟ ସଭାପତି ତଥା ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ଆଦିବାସୀ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ଭୋଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବୃନ୍ଦାବନ ମାଝି, ସମ୍ବଲପୁର ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ଜିଲା ସଭାପତି ଗିରିଶ ପଟେଲ, କୃଷକ ମୋର୍ଚ୍ଚା ଜିଲା ସଭାପତି ସମୀର ବାବୁ, ଯୁବ ମୋର୍ଚ୍ଚା ଜିଲା ସଭାପତି ଅଶ୍ୱିନୀ ମାଝି, ଜିଲା ସାଧାରଣ ସମ୍ପାଦକ ସୁଶୀଲ କର, ମହିଳା ମୋର୍ଚ୍ଚା ଜିଲା ଉପସଭାପତି ଅନୁପମା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରସନ୍ନ ଆଚାର୍ଯ୍ୟଙ୍କ ଧନକଉଡ଼ା ୟୁପିଏଚ୍‌ସି ପରିଦର୍ଶନ

ସମ୍ବଲପୁର,୩୦।୭(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଧନକଉଡା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ୟୁପିଏଚ୍‌ସି)କୁ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଅଚାର୍ଯ୍ୟ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଡାକ୍ତର ଓ କର୍ମଚାରୀଙ୍କ ସହ ଆଲୋଚନା କରି ବିଭିନ୍ନ ସମସ୍ୟା ଅବଗତ ହୋଇଥିଲେ। ଏହାର ସମାଧାନ ଦିଗରେ ସରକାରଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ଆନ୍ଦନ ଜେନା, ମନୋଜ ମହାପାତ୍ର, ହୀରାଲାଲ ବେହେରା, ପ୍ରଶାନ୍ତ ଥମ୍ବା, ତପନ ଗୁରୁ, ନିଶିକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହିଥିଲେ। ପରେ ସେ ସର୍କିଟ ହାଉସରେ ଦଳୀୟ କର୍ମୀଙ୍କ ସହ ଦଳୀୟ ସଂଗଠନ ସଦୃଢ ହେବା ନେଇ ଆଲୋଚନା କରିଥିଲେ। ପ୍ରସନ୍ନଙ୍କ ୨ ଦିନିଆ ଗସ୍ତକୁ ନେଇ ସମ୍ବଲପୁର ସହରରେ ରାଜନୀତି ସରଗରମ ହୋଇଛି। ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବା ବେଳେ ସେ ହଠାତ୍ ଆସିବା ନେଇ ନାନା କଥା ଆଲୋଚନା ହେଉଛି। ସର୍କିଟ ହାଉସରେ କେତେଜଣ କର୍ମୀ ତାଙ୍କୁ ଭେଟି ଦଳରେ କିଭଳି ସେମାନଙ୍କୁ ଅଣଦେଖା କରାଯାଉଛି ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ସଭାପତି। ତେଣୁ ମତାନ୍ତର ନ କରି ଦଳ ପାଇଁ ଏକାଠି ମିଶି କାମ କରିବାକୁ ପରାମର୍ଶ ଦେଇଥିଲେ। ପ୍ରସନ୍ନ କହିଛନ୍ତି, ଏହା ରାଜନୀତି କାର୍ଯ୍ୟକ୍ରମ ନ ଥିଲା। ବ୍ୟକ୍ତିଗତ କାମ ଥିବାରୁ ଯାଇଥିଲି। ଦଳୀୟ କର୍ମୀ ଓ କେତେକ ଅନୁଷ୍ଠାନ ସଦସ୍ୟଙ୍କ ସହ ଆଲୋଚନା ହୋଇଥିଲା।


ଧନକଉଡା ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିବା ଅବସରରେ ପ୍ରସନ୍ନ ଆଚାର୍ଯ୍ୟ ଓ ଅନ୍ୟମାନେ।

## ନିୟମିତ ଖୋଲୁନି ଜଳ ବିଭାଜିକା କାର୍ଯ୍ୟାଳୟ

ଜମନକିରା, ୩୦।୭(ଡି.ଏନ୍.ଏ.)

ଜମନକିରା ବ୍ଲକ୍ ସଦର ମହକୁମାସ୍ଥିତ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ କାର୍ଯ୍ୟାଳୟ ନିୟମିତ ଖୋଲୁ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମ୍ବଲପୁର ଜିଲାର ଏହା ବୃହତ୍ତର ବ୍ଲକ୍। ବିଭିନ୍ନ କାର୍ଯ୍ୟ ପାଇଁ ଲୋକେ ୪୦ କି.ମି. ଦୂରରୁ ଏଠାକୁ ଆସିଥାନ୍ତି। ହେଲେ କାର୍ଯ୍ୟାଳୟ ସବୁଦିନେ ଠିକ୍‌ରେ ଖୋଲୁ ନ ଥିବାରୁ ସେମାନଙ୍କୁ ନିରାଶ ହେବାକୁ ପଡୁଛି। ଶୁକ୍ରବାର କାର୍ଯ୍ୟାଳୟ ଖୋଲାଯାଇ ନ ଥିବା ବେଳେ ଲୋକେ ଆସି ଫେରି ଯାଇଛନ୍ତି। ଏଠାରେ ୩ଜଣ ଅଧିକାରୀଙ୍କ ସମେତ କର୍ମଚାରୀ ରହିଥିବା ବେଳେ କେହି ହେଲେ ଉପସ୍ଥିତ ନ ଥିଲେ। ପରେ ସେମାନେ ସମ୍ପୃକ୍ତ ଅଧିକାରୀଙ୍କୁ ଫୋନରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ନ ଉଠାଇବାରୁ ଫେରିଯିବାକୁ ବାଧ୍ୟ ହୋଇଥିଲେ। ଏ ସମ୍ପର୍କରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପର ବୁର୍ଲା ଅଧିକାରୀ ପୀତାମ୍ବର ମଲ୍ଲିକଙ୍କୁ ପଚାରିବାରୁ ଷ୍ଟାଫ୍ କମ ରହିଛନ୍ତି। ପରିଦର୍ଶନ ପାଇଁ ଅନ୍ୟ ସ୍ଥାନକୁ ଯାଇଥାଇପାରନ୍ତି ବୋଲି କହିଥିଲେ।


ବନ୍ଦ ରହିଥିବା ଜଳବିଭାଜିକା କାର୍ଯ୍ୟାଳୟ।

# ପଦାରେ ପଡ଼ିଲା ବୋଟ୍ କିଣା ଦୁର୍ନୀତି

■ଯୋଗାଣକାରୀଙ୍କୁ ଫେରାଇଲା ବନ ବିଭାଗ
■ରେଞ୍ଜରଙ୍କୁ ଘେରିଲା ଦେବଝରନ ବିକାଶ ମଞ୍ଚ

ସମ୍ବଲପୁର,୩୦।୭(ବ୍ୟୁରୋ)

ସମ୍ବଲପୁର ଜିଲାରେ ବନ ବିଭାଗରେ ଦୁର୍ନୀତି ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ଯୁଯୁମୁରା ଇକୋଟୁରିଜମ୍ ଦେବଝରନ ପାଇଁ କିଣାଯାଇଥିବା ବୋଟ୍ ଫେରାଇବା ପରେ ଏହା ପ୍ରମାଣିତ ହୋଇଛି। ଆବଶ୍ୟକ କାଗଜପତ୍ର ଦାଖଲ କରି ନ ପାରିବାରୁ ବୋଟ୍ କମ୍ପାନୀ ନେଇଯାଇଥିବା ସଦର ରେଞ୍ଜର ଅକ୍ଷୟ ମହାରଣା ସଫେଇ ଦେଇଛନ୍ତି। ହେଲେ ବାସ୍ତବରେ ବୋଟ୍ କିଣାରେ ଲକ୍ଷାଧିକ ଟଙ୍କା ହେରଫେର କରାଯାଇଥିବାରୁ ଯୋଜନା ଫେଲ୍ ମାରିଛି ବୋଲି ଦେବଝରନ ବିକାଶମଞ୍ଚ ଅଭିଯୋଗ କରିଛି। ରେଞ୍ଜର ମହାରଣାଙ୍କୁ ଘେରାଉ କରି ବିକାଶମଞ୍ଚ ସଦସ୍ୟମାନେ ବୋଟକୁ ନେଇ ତଦନ୍ତ ଚାଲିଥିବା ବେଳେ କିଭଳି ଯୋଗାଣ କମ୍ପାନୀକୁ ନେବା ପାଇଁ ଅନୁମତି ଦିଆଗଲା ବୋଲି ପ୍ରଶ୍ନ କରିଥିଲେ। ସେମାନେ ଅଭିଯୋଗ କରିଛନ୍ତି, ଏହି ବୋଟ୍ କିଣାରେ ଲକ୍ଷାଧିକ ଟଙ୍କାର ଡିଲ ହୋଇଥିଲା। ପ୍ରଥମେ କମ୍ପାନୀ ବୋଟ୍ ଦେଇଥିଲା। ବନ ବିଭାଗ ପକ୍ଷରୁ ମଧ୍ୟ ଟଙ୍କା ଦେବାକୁ ପ୍ରୟାସ କରାଯାଇଥିଲା। ହେଲେ ଟ୍ରାଏଲ କରିବା ସମୟରେ ପୁରୁଣା ବୋଟ୍‌କୁ ରଙ୍ଗ ଲଗାଇ ଦେଇଥିବା ଜଣାପଡିଥିଲା। ଏ ନେଇ ତତ୍‌କାଳୀନ ଡିଏଫଓ ସଞ୍ଜିତ କୁମାରଙ୍କୁ ଅଭିଯୋଗ କରାଯାଇଥିଲା। ଏସିଏଫ୍ ଓ ରେଞ୍ଜରଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଡିଏଫ୍‌ଓ ଦର୍ଶାଇଥିଲେ, ବୋଟ୍ କିଣାରେ ଦୁର୍ନୀତି ହୋଇନାହିଁ। ଯୋଗାଣକାରୀ ଏଜେନ୍ସି ପରିଚାଳକ ସବିର ବକ୍ସ କାଗଜପତ୍ର ଦାଖଲ କରିବେ। ଏପରି କି ଅନ୍‌ଲାଇନରେ ବିଲ ଦିଆଯାଇଛି, ଅଫିସକୁ ଆସି ହାର୍ଡକପି ଦେବାକୁ ସବିର ବକ୍ସଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଥିଲେ। ଏବେ ଡିଏଫ୍‌ଓ କୁମାରଙ୍କ ବଦଳି ହୋଇଯାଇଛି। ଏହାର କିଛିଦିନ ପରେ ଯୋଗାଣକାରୀ ସଂସ୍ଥା ଦେଇଥିବା ପୁରୁଣା ବୋଟ୍ ନେଇ ଚାଲିଯାଇଛି। ବନ ବିଭାଗ ତଦନ୍ତକୁ ବାଟବଣା କରିବା ସହ ପ୍ରମାଣ ନଷ୍ଟ କରିବାକୁ ଏଭଳି କରିଥିବା ଅଭିଯୋଗ କରିଛନ୍ତି। ଅରୁଣ ଦେହୁରି, ବୀରେନ ଭୋଇ, ଟିଙ୍କୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଯୁଯୁମୁରା ଦେବଝରନ ପାଇଁ କିଣାଯାଇଥିବା ବୋଟ୍ ।

**ଏଲ୍ଏସିରେ ମୁତୟନ ପାଇଁ ତିବ୍ବତରୁ ଚାଇନାର ସୈନ୍ୟ ନିଯୁକ୍ତି**

ପ୍ରକୃତ ନିୟନ୍ତ୍ରଣ ରେଖା(ଏଲ୍ଏସି)ରେ ମୁତୟନ ଲାଗି ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ତିବ୍ବତରୁ ସୈନ୍ୟ ନିଯୁକ୍ତି ଦେଉଛି। ସେଠାର ପ୍ରତି ପରିବାରରୁ ଜଣକୁ ପିଏଲ୍ଏରେ ସାମିଲ କରିବା ଲାଗି ବାଧ୍ୟତାମୂଳକ କରାଯାଇଛି। ସେମାନଙ୍କର ଆନୁଗତ୍ୟ ପରୀକ୍ଷା ପରେ ନିଯୁକ୍ତି ଦିଆଯାଉଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଲଦାଖ ଏବଂ ଅରୁଣାଚଳପ୍ରଦେଶ ଅନ୍ତର୍ଗତ ଏଲ୍ଏସିରେ ବିଶେଷ କରି ପ୍ରତିକୂଳ ଜଳବାୟୁରେ ଚାଇନା ଏହାର ଉପସ୍ଥିତି ବଢ଼ାଇବା ପାଇଁ ସବୁ ପ୍ରକାର ଉଦ୍ୟମ ଜାରି ରଖିଛି।



## ସଂକ୍ଷେପରେ

### ଅନ୍ତର୍ଜାତୀୟ ସୀମାରେ ପାକିସ୍ତାନ ଡ୍ରୋନ୍



**ଜମ୍ମୁ, ୩୦।୭(ପି.ଟି.):** ଜମ୍ମୁ-କଶ୍ମୀରର ସାମ୍ବା ଜିଲା ଅନ୍ତର୍ଗତ ଅନ୍ତର୍ଜାତୀୟ ସୀମା ନିକଟବର୍ତ୍ତୀ ୩ ସ୍ଥାନରେ ପାକିସ୍ତାନୀ ଡ୍ରୋନ୍ ଚକ୍କର ମାରିବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ବରି-ବ୍ରହମାନା, ଚିଲଦ୍ୟା ଏବଂ ଗଗ୍ୱାଲ ଅଞ୍ଚଳରେ ଗୁରୁବାର ରାତି ୮ଟା ୩୦ରେ ଏକସଙ୍ଗେ ୩ଟି ଡ୍ରୋନ୍ ଉଡୁଥିବା ଦେଖାଯାଇଥିଲା ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ଚିଲଦ୍ୟା ନିକଟରେ ଉଡୁଥିବା ଡ୍ରୋନ୍‌କୁ ଖସାଇବା ପାଇଁ ବିଏସ୍ଏଫ୍ ଯବାନ ଦୁଇରାଉଣ୍ଡ ଗୁଳି ଚଳାଇଥିଲେ ମଧ ଏହା ଖସି ପଳାଇବାକୁ ସକ୍ଷମ ହୋଇଥିଲା। ଅନ୍ୟ ଦୁଇଟି ଡ୍ରୋନ୍ ଖୁବ୍ ଶୀଘ୍ର ପାକିସ୍ତାନ ପାର୍ଶ୍ୱକୁ ଚାଲିଯାଇଥିଲେ। ପୋଲିସ ଓ ଅନ୍ୟ ସୁରକ୍ଷା ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଛନ୍ତି। ତେବେ ତଲାସି ବେଳେ କୌଣସି ସନ୍ଦେହଜନକ ବସ୍ତୁ ଉକ୍ତ ଅଞ୍ଚଳରୁ ମିଳି ନ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ସପ୍ତାହେ ପୂର୍ବରୁ ଅନ୍ୟ ଏକ ପାକିସ୍ତାନୀ ଡ୍ରୋନ୍‌କୁ ଜମ୍ମୁ-କଶ୍ମୀର ପୋଲିସ ଗୁଳି କରି ଖସାଇଥିଲା। ଉକ୍ତ ଡ୍ରୋନ୍ ୫ କିଲୋଗ୍ରାମ ଓଜନର ଆଇଇଡି ବହନ କରି ଆସିଥିଲା।

### ମହିଳା ବ୍ୟାଙ୍କରଙ୍କୁ ହତ୍ୟାକଲେ ପୂର୍ବତନ ମ୍ୟାନେଜର

**ପାଲଘର, ୩୦।୭:** ମହାରାଷ୍ଟ୍ରର ପାଲଘର ଜିଲା ଭିରାରସ୍ଥିତ ଏକ ଘରୋଇ ବ୍ୟାଙ୍କର ଜଣେ ମହିଳା ଅଫିସରଙ୍କୁ ଉକ୍ତ ବ୍ୟାଙ୍କ ଶାଖାର ପୂର୍ବତନ ମ୍ୟାନେଜର ଛୁରି ଭୁସି ହତ୍ୟା କରିଛନ୍ତି। ଏହି ଆକ୍ରମଣବେଳେ ମହିଳା ଅଫିସରଙ୍କ ଜଣେ ସହକର୍ମୀ ଆହତ ହୋଇଛନ୍ତି। ଗୁରୁବାର ରାତି ସାଢ଼େ ୮ଟା ବେଳେ ଆଇସିଆଇସିଆଇ ବ୍ୟାଙ୍କ ଭିରାର ପୂର୍ବ ଶାଖାରେ ଏହି ଆକ୍ରମଣ ହୋଇଥିଲା। ସେତେବେଳେ ବ୍ୟାଙ୍କର କେବଳ ମହିଳା ଅଫିସର ଓ ତାଙ୍କ ସହକର୍ମୀ ଥିଲେ। ଆକ୍ରମଣ କରିଥିବା ୨ ଜଣଙ୍କ ମଧ୍ୟରୁ ଜଣେ ଉକ୍ତ ବ୍ୟାଙ୍କର ପୂର୍ବତନ ମ୍ୟାନେଜର ଅନିଲ ଦୁବେ। ତାଙ୍କୁ ଗିରଫ କରାଯାଇଛି। ଦୁଇ ଅଭିଯୁକ୍ତ ବ୍ୟାଙ୍କରେ ପଶି ସହକାରୀ ମ୍ୟାନେଜର ଯୋଗିତା ଭର୍ତକ ଏବଂ କ୍ୟାଶିୟର ଶ୍ରଦ୍ଧା ଦେବ୍ରୁଖ୍‌କରଙ୍କୁ ଛୁରି ଦେଖାଇ ଟଙ୍କା ଓ ଅଳଙ୍କାର ନେଇ ପଳାଇବାକୁ ଉଦ୍ୟମ କରୁଥିଲେ। ବ୍ୟାଙ୍କ ଅଫିସର ଆଲାର୍ମ ବଜାଇବାରୁ ସେମାନେ ଆକ୍ରମଣ କରିଥିଲେ ବୋଲି ପୋଲିସ କହିଛି। ଦୁବେଙ୍କୁ ସ୍ଥାନୀୟ ଲୋକେ କାବୁ କରିନେଇଥିବାବେଳେ ତାଙ୍କ ସହଯୋଗୀ ଖସି ପଳାଇଥିଲେ।

# ବୁଦ୍ଧିମତ୍ତା କମାଉଛି କୋଭିଡ୍

**ଲଣ୍ଡନ, ୩୦।୭**

କୋଭିଡ୍ ସଂକ୍ରମଣ ସହ ବୁଦ୍ଧିମତ୍ତାର ସମ୍ପର୍କ ରହିଥିବା ଏକ ନୂଆ ଗବେଷଣାରୁ ଜଣାପଡ଼ିଛି। ଏହି ଅଧ୍ୟୟନ ଅନୁଯାୟୀ ଗୁରୁତର ସଂକ୍ରମିତ କୋଭିଡ୍ ରୋଗୀଙ୍କର ବୁଦ୍ଧିମତ୍ତା ହ୍ରାସ ପାଉଛି। କୋଭିଡ୍-୧୯ରୁ ଆରୋଗ୍ୟ ହୋଇଥିବା ଲୋକେ ଯୋଜନା ପ୍ରସ୍ତୁତ କରିବା, ସମସ୍ୟା ସମାଧାନ ଏବଂ ବିତର୍କରେ କମ୍‌ଜୋର ହେଉଥିବା ଦେଖାଯାଉଛି। ଲଣ୍ଡନ ଇମ୍ପେରିଆଲ କଲେଜର ଆସୋସିଏଟ୍ ପ୍ରଫେସର ତଥା କଗ୍‌ନିଟିଭ୍ ନ୍ୟୁରୋସାଇଣ୍ଟିଷ୍ଟ ଆଡାମ ହାମ୍ପଶାୟାର ଓ ତାଙ୍କ ଟିମ୍ ପକ୍ଷରୁ ଏହି ଗବେଷଣା କରାଯାଇଥିଲା। ସେମାନେ କରୋନାରେ ଆରୋଗ୍ୟ ହୋଇଥିବା କେତେଜଣଙ୍କର ବୁଦ୍ଧିମତ୍ତା ଓ ତାର୍କିକ ଜ୍ଞାନର ପରୀକ୍ଷା କରାଇଥିଲେ। ଗତବର୍ଷ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ ସେମାନେ ବ୍ରିଟେନର ୮୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ପରୀକ୍ଷା କରାଇଥିବାବେଳେ ସେଥିରୁ ୧୩,୦୦୦ କୋଭିଡ୍ ସଂକ୍ରମିତ ହୋଇଥିଲେ। ଦୀର୍ଘଦିନ କରୋନାରେ ସଂକ୍ରମିତ ହୋଇ ଆରୋଗ୍ୟ ହୋଇଥିବା ପରୀକ୍ଷାର୍ଥୀ ପ୍ଲାନିଂ, ସମସ୍ୟା ସମାଧାନ, ବିତର୍କ ଆଦିରେ ଦୁର୍ବଳ ପ୍ରଦର୍ଶନ କରିଥିଲେ। ସେହିପରି ଭେଣ୍ଟିଲେଟର ସପୋର୍ଟରେ ଥିବା କରୋନା ରୋଗୀଙ୍କ ବୁଦ୍ଧିମତ୍ତା ୭ ପଏଣ୍ଟ ହ୍ରାସ ପାଇଥିବା ଦେଖାଯାଇଥିଲା। ହୃଦ୍‌ଘାତରୁ ଆରୋଗ୍ୟ କିମ୍ବା ଶିକ୍ଷାଗ୍ରହଣରେ ଅସାମର୍ଥ୍ୟ ଥିବା ବ୍ୟକ୍ତିଙ୍କଠାରେ ଦେଖାଦେଇଥିବା ଆଇକ୍ୟୁ ହ୍ରାସଠାରୁ ମଧ ଏହା ଅଧିକ। ୨୭୫ ଜଣ କୋଭିଡ୍ ପୂର୍ବରୁ ଏବଂ ପରବର୍ତ୍ତୀ ପରୀକ୍ଷା ସମ୍ପୂର୍ଣ୍ଣ କରିଥିଲେ। ତେବେ କୋଭିଡ୍ ସହ ବୁଦ୍ଧିମତ୍ତା ହ୍ରାସର କିପରି ସମ୍ପର୍କ ରହିଛି ଓ ଏହା କେତେଦିନ ପର୍ଯ୍ୟନ୍ତ ରହିବ ତାହା ଜଣାପଡ଼ି ନ ଥିବା ହାମ୍ପଶାୟାର ଏକ ସାକ୍ଷାତ୍‌କାରରେ କହିଛନ୍ତି। କରୋନା ଭୂତାଣୁ ରୂପ ବଦଳାଇ ଚାଲିଥିବାବେଳେ ଅଧିକରୁ ଅଧିକ ଲୋକଙ୍କୁ ଟିକା ଦେବାପାଇଁ ବିଭିନ୍ନ ଦେଶ ଉଦ୍ୟମ ଚଳାଇଛନ୍ତି। ମାନବ ମସ୍ତିଷ୍କ ଓ ଜ୍ଞାନ ଉପରେ କରୋନାର ଗୋପନ ପ୍ରଭାବ ସମ୍ପର୍କରେ ବୈଜ୍ଞାନିକ ଗବେଷଣାରୁ ଜଣାପଡ଼ିବା ପରେ ଅନେକଙ୍କ ଚିନ୍ତା ବଢ଼ିଯାଇଛି। କୋଭିଡ୍ ସଂକ୍ରମିତଙ୍କଠାରେ ଷ୍ଟ୍ରୋକ୍ ବଢ଼ିବା ଆଶଙ୍କା ଥିବା କାନାଡାର ଏକ ଅଧ୍ୟୟନରୁ ଜଣାପଡ଼ିଛି।



## ହାଡ଼ଫୁଟି ଭଳି ସଂକ୍ରାମକ ଡେଲ୍ଟା

**ନ୍ୟୁୟର୍କ, ୩୦।୭**

କରୋନା ଭୂତାଣୁର ଡେଲ୍ଟା ଭାରିଆଣ୍ଟ ହାଡ଼ଫୁଟି ଭଳି ଅତି ସହଜରେ ଓ ଦ୍ରୁତ ବେଗରେ ସଂକ୍ରମିତ ହୋଇଥାଏ। ଏହା ଅନ୍ୟ ଭାରିଆଣ୍ଟ ତୁଳନାରେ ଅଧିକ ଗୁରୁତର ଅସୁସ୍ଥ କରିପାରେ ବୋଲି ଆମେରିକା ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ଏକ ଆଭ୍ୟନ୍ତରୀଣ ଦସ୍ତାବିଜ୍‌ରୁ ଜଣାପଡ଼ିଛି। ସେଣ୍ଟର୍ସ ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ଶନ (ସିଡିସି) ପ୍ରକାଶ କରି ନ ଥିବା କେତେକ ତଥ୍ୟ ଅନୁଯାୟୀ ଟିକା ନ ନେଇଥିବା ବ୍ୟକ୍ତିଙ୍କ ଭଳି ସମ୍ପୂର୍ଣ୍ଣ ଟିକା ନେଇସାରିଥିବା ବ୍ୟକ୍ତିଙ୍କୁ ମଧ ଡେଲ୍ଟା ଭାରିଆଣ୍ଟ ସଂକ୍ରମଣ କରିଥାନ୍ତି। ସିଡିସି ନିର୍ଦ୍ଦେଶକ ଡ. ରୋଚେଲେ ପି. ୱାଲେନ୍‌ସ୍କି ଏହା ସ୍ୱୀକାର କରିଛନ୍ତି।

ଏମ୍ଇଆର୍ଏସ୍, ସାର୍ସ, ଇବୋଲା, ସାଧାରଣ ଥଣ୍ଡା, ଋତୁକାଳୀନ ଜ୍ୱର, ବସନ୍ତ ତୁଳନାରେ ଡେଲ୍ଟା ଭାରିଆଣ୍ଟ ଅଧିକ ସଂକ୍ରାମକ। ଏହା ହାଡ଼ଫୁଟି ଭଳି ଦ୍ରୁତ ବେଗରେ ବ୍ୟାପିଥାଏ ବୋଲି ଦସ୍ତାବିଜ୍‌ରେ କୁହାଯାଇଛି। ଭାରତରେ ପ୍ରଥମେ ଚିହ୍ନଟ ହୋଇଥିବା ଏହି ଭାରିଆଣ୍ଟ (ବି.୧.୬୧୭.୨) ଅଧିକ ଗୁରୁତର ରୋଗ ସୃଷ୍ଟି କରୁଛି। ଭୂତାଣୁର ସାଧାରଣ ଭର୍ସନ ଅପେକ୍ଷା ଡେଲ୍ଟା ଭାରିଆଣ୍ଟରେ ହଜାର ଗୁଣ ଅଧିକ ସଂକ୍ରମିତ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି।

## ମଧ୍ୟପ୍ରାଚ୍ୟରେ ଚତୁର୍ଥ ଲହର ଆଣିଲା ଡେଲ୍ଟା

ଡେଲ୍ଟା ଭାରିଆଣ୍ଟ ଯୋଗୁ ବିଭିନ୍ନ ଦେଶରେ ସଂକ୍ରମଣ ବଢ଼ିଚାଲିଛି। କୋଭିଡ୍ ଟିକାକରଣରେ ପଛୁଆ ଥିବା ମଧ୍ୟପ୍ରାଚ୍ୟରେ ଏହି ଭାରିଆଣ୍ଟ ଚତୁର୍ଥ ଲହର ଆଣିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) କହିଛି। ଉକ୍ତ ଅଞ୍ଚଳର ମରକ୍କୋଠାରୁ ପାକିସ୍ତାନ ପର୍ଯ୍ୟନ୍ତ ୨୨ ଦେଶ ମଧ୍ୟରୁ ୧୫ଟିରେ ଡେଲ୍ଟା ଭାରିଆଣ୍ଟ ବ୍ୟାପିଥିବା ରେକର୍ଡ କରାଯାଇଛି। ଡେଲ୍ଟା ଭାରିଆଣ୍ଟ ଯୋଗୁ ଡବ୍ଲ୍ୟୁଏଚ୍ଓର ପୂର୍ବ ମେଡିଟେରିଆନ୍ ଅଞ୍ଚଳରେ ସଂକ୍ରମଣ ଓ ମୃତ୍ୟୁସଂଖ୍ୟା ବଢ଼ିଚାଲିଛି। ନୂଆ ମାମଲା ଏବଂ ହସ୍ପିଟାଲରେ ଭର୍ତ୍ତି ହେଉଥିବା ରୋଗୀଙ୍କ ମଧ୍ୟରୁ ଅଧିକାଂଶ ଟିକା ନେଇ ନ ଥିବା ଜଣାପଡ଼ିଛି। ଉକ୍ତ ଅଞ୍ଚଳରେ କୋଭିଡ୍-୧୯ର ଚତୁର୍ଥ ଲହର ଚାଲିଥିବା ଡବ୍ଲ୍ୟୁଏଚ୍ଓ ପୂର୍ବ ମେଡିଟେରିଆନ ନିର୍ଦ୍ଦେଶକ ଅହମଦ ଅଲ୍-ମନ୍ଧାରି କହିଛନ୍ତି। ଡବ୍ଲ୍ୟୁଏଚ୍ଓ ତଥ୍ୟ ଅନୁଯାୟୀ ଜୁଲାଇ ଶେଷ ସପ୍ତାହ ସୁଦ୍ଧା ମଧ୍ୟପ୍ରାଚ୍ୟରେ ୪୧ ନିୟୁତ ଲୋକ କୋଭିଡ୍ ଟିକା ନେଇଛନ୍ତି, ଯାହାକି ମୋଟ ଲୋକସଂଖ୍ୟାର ୫.୫ ପ୍ରତିଶତ। ସେପଟେ ଉକ୍ତ ଅଞ୍ଚଳରେ ସଂକ୍ରମଣ ୫୫ ପ୍ରତିଶତ ବଢ଼ିଥିବାବେଳେ ମୃତ୍ୟୁସଂଖ୍ୟା ୧୫ ପ୍ରତିଶତ ବୃଦ୍ଧି ପାଇଛି। ସପ୍ତାହକୁ ସେଠାରେ ୩.୧ ଲକ୍ଷ ସଂକ୍ରମିତ ହେଉଥିବାବେଳେ ୩,୫୦୦ ଲୋକଙ୍କ ଜୀବନ ଯାଉଛି।



ମହାରାଷ୍ଟ୍ରର ମଣ୍ଡିଠାରେ ପ୍ରବଳ ବର୍ଷାଯୋଗୁ କାନ୍ଥ ଭୁଶୁଡ଼ି ଗାଡ଼ିଗୁଡ଼ିକ ଚାପି ହୋଇଯାଇଛି।

## ଆସନ୍ତା ସପ୍ତାହରେ ପେଗାସସ୍ ଶୁଣାଣି

**ନୂଆଦିଲ୍ଲୀ, ୩୦।୭**

ପେଗାସସ୍ ଗୁପ୍ତଚରଗିରି ମାମଲାର ନିରପେକ୍ଷ ତଦନ୍ତ ଜଣେ କାର୍ଯ୍ୟରତ କିମ୍ବା ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ କରିବା ଲାଗି ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟରେ ବରିଷ୍ଠ ସାମ୍ବାଦିକ ଏନ୍. ରାମ ଏବଂ ଶଶୀ କୁମାର ଆବେଦନ କରିଥିଲେ। ଆସନ୍ତା ସପ୍ତାହରେ ମାମଲାର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ଗ୍ରହଣ କରିଛନ୍ତି। ପ୍ରଧାନ ବିଚାରପତି ଏନ୍.ଭି. ରମାନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠରେ ବରିଷ୍ଠ ଆଇନଜୀବୀ କପିଲ ସିବଲ ଏହି ମାମଲା ଉପସ୍ଥାପନ କରିଥିଲେ। ଏଭଳି ଗୁପ୍ତଚରଗିରି ଯୋଗୁ ନାଗରିକ, ରାଜନେତା, ଖବରଦାତା, ନ୍ୟାୟିକ ଅଧିକାରୀଙ୍କ ସ୍ୱାଧୀନତା କ୍ଷୁଣ୍ଣ ହେଉଥିବା ସିବଲ ଦର୍ଶାଇଥିଲେ। ଏହା ପରେ ଖଣ୍ଡପୀଠ ଆସନ୍ତା ସପ୍ତାହରେ ପିଟିଶନର ଶୁଣାଣି କରିବାକୁ ରାଜି ହୋଇଥିଲେ।

## ଝାଡ଼ଖଣ୍ଡ ମୁଖ୍ୟ ସଚିବ, ଡିଜିପିଙ୍କୁ ସୁପ୍ରିମକୋର୍ଟଙ୍କ ରିପୋର୍ଟ ତଲବ

**ନୂଆଦିଲ୍ଲୀ, ୩୦।୭**

ଝାଡ଼ଖଣ୍ଡ ଧାନବାଦ ଜିଲାର ଅତିରିକ୍ତ ଜିଲା ଓ ଦୌରା ଜଜ୍ ଉତ୍ତମ ଆନନ୍ଦଙ୍କୁ ଅଟୋ ମଡ଼ାଇ ହତ୍ୟା ଘଟଣାକୁ ସୁପ୍ରିମକୋର୍ଟ ଶୁକ୍ରବାର ନିଜ ଆଡୁ ବିଚାର ପାଇଁ ଗ୍ରହଣ କରିବା ସହ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ରିପୋର୍ଟ ତଲବ କରିଛନ୍ତି। ସପ୍ତାହେ ମଧ୍ୟରେ ତଦନ୍ତର ଷ୍ଟାଟସ୍ ରିପୋର୍ଟ ଦାଖଲ କରିବା ଲାଗି ସେମାନଙ୍କୁ କୁହାଯାଇଛି। ଦେଶରେ ନ୍ୟାୟିକ ଅଧିକାରୀଙ୍କ ଉପରେ ଆକ୍ରମଣ ଘଟୁଥିବାରୁ ସର୍ବୋଚ୍ଚ ଅଦାଲତ ଏହାର ଏସ୍ଆଇଟି ତଦନ୍ତ ଉପରେ ନଜର ରଖିବେ ବୋଲି ପ୍ରଧାନ ବିଚାରପତି ଏନ୍.ଭି. ରମାନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ତେବେ ବିଚାରପତି ମୃତ୍ୟୁ ଘଟଣାର ତଦନ୍ତ ଝାଡ଼ଖଣ୍ଡ ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ହେବ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ମର୍ନିଂ ୱାକ୍‌ରେ ଯାଇଥିବା ବିଚାରପତିଙ୍କୁ ଏକ ଅଟୋ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ସିସିଟିଭିରେ ରେକର୍ଡ ହୋଇଥିବା ଦୃଶ୍ୟରୁ ଉଦ୍ଦେଶ୍ୟମୂଳକ ଭାବେ ଦୁର୍ଘଟଣା କରାଯାଇଥିବା ଜଣାପଡ଼ିଥିଲା। ସୋସିଆଲ ମିଡିଆରେ ଏହି ଦୃଶ୍ୟ ଭାଇରାଲ ହୋଇଥିଲା।

## ପାର୍ଲାମେଣ୍ଟରେ ଅଚଳାବସ୍ଥା ଜାରି

**ନୂଆଦିଲ୍ଲୀ, ୩୦।୭**

ପେଗାସସ୍ ସ୍ପାଏୱେର ଗୁପ୍ତଚରଗିରି ବିବାଦକୁ ନେଇ କେନ୍ଦ୍ର ସରକାର ଏବଂ ବିରୋଧୀ ଦଳ ମଧ୍ୟରେ ଟଣାଓଟରା ଲାଗିରହିଥିବାବେଳେ ପାର୍ଲାମେଣ୍ଟର କାର୍ଯ୍ୟଧାରା ବାଧାପ୍ରାପ୍ତ ହୋଇଛି। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ମୌସୁମୀ ଅଧିବେଶନର ପ୍ରଥମ ଦୁଇ ସପ୍ତାହରେ କୌଣସି କାର୍ଯ୍ୟ ହୋଇପାରି ନାହିଁ। ଲୋକ ସଭା କାର୍ଯ୍ୟ ମାତ୍ର ୧୪ ପ୍ରତିଶତ ହୋଇଥିବାବେଳେ ରାଜ୍ୟ ସଭା ୨୨ ପ୍ରତିଶତ ଫଳପ୍ରଦ ହୋଇଛି। ଲୋକ ସଭାରେ ବର୍ତ୍ତମାନ ସୁଦ୍ଧା ମାତ୍ର ୪୪ ମିନିଟ ମଧ୍ୟରେ ୫ଟି ବିଲ୍ ଗୃହୀତ ହୋଇଛି। ଅଚଳାବସ୍ଥା ଲାଗିରହିଥିବାରୁ ଗୃହର ମୂଲ୍ୟବାନ ସମୟ ନଷ୍ଟ ହେଉଛି। ରାଜ୍ୟ ସଭାରେ ଦୁଇ ସପ୍ତାହରେ ୭୨ ମିନିଟ ଆଲୋଚନା ହୋଇ ୩ଟି ବିଲ୍ ଗୃହୀତ ହୋଇଛି।

ବୁଧବାର ଲୋକ ସଭାରେ ୫ ମିନିଟ ମଧ୍ୟରେ ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ୍ (ସଂଶୋଧନ) ବିଲ୍ ଗୃହୀତ ହୋଇଥିଲା। ସେହିପରି ୨୬ ତାରିଖରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫୁଡ୍ ଟେକ୍‌ନୋଲୋଜି , ଏଣ୍ଟରପ୍ରେନ୍ୟୁରଶିପ୍ ଆଣ୍ଡ ମ୍ୟାନେଜମେଣ୍ଟ ବିଲ୍ ୬ ମିନିଟରେ ଗୃହୀତ ହୋଇଥିଲା। ସେହିଦିନ ଲୋକ ସଭାରେ ଫ୍ୟାକ୍ଟୋରିଂ ରେଗୁଲେଶନ (ସଂଶୋଧନ) ବିଲ୍ ଏବଂ ଏୟାରପୋର୍ଟସ୍ ଇକୋନୋମିକ୍ ରେଗୁଲେଶନ ଅଥରିଟି ଅଫ୍ ଇଣ୍ଡିଆ (ସଂଶୋଧନ) ବିଲ୍ ଯଥାକ୍ରମେ ୧୩ ଓ ୧୪ ମିନିଟରେ ଗୃହୀତ ହୋଇଥିଲା। ୨୯ ତାରିଖରେ ଇନ୍‌ଲାଣ୍ଡ ଭେସେଲ୍ସ ବିଲ୍ ୬ ମିନିଟରେ ଗୃହୀତ ହୋଇଥିଲା।

ଅନ୍ୟପକ୍ଷରେ ରାଜ୍ୟ ସଭାରେ ୨୯ ତାରିଖରେ ଫ୍ୟାକ୍ଟୋରିଂ ରେଗୁଲେଶନ (ସଂଶୋଧନ) ବିଲ୍ ୧୪ ମିନିଟରେ, ୨୭ରେ ମେରାଇନ୍ ଆଡ୍ସ ଟୁ ନାଭିଗେଶନ ବିଲ୍ ୪୦ ମିନିଟରେ ଗୃହୀତ ହୋଇଥିଲା। ୨୮ ତାରିଖରେ ଜୁଭେନାଇଲ ଜଷ୍ଟିସ୍ (ଶିଶୁ ଯତ୍ନ ଓ ସୁରକ୍ଷା)ସଂଶୋଧନ ବିଲ୍ ୧୮ ମିନିଟ ଆଲୋଚନା ପରେ ଗୃହୀତ ହୋଇଥିଲା। ସୂଚନାଯୋଗ୍ୟ ବଜେଟ ଅଧିବେଶନରେ ପ୍ରତି ବିଲ୍ ପାସ୍ ହେବା ପୂର୍ବରୁ ଲୋକ ସଭାରେ ହାରାହାରି ୨.୫ ଘଣ୍ଟା ଏବଂ ରାଜ୍ୟ ସଭାରେ ୨ ଘଣ୍ଟା ଆଲୋଚନା ହେଉଥିଲା।

**ଲୋକ ସଭାରେ ୪୪ ମିନିଟ୍‌ରେ ପାସ୍ ହୋଇଛି ୫ ବିଲ୍**



## ଫୁରସତ

### ଭାଇରାଲ୍ ନାଚ

**ନୂଆଦିଲ୍ଲୀ:** ପ୍ରତିଭା କେବେ ଲୁଚି ରହେନା। ଦିନେ ନା ଦିନେ ଏହା ସମସ୍ତଙ୍କ ସାମ୍ନାକୁ ଆସିଥାଏ। ଆଉ ଏବେ ବିଭିନ୍ନ ଅଞ୍ଚଳର ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ମୁଖ୍ୟ ଭୂମିକା ନିଭାଉଛି ସୋସିଆଲ ମିଡିଆ। ଠିକ୍ ଏମିତି ଏକ ଘଟଣାରେ ଏବେ ଜଣେ କୁନି ପ୍ରତିଭା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛନ୍ତି, ଯାହାଙ୍କର ନାଚ ଦେଖିଲେ ଯେ କେହି ବି ପ୍ରଭାବିତ ହୋଇଯିବ।



ଇଶାନ୍‌ଭି ହେଗ୍‌ଡେ। ସୋସିଆଲ ମିଡିଆରେ ଏବେ ଜଣେ ବିଶିଷ୍ଟ ନୃତ୍ୟ ପ୍ରତିଭା। ନାଚ କରିବା ସମୟରେ ତାଙ୍କର ସୁର ତାଳ ସହ ଅଙ୍ଗଭଙ୍ଗୀ ବେଶ୍ ଆକର୍ଷଣୀୟ। ଖାଲି ସେତିକି ନୁହେଁ, ଇଶାନ୍‌ଭି ନାଚିବା ସମୟରେ ମୁହଁରେ ଯେଉଁଭଳି ଭାବମିଶ୍ରିତ ପ୍ରତିକ୍ରିୟା ଦେଇଥାନ୍ତି ତାହା ହିଁ ତାଙ୍କ ନାଚକୁ ବେଶି ଆକର୍ଷଣୀୟ କରିପାରିଛି। ତାଙ୍କର ସଦ୍ୟତମ ନାଚ ଭିଜୁଆଲଟିରେ ସେ ଏକ ରାଜସ୍ଥାନୀ ଓ ପଞ୍ଜାବୀ ମିଶ୍ରିତ ଗୀତରେ ନାଚ କରିଛନ୍ତି। ଆଉ ନାଚ କରିବା ସମୟରେ ସେ ସବୁଜ ରଙ୍ଗର ଲମ୍ବା ସ୍କର୍ଟ ଏବଂ ହଳଦିଆ ରଙ୍ଗର ଟପ୍ ପିନ୍ଧିଛନ୍ତି, ଯାହା ତାଙ୍କୁ ଖୁବ୍ ମାନୁଛି। ତେବେ ବେଶଭୂଷାକୁ ମାନିବା ଭଳି ସେ ଚୁଡ଼ି ଓ ଅନ୍ୟ କିଛି ଅଳଙ୍କାର ଲଗାଇଛନ୍ତି, ଯାହା ତାଙ୍କ ଲୁକ୍‌କୁ ଅଧିକ ପରଫେକ୍ଟ କରିପାରିଛି। ଇଶାନ୍‌ଭିଙ୍କର ଏହି ନାଚ ଭିଡିଓକୁ ତାଙ୍କ ମାଆ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ନାଚ ସାଙ୍ଗକୁ ଇଶାନ୍‌ଭିଙ୍କର ସୁନ୍ଦର ଚାହାଣି ଓ ମନଲୋଭା ହସ ତାଙ୍କୁ ଅଧିକ କ୍ୟୁଟ୍ କରିପାରିଛି। ତେବେ ଜଣେ ଅଭିଜ୍ଞ ନୃତ୍ୟାଙ୍ଗନାଙ୍କ ଭଳି ଇଶାନ୍‌ଭି ଏବେଠାରୁ ଯେଉଁଭଳି ନୃତ୍ୟ କରୁଛନ୍ତି ତାହା ଦେଖିଲେ ତାଙ୍କର ସୁନ୍ଦର ଭବିଷ୍ୟତ ଜଣାପଡୁଛି। ଭବିଷ୍ୟତରେ ସେ ଜଣେ ବିଶିଷ୍ଟ ନୃତ୍ୟ ପ୍ରତିଭା ହୋଇପାରିବେ ଏକଥା ଏବେ ଠାରୁ ହିଁ ଲୋକେ କମେଣ୍ଟ ଦେଇଛନ୍ତି। ତାଙ୍କର ଏହି ନାଚ ଭିଡିଓଟିକୁ ଏବେ ସୁଦ୍ଧା ପାଖାପାଖି ୨ ଲକ୍ଷ ଲୋକ ଦେଖି ସାରିଲେଣି ଏବଂ ହଜାର ହଜାର କମେଣ୍ଟ ମିଳିପାରିଛି। ତେବେ ସୋସିଆଲ ମିଡିଆରେ ତାଙ୍କ ନାଚର ସୁନ୍ଦର କୋରିଓଗ୍ରାଫିକୁ ଦେଖି ତାଙ୍କ ଫଲୋଅରଙ୍କ ସଂଖ୍ୟା ବହୁତ ବଢ଼ିଯାଇଛି।

### ବାସନ ମାଜିଲେ ସୋନୁ



**ମୁମ୍ବାଇ:** ସାଉଥ ସିନେମାରୁ ବଲିଉଡ ପର୍ଯ୍ୟନ୍ତ ଯାତ୍ରା କରିଥିବା ସୋନୁ ସୁଦଙ୍କ ପାଇଁ ଜୁଲାଇ ୩୦ ହେଉଛି ଏକ ନିଆରା ଦିନ । ଶୁକ୍ରବାର ସେ ପାଳନ କରିଛନ୍ତି ତାଙ୍କର ୪୮ ତମ ଜନ୍ମଦିନ । ଅଭିନେତା ଭାବେ ତାଙ୍କର ଯେତିକି ପରିଚୟ ରହିଛି ତା'ଠାରୁ ଏବେ ଅଧିକ ପରିଚିତ ଗରିବଙ୍କ ଦେବଦୂତ ଭାବେ । ଉଦାର ହୃଦୟର ଏହି ବ୍ୟକ୍ତି ଜଣକ ଏବେ ଘରେ ଘରେ ବେଶ ପରିଚିତ । ତେବେ ଜନ୍ମ ଦିନରେ ସୋନୁ କାହିଁକି ବାସନ ମାଜୁଛନ୍ତି ତାହା ଜାଣିବାକୁ ସମସ୍ତଙ୍କ ମନରେ ଉତ୍କଣ୍ଠା ଆସିଛି । ଅସଲ କଥା ହେଲା ସୋନୁ ଓ ଫରହା ଖାଁ ଉକ୍ତ ଭିଡିଓରେ ନଜର ଆସୁଥିବା ବେଳେ ଏହି ମଜାଦାର ଭିଡିଓରେ ଫରହା ସୋନୁଙ୍କୁ କହୁଛନ୍ତି ଜନ୍ମ ଦିନରେ ବାସନ ମାଜ । ଫରହା ଏହି ଭିଡିଓଟି ଶେୟାର କରିବା ସହ ଲେଖିଛନ୍ତି ତୁମେ ମୋର ଜଣେ ଭଲ ବନ୍ଧୁ । ଜନ୍ମଦିନରେ ବାସନ ମାଜ । ହାପି ବାର୍ଥ ଡେ ସୋନୁ । ତୁମ ସହ ଶୁଟ କରି ଭଲ ଲାଗିଲା । ତୁବେ ଆହୁରି ଉପରକୁ ଯାଅ, ଲଭ ୟୁ । ପୁଣି ଫରହା କହିଛନ୍ତି ଦେଖ ସୋନୁ ତୁମ ଜନ୍ମଦିନରେ ମୁଁ ତୁମ ପାଇଁ କେତେସବୁ ରୋଷେଇ କରିଛି । ଅନ୍ୟପଟେ ସୋନୁ କହୁଛନ୍ତି ଏତେସବୁ ଆଇଟମ କରନି ବାସନ କିଏ ଧୋଇବ । ଯାହା ହେଉ ଏହି ମଜାଦାର ଭିଡିଓ ମାଧ୍ୟମରେ ଫରହା ଖାଁ ବନ୍ଧୁ ସୋନୁ ସୁଦଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ ବି ଦର୍ଶକେ ଏହାକୁ ଦେଖି ଖୁବ ମଜା ନେଇଛନ୍ତି । ସୂଚନାଯୋଗ୍ୟ, ଫରହା ଓ ସୋନୁ ଫିଲ୍ମ 'ହାପି ନ୍ୟୁ ଇୟର'ରେ ଏକାଠି କାମ କରିଛନ୍ତି ନିକଟରେ ଏମାନେ ଆଉ ଏକ ମ୍ୟୁଜିକ ଭିଡିଓରେ ବି କାମ କରିଛନ୍ତି ।

### ଥରେ ଚାର୍ଜ କଲେ ଗଡ଼ିବ ୧୦୦୦ କି.ମି.



**୧୦ ମିନିଟ୍‌ରେ କାର୍ ଚାର୍ଜ ହେବ**

ଚାଇନାର ଅଟୋ କମ୍ପାନୀ GAC ନିଜର ନୂଆ ଏକ ଇଲେକ୍ଟ୍ରିକ କାର୍ ଲଞ୍ଚ କରିବାକୁ ଯାଉଛି। ଏହି କାର୍ ମାତ୍ର ୧୦ ମିନିଟ୍ରେ ପୂରା ଚାର୍ଜ ହେବ। ଆଉ ଥରକେ ୧୦୦୦ କିଲୋମିଟର ଗଡ଼ିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସାଧାରଣତଃ ଗୋଟିଏ ଗାଡ଼ିରେ ପେଟ୍ରୋଲ ପକାଇବା ପାଇଁ ପେଟ୍ରୋଲ ପମ୍ପ୍ରେ ୧୦ରୁ ୧୫ ମିନିଟ ଅପେକ୍ଷା କରିବାକୁ ପଡ଼ିଥାଏ। ମାତ୍ର ଚାଇନାର ଏହି କମ୍ପାନୀ ଏମିତି ଟେକ୍ନୋଲୋଜି ଲଗାଇଛି, ଯେଉଁଥିରେ ୧୦ ମିନଟ୍ରେ କାର୍ ଫୁଲ ଚାର୍ଜ ହୋଇଯିବ। ବର୍ତ୍ତମାନ ବଜାରରେ ଉପଲବ୍ଧ ହେଉଥିବା ଇଲେକ୍ଟ୍ରିକ କାର୍ ଥରେ ଚାର୍ଜ ହେଲେ ୩୦୦ରୁ ୫୦୦ କିଲୋମିଟର ଗତି କରିଥାଏ। ମାତ୍ର ଏହି କାର୍ ୧୦ ମିନିଟ ଚାର୍ଜ ହେଲେ ଅତି କମ୍ରେ ୧୦୦୦ କିଲୋମିଟର ଗଡ଼ିବ। ସେପ୍ଟେମ୍ବର ଶେଷ ସୁଦ୍ଧା ଏହା ଲଞ୍ଚ କରିବାର ସମ୍ଭାବନା ରହିଛି। GAC କମ୍ପାନୀର aionକୁ ନେଇ ଜଣେ ବ୍ୟାଟେରୀ ବିଶେଷଜ୍ଞ କୁହନ୍ତି, ସ୍କେଲେବଲ ଗ୍ରାଫିନ ବ୍ୟାଟେରୀ ଇଲେକ୍ଟ୍ରିକ କାରରେ ବ୍ୟବହାର କରାଯିବ। ଦୁନିଆର ଅନେକ ଅଟୋ କମ୍ପାନୀ ଏହି ଟେକ୍ନୋଲୋଜିରେ କାମ କରୁଛନ୍ତି। ଏହା ମଧ କମ୍ପାନୀର ମାର୍କେଟିଂ କୌଶଳ ହୋଇପାରେ।

### ବିବାହ ରାତିରେ ପଳାଇଲେ କନ୍ୟା

**ଭୋପାଳ:** ମଧ୍ୟପ୍ରଦେଶର ଭିଣ୍ଡ ଜିଲାରେ ଜଣେ କନ୍ୟା ବିବାହ ରାତିରେ ଛାତରୁ ଡେଇଁ ପଳାଇଛନ୍ତି। ବର ଜଣକ ବିବାହ ପାଇଁ କନ୍ୟାଙ୍କୁ ୧ ଲକ୍ଷ ଟଙ୍କା ଦେବେ କହି ୯୦ ହଜାର ଦେଇଥିଲେ। ଆଉ ୧୦ ହଜାର ଟଙ୍କା ଦେଇ ନ ଥିବାରୁ କନ୍ୟା ପଳାଇଥିଲେ। ଗୋରମି ଅଞ୍ଚଳରେ ରହୁଥିବା ଦିବ୍ୟାଙ୍ଗ ସୋନୁ ଜୈନଙ୍କ ବିବାହ ହୋଇପାରୁନଥିଲା। ୧ ଲକ୍ଷ ଟଙ୍କା ଦେଲେ ବିବାହ ହେବ ବୋଲି ମଧ୍ୟସ୍ଥ ତାଙ୍କୁ କହିଥିଲେ।

## ସଂକ୍ଷେପରେ

### ଅଗଷ୍ଟ ୩୧ ଯାଏ ଅନ୍ତର୍ଜାତୀୟ ବିମାନ ବାତିଲ

ନୂଆଦିଲ୍ଲୀ,୩୦।୭ : କରୋନା ସ୍ଥିତି ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣକୁ ଆସି ନ ଥିବାରୁ କେନ୍ଦ୍ର ସରକାର ଚଳିତ ବର୍ଷ ଅଗଷ୍ଟ ୩୧ ଯାଏ ଅନ୍ତର୍ଜାତୀୟ ବିମାନ ସେବାକୁ ବାତିଲ କରିଛନ୍ତି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ପକ୍ଷରୁ ଏ ନେଇ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସ୍ଥିତିକୁ ବିଚାରକରି ଅନ୍ତର୍ଜାତୀୟ ବିମାନ ସେବାକୁ ଅନୁମତି ମିଳିପାରେ ବୋଲି ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। ଗତ ବର୍ଷ ମାର୍ଚ୍ଚ ୨୩ ପରଠାରୁ ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ରହିଛି। କରୋନା ଭାଇରସ୍ ପାଇଁ ଏଭଳି ନିଷ୍ପତ୍ତି ସରକାର ନେଇଥିଲେ। ମାତ୍ର ୨୦୨୦ ମେ ପରଠାରୁ ଏୟାର ବବଲ ଚୁକ୍ତି ଦ୍ୱାରା ବନ୍ଦେ ଭାରତ ମିଶନ ଅନ୍ତର୍ଗତ ବିଦେଶକୁ ବିମାନ ସେବା ଉପଲବ୍ଧ ହେଉଛି। ଭାରତ ୨୪ ଦେଶ ସହ ଏହି ଚୁକ୍ତି ସ୍ୱାକ୍ଷର କରିଛି। ଏହି ଚୁକ୍ତି ଦ୍ୱାରା ସ୍ୱତନ୍ତ୍ର ବିମାନ ସେବାକୁ ଅନୁମତି ମିଳୁଛି। ବର୍ତ୍ତମାନର ଅର୍ଡର ଦ୍ୱାରା ବିମାନ ଯୋଗେ ମାଲ୍ ପରିବହନରେ କୌଣସି ବାଧା ଉପୁଜିବ ନାହିଁ ବୋଲି ନିର୍ଦ୍ଦେଶାଳୟ ସ୍ପଷ୍ଟ କରିଛି।

### ଡିଏସ୍‌ପି ଫ୍ଲେକ୍ସି କ୍ୟାପ୍ ଫଣ୍ଡର ଓଏଫ୍‌ଓ

ନୂଆଦିଲ୍ଲୀ,୩୦।୭: ଡିଏସ୍‌ପି ଇନ୍‌ଭେଷ୍ଟମେଣ୍ଟ ପକ୍ଷରୁ ଡିଏସ୍‌ପି ଫ୍ଲେକ୍ସି ଫଣ୍ଡର ଏକ ଅନନ୍ୟ ଓଲ୍ଡ ଫଣ୍ଡ ଅଫରିଂ (ଓଏଫ୍‌ଓ) ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଓଏଫ୍‌ଓ ସମୁଦାୟ ବଜାର ପୁଞ୍ଜୀକରଣରେ ପାଣ୍ଠି ଆବଣ୍ଟିତ କରିବାକୁ ଡିଏସ୍‌ପି ଫ୍ଲେକ୍ସି ଫଣ୍ଡର ସାମର୍ଥ୍ୟ ଓ ନମନୀୟତା, ଏହାର ମଜଭୁତ ନିବେଶ ବିଧିବ୍ୟବସ୍ଥା ଏବଂ ସେମାନଙ୍କ ନିଜସ୍ୱ ଅର୍ଥର ସିଂହଭାଗ ଏହି ପାଣ୍ଠିରେ ନିବେଶ କରିବାକୁ ଫଣ୍ଡ ମ୍ୟାନେଜର୍ସଙ୍କ ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରୁଛି। ଏହି ପାଣ୍ଠି ସେହିସବୁ କମ୍ପାନୀଗୁଡିକରେ ନିବେଶ କରିବାକୁ ପ୍ରୟାସ କରୁଛି ଯେଉଁଥିରେ ଇକ୍ୱିଟିଗୁଡ଼ିକରେ ଉଚ୍ଚ ଆୟ ରହିଛି ଏବଂ ସମୁଦାୟ ଲାର୍ଜ କ୍ୟାପ୍, ମିଡ୍ କ୍ୟାପ୍ ଏବଂ ସ୍ମଲ୍ କ୍ୟାପ୍ ଷ୍ଟକଗୁଡିକରେ ଲାଭରେ ଅଭିବୃଦ୍ଧି ଘଟୁଛି ବୋଲି କମ୍ପାନୀର ସିଇଓ କଲ୍ପେନ ପାରେଖ କହିଛନ୍ତି।

# କୋର୍ ସେକ୍ଟରରେ ୮.୯% ବୃଦ୍ଧି

ନୂଆଦିଲ୍ଲୀ,୩୦।୭



ଦେଶର ୮ କୋର୍ ସେକ୍ଟରର ଅଭିବୃଦ୍ଧି ଜୁନ୍‌ରେ ୮.୯% ରହିଛି। ଗତବର୍ଷ କରୋନା ଯୋଗୁ ବଜାର ପ୍ରଭାବିତ ହୋଇଥିବା ବେଳେ ଉତ୍ପାଦନ ପ୍ରଭାବିତ ହୋଇଥିଲା। ଲୋ ବେସ୍ ଇଫେକ୍ଟ ଯୋଗୁ ଚଳିତ ବର୍ଷ ଅଭିବୃଦ୍ଧି ହେଉଥିବା କୁହାଯାଉଛି। ପ୍ରାକୃତିକ ବାଷ୍ପ, ଇସ୍ପାତ, କୋଇଲା ଏବଂ ବିଦ୍ୟୁତ୍ ଭଳି କ୍ଷେତ୍ରଗୁଡ଼ିକରେ ଉତ୍ପାଦନ ଉନ୍ନତ ରହିଛି। ୮ପ୍ରମୁଖ ଭିତ୍ତିଭୂମି କ୍ଷେତ୍ର ମଧ୍ୟରେ କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ରିଫାଇନେରି ପ୍ରଡକ୍ଟ, ସାର, ଇସ୍ପାତ, ସିମେଣ୍ଟ ଏବଂ ବିଦ୍ୟୁତ୍ ରହିଥିବା ଜଣାପଡ଼ିଛି। ଏହିସବୁ କ୍ଷେତ୍ରଗୁଡିକ ଗତ ବର୍ଷ ଜୁନ୍ ତ୍ରୈମାସରେ କରୋନା ଯୋଗୁ ୧୨.୪% ହ୍ରାସ ହୋଇଥିଲା।

ଚଳିତ ବର୍ଷ ମେ ମାସରେ କୋର୍ ସେକ୍ଟରରେ ୧୬.୩% ବୃଦ୍ଧି ପରିଲକ୍ଷିତ ହୋଇଛି। ଏହା ଏପ୍ରିଲରେ ୬୦.୯% ସ୍ତରରେ ରହିଥିଲା। ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ଡାଟା ମୁତାବକ, କୋଇଲା, ପ୍ରାକୃତିକ ବାଷ୍ପ, ରିଫାଇନେରି ପ୍ରଡକ୍ଟ, ଇସ୍ପାତ, ସିମେଣ୍ଟ ଏବଂ ବିଦ୍ୟୁତ୍ ଭଳି କ୍ଷେତ୍ରଗୁଡ଼ିକରେ ଯଥାକ୍ରମେ ୭.୪%, ୨୦.୬%, ୨.୪%, ୨୫%, ୪.୩% ଏବଂ ୭.୨% ବୃଦ୍ଧି ହୋଇଛି। ଗତ ବର୍ଷ ଏହି କ୍ଷେତ୍ରଗୁଡିକ ଯଥାକ୍ରମେ -୧୫.୫%, -୧୨%, -୮.୯%, -୨୩.୨%, -୬.୮% ଏବଂ -୧୦ ହ୍ରାସ ହୋଇଥିଲା।

# ଡଲାର ଇଣ୍ଡଷ୍ଟ୍ରିଜ୍‌ର ଆର୍ଥିକ ଫଳାଫଳ

କୋଲକାତା, ୩୦।୭

ଡଲାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ବାର୍ଷିକ ସାଧାରଣ ବୈଠକ ଭିଡିଓ କନ୍‌ଫରେନ୍ସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର୍ଥିକ ବର୍ଷ ୨୦୨୦-୨୧ ଲାଗି ଇକ୍ୱିଟି ଶେୟାର ଉପରେ ପ୍ରତି ଶେୟାର ପିଛା ୨.୪୦ଟଙ୍କା ବା ୧୨୦ % ଡିଭିଡେଣ୍ଡ ଘୋଷଣା କରାଯାଇଛି। କମ୍ପାନୀର ରାଜସ୍ୱ ୧୦୪୦.୪୩ କୋଟି ଟଙ୍କା ରହିଛି। ଟିକସ ପରବର୍ତ୍ତୀ ଲାଭ ୮୭.୫୧ କୋଟି ଟଙ୍କା ରହିଥିବା ଜଣାପଡ଼ିଛି। ଫାଇନାନ୍ସିଆଲ ଷ୍ଟେଟମେଣ୍ଟକୁ କମ୍ପାନୀର ଅଂଶୀଦାରମାନେ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଅଂଶୀଦାରଙ୍କୁ ସମ୍ବୋଧିତ କରି ଡଲାର ଇଣ୍ଡଷ୍ଟ୍ରିଜ୍‌ର ଏମ୍‌ଡି ବିନୋଦ କୁମାର ଗୁପ୍ତା କହିଛନ୍ତି, ମହାମାରୀ ଅର୍ଥ ବ୍ୟବସ୍ଥାକୁ ସଙ୍କଟ ସ୍ଥିତିକୁ ଠେଲିଦେଇଛି। କର୍ମଚାରୀଙ୍କ ନିରାପତ୍ତା ଏବଂ ଆମ କାର୍ଯ୍ୟଦକ୍ଷତା ମଧ୍ୟରେ ଏକ ସମନ୍ୱୟ ସ୍ଥାପନ କରାଯାଇଛି। ବିଭିନ୍ନ କଟକଣା ସତ୍ତ୍ୱେ ଚାହିଦା ଏବଂ ଯୋଗାଣ ଅନୁପାତକୁ ଦେଖିବାକୁ ଆମେ ସକ୍ଷମ ହୋଇଛେ। ଚଳିତ ବର୍ଷ ଏକ ନୂଆ ଆରମ୍ଭ ସହ ଆଗକୁ ବଢ଼ିବାକୁ ହେବ। ବ୍ରାଣ୍ଡ ପରିଚୟ ପୁନର୍ଗଠନ, ଡିଜିଟାଲ ଏବଂ ଇ-କମର୍ସରେ ଉପସ୍ଥିତି ବୃଦ୍ଧି ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚିବା ଉପରେ ଧ୍ୟାନ ରଖିବାକୁ ହେବ ବୋଲି ଗୁପ୍ତା ଏଠାରେ ମତ ପ୍ରକାଶ କରିଛନ୍ତି।

# ବ୍ୟାଙ୍କିଙ୍ଗ୍ ଉଦ୍ୟୋଗ ମହଙ୍ଗା ଭତ୍ତା ୨୭.୭୯%

ଭୁବନେଶ୍ୱର,୩୦।୭



ଦେଶର ଶିଳ୍ପ ଶ୍ରମିକଙ୍କ ପାଇଁ ସର୍ବଭାରତୀୟ ଖାଉଟି ମୂଲ୍ୟସୂଚୀ ଏଇ ନିକଟରେ ପ୍ରକାଶ ପାଇଛି। ଉକ୍ତ ସୂଚୀ ଅନୁସାରେ ୨୦୨୧ ମେ'ରେ ଏହାର ମୂଲ୍ୟ ୧୨୦.୬ ପଏଣ୍ଟ ରହିଥିଲା, ଯାହା ୨୦୨୧ ଜୁନ୍‌ରେ ୧.୧ ପଏଣ୍ଟ ବଢ଼ି ୧୨୧.୭ ପଏଣ୍ଟରେ ପହଞ୍ଚିଛି। ସେହିଭଳି ତାଳଚେର ଓ ଅନୁଗୋଳରେ ଏହାର ମୂଲ୍ୟ ୧୨୮.୭ ପଏଣ୍ଟରେ ରହିଥିବା ବେଳେ ଜୁନ୍‌ରେ ଏହା ୦.୮ ପଏଣ୍ଟ ବୃଦ୍ଧି ଘଟି ୧୨୯.୫ ପଏଣ୍ଟ ହୋଇଛି। ସେହିପରି କଟକରେ ଏହା ୧୨୭.୫ ପଏଣ୍ଟରେ ଥିଲା ବେଳେ ଜୁନ୍‌ରେ ଏହା ୦.୨ ପଏଣ୍ଟ ବଢି ୧୨୭.୭ ପଏଣ୍ଟରେ ରହିଛି। ଅନ୍ୟପକ୍ଷରେ କେନ୍ଦୁଝରରେ ମଧ୍ୟ ଏହାର ମୂଲ୍ୟ ୧୨୬.୮ ପଏଣ୍ଟରେ ରହିଥିଲା। ବର୍ତ୍ତମାନ ଏହା ୧.୨ ପଏଣ୍ଟ ବଢ଼ି ଜୁନ୍‌ରେ ୧୨୮ ପଏଣ୍ଟକୁ ଛୁଇଁଛି।

ବର୍ତ୍ତମାନ ସମୟରେ ବ୍ୟାଙ୍କ କର୍ମଚାରୀମାନେ ୨୫.୬୯% ଭତ୍ତା ପାଉଛନ୍ତି। ଜୁନ୍‌ରେ ଏହା ୨.୧% ବଢି ୨୭.୭୯ ପଏଣ୍ଟରେ ପହଞ୍ଚିଛି। ଅଗଷ୍ଟ ପହିଲାରୁ ସେମାନଙ୍କୁ ଏହା ଦିଆଯିବ। ସେହିଭଳି ବୀମା କର୍ମଚାରୀମାନେ ବର୍ତ୍ତମାନ ସମୟରେ ୭୭.୫% ଭତ୍ତା ପାଉଥିବା ବେଳେ ଏହା ୩.୩ ପଏଣ୍ଟ ବୃଦ୍ଧି ପାଇ ୮୦.୮ ପଏଣ୍ଟରେ ପହଞ୍ଚିଛି। ଏହି ରାଶି ଅଗଷ୍ଟ ପହିଲାରୁ ପ୍ରଦାନ କରାଯିବ। ସେହିଭଳି ସରକାରୀ କର୍ମଚାରୀମାନେ ବର୍ତ୍ତମାନ ୨୮% ଭତ୍ତା ପାଉଛନ୍ତି। ଜୁନ୍‌ରେ ଏହା ୩% ବଢ଼ି ୩୧ ପଏଣ୍ଟରେ ପହଞ୍ଚିଛି। ଜୁଲାଇ ପହିଲାରୁ ଏହି ଅର୍ଥରାଶି ସେମାନଙ୍କୁ ମିଳିବ। ସେହିପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗର କର୍ମଚାରୀମାନେ ବର୍ତ୍ତମାନ ୧୭୩.୮% ଭତ୍ତା ପାଉଛନ୍ତି। ବର୍ତ୍ତମାନ ଏହା ୩.୬୪% ବୃଦ୍ଧି ପାଇ ୧୭୭.୪୪% ରେ ରହିଥିବା ଜଣାପଡ଼ିଛି। ଅକ୍ଟୋବର ପହିଲାରୁ ଉକ୍ତ ରାଶି ସେମାନଙ୍କୁ ଦିଆଯିବ ବୋଲି ସୂଚନା ମିଳିଛି।

# ବିତ୍ତୀୟ ନିଅଣ୍ଟ ୨.୭୪ ଲକ୍ଷ କୋଟି

ନୂଆଦିଲ୍ଲୀ,୩୦।୭

ଜୁନ୍ ଶେଷ ସୁଦ୍ଧା କେନ୍ଦ୍ର ସରକାରଙ୍କ ବିତ୍ତୀୟ ନିଅଣ୍ଟ ୨.୭୪ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏହା ବଜେଟରେ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟର ୧୮.୨% ବୋଲି କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟ(ସିଜିଏ) ପକ୍ଷରୁ ଜାରି କରାଯାଇଥିବା ଡାଟାରୁ ଜଣାପଡ଼ିଛି। ଜୁନ୍ ୨୦୨୦ ସୁଦ୍ଧା ବିତ୍ତୀୟ ନିଅଣ୍ଟ ବଜେଟ ଧାର୍ଯ୍ୟ ଲକ୍ଷ୍ୟର ୮୩.୨%ବା ୬.୬୨ ଲକ୍ଷ କୋଟି ଟଙ୍କା ସ୍ତରରେ ରହିଥିଲା। କରୋନା ମହାମାରୀ ଯୋଗୁ ସରକାରଙ୍କ ଟିକସ ଆଦାୟ ହ୍ରାସ ହୋଇଥିଲା। ଚଳିତ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟ ଜିଡିପିର ୬.୮% ବା ୧୫.୦୬ ଲକ୍ଷ କୋଟି ଟଙ୍କା ରହିବ ବୋଲି ଆକଳନ କରାଯାଇଛି। ୨୦୨୦-୨୧ରେ ବିତ୍ତୀୟ ନିଅଣ୍ଟ ୯.୩% ସ୍ତରରେ ରହିଥିଲା। ଫେବୃୟାରୀରେ ଆସିଥିବା ସାଧାରଣ ବଜେଟରେ ବିତ୍ତୀୟ ନିଅଣ୍ଟର ପରିବର୍ତ୍ତିତ ଧାର୍ଯ୍ୟ ଲକ୍ଷ୍ୟ ୯.୫% ରଖାଯାଇଥିଲା। ଚଳିତ ବର୍ଷ ଜୁନ୍ ସୁଦ୍ଧା ସରକାର ୫.୪୭ ଲକ୍ଷ କୋଟି ଟଙ୍କାର ଟିକସ ଆଦାୟ କରିଛନ୍ତି। ଏହା ମଧ୍ୟରେ ୪.୧୨ ଲକ୍ଷ କୋଟିର ଟିକସ ରାଜସ୍ୱ, ୧.୨୭ ଲକ୍ଷ କୋଟିର ଅଣ ଟିକସ ରାଜସ୍ୱ ଏବଂ ୭୪୦୨ କୋଟିର ଅଣ ରଣ ପୁଞ୍ଜି ହାସଲ କରିଛନ୍ତି।

# ୬ ଛାତ୍ରୀଛାତ୍ରଙ୍କୁ ପ୍ରଫେସର ଘନଶ୍ୟାମ ଦାଶ ଛାତ୍ରବୃତ୍ତି




ଭୁବନେଶ୍ୱର,୩୦।୭

ଇମ୍ଫାର ସିଏସ୍‌ଆର୍ ସଂସ୍ଥା ବଂଶୀଧର ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ପ୍ରଫେସର ଘନଶ୍ୟାମ ଦାଶ ଛାତ୍ରବୃତ୍ତି ପ୍ରଦାନ କାର୍ଯ୍ୟକ୍ରମ ଭର୍ଚୁଆଲ ଭାବେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ୬ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଇମ୍ଫାର ଏମ୍‌ଡି ଶୁଭ୍ରକାନ୍ତ ପଣ୍ଡା ସ୍କଲାରଶିପ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ସେ ଛାତ୍ରୀଛାତ୍ରଙ୍କ କ୍ୟାରିୟରରେ ସଫଳତା କାମନା କରିଥିଲେ। ଆର୍ଥିକ ବର୍ଷ ୨୦୨୦-୨୧ ଲାଗି ପ୍ରତି ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଶିକ୍ଷାସଂକ୍ରାନ୍ତ ଖର୍ଚ୍ଚ ଭରଣା କରିବା ଲାଗି ୯୦% ଅର୍ଥ ସ୍କଲାରଶିପ ଭାବେ ଦିଆଯାଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି। ମେଧାବୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେବଗଡ଼ର ଅନିତା କୁଜୁର, ଭୁବନେଶ୍ୱରର ଆଶୁତୋଷ ସାହୁ, କଟକର ଦୀପକ କୁମାର ମହାନ୍ତି, ଜଗତ୍‌ସିଂହପୁରର ହିମାଂଶୁ କୁମାର ପୃଷ୍ଟି, ବରଗଡ଼ର ରୋଶନ ପାଇକ, କେନ୍ଦୁଝରର ସମ୍ବିତ କୁମାର ଆଇଚ ରହିଛନ୍ତି। ଅନିତା ଏବଂ ହିମାଂଶୁ ଏମ୍‌କେସିଜିରେ ଡାକ୍ତରୀ ପଢୁଥିବା ବେଳେ ରୋଶନ ଭିମ୍‌ସାରରେ ଏମ୍‌ବିବିଏସ୍, ଆଶୁତୋଷ ଏସ୍‌ସିବିରେ ଡାକ୍ତରୀ, ଦୀପକ ଏନ୍‌ଆଇଟି, ରାଉରକେଲାରେ ବିଟେକ ଏବଂ ସମ୍ବିତ କେନ୍ଦୁଝର ସ୍ଥିତ ଜିସିଇରେ ବିଟେକ କରୁଛନ୍ତି।

# ବିଓବିର ନୂତନ କ୍ଷେତ୍ରୀୟ ମୁଖ୍ୟ

ଭୁବନେଶ୍ୱର,୩୦।୭

ବ୍ୟାଙ୍କ ଅଫ୍‌ବରୋଦା (ବିଓବି), ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ସହାୟକ ମହାପ୍ରବନ୍ଧକ ରାଜୀବ କ୍ରିଷ୍ଣା କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ବ୍ୟାଙ୍କର ରାଜସ୍ଥାନର ଜୟପୁର ଅନ୍ତର୍ଗତ ଏସ୍‌ଏସ୍‌ଆଇ ଶାଖାରେ ଶାଖା ମୁଖ୍ୟ ରୂପେ କାର୍ଯ୍ୟ କରୁଥିଲେ। ସେ ୧୯୯୫ରେ ଭୁବନେଶ୍ୱରଠାରେ ନିଜର କର୍ମମୟ ଜୀବନ ଆରମ୍ଭକରି ଉଭୟ ଶାଖା, କଣ୍ଟ୍ରୋଲିଂ ଅଫିସ, କ୍ଷେତ୍ରୀୟ କାର୍ଯ୍ୟାଳୟ, ମୁଖ୍ୟ କାର୍ଯ୍ୟାଳୟ ଆଦି ବିଭିନ୍ନ ସ୍ଥାନରେ ବହୁ ପଦପଦବୀରେ କାମକରି ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ଦୀର୍ଘ ୨୬ ବର୍ଷର ବ୍ୟାଙ୍କିଙ୍ଗ୍ କ୍ୟାରିୟର ମଧ୍ୟରେ ସେ ଓଡ଼ିଶା, ଗୁଜରାଟ ଏବଂ ରାଜସ୍ଥାନ ଭଳି ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିଛନ୍ତି। ଯୋଜନା ଏବଂ କେନ୍ଦ୍ରୀୟ ଅଡିଟ୍ ଏବଂ ଯାଞ୍ଚ ବିଭାଗରେ କାର୍ଯ୍ୟ କରିବାରେ ତାଙ୍କର ଅଭିଜ୍ଞତା ମଧ୍ୟ ରହିଛି।

## ହାଇଦର: ଏନ୍‌କାଉଣ୍ଟର...

ପ୍ରଥମ ପୃଷ୍ଠାରୁ...

ଅତ୍ୟନ୍ତ ଜରୁରୀ ବୋଲି ଓଡ଼ିଶା ଜେଲ ମାନୁଆଲ ୭୬୪ କ୍ଲଜ୍ ବି' ଧାରାରେ ରହିଛି। ଏଥିସହ ଗୁରୁତର ରୋଗରେ ପୀଡ଼ିତ ହୋଇ ଦୀର୍ଘଦିନ ଧରି ସଜା କାଟୁଥିବା କଏଦୀଙ୍କୁ ଯେଉଁ ଜେଲକୁ ସ୍ଥାନାନ୍ତର କରାଯିବ, ଉକ୍ତ ଜେଲ ନିକଟସ୍ଥ ଅଞ୍ଚଳରେ ସମ୍ପର୍କୀୟ ବା ପରିବାରର କେହି ସଦସ୍ୟ ରହୁଥିବା ଆବଶ୍ୟକ । ଏଥିସହ ଟ୍ରାନ୍ସଫର ପୂର୍ବରୁ ସେମାନଙ୍କୁ ସୂଚନା ଦିଆଯିବାକୁ ଓଡ଼ିଶା ଜେଲ ମାନୁଆଲ ଧାରା ୫୪୦ରୁ ୫୪୩ ମଧ୍ୟରେ ଉଲ୍ଲେଖ ରହିଥିବା ଆଇନଜୀବୀ ନିରଞ୍ଜନ କାନୁନ୍‌ଗୋ କହିଛନ୍ତି। ହେଲେ ହାଇଦର ଡାଇବେଟିସ, କିଡ୍‌ନୀ, ହାର୍ଟ ଓ ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥିଲେ। ଏପରି କି ସ୍ଥାନାନ୍ତର ପୂର୍ବରୁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ ହୋଇ ନ ଥିବା ବେଳେ ପରିବାର ସଦସ୍ୟଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା ବୋଲି ପରିବାର ପକ୍ଷରୁ କୁହାଯାଇଛି। ଏପରି କି ଗତ ଶନିବାର ମଧ୍ୟାହ୍ନରେ ବରିଷ୍ଠ ଅଧିକାରୀ ଓ ପୋଲିସ ଫୋର୍ସ ଚୌଦ୍ୱାର ଜେଲରେ ପହଞ୍ଚି ହାଇଦରଙ୍କୁ ହଠାତ୍ ଡକାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ କୋର୍ଟ ଭ୍ୟାନ୍‌ରେ ବସି ବାରିପଦା ଜେଲକୁ ସ୍ଥାନାନ୍ତର ପାଇଁ କହିଥିଲେ। ହେଲେ ହାଇଦର ଏଥିରେ ରାଜି ହୋଇ ନ ଥିଲେ। ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ହୋଇ ନ ଥିବାବେଳେ ସାଙ୍ଗରେ ବ୍ୟବହାର କରୁଥିବା କପଡ଼ା ଓ ମେଡିସିନ ନ ନେଇ କିପରି ଯିବେ ବୋଲି ଯୁକ୍ତିତର୍କ ହୋଇଥିଲା। ଏପରି କି ଏହି କଥାକୁ ନେଇ ହାଇଦର ଓ ଜେଲ କର୍ମଚାରୀଙ୍କ ସହ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ପୋଲିସ ବଳପୂର୍ବକ ତାଙ୍କୁ ସାଙ୍ଗରେ ନେଇଯାଇଥିଲା ବୋଲି ଜେଲର ଜଣେ ସୁରକ୍ଷାକର୍ମୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଜେଲରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରାଗଲେ, ସେଦିନର ଘଟଣା ସ୍ପଷ୍ଟ ହୋଇଯିବ ବୋଲି କୁହାଯାଉଛି। ଅପରପକ୍ଷରେ ହାଇଦରଙ୍କୁ ଜେଲ ସ୍ଥାନାନ୍ତର ସମୟରେ ଧସ୍ତାଧସ୍ତି ହେବା ନେଇ ପରିବାର ପକ୍ଷରୁ ହେଉଥିବା ଅଭିଯୋଗକୁ ଚୌଦ୍ୱାର ଜେଲ ସୁପରିଣ୍ଟେଣ୍ଡେଣ୍ଟ ସତ୍ୟପ୍ରକାଶ ସ୍ୱାଇଁ ଅଗ୍ରାହ୍ୟ କରିଛନ୍ତି। ସେଦିନ କୌଣସି ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇନାହିଁ ବୋଲି କହିଛନ୍ତି। ହେଲେ ଜେଲରେ ଲାଗିଥିବା ସିସିଟିଭି ଫୁଟେଜ ସମ୍ପର୍କରେ ପଚାରିବାରୁ ଏନେଇ କିଛି କହିପାରିବେ ନାହିଁ ବୋଲି ଜେଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରକାଶ କରିଛନ୍ତି।

### ଖୁବ୍ ନିକଟରୁ ପେଟକୁ, ଛାତିକୁ ଗୁଳି କରାଯାଇଛି

ହାଇଦରଙ୍କ ସ୍ତ୍ରୀ ହସିନା ବିବିଙ୍କ କହିବା ହେଲା, ବାଲେଶ୍ୱର ଜିଲା ସିମୁଳିଆର ଏକ ଏକାନ୍ତ ଅଞ୍ଚଳରେ ହାଇଦରଙ୍କ ହାତରେ ହ୍ୟାଣ୍ଡକଫ୍ ପକାଇ ଏନ୍‌କାଉଣ୍ଟର ନିୟମ ଉଲ୍ଲଂଘନ କରି ଗୁଳିକରି ହତ୍ୟା କରିବା ପରେ ତାଙ୍କ ହାତରେ ବନ୍ଧୁକ ଧରାଇ ଦିଆଯାଇଛି। ହାଇଦରଙ୍କ ଜଙ୍ଘରେ ପୂର୍ବରୁ ଗୁଳି ରହିଥିବାରୁ ସେ ଦୌଡ଼ି ପାରୁ ନ ଥିଲେ। ଏପରି କି ନବେ ଦଶକରେ ତାଙ୍କ ଡାହାଣ ହାତକୁ ଗୁଳିମାଡ଼ ସହ ହାଣିଦେବା ପରେ ତାଙ୍କ ହାତ ଅଚଳ ହୋଇଯାଇଥିଲା। ସେ ପାଣି ଗ୍ଲାସ୍‌ଟିଏ ବି ଉଠାଇ ପାରୁ ନ ଥିଲେ। ଏଭଳି ସ୍ଥିତିରେ ସେ ପୋଲିସଠାରୁ ବନ୍ଧୁକ କିପରି ଛଡ଼ାଇ ଦୌଡ଼ିଲେ ତାହା ବିଶ୍ୱାସ କରିହେଉ ନାହିଁ। ଏଥିସହ ହାଇଦରଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଖୁବ୍ ନିକଟରୁ ତାଙ୍କ ଛାତି ଓ ପେଟକୁ ୩ରାଉଣ୍ଡ ଗୁଳି କରାଯାଇଛି । ଯାହାକି ତାଙ୍କ ଦେହର ମାଂସ ଓ ପିନ୍ଧିଥିବା କପଡା ପୋଡ଼ି ଯାଇଥିବା କବର ଦେବା ସମୟରେ ପରିବାର ସଦସ୍ୟ ଦେଖିବାକୁ ପାଇଥିଲେ ବୋଲି ସ୍ତ୍ରୀ ହସିନା କହିଛନ୍ତି। ତେବେ ତାଙ୍କ ପରିବାରର କୌଣସି ସଦସ୍ୟ ଅପରାଧରେ ସଂପୃକ୍ତ ରହିବେ ନାହିଁ। ତେଣୁ ୧୨ ବର୍ଷ ହେବ ଚୌଦ୍ୱାର ଜେଲରେ ଥିବା ବଡ଼ପୁଅ ମୁନାକୁ ପିତାଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟରେ ପୋଲିସ ସୁରକ୍ଷାରେ ହେଉ ପଛେ ଛାଡ଼ିବାକୁ ସେ ସରକାରଙ୍କୁ ନିବେଦନ କରିଛନ୍ତି।

### ଦୋଷ ଦୁର୍ବଳତା ଲୁଚାଇବାକୁ ହତ୍ୟା କରାଯାଇଛି

ପୋଲିସ ଏନ୍‌କାଉଣ୍ଟରରେ ଗ୍ୟାଙ୍ଗଷ୍ଟର ଶେଖ୍ ହାଇଦରଙ୍କ ମୃତ୍ୟୁ ଘଟଣାରେ ଗତ ସୋମବାର ନିଜଆଡୁ ମାମଲା ରୁଜୁ କରିଛନ୍ତି ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)। ଏନେଇ କମିଶନ ପକ୍ଷରୁ ଗୃହ ବିଭାଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପୋଲିସ ଡିଜି, ଜେଲ ବିଭାଗ ଡିଜି, ଦ୍ୱୈତନଗରୀ ପୋଲିସ କମିଶନରଙ୍କୁ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ନୋଟିସ ଦିଆଯାଇଛି। ତେଣୁ ଚୌଦ୍ୱାର ଜେଲରେ ଧସ୍ତାଧସ୍ତିର ସିସିଟିଭି ଫୁଟେଜ ସହ ଖୁବ୍ ନିକଟରୁ ଗୁଳି କରି ମାରିବା ଘଟଣାକୁ ତଦନ୍ତ ପରିସରଭୁକ୍ତ କରାଯିବା ଦରକାର ବୋଲି ଆଇନଜୀବୀ ନିରଞ୍ଜନ କାନୁନ୍‌ଗୋ କହିଛନ୍ତି। ଏଥିସହ କେନ୍ଦ୍ରାପଡ଼ା ତଥା ରାଜ୍ୟର ବିଭିନ୍ନ ନାମୀଦାମୀ ଲୋକଙ୍କ ସହ ଶେଖ୍ ହାଇଦରଙ୍କ ସମ୍ପର୍କ ରହିଥିଲା। ସମ୍ବଲପୁର ଜେଲରୁ ଏସ୍‌ସିବି ମେଡିକାଲକୁ ଚକ୍ଷୁ ଚିକିତ୍ସା ନିମନ୍ତେ ଆସିବା, ଏଥିସହ ସେଠାରୁ ଫେରାର ହେବା ପଛରେ ପ୍ରଶାସନର ଅନେକ ଦୋଷଦୁର୍ବଳତା ରହିଛି ବୋଲି କୁହାଯାଉଛି। ଯାହାକୁ ଚପାଇଦେବା ପାଇଁ ପୋଲିସ ଯୋଜନାବଦ୍ଧ ଭାବେ ହାଇଦରଙ୍କୁ ହତ୍ୟା କରିଥିବା କେତେକ ମହଲରେ ସନ୍ଦେହ କରାଯାଉଛି। କାରଣ ଜଣେ ଦୁର୍ଦ୍ଧର୍ଷ ଅପରାଧୀଙ୍କୁ କୋର୍ଟରେ ପହଞ୍ଚିବା ପୂର୍ବରୁ ହ୍ୟାଣ୍ଡକଫ୍ କାହିଁକି ଖୋଲାଗଲା, ଏତେ ନିକଟରୁ ଗୁଳି କାହିଁକି ପେଟକୁ କରାଗଲା, ସେସବୁ ଦିଗ ଉପରେ ତଦନ୍ତ କରାଯାଇ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କାନୁନ୍‌ଗୋ କହିଛନ୍ତି।

### ରିକ୍ୟୁଜିଶନ ମୁତାବକ ଏସ୍କର୍ଟ ଫୋର୍ସ ଦିଆଯାଇଥିଲା

ଚୌଦ୍ୱାର ଜେଲ ପକ୍ଷରୁ ଏସ୍କର୍ଟ ପାଇଁ କମିଶନରେଟ୍ ପୋଲିସକୁ ରିକ୍ୟୁଜିଶନ ଲୋଡ଼ା ଯାଇଥିଲା। ଆବଶ୍ୟକ ମୁତାବକ ପୋଲିସ ଅଧିକାରୀ ଓ ଫୋର୍ସ ପଠାଯାଇଥିଲା। ତା'ପରେ କ'ଣ ହୋଇଛି କ'ଣ ନାହିଁ, ସେ ସମ୍ପର୍କରେ କିଛି କହିପାରିବି ନାହିଁ। ଯେହେତୁ ଘଟଣା କୋର୍ଟ ତଦନ୍ତ ପରିସରଭୁକ୍ତ ରହିଛି ଓ ଅନ୍ୟ ଜିଲାରେ ଏହାର ତଦନ୍ତ ଜାରି ରହିଛି ସେ ନେଇ ମୁଁ କୌଣସି ମତାମତ ଦେଇ ପାରିବି ନାହିଁ ବୋଲି କଟକ ଡିସିପି ପ୍ରତୀକ ସିଂ କହିଛନ୍ତି।

### ଏନ୍‌କାଉଣ୍ଟର ନା ହତ୍ୟା ପୁଙ୍ଖାନୁପୁଙ୍ଖ ତଦନ୍ତ ହେଉଛି

ହାଇଦରଙ୍କୁ ନେଇ ଯାଉଥିବା ଏସ୍କର୍ଟ ପାର୍ଟିର ମୁଖ୍ୟ ଇନ୍ସପେକ୍ଟର ଗଙ୍ଗାଧର ଶାସେନି ଦେଇଥିବା ଏତଲା ଆଧାରରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ସୁରକ୍ଷା ଦୃଷ୍ଟିକୋଣରୁ ହାଇଦରଙ୍କୁ ଗତ ୨୪ତାରିଖ ଅପରାହ୍ନରେ କଟକ ପୋଲିସର ଏକ ୧୧ଜଣିଆ ଟିମ୍ ବାରିପଦା ଜେଲକୁ ନେଇ ଯାଉଥିଲେ। ବାଲେଶ୍ୱର ସିମୁଳିଆ ପାଖରେ ହାଇଦର ପରିସ୍ରା କରିବା ପାଇଁ ଗାଡ଼ି ଅଟକାଇବାକୁ କହିଥିଲେ। ହାବିଲଦାର ସୂର୍ଯ୍ୟ କୁମାର ରାଉତଙ୍କଠାରୁ ହାଇଦର ଏକେ ୪୭ ବନ୍ଧୁକ ଛଡ଼ାଇ ନେଇ ଦୌଡ଼ିବାକୁ ଉଦ୍ୟମ କରିବା ବେଳେ ଏସ୍‌ଆଇ ଅସିତ ରଞ୍ଜନ ଜେନା ଏନ୍‌କାଉଣ୍ଟର କରିଥିଲେ। ହସ୍ପିଟାଲରେ ହାଇଦରଙ୍କ ମୃତ୍ୟୁ ହୋଇଥିଲା। ଏସ୍କର୍ଟ ଟିମ୍‌ର ସବୁ ସଦସ୍ୟଙ୍କ ବୟାନ ରେକର୍ଡ କରାଯାଉଛି। ହାଇଦରଙ୍କ ପରିବାର ଲୋକେ ଯେଉଁ ଅଭିଯୋଗ ଆଣିଛନ୍ତି ସମସ୍ତ ଅଭିଯୋଗକୁ ମଧ୍ୟ ଉଚିତ ଭାବେ ତଦନ୍ତ ପରିସରଭୁକ୍ତ କରାଯାଇଛି ବୋଲି ମାନବାଧିକାର ସୁରକ୍ଷା ସେଲ୍ (ଏଚ୍‌ଆରପିସି)ର ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ବଳରାମ ନାୟକ କହିଛନ୍ତି।

## କେନ୍ଦ୍ର କୋଇଲା ମନ୍ତ୍ରୀଙ୍କୁ ଭେଟିଲେ ରେଙ୍ଗାଲି ବିଧାୟକ



ସମ୍ବଲପୁର,୩୦।୭ (ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲି ବିଧାୟକ ନାଉରୀ ନାଏକ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ରେଙ୍ଗାଲି ତହସିଲ ତଲାବିରା କୋଇଲା ଖଣି ୧ ଓ ୨ର ବିସ୍ଥାପିତଙ୍କ ସମସ୍ୟା ଉପରେ ଆଲୋଚନା କରିବା ସହ ସମାଧାନ ପାଇଁ ଦାବି କରିଛନ୍ତି। ଏନ୍‌ଏଲ୍‌ସି କମ୍ପାନୀ ସ୍ଥାୟୀ ନିଯୁକ୍ତି, କ୍ଷତିପୂରଣ ରାଶି, ପାନୀୟ ଜଳ ଯୋଗାଣ, ମେଡିକାଲ ନିର୍ମାଣ ଆଦି ସୁବିଧା ପାଇଁ କୌଣସି ଯୋଜନା କରି ନ ଥିବା ସେ ଅଭିଯୋଗ କରିଛନ୍ତି। ଏହାସହ ପ୍ରଭାବିତ ପ୍ରତ୍ୟେକ ପରିବାରଙ୍କୁ ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ଦେବା ସହ ଏନ୍‌ଏଲ୍‌ସି କମ୍ପାନୀରେ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ସେ ଦାବି କରିଥିଲେ।

## ୨ରୁ ହାଇବ୍ରିଡ୍ ମୋଡ୍‌ରେ ହେବ ଶୁଣାଣି

କଟକ ଅଫିସ, ୩୦।୭

ଆସନ୍ତା ୨ ତାରିଖରୁ ଉଭୟ ବ୍ୟକ୍ତିଗତ ଭାବେ ହାଜର ହୋଇ ଓ ଭର୍ଚୁଆଲ (ହାଇବ୍ରିଡ୍ ମୋଡ୍)ରେ ହାଇକୋର୍ଟରେ ଶୁଣାଣି ହେବ। ଏନେଇ ହାଇକୋର୍ଟ ରେଜିଷ୍ଟ୍ରାର (ଜୁଡିସିଆଲ)ଙ୍କ ପକ୍ଷରୁ ଆଦେଶନାମା ଜାରି ହୋଇଛି। ଏଥିରେ ଦର୍ଶାଯାଇଛି, ସମସ୍ତ କାର୍ଯ୍ୟ ଦିବସର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ସାଢେ ୪ଟା ମଧ୍ୟରେ କମ୍ପ୍ୟୁଟର ଫାଇଲିଂ ସେକ୍ସନର ଫାଇଲିଂ କାଉଣ୍ଟରରେ ବିଭିନ୍ନ କାଗଜପତ୍ର ଦାଖଲ କରାଯାଇପାରିବ। ମାମଲାଗୁଡିକ ଲିଷ୍ଟିଂ ପାଇଁ ମେମୋଗୁଡିକ ବ୍ୟକ୍ତିଗତଭାବେ ଡେପୁଟି ରେଜିଷ୍ଟ୍ରାର(ଜୁଡିସିଆଲ)ଙ୍କ ନିକଟରେ ପୂର୍ବାହ୍ନ ୧୧ଟାରୁ ୧୨ଟା ମଧ୍ୟରେ ଅଥବା ଇମେଲ ଯୋଗେ ସକାଳ ୯ଟାରୁ ୧୦ଟା ମଧ୍ୟରେ ଦାଖଲ କରିପାରିବେ। ଆସନ୍ତା ୨ରେ ମୁଖ୍ୟ ବିଚାରପତି ଟ୍ରାଏଲ ଭାବରେ କିଛି ସମୟପାଇଁ ଲାଇଭ ଷ୍ଟ୍ରିମରେ ଶୁଣାଣି କରିବେ ବୋଲି ଆଦେଶନାମାରେ ଉଲ୍ଲେଖ ରହିଛି।

# ଇଟାରେ ଛେଚି ହତ୍ୟା

ଜୟପୁର, ୩୦।୭ (ନି.ପ୍ର.)

- ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ସହାୟତାରେ ପୋଲିସର ତଦନ୍ତ ଆରମ୍ଭ
- ହତ୍ୟାର କାରଣ ଜଣାପଡ଼ିନାହିଁ

ଜୟପୁର ସହର ଲକ୍ଷ୍ମୀ ପଣ୍ଡା ଛକ ନିକଟରେ ଇଟାରେ ଛେଚି ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ଜୟପୁର ସହର ସୌରାସାହିର କେ. ଜଗଦୀଶ (୫୦)। ପୋଲିସ, ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ହତ୍ୟାର ପ୍ରକୃତ କାରଣ କ'ଣ ତାହା ଏଯାଏ ଜଣାପଡ଼ି ନାହିଁ।

ଲକ୍ଷ୍ମୀପଣ୍ଡା ଛକସ୍ଥିତ ଏକ ଚା ଦୋକାନ ସମ୍ମୁଖରେ କେ. ଜଗଦୀଶଙ୍କ ମୃତଦେହ ପଡ଼ିଥିଲା। ତାଙ୍କୁ ଇଟାରେ ଛେଚି ମରାଯାଇଥିବା ଜଣାପଡ଼ିଛି। ଶୁକ୍ରବାର ସକାଳୁ ଚା ଦୋକାନୀ ମାଲିକାଣୀ ସୁକାନ୍ତି ନାୟକ ମୃତଦେହ ଦେଖି ଜୟପୁର ଟାଉନ ଥାନାରେ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଖବର ପାଇ ଜୟପୁର ଟାଉନ ଥାନାଧିକାରୀ ସଞ୍ଜୟ କୁମାର ମଣ୍ଡଳ ନିଜ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜୟପୁର ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ମଧ୍ୟ ସେଠାରେ ପହଞ୍ଚିଥିଲେ। ତଦନ୍ତ ପରେ ବ୍ୟକ୍ତିଙ୍କ ପରିଚୟ ମିଳିଥିଲା। କେ.ଜଗଦୀଶ ପୂର୍ବରୁ ସୁନା ବ୍ୟବସାୟ କରୁଥିଲେ। ଏକ ମାସ ହେବ ସେ ସହରର ବିଭିନ୍ନ ସ୍ଥାନରେ ବୁଲି ଲୋକଙ୍କ ଜାତକ ଦେଖୁଥିଲେ। ରାତି ହେଲେ ଉକ୍ତ ଚା ଦୋକାନ ନିକଟରେ ସେ ରହୁଥିବା ଏସ୍‌ଡିପିଓ କହିଛନ୍ତି। ପୋଲିସ ୧୮୧/୨୧ରେ ହତ୍ୟା ମାମଲା ରୁଜୁକରି ମୃତକଙ୍କ ପରିବାରକୁ ଖବର ଦେଇଛି। କେ. ଜଗଦୀଶଙ୍କ ଭଣଜା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ନିର୍ମଳପ୍ରଭାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୩୦।୭ (ବ୍ୟୁରୋ)



ବିଶିଷ୍ଟ ସାହିତ୍ୟ ସାଧିକା ନିର୍ମଳପ୍ରଭା ନାୟକଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ସମ୍ବର୍ଦ୍ଧିତ କରୁଛନ୍ତି।

ବିଶିଷ୍ଟ ସାହିତ୍ୟ ସାଧିକା ନିର୍ମଳପ୍ରଭା ନାୟକଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୨୦୨୦ ବର୍ଷ ପାଇଁ 'ସାରସ୍ୱତ ସମ୍ବର୍ଦ୍ଧନା' ପ୍ରଦାନ କରାଯାଇଛି। ଶୁକ୍ରବାର ଅପରାହ୍ଣରେ ତାଙ୍କ ସତ୍ୟନଗରସ୍ଥିତ ବାସଭବନରେ ଆୟୋଜିତ ଏକ ନିରାଡମ୍ବର ଉତ୍ସବରେ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ସମ୍ବର୍ଦ୍ଧନା ସ୍ୱରୂପ ଉପାୟନ, ମାନପତ୍ର ସହ ୧ଲକ୍ଷ ଟଙ୍କାର ସମ୍ବର୍ଦ୍ଧନା ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ଡ. ମଲ୍ଲିକ କହିଲେ, ଆଧ୍ୟାତ୍ମିକତା, ଆଧିଭୌତିକ ଆବେଗପୂର୍ଣ୍ଣ ଅବବୋଧ ଓ ଜୀବନର ସୁଖଦୁଃଖର ନିଚ୍ଛକ ନିର୍ଯାସ ନିର୍ମଳପ୍ରଭାଙ୍କ ସାରସ୍ୱତ ବ୍ୟକ୍ତିତ୍ୱକୁ ଉଦାହରଣୀୟ କରି ଗଢ଼ି ତୋଳିଛି। ତାଙ୍କ ରଚିତ 'ସାୟାହ୍ନର ସ୍ମୃତି' ଓ ଏହାର ଇଂଲିଶ ଅନୁବାଦ ପୁସ୍ତକ 'ଦି ଟ୍ୱିଲିଟ୍ ମେମୋରିଜ୍' ସାହିତ୍ୟ ଭଣ୍ଡାରର ଦୁଇଟି ଅମୂଲ୍ୟ ଗ୍ରନ୍ଥ ହୋଇଥିବାବେଳେ 'ନାରଦ ଭକ୍ତି ଦର୍ଶନ' ଆଧ୍ୟାତ୍ମିକ ଅନୁଶୀଳନର ଏକ ସଂଗ୍ରହଣୀୟ ପୁସ୍ତକ ବୋଲି ଏକାଡେମୀ ସଭାପତି ଡ. ମଲ୍ଲିକ କହିଥିଲେ। କାର୍ଯ୍ୟକ୍ରମରେ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ, ପ୍ରଯୋଜନା ଅଧିକାରୀ ରବୀନ୍ଦ୍ର ରାୟ, ବିଶିଷ୍ଟ ଗାନ୍ଧିବାଦୀ ବିଦ୍ୱାନ ପ୍ରହ୍ଲାଦ ସିହ୍ନା, କବି ନିଳୟକାନ୍ତ ମହାପାତ୍ରଙ୍କ ସମେତ ନିର୍ମଳପ୍ରଭାଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ। ଗତ ୨୮ତାରିଖରେ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅନୁଷ୍ଠିତ 'ଅତିବଡ଼ି ଜଗନ୍ନାଥ ଦାସ ପୁରସ୍କାର ଓ ସାରସ୍ୱତ ସମ୍ବର୍ଦ୍ଧନା' ଉତ୍ସବରେ ଅସୁସ୍ଥତା କାରଣରୁ ନିର୍ମଳପ୍ରଭା ଯୋଗ ଦେଇପାରି ନ ଥିଲେ। ସେଥିପାଇଁ ତାଙ୍କୁ ତାଙ୍କ ବାସଭବନରେ ସମ୍ବର୍ଦ୍ଧିତ କରାଯାଇଛି। ସୂଚନାଯୋଗ୍ୟ, ନିର୍ମଳପ୍ରଭା ହେଉଛନ୍ତି ପାଟକୁରାର ପୂର୍ବତନ ବିଧାୟକ ସ୍ୱର୍ଗତ ରାଜକିଶୋର ନାୟକଙ୍କ ସହଧର୍ମିଣୀ ତଥା ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ମା'।

## କ ବି ତା



### କାଗଜଡଙ୍ଗା

ବରଷା ହେଲେ ଓଳି ତଳରୁ
ବହେ ପାଣିର ସୁଅ
କାଗଜଡଙ୍ଗା କରିବ କୁନା
ବରଷା ଟିକେ ରୁହ।
ପୁରୁଣା ଫର୍ଦ୍ଦେ କାଗଜ ଚିରି
କରିଲା ଦୁଇ ଭାଗ
ଅତି ଯତନେ ତିଆରି କରି
ଆସିଲେ ଦୁଇ ସାଙ୍ଗ।
ଭରିଲେ ରଙ୍ଗ ଦେହରେ ତା'ର
ନାଲି ହଳଦୀ ନେଳି
ବିରି ମାଣ୍ଡିଆ ଧାନ ଗହମ
ରଖିଲେ ଠୁଳ କରି।
କହିଲା କୁନା ଯାଆରେ ନାଆ
ନାଉରୀ ତୋର ନାହିଁ
ବେପାର କରି ଆସିବୁ ଫେରି
ରହିଛି ପଥ ଚାହିଁ।
ହଜି ଯିବୁନି ସମୟ ସାଥେ
ଅତୀତ ବୋଇତ ପରି
କାଳିଆ ସାହା ହୋଇବେ ତୋତେ
ଆସିବୁ ସମୟେ ଫେରି।

–ବିଜୟଲକ୍ଷ୍ମୀ ପାଣିଗ୍ରାହୀ
ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ

### କରୋନା ଟିକା ନେବା

ତୃତୀୟ ଲହର କରୋନା ପ୍ରକୋପ
ଆସିପାରେ ମାଡ଼ି ଦେଖ,
ସଚେତନ ହେବା ସଜାଗ ରହିବା
ମାସ୍କ ପିନ୍ଧିବା ଆସ।
ଦୂରତା ରଖିଲେ ଗହଳି ନ କଲେ
ସଂକ୍ରମଣ ହେବ ନାହିଁ,
ଜୀବନଠୁ ବଳି ଆଉ କିଛି ନାହିଁ
ଅମାନିଆ ହେବା କାହିଁ।
ସବୁ କଟକଣା ମାନିକି ଚଳିବା
ଜୀବନ ହସିବ ଜାଣ,
ଏସବୁ ନ କରି ବେଖାତିର କଲେ
ଚାଲିଯିବ ଆମ ପ୍ରାଣ।
ଅମୂଲ୍ୟ ମଣିଷ ଜୀବନ ଜାଣିଥା
ଶୃଙ୍ଖଳା ଜ୍ଞାନ ରଖିବା,
କରୋନା ହାରିବ ମଣିଷ ଜିତିବ
କରୋନା ଟିକାକୁ ନେବା।

–ସୁଧୀର କୁମାର ଦାସ
ତରାବୋଇ, ଜଟଣୀ, ଖୋର୍ଦ୍ଧା

### ଖେଳନାବାଲା



ଲା ଲା ଲା ମୁଁ ଖେଳନା ବାଲା
ନାଲି ନେଳି ନାନା ରଙ୍ଗେ ଭରିଛି ଡାଲା।
କୁନା କୁନି ମୁନା ମୁନି ଧାଇଁକି ଆସ
ପସରା ପାଖରେ ମୋର ସରାଗେ ବସ।
ହାତୀ, ଘୋଡ଼ା, ବାଘ, ଭାଲୁ, ହରିଣ ଶୁଆ
ଚକିରି, ଝୁମୁକା, ଘଣ୍ଟା, ଠେକୁଆ, କୁଆ।
ରୋଷେଇ ବାସନ ହାଣ୍ଡି କଡ଼େଇ ନେଇ
ମିଛି ମିଛି ଭାତ ଡାଲି ରାନ୍ଧିବ ଯାଇ।
ମନ ପସନ୍ଦର ଚିଜ ବାଛିକି ନିଅ
ନାଚି କୁନି ହସି ଖେଳି ଘରକୁ ଯାଅ।
ତୁମ ଖୁସି ମୂଲ୍ୟବାନ ପାଉଣା ମୋର
ତୁମ ଓଠ ହସ ମୋର ସରଗପୁର।

-ପ୍ରଭାସିନୀ ମିଶ୍ର, ଶିକ୍ଷୟିତ୍ରୀ, ପୁରୀ-୩

### ବରଷା ଆସିଲା



ଝର ଝର ଝରେ ବରଷା ଟୋପା,
ଖୁସିରେ ବିଭୋର ବୁଢ଼ାଠୁଁ ଟୋକା।
ଚାରିଆଡ଼ ଦିଶେ ସବୁଜମୟ,
ଗିରି, ବନ, ବାଡ଼ି ବଗିଚାଯାକ।
ଗାଁ ଦାଣ୍ଡେ ପାଣିସୁଅ ଛୁଟଇ,
ଛୋଟ ଛୋଟ କାଗଜଡଙ୍ଗା ଭାସଇ।
କଳାମେଘ ଦେଖି ମୟୂର ନାଚେ,
ବାଦଲ କୋଳରେ ବିଜୁଳି ହସେ।
ବିଲକୁ ବାହାରେ ହଳିଆ ଭାଇ,
ପଖିଆ ଖଣ୍ଡିକ ମୁଣ୍ଡରେ ଥୋଇ।
ବରଷା ଦିନରେ ରାଖୀ ପୂର୍ଣ୍ଣମୀ,
ବଳରାମଙ୍କର ଜନମ ପୁଣି।
ଅତି ବରଷାରେ ବନ୍ୟା ଆସଇ,
ଘରଦ୍ୱାର କେତେ ନିଏ ଭସାଇ।
ତଥାପି ବରଷା ଋତୁଟି ସାର,
ଜୀବ ଜଗତର ଜୀବନ ଧାର।

-ପୁଷ୍ପଲତା ମହାନ୍ତି
୭୧/ଏ, ବିଜେବି ନଗର, ଭୁବନେଶ୍ୱର

## ଆ ଇ ନା



ପ୍ରୟାସ ଆଦିତ୍ୟ
୯ ବର୍ଷ

## କହିଲ ଦେଖି

ଆଲୋକ ଓ ବାଜା ସହିତ ଆସେ
ଶାଗୁଆ ରଙ୍ଗିଆ କ୍ଷେତଟି ହସେ
ନଭେ ସପ୍ତରଙ୍ଗ ଛବିଟି ଦିଶେ
ପିଲାଙ୍କ କାଗଜ ଡଙ୍ଗାଟି ଭାସେ।
ବୋଲାଏ ରାଣୀ
କହିଦିଅ କିଏ ଝରାଏ ପାଣି ?
ଉ- **ବର୍ଷା ଋତୁ**



ବାୟୁ, ପାଣି ପରି ଭାରି ଉପକାରୀ
ସାହା ଓ ଭରସା ହୁଅନ୍ତି
ବଟବୃକ୍ଷ ପରି ଛାୟା ଦାନକରି
କୋଳେଇ କାଖେଇ ନିଅନ୍ତି।
ଜୀବନ୍ତ ଦେବତା ସିଏ
କହିଦେଲ ପିଲେ କିଏ ?
ଉ-**ବାପା**





ଖୋଅ ଖୋଲି ମୋର ପୋଷାକ ଖୋଲ
କଞ୍ଚାରେ ପରିବା ପାଚିଲେ ଫଳ
ମୋତେ ଖାଇ ତୁମ ବଢ଼ଇ ବଳ
ଠାକୁରଙ୍କ ଭୋଗ ହୁଏ
କହିଦିଅ ମୁହିଁ କିଏ ?
ଉ- **କଦଳୀ**

ଏଠାରେ ମଣିଷ ତିଆରି ହୁଅନ୍ତି
ସଂସ୍କାର ଐତିହ୍ୟ ଶିକ୍ଷା ବି ନିଅନ୍ତି
ମନ୍ଦିର ପରାଏ ଇଏ,
ଏଠି ଯାଇ ଭବିଷ୍ୟତ ଗଢ଼ାହୁଏ
କହିଦିଅ ଇଏ କିଏ ?
ଉ- **ବିଦ୍ୟାଳୟ**



କବିଜ୍ୟୋତି ନିରଞ୍ଜନ ପତି
ବାଇଁଶିଆ, ମହିମା ଗାଦି, ଢେଙ୍କାନାଳ

## ଖିଲିଖିଲି ହସ

(୧)

ହରି- ବୁଲୁ ତୋ ଜନ୍ମଦିନ କେଉଁବାରେ...
ବୁଲୁ- ମଙ୍ଗଳବାର
ରାଜୀବ- ମୋ ଜନ୍ମ ଦିନ ହେଉଛି ରବିବାର
ହରି- ଏଁ, ରବିବାର ତ ଛୁଟି ଦିନ, ତୁ ସେଦିନ କେମିତି ଜନ୍ମ ହେଲୁ। ସେଦିନ ତ ସବୁ ବନ୍ଦ।

(୨)

ସାଣ୍ଟା କାର୍ ଧୋଉଥିଲା। ସେତିକିବେଳେ ପାଖରେ ଯାଉଥିବା ଆଣ୍ଟି କହିଲେ- କିରେ ସାଣ୍ଟା ଆଜି କାର୍ କାହିଁକି ଧୋଉଛୁ ?
ସାଣ୍ଟା- ନାଇଁ ମ ଆଣ୍ଟି ମୁଁ କାର୍ ଧୋଉନି। କାର୍‌କୁ ପାଣି ଦେଉଚି, କାଳେ ବଡ଼ ହେଇ କି କାର୍‌ଟି ବସ୍ ପାଲଟିଯିବ!

(୩)

ପିଣ୍ଟୁ- ପେଟ୍ରୋଲ ପମ୍ପକୁ ଯାଇ କହିଲା, ଭାଇ ମତେ ୧ ଟଙ୍କାର ପେଟ୍ରୋଲ ଦିଅ।
ସେଲ୍ସମ୍ୟାନ୍- ଆଶ୍ଚର୍ଯ୍ୟ ହୋଇ କହିଲେ ଆରେ ଏତେ କମ୍ ପେଟ୍ରୋଲ ନେଇ କୁଆଡେ ଯିବ ?
ପିଣ୍ଟୁ- ଆରେ ବାବା ମୁଁ କୁଆଡେ ବି ଯିବିନି। ଏମିତି ଖାଲି ମୁଁ ପେଟ୍ରୋଲ କିଣି ପଇସା ଉଡାଉଛି।

# ସ୍ୱର୍ଗ-ନର୍କ

ଦୀପୁ ଆଉ ତା'ର ଜେଜେ, ଦୁଇଜଣ ଯାକ ସବୁବେଳେ ଏକାଠି। ସତେ ଯେମିତି ଦୁଇଜଣ ଯାକ ସାଙ୍ଗ। କେହି କାହାକୁ ନ ଛାଡ଼ି ରହି ପାରନ୍ତିନି । ଦୀପୁର ଜେଜେ ଉପରେ ଭାରି ଭରସା। ଜେଜେ ଯାହା କହିବେ ଅକ୍ଷରେ ଅକ୍ଷରେ ସତ ହୋଇଥିବ। ଭାରି ବିଶ୍ୱାସ ଜେଜେ ଉପରେ ତା'ର। ମନରେ କିଛି ପ୍ରଶ୍ନ ଆସିଲେ ଦୀପୁ ପହଞ୍ଚି ଯାଏ ଜେଜେଙ୍କ



ପାଖରେ। ଆଉ ଜେଜେ ତା'ର ମନକୁ ପାଇଲା ଭଳି ଉତ୍ତର ଦେଇଦିଅନ୍ତି। ବାସ୍ ଦୀପୁର ମନ ବୁଝି ଯାଇଥାଏ ।

ଦିନେ ସକାଳୁ ସକାଳୁ ଦୀପୁ ଜେଜେ ପାଖରେ ବସି ପାଠ ପଢୁଥିଲା। ମା' କଲ୍ୟାଣୀ ଆସି ଚା' ଗ୍ଲାସଟି ଥୋଇ ଦେଇ କହିଲେ, ବାପା! କାଲି ରାତିରେ ଦାସଘର ବୁଢ଼ୀ ମରିଗଲେ।

ନିଧିଆ ଜେଜେ କହିଲେ, 'ଏଁ କାଲି ମୁଁ ତାଙ୍କୁ ଦେଖିଥିଲି ଦାଣ୍ଡ ଦୁଆର ଓଳଉଥିଲେ, ଭଲରେ ଚାଲବୁଲ କରୁଥିଲେ । କ'ଣ ହେଲା ଯେ, ମରିଗଲେ । ଆହାଃ କେଡ଼େ ପରୋପକାରୀ ଲୋକଟା ଥିଲା। ହଉ ମା' ଗଲୁ ଦେଖିଆସିବୁ ସେ ବୁଢ଼ୀ ସ୍ୱର୍ଗକୁ ଗଲା ନା ନର୍କକୁ ଗଲା।' ସଙ୍ଗେ ସଙ୍ଗେ ଦୀପୁର ମା' କଲ୍ୟାଣୀ ଚାଲିଗଲେ ଦାସ ଘରକୁ ।

ଦୀପୁ ଜେଜେଙ୍କ ମୁହଁକୁ କଳବଲ କରି ଚାହିଁ ରହିଥାଏ। ଜେଜେ ପଚାରିଲେ, ଆରେ ମୋ ମୁହଁକୁ ଏମିତି ଚାହିଁଛୁ କ'ଣ ? ଦୀପୁ କହିଲା-ଜେଜେ ତମେ ମା'କୁ କହିଲ ଦାସ ଘର ବୁଢ଼ୀ ସ୍ୱର୍ଗକୁ ଗଲା ନା ନର୍କକୁ ଗଲା । ହେଲେ ମୁଁ ବୁଝିପାରୁନି , ମା' କେମିତି ଜାଣିବ ସେ ନର୍କକୁ ଗଲା ନା ସ୍ୱର୍ଗକୁ ଗଲା।

ଜେଜେ କହିଲେ, ରହ ଏତେ ବ୍ୟସ୍ତ କାହିଁକି ହେଉଛୁ । ମା' ଆସିଲେ ବଳେ ଜାଣିପାରିବୁ । ଦୀପୁ ଅପେକ୍ଷା କରି ରହିଲା ମା' ଆସିବା ଯାଏ। ତା' ମନ ଭିତରେ ସେହି କଥା ଆନ୍ଦୋଳିତ କରୁଥାଏ। ଜାଣିବା ପାଇଁ ଉତ୍କଣ୍ଠା ବଢ଼ି ବଢ଼ି ଚାଲିଥାଏ। କିଛି ସମୟ ପରେ କଲ୍ୟାଣୀ ଆସି କହିଲେ- ବାପା! ଦାସଘର ବୁଢ଼ୀ ସ୍ୱର୍ଗକୁ ଗଲା। ଦୀପୁ କହିଲା, ଏଥର କୁହ ଜେଜେ- କେମିତି ଜାଣିଲ ସ୍ୱର୍ଗକୁ ଗଲା ?

ଜେଜେ କହିଲେ, ତା'ହେଲେ ମୁଁ କହୁଛି ମନଦେଇ ଶୁଣ- ମା' ଯାଇଥିଲେ ଦେଖିବାକୁ, ସେଠାରେ ଉପସ୍ଥିତ ଲୋକମାନେ କାନ୍ଦ ବୋବାଳି ଛାଡୁଥିବେ, ସେହି ବୁଢ଼ୀର ଭଲଗୁଣ ସବୁ ଆଲୋଚନା କରୁଥିବେ। କହୁଥିବେ ଲୋକଟା ବହୁତ ଭଲଥିଲା ସମସ୍ତଙ୍କ ସୁଖ-ଦୁଃଖରେ ହେଉ ବା ବିପଦ ଆପଦରେ ପାଖରେ ପହଞ୍ଚି ଯାଉଥିଲା। ସାହାଯ୍ୟ ସହଯୋଗ କରୁଥିଲା। ଏଥିରୁ ଜାଣିବ ଦାସ ବୁଢ଼ୀ ସ୍ୱର୍ଗକୁ ଗଲା। ଆଉ ଯଦି ସେଠାରେ ଉପସ୍ଥିତ ଲୋକମାନେ ମୃତ ଲୋକର ନିନ୍ଦା କରୁଥିବେ, ଆଉ କହୁଥିବେ ସେ ଲୋକଟା ମରିଯାଇଛି ଭଲ ହୋଇଛି । ଜୀବନରେ ବହୁତ ଲୋକଙ୍କୁ ହଇରାଣ ହରକତ କରିଛି। କାହାକୁ ଟିକେ ଶାନ୍ତିରେ ରଖେଇ ଦେଇନି । ତା' ହେଲେ ଜାଣିବ ସେ ଲୋକଟି ନର୍କକୁ ଗଲା।

ଏଥର ବୁଝିଲୁ ତ ଦୀପୁ, ଜୀବନରେ ଭଲ କାମ କଲେ ସମସ୍ତେ ତୁମକୁ ସ୍ନେହ ଆଦର କରିବେ। ସେଥିପାଇଁ କୁହାଯାଇଛି ଭଲ କର୍ମ କଲେ ଭଲ ଫଳ ମିଳେ। ଆଉ ଖରାପ କାମ କଲେ ଦଣ୍ଡ ମିଳେ।

– ନବକୃଷ୍ଣ ସାହୁ
ବାଲକାଟି, ଆଳି, କେନ୍ଦ୍ରାପଡା

## ମତାମତ

➤ଗତ ସପ୍ତାହରେ ପ୍ରକାଶିତ କବିତାଗୁଡ଼ିକ ବେଶ୍ ଶିକ୍ଷଣୀୟ ହୋଇଥିଲା।
*– ରାନୁସ୍ମିତା ପ୍ରିୟଦର୍ଶିନୀ, ଯାଜପୁର*

➤'ପିଲାଙ୍କ ଧରିତ୍ରୀ' ପୃଷ୍ଠାରେ ପ୍ରକାଶ ପାଉଥିବା ପ୍ରତିଟି ସ୍ତମ୍ଭ ମୋ ମନକୁ ଛୁଇଁ ପାରୁଛି।
*– ସୁଚିସ୍ମିତା ସାହୁ, ପୁରୀ*

➤'କହିଲ ଦେଖି' ସ୍ତମ୍ଭଟି ପଢ଼ି ସେ ସମ୍ପର୍କରେ ଅନେକ କଥା ଜାଣି ହେଉଛି। ଏହାକୁ ନିୟମିତ ପ୍ରକାଶ କରିବାକୁ ଅନୁରୋଧ।
*– ଅଞ୍ଜଳି ନାୟକ, ରେଢ଼ାଖୋଲ*

➤ଗତ ସପ୍ତାହରେ 'ଗପ' ସ୍ତମ୍ଭରେ କର୍ମ ଏବଂ ଭାଗ୍ୟ ବିଷୟ ପଢ଼ି ଭଲ ଲାଗିଲା।
*– ଶାନ୍ତନୁ କୁମାର ଦାସ, ବ୍ରହ୍ମପୁର*

➤ଏହି ପୃଷ୍ଠାରେ ପ୍ରକାଶ ପାଉଥିବା 'ଗିନିଜ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭଟି ଆକର୍ଷଣୀୟ ହୋଇପାରୁଛି।
*– ରାମ ନାରାୟଣ ମିଶ୍ର, କେନ୍ଦ୍ରାପଡ଼ା*

## ଟଗଲା ଭୀମୁ




## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ହୁଲାହୁପ୍ ବୁଲାଇ ରେକର୍ଡ




ପିଲାମାନେ ତୁମେ ତ ହୁଲାହୁପ୍ ବୁଲାଇବା ଦେଖିଥିବ। କେହି ଛୋଟ ଏବଂ ସରୁ ହୁଲାହୁପକୁ ଅଣ୍ଟାରେ ରଖି ବୁଲାଇଥାନ୍ତି ତ ଆଉ କେହି ବଡ଼ ହୁଲାହୁପ୍ ବୁଲାନ୍ତି। ଏକରୁ ଅଧିକ ହୁଲାହୁପ୍‌କୁ ମଧ୍ୟ କେତେଜଣ ବୁଲାଇପାରନ୍ତି। ଏପରି କରିବା ମଧ୍ୟ ଏକ ପ୍ରକାରର କଳା। ସମସ୍ତେ ଏହି କଳାକୁ ଆୟତ୍ତ କରିପାରନ୍ତି ନାହିଁ। କିନ୍ତୁ ବିଶ୍ୱର ସବୁଠୁ ବଡ଼ ହୁଲାହୁପ୍ ଅଣ୍ଟାରେ ବୁଲାଇ ଗିନିଜ୍ ରେକର୍ଡ କରିପାରିଛନ୍ତି ଆମେରିକାର ଗେଟ୍‌ଟୀ କେହାୟୋବା। ଏତେ ବଡ଼ ହୁଲାହୁପ ବୁଲାଇବା ପାଇଁ ଗେଟ୍‌ଟୀ ଅନେକ ଦିନରୁ ଅଭ୍ୟାସ ଜାରି ରଖିଥିଲେ। ଶେଷରେ ସଫଳତାର ସହ ସେ ଏହି କାମକୁ କରି ଗିନିଜ୍ ବୁକରେ ସ୍ଥାନ ପାଇଛନ୍ତି। ତେବେ ଗେଟ୍‌ଟୀଙ୍କ ପୂର୍ବରୁ ଏହି ରେକର୍ଡ ତାଙ୍କ ବଡ଼ଭଉଣୀଙ୍କ ନାଁରେ ହିଁ ରହିଥିଲା। ୨୦୧୮ ମସିହାରେ ଗେଟ୍‌ଟୀ ତାଙ୍କ ବଡ ଭଉଣୀଙ୍କ ରେକର୍ଡ ଭାଙ୍ଗି ଗିନିଜ୍ ବୁକ୍‌ରେ ସ୍ଥାନ ପାଇଥିଲେ।





ପ୍ରତିଲିପି ମୁଦୁଲି
କ୍ଲାସ-୪, କେ. ଭି. ଆଇଏନ୍ଏସ୍, ଚିଲିକା





ସାଦ୍ୟାନ୍ତ ଶତପଥୀ
କ୍ଲାସ-୩, ମଦର୍ସ ପବ୍ଲିକ ସ୍କୁଲ, ପୁରୀ





ଆରାଧ୍ୟା ପଟ୍ଟନାୟକ
କ୍ଲାସ-୩, ଡିଏଭି ପିଟି. ଏସ୍. ଆର, ପବ୍ଲିକ ସ୍କୁଲ, ଭଞ୍ଜନଗର, ଗଞ୍ଜାମ





ପଦ୍ମାବତୀ ଶବର
କ୍ଲାସ- ୬, ସରକାରୀ ପ୍ର ଉପ୍ରା ବିଦ୍ୟାଳୟ, ଶୁକ୍ଳିମୁଣ୍ଡି, ନୂଆପଡା

ଧରିତ୍ରୀ
DHARITRI
ଶନିବାର, ୩୧ ଜୁଲାଇ, ୨୦୨୧



# ଆନ୍ତଃରାଜ୍ୟ ଡକାୟତ ଦଳର ୪ ଗିରଫ





କିରେଇସ୍ଥିତ ଉତ୍କଳ ଗ୍ରାମ୍ୟବ୍ୟାଙ୍କରୁ ଡକାୟତି ଘଟଣାରେ ଗିରଫ ୪ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

**ସୁନ୍ଦରଗଡ଼, ୩୦।୭ (ଡି.ଏନ୍.ଏ.)**

## କିରେଇ ଉତ୍କଳ ଗ୍ରାମ୍ୟବ୍ୟାଙ୍କରୁ ଡକାୟତି ଘଟଣା

- ୪ପିସ୍ତଲ, ୨ବାଇକ୍, ନଗଦ ୩୨ ହଜାର ୧୪୦ଟଙ୍କା ଓ ମୋବାଇଲ ଫୋନ୍ ଜବତ
- ବିହାର ପୋଲିସ ପାଇଁ ଥିଲେ ମୋଷ୍ଟ ୱାଣ୍ଟେଡ

ସୁନ୍ଦରଗଡ଼ ସହର ନିକଟ କିରେଇସ୍ଥିତ ଉତ୍କଳ ଗ୍ରାମ୍ୟବ୍ୟାଙ୍କରୁ ଗତ ୨୭ ତାରିଖ ଅପରାହ୍ନରେ ବନ୍ଧୁକ ଦେଖାଇ ୪ଜଣ ଡକାୟତ ଲକ୍ଷାଧିକ ଟଙ୍କା ଲୁଟି ନେବା ଘଟଣାରେ ସୁନ୍ଦରଗଡ଼ ପୋଲିସକୁ ମିଳିଛି ସଫଳତା। ବ୍ୟାଙ୍କରୁ ଟଙ୍କା ଲୁଟ୍ ହେବାର ୪୮ଘଣ୍ଟା ମଧ୍ୟରେ ବିହାର ଓ ଝାଡଖଣ୍ଡ ପୋଲିସ ସହାୟତାରେ ସୁନ୍ଦରଗଡ଼ ପୋଲିସ ୪ଜଣ ଆନ୍ତଃରାଜ୍ୟ ଡକାୟତଙ୍କୁ ଝାଡ଼ଖଣ୍ଡ ରାଜ୍ୟ ଖୁଣ୍ଟିଠାରୁ ଗିରଫ କରିଛି। ଶୁକ୍ରବାର ଅପରାହ୍ନରେ ଜିଲା ପୋଲିସ ମୁଖ୍ୟାଳୟରେ ଖବରଦାତା ସମ୍ମିଳନୀରେ ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ ଏସମ୍ପର୍କରେ ସୂଚନା ଦେଇଛନ୍ତି। ଗିରଫ ଏହି ୪ଜଣ ଡକାୟତ ବିହାର ରାଜ୍ୟର ବୋଲି ଏସ୍‌ପି ପ୍ରକାଶ କରିଛନ୍ତି। ଏହି ଲୁଟ୍ ଘଟଣାରେ ୪ଜଣଙ୍କ ବ୍ୟତୀତ ଅନ୍ୟମାନଙ୍କର ସମ୍ପୃକ୍ତି ଅଛି କି ନାହିଁ ସେ ନେଇ ଅଧିକ ତଦନ୍ତ ଜାରି ରହିଥିବାରୁ ପୋଲିସ ଗିରଫ ୪ଜଣଙ୍କ ନାମ ପ୍ରକାଶ କରିନାହିଁ। ପୋଲିସ ସେମାନଙ୍କ ନିକଟରୁ ୪ଟି ପିସ୍ତଲ, ନମ୍ବର ବିହୀନ ୨ଟି ବାଇକ୍, ନଗଦ ୩୨ହଜାର ୧୪୦ ଟଙ୍କା, ୪ଟି ମୋବାଇଲ ଫୋନ୍ ଜବତ କରିଛି। ଗିରଫ ପରେ ସେମାନଙ୍କୁ ବିହାର ଛପ୍ରା ଥାନାରେ ଅଟକ ରଖାଯାଇ ଅଧିକ ପଚରାଉଚରା କରାଯାଉଛି। ବିହାର ପୋଲିସ ପାଇଁ ମୋଷ୍ଟ ୱାଣ୍ଟେଡ ଥିବା ଗିରଫ ୪ଜଣ ଡକାୟତଙ୍କ ନାମରେ ବିହାର, ଝାଡଖଣ୍ଡ ରାଜ୍ୟର ବିଭିନ୍ନ ଥାନାରେ ଦେଢଶହରୁ ଊର୍ଦ୍ଧ୍ୱ ଲୁଟ୍, ବ୍ୟାଙ୍କ ଡକାୟତି ଓ ହତ୍ୟା ମାମଲା ରହିଛି। ଏମାନଙ୍କ ନାମରେ ବିହାର ପୋଲିସ ପକ୍ଷରୁ ୫୦ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଏହି ୪ଜଣ ଡକାୟତ ୨ଟି ବାଇକ୍‌ରେ ସୁନ୍ଦରଗଡ଼ ଆସି କିରେଇସ୍ଥିତ ବିଜୁ ଏକ୍ସପ୍ରେସ ୱେ ପାର୍ଶ୍ୱରେ ଥିବା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ପଶି ରିଭଲଭର ଦେଖାଇ କର୍ମଚାରୀ ଓ ମ୍ୟାନେଜରଙ୍କୁ ଭୟଭୀତ କରି ବ୍ୟାଙ୍କ ଲକର ଓ କ୍ୟାଶ୍ କାଉଣ୍ଟରରୁ ୨ଲକ୍ଷ ୮୭ ହଜାର ୪୧୦ ଟଙ୍କା ଓ ଜଣେ ଗ୍ରାହକଙ୍କଠାରୁ ୫ହଜାର ଟଙ୍କା, ଜଣେ ବ୍ୟାଙ୍କ କର୍ମଚାରୀଙ୍କ ଠାରୁ ସୁନା ଚେନ୍ ଓ କର୍ମଚାରୀମାନଙ୍କ ମୋବାଇଲ ଫୋନ୍ ଲୁଟି ଫେରାର୍ ହୋଇଯାଇଥିଲେ। ଏହାପରେ ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ ଓ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଡକାୟତମାନଙ୍କୁ ଧରିବା ପାଇଁ ତନାଘନା ଆରମ୍ଭ କରିଥିଲେ। ଏନେଇ ସଦର ଥାନାରେ ବ୍ୟାଙ୍କ ମ୍ୟାନେଜର ନୀଳକଣ୍ଠ କୁମାରଙ୍କ ଏତଲା କ୍ରମେ ପୋଲିସ ଏକ ମାମଲା (ନଂ.୨୦୨/ ୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଲୁଟେରାମାନଙ୍କୁ ଧରିବା ପାଇଁ ଏସ୍‌ପି ୪ଟି ସ୍କ୍ୱାଡ୍ ଗଠନ କରିଥିଲେ। ଡିଏସ୍‌ପି ପ୍ରୋବେସନର ସନ୍ତୋଷ କୁମାର ବାରିକଙ୍କ ନେତୃତ୍ୱରେ ଇନ୍ସପେକ୍ଟର ବି.କେ ପ୍ରଧାନ ଓ ସାଇବର ଟିମ୍‌କୁ ନେଇ ତଦନ୍ତ ପରେ ଏହି ଡକାୟତଙ୍କୁ ଝାଡଖଣ୍ଡରେ ଗିରଫ କରିବାରେ ସୁନ୍ଦରଗଡ଼ ପୋଲିସ ସଫଳ ହୋଇଛି। ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ମଧୁସ୍ମିତା ମିଶ୍ର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନାବାଳିକା ବଳାତ୍କାରୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

**ସୁନ୍ଦରଗଡ଼, ୩୦।୭ (ଡି.ଏନ୍.ଏ.):** ସୁନ୍ଦରଗଡ଼ ଏଡିଜେ (ଅତିରିକ୍ତ ଜିଲା ଦୌରା ଜଜ୍ ତଥା ପ୍ରିଜାଇଡିଂ ଅଫିସର (ପୋକ୍‌ସୋ) ପାର୍ଥସାରଥି ପଟ୍ଟନାୟକ ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତ ରାଜକୁମାର ଲୋହାରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୋକ୍‌ସୋ ଆକ୍ଟ ସେକ୍ସନ -୬ରେ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦେୟ ହେଲେ ୧ବର୍ଷ ଅଧିକ କାରାବାସର ଆଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୧୩ ରେ ପୀଡିତା ନାବାଳିକାଙ୍କୁ ଅଭିଯୁକ୍ତ ନିଜ ଘରେ ୩ମାସ ଧରି ବଳାତ୍କାର କରିଥିଲେ। ଏ ସମ୍ପର୍କରେ ପୀଡିତାଙ୍କ ଜେଜେମା ଗତ ୨୦୧୩ ମାର୍ଚ୍ଚ ୬ ରେ ରଘୁନାଥପାଲୀ ଥାନାରେ ଏତଲା ଦେଇଥିଲେ। ପୋଲିସ ଏତଲା ପରେ ଭାରତୀୟ ଦଣ୍ଡବିଧି ଧାରା ୩୭୬ (୨) (ଏଫ୍)/ ୩୨୩ / ୩୪୧ /୫୦୬ / ୬ପୋକ୍‌ସୋ ଆକ୍ଟ ଅନୁଯାୟୀ ଏକ ମାମଲା (ନଂ. ୫୭/୨୦୧୩) ରୁଜୁ କରାଯାଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ନାବାଳିକା ଏବଂ ଅନ୍ୟ ୧୧ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଓ ପୋଲିସର ସବିଶେଷ ତଦନ୍ତ ରିପୋର୍ଟ ଆଧାରରେ ବିଚାରପତି ରାୟ ପ୍ରକାଶ କରିଛନ୍ତି। ବିଚାରପତି ପୀଡିତାଙ୍କୁ ୭ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲା ରଘୁନାଥପାଲିର ତତ୍କାଳୀନ ଥାନାଧିକାରୀ ସ୍ୱିଗ୍ଧାରାଣୀ ସୁନା ତଦନ୍ତ କରିଥିବା ବେଳେ ସରକାରଙ୍କ ତରଫରୁ ପବ୍ଲିକ ପ୍ରସିକ୍ୟୁଟର ଅବଦୁଲ ସମିମ୍ ଅଖତାର ପରିଚାଳନା କରିଥିଲେ।

### ଜଗନ୍ନାଥ ସ୍ୱାଇଁ ଭଦ୍ରକ ଜିଲା ବିଜେଡି ସଭାପତି

୮ ଉପସଭାପତି, ୧୩ ସାଧାରଣ ସମ୍ପାଦକ, ୬ ସମ୍ପାଦକ ନିଯୁକ୍ତି

**ଭୁବନେଶ୍ୱର,୩୦।୭(ବ୍ୟୁରୋ):** ବିଜୁ ଜନତା ଦଳର ଭଦ୍ରକ ଜିଲା ସାଂଗଠନିକ କର୍ମକର୍ତ୍ତା ନିଯୁକ୍ତି କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲା ସଭାପତିଙ୍କ ସମେତ ୮ ଉପସଭାପତି, ୧୩ ସାଧାରଣ ସମ୍ପାଦକ ଓ ୬ ସମ୍ପାଦକଙ୍କୁ ଶୁକ୍ରବାର ନିଯୁକ୍ତି ଦିଆଯାଇଛି। ଏ ନେଇ ବିଜେଡି କାର୍ଯ୍ୟାଳୟ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଜଗନ୍ନାଥ ସ୍ୱାଇଁଙ୍କୁ ଭଦ୍ରକ ଜିଲା ବିଜେଡି ସଭାପତି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ମୁକ୍ତିକାନ୍ତ ମଣ୍ଡଳ, ବିଜୟ କୁମାର ନାୟକ, ରାଜେନ୍ଦ୍ର ପ୍ରସାଦ ଦାସ, ମଳୟ ଜେନା, ପ୍ରତାପ ଚନ୍ଦ୍ର ଧଳ, ସୁରେନ୍ଦ୍ର ନାୟକ, ପ୍ରଶାନ୍ତ କୁମାର ଦାସ ଏବଂ ଅଶୋକ କୁମାର ବଳଙ୍କୁ ଉପସଭାପତି, ବଳଭଦ୍ର ଲେଙ୍କା, ଶରତ କୁମାର ସାହୁ, ସୁରେଶ ଚନ୍ଦ୍ର ମହାନ୍ତି, ପ୍ରଦୀପ କୁମାର ମଲ୍ଲିକ, ଅଶୋକ କୁମାର ନାୟକ, ହରେକୃଷ୍ଣ ପାଢୀ , ଯୋଗେନ୍ଦ୍ର କୁମାର ଘଡେଇ, ପ୍ରଣୟ କୁମାର ଦାସ, ପ୍ରବୀର କୁମାର ଜେନା, ଅମିତାଭ ଆଚାର୍ଯ୍ୟ, ମହମ୍ମଦ ଜୁଲୁଲା, ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଜଗନ୍ନାଥ ଭାରତୀଙ୍କୁ ସାଧାରଣ ସମ୍ପାଦକ, ଭାନୁ ପ୍ରକାଶ ପଲାଇ, ବିଜୟ କୁମାର ଖଟୁଆ, ସେକ ଆୟୁବ ଅଲ୍ଲୀ ଖାଁ, ଯୋଗେନ୍ଦ୍ର ପ୍ରସାଦ ସାହୁ, ପର୍ଶୁରାମ ପଣ୍ଡାଙ୍କୁ ସମ୍ପାଦକ ଏବଂ ପ୍ରଦୀପ କୁମାର ପଣ୍ଡାଙ୍କୁ ସମ୍ପାଦକ କୋଷାଧକ୍ଷ ଭାବେ ନିଯୁକ୍ତି ଦିଆଯାଇଛି।

### ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ

**କଟକ ଅଫିସ, ୩୦।୭:** ବାରଙ୍ଗ ଅଞ୍ଚଳର ଜଣେ ନାବାଳିକା ବଳାତ୍କାର ମାମଲାର ଶୁଣାଣି କଟକ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ହୋଇଥିଲା। ବିଚାରପତି ସୁବାସ କୁମାର ବିହାରୀ ଏହାର ଶୁଣାଣି କରି ଜଣେ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଅନ୍ୟପକ୍ଷରେ ପୀଡିତାଙ୍କୁ ଜିଲା ଆଇନ ସେବା ପ୍ରାଧିକରଣ ସହାୟତାରେ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କୁହାଯାଇଛି। ୨୦୧୬ ମେ' ୧୮ ତାରିଖରେ ବାରଙ୍ଗ ଥାନା ଅନ୍ତର୍ଗତ ଫକୀରପଡା ଗ୍ରାମର ଗୋପାଳ ଦାସ(୬୦)ଙ୍କ ସହ ପୀଡିତା ଏକ ବିବାହ ଭୋଜିକୁ ଯାଇଥିଲେ। ଫେରିବା ବେଳେ ଅଭିଯୁକ୍ତ ଜଣକ ପୀଡିତାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ଘର ଲୋକଙ୍କୁ ଜଣାଇଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏ ସମ୍ପର୍କରେ ପୀଡିତାଙ୍କ ପରିବାର ଲୋକେ ଜାଣିବା ପରେ ମେ' ୨୦ ତାରିଖରେ ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପରେ ଏନେଇ ପୋକସୋ କୋର୍ଟରେ ମାମଲା ହେବା ସହ ଅଭିଯୁକ୍ତ ଗିରଫ ହୋଇଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଏସ୍.କେ. ପଣ୍ଡା ଓ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘୋଡ଼ା ପିଠି,
କାତ ମୁଠି।**

ଘୋଡ଼ା ଉପରେ ବସିଲେ ଲଗାମ ଧରି ଘୋଡ଼ାକୁ ନିୟନ୍ତ୍ରଣରେ ରଖିବାକୁ ପଡ଼ିଥାଏ। ଅନ୍ୟଥା ପଡ଼ିଯିବାର ଭୟ ରହିଥାଏ। ସେହିପରି ଡଙ୍ଗା ଚଳାଇବା ବେଳେ କାତ ଧରୁଥିବା ବ୍ୟକ୍ତି ବା ନାଉରିଆ ଭଲ ଭାବେ କାତ ମାରି ନ ପାରିଲେ ଡଙ୍ଗା ଓଲଟି ପଡ଼ିବାର ସମ୍ଭାବନା ରହିଥାଏ। ତେଣୁ ଉଭୟେ ଅତ୍ୟନ୍ତ ବିପଦପୂର୍ଣ୍ଣ କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଘରଣୀ ଗଙ୍ଗା,
ପେଯ ପିଇକରି ବାନ୍ଧିଛୁ ସଙ୍ଗା।**

କୃପଣ ନ ହେଲେ ସଞ୍ଚୟ କରିବା କଷ୍ଟକର। ଭବିଷ୍ୟତକୁ ସୁଦୃଢ଼ ଏବଂ ସୁରକ୍ଷିତ କରିବା ଲାଗି ସଞ୍ଚୟ ମନୋବୃତ୍ତି ରଖିବା ବୁଦ୍ଧିମତାର ପରିଚୟ ହୋଇଥାଏ। ଘରକୁ ସ୍ୱର୍ଗଠାରୁ ସୁନ୍ଦର କରିବାରେ ଗୃହୀଣୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏପରିସ୍ଥଳେ ବହୁ କଷ୍ଟ କରି ଘର ପ୍ରତି ପୂର୍ଣ୍ଣ ସମର୍ପିତା ଥିବା ଗୃହିଣୀ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୧୦ ଅତିରିକ୍ତ ଏସ୍‌ପି, ୭ ଡିଏସ୍‌ପିଙ୍କୁ ନୂଆ ନିଯୁକ୍ତି

**ଭୁବନେଶ୍ୱର,୩୦।୭(ବ୍ୟୁରୋ)**

## ୮ ଡିଏସ୍‌ପିଙ୍କୁ ବଦଳି

ଓଡ଼ିଶା ପୋଲିସର ୧୦ଜଣ ଅତିରିକ୍ତ ଏସ୍‌ପି ଓ ୭ଜଣ ଡିଏସ୍‌ପିଙ୍କୁ ବଦଳି କରାଯାଇ ନୂଆ ନିଯୁକ୍ତି ଦିଆଯାଇଛି। ଶୁକ୍ରବାର ଏନେଇ ପୋଲିସ ମୁଖ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି ଅନୁସାରେ, ଗତ କିଛିଦିନ ତଳେ ଗୃହ ବିଭାଗ ପକ୍ଷରୁ ଏମାନଙ୍କୁ ଇନ୍ସପେକ୍ଟର ପାହ୍ୟାରୁ ଡିଏସ୍‌ପି ପାହ୍ୟାକୁ ଓ ଡିଏସ୍‌ପି ପାହ୍ୟାରୁ ଅତିରିକ୍ତ ଏସ୍‌ପି ପାହ୍ୟାକୁ ପଦୋନ୍ନତି ମିଳିଥିଲା। ନୂଆ ନିଯୁକ୍ତି ପାଇଥିବା ୭ ଡିଏସ୍‌ପିଙ୍କ ମଧ୍ୟରେ ସୁରେନ୍ଦ୍ର ନାଥଙ୍କୁ ଭିଜିଲାନ୍ସ ଡିଏସ୍‌ପି, ଅଜୟ କୁମାର ମିଶ୍ରଙ୍କୁ ଗଞ୍ଜାମ ଡିଆଇବି ଡିଏସ୍‌ପି, ବିଚିତ୍ର ନନ୍ଦଙ୍କୁ କମିଶନରେଟ୍ ପୋଲିସ ଏସିପି, ମନୋଜ କୁମାର ସାମନ୍ତଙ୍କୁ ଡିଏସ୍‌ପି ଇଓଡବ୍ଲ୍ୟୁ ସିଆଇଡି ସିବି, ମନୋଜ କୁମାର ଦେଙ୍କୁ ଏସ୍‌ଡିପିଓ କାମାକ୍ଷାନଗର, ନବକୃଷ୍ଣ ନାୟକଙ୍କୁ କମିଶନରେଟ୍ ପୋଲିସ ଏସିପି, ଜୟଶ୍ରୀ ପ୍ରଧାନଙ୍କୁ ଡିଏସ୍‌ପି କେନ୍ଦୁଝର ମୁଖ୍ୟାଳୟରେ ଅବସ୍ଥାପିତ କରାଯାଇଛି। ଏଥିସହ ଡିଏସ୍‌ପି ପାହ୍ୟାରୁ ପଦୋନ୍ନତି ପାଇଥିବା ପ୍ରଫୁଲ୍ଲ କୁମାର ମିଶ୍ର ଓ ଦେବଦତ୍ତ ସେଠ, ବିମଳେନ୍ଦୁ ଶତପଥୀ, ସୁରେନ୍ଦ୍ର ନାଥଙ୍କୁ ଅତିରିକ୍ତ ଏସ୍‌ପି ଭିଜିଲାନ୍ସ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ହେମନ୍ତ କୁମାର ପାଢୀଙ୍କୁ ସୋନପୁର ଅତିରିକ୍ତ ଏସ୍‌ପି, ବଳଭଦ୍ର ଦୀପ୍‌ଙ୍କୁ ମାଲକାନଗିରି ଅତିରିକ୍ତ ଏସ୍‌ପି, ରମେଶଚନ୍ଦ୍ର ସେଠୀଙ୍କୁ ଗଞ୍ଜାମ ଆଇୟୁସିଏଡବ୍ଲ୍ୟୁ ଅତିରିକ୍ତ ଏସ୍‌ପି, ତରୁଣ କୁମାର ଦାସଙ୍କୁ ଅତିରିକ୍ତ ଡିସିପି, ଲମ୍ବୋଦର ବୁଡାଙ୍କୁ ଅତିରିକ୍ତ ଏସ୍‌ପି ଝାରସୁଗୁଡ଼ା, ଉତ୍କଳ କେଶରୀ ଦାସଙ୍କୁ ବଦଳି କରାଯାଇ ଅତିରିକ୍ତ ଏସ୍‌ପି କୋରାପୁଟ ଭାବେ ଅବସ୍ଥାପିତ କରାଯାଇଛି।

ଅନ୍ୟପକ୍ଷରେ ୮ଜଣ ଡିଏସ୍‌ପିଙ୍କୁ ବଦଳି କରାଯାଇଛି। ସୁନ୍ଦରଗଡ଼ ପିସିଆର ସେଲ୍ ଡିଏସ୍‌ପି ପ୍ରଶାନ୍ତ କୁମାର ମେହେରଙ୍କୁ ଏସ୍‌ଡିପିଓ ରେଢାଖୋଲ, ରାଜ୍ୟ ଏଚ୍‌ଆର୍‌ପିସି ଡିଏସ୍‌ପି ହୃଷୀକେଶ ମେହେରଙ୍କୁ ଏସ୍‌ଡିପିଓ କଣ୍ଟାବାଞ୍ଜି, ପଦ୍ମପୁର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁଙ୍କୁ ସମ୍ବଲପୁର ସଦର ଏସ୍‌ଡିପିଓ, ଢେଙ୍କାନାଳ ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ଅନିଲ କୁମାର ବେଉରିଆଙ୍କୁ ଆନନ୍ଦପୁର ଏସ୍‌ଡିପିଓ, ନୟାଗଡ଼ ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ସୁଦର୍ଶନ ଦାସଙ୍କୁ ବେତନଟି ଏସ୍‌ଡିପିଓ, ଖୋର୍ଦ୍ଧା ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି କୃଷ୍ଣ ଚନ୍ଦ୍ର ପଲାଇ ଓ ଗଞ୍ଜାମ ଆଇସିଓଡବ୍ଲ୍ୟୁ ଡିଏସ୍‌ପି ଶିବ ଶଙ୍କର ମହାପାତ୍ରଙ୍କୁ କମିଶନରେଟ୍ ପୋଲିସ ଏସିପି ଓ ଚିନ୍ତାମଣି ପ୍ରଧାନଙ୍କୁ ଆଠମଲ୍ଲିକ ଏସ୍‌ଡିପିଓ ଭାବେ ବଦଳି କରାଯାଇଛି।

# ଅବହେଳା ଗ୍ରହଣୀୟ ନୁହେଁ

**ଭୁବନେଶ୍ୱର,୩୦।୭(ବ୍ୟୁରୋ)**

## ମେଗା ଲିଫ୍ଟ ପ୍ରକଳ୍ପକୁ ବିଦ୍ୟୁତ୍ ଯୋଗାଣ ପ୍ରସଙ୍ଗ

- ବିଦ୍ୟୁତ୍ ବିତରଣ କମ୍ପାନୀଙ୍କୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ପାନୀୟଜଳ ଏବଂ ଜଳସେଚନ ନିମନ୍ତେ ମେଗା ଲିଫ୍ଟ ପ୍ରକଳ୍ପଗୁଡ଼ିକୁ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଏହାକୁ ନିଶ୍ଚିତ କରାଇବା ଲାଗି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓପିଟିସିଏଲ୍ ଏବଂ ବିଦ୍ୟୁତ୍ ବିତରକ କମ୍ପାନୀଗୁଡ଼ିକୁ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷାକରି ମୁଖ୍ୟ ଶାସନ ସଚିବ କହିଛନ୍ତି, ପିଇବା ପାଇଁ ପାନୀୟ ଜଳ ଏବଂ ଚାଷ ପାଇଁ କ୍ଷେତକୁ ଜଳ ଯୋଗାଣ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଗୁରୁତ୍ୱ ଦେଇଆସିଛନ୍ତି। ତେଣୁ ଏସବୁ ପ୍ରକଳ୍ପକୁ ବିଦ୍ୟୁତ୍ ଯୋଗାଣରେ ଅବହେଳା ଗ୍ରହଣୀୟ ନୁହେଁ। ପାଣି ଉତ୍ତୋଳନ ପମ୍ପର ଦକ୍ଷତା ଅନୁସାରେ ଆବଶ୍ୟକ ଭୋଲ୍‌ଟେଜ୍ ବିଦ୍ୟୁତ୍ ଯୋଗାଇବା ଦରକାର। ନୂଆ ସବ୍‌ଷ୍ଟେଶନ ସହ ବିଦ୍ୟୁତ୍ ଯୋଗାଣ ଭିତ୍ତିଭୂମି ବିକାଶ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ନିଜ ଅଞ୍ଚଳରେ ସ୍ଥାପିତ ଏସବୁ ପ୍ରକଳ୍ପର ବର୍ତ୍ତମାନ ସ୍ଥିତି ନେଇ ଏକ ବିସ୍ତୃତ ତାଲିକା ପ୍ରସ୍ତୁତ କରିବାକୁ ସମସ୍ତ ବିତରକ କମ୍ପାନୀକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ବିଦ୍ୟୁତ୍ ଫିଡର ରଖିବା ନିମନ୍ତେ ମଧ୍ୟ ସେ କହିଛନ୍ତି। ପାନୀୟଜଳ ଏବଂ ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଫିଡର ଲାଇନରୁ ଅନ୍ୟ କୌଣସି ଉପଭୋକ୍ତାଙ୍କୁ ବିଦ୍ୟୁତ୍ ନ ଦେବାକୁ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା କହିଛନ୍ତି।

ଜଳ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ଚଳିତ ଖରିଫ୍ ଋତୁ ପୂର୍ବରୁ ୧୦୯ ମେଗା ଲିଫ୍ଟ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯାଇଛି। ଅଧିକ ୨୦ଟି ପ୍ରକଳ୍ପ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରାଯିବ। ଏହି ୧୨୯ଟି ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୧.୫୦ ଲକ୍ଷ ହେକ୍ଟର ଚାଷଜମିକୁ ଜଳ ଯୋଗାଣ ହେବ। ଏହାଛଡ଼ା ନୂଆ ୭୯ଟି ପ୍ରକଳ୍ପ ନିର୍ମାଣାଧୀନ ଅଛି ବୋଲି ଗର୍ଗ କହିଛନ୍ତି। ଡିସେମ୍ବର ଶେଷସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ପ୍ରମୁଖ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ କହିଛନ୍ତି, ଚଳିତ ବର୍ଷ ପୂର୍ଣ୍ଣାଙ୍ଗ ହୋଇଥିବା ୧୦୪୩ ପ୍ରକଳ୍ପ ସହ ବର୍ତ୍ତମାନ ସୁଦ୍ଧା ୧୩,୦୮୨ଟି ଏକକ ଏବଂ ଛୋଟ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଇଛି। ଏହିସବୁ ପ୍ରକଳ୍ପ ମାଧ୍ୟମରେ ୧୬,୮୮୯ଟି ଗ୍ରାମର ପ୍ରାୟ ୧.୫୩ କୋଟି ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଏହାଛଡ଼ା ୬,୭୭୩ ଗ୍ରାମର ପ୍ରାୟ ୨୩ ଲକ୍ଷ ଲୋକଙ୍କ ପାଇଁ ୫୬୨୪ଟି ଛୋଟ ପ୍ରକଳ୍ପର ନର୍ମାଣ ପ୍ରକ୍ରିୟା ଆରମ୍ଭ କରାଯାଇଛି। ୨୩,୭୫୦ଟି ଗ୍ରାମର ପ୍ରାୟ ୧.୮୯ କୋଟି ଲୋକଙ୍କୁ ପାନୀୟ ଜଳ ଯୋଗାଣ ନିମନ୍ତେ ନୂଆ ୨୧୫ଟି ମେଗା ପ୍ରକଳ୍ପ ଆରମ୍ଭ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୭ଟି ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହୋଇଥିବା ବେଳେ ଆଉ ୮୩ଟିର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଗତିରେ ଚାଲିଛି। ଅବଶିଷ୍ଟ ପ୍ରକଳ୍ପଗୁଡ଼ିକ ନିମନ୍ତେ ପ୍ରାକ୍ ପ୍ରସ୍ତୁତି ଏବଂ ଟେଣ୍ଡର ପ୍ରକ୍ରିୟା ଚାଲୁ ରହିଛି ବୋଲି ଦେଓରଞ୍ଜନ କହିଛନ୍ତି।

## ବୃଦ୍ଧ ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଜବତ

**କଣାସ,୩୦।୭(ସ୍ୱ.ପ୍ର.)**

କଣାସ ଥାନା ନାନକେରା ଗ୍ରାମରେ ଶୁକ୍ରବାର ଜଣେ ବୃଦ୍ଧ ଦମ୍ପତିଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେମାନେ ହେଲେ ଡମ୍ବରୁ ବଳବନ୍ତରାୟ (୬୮) ଓ ତାଙ୍କ ସ୍ତ୍ରୀ ଟିକିନି। ଏ ନେଇ ପୋଲିସ ମାମଲା(ନଂ.୧୫/୨୧) ରୁଜୁକରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ରାତିରେ ବୃଦ୍ଧ ଦମ୍ପତି ଖାଇସାରି ଘରେ ଶୋଇଥିଲେ। ସକାଳୁ କବାଟ ନ ଖୋଲିବାର ପରିବାର ଲୋକ ସନ୍ଦେହ କରିଥିଲେ। କବାଟ ଭାଙ୍ଗିବାରୁ ବୃଦ୍ଧ ଦମ୍ପତି ଦୁହେଁ ପୃଥକ ଭାବେ ବେକରେ ଦଉଡ଼ି ବାନ୍ଧି ଝୁଲୁଥିବା ଦେଖିଥିଲେ।



ଅଲିମ୍ପିକ୍ସରେ ଭାଗ ନେଇଥିବା ଭାରତୀୟ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ପୁରୀର ଉର୍ଜାବାନ ଓଡ଼ିଶା ସଂଘ ପକ୍ଷରୁ ଶ୍ରୀମନ୍ଦିରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ସାଇକେଲ ଶୋଭାଯାତ୍ରା କରାଯାଉଛି।

# ନୂତନ ଶିକ୍ଷାନୀତି ଛାତ୍ର ସମାଜରେ ତାରତମ୍ୟ ସୃଷ୍ଟି କରିବ: କଂଗ୍ରେସ

**ଭୁବନେଶ୍ୱର, ୩୦।୭(ବ୍ୟୁରୋ)**

ନୂତନ ଶିକ୍ଷାନୀତି ପ୍ରଣୟନର ଏକବର୍ଷ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ସମ୍ବୋଧିତ କରି ଯେଉଁ ତଥ୍ୟ ରଖିଲେ ତାହା ଦେଶର ସମ୍ବିଧାନ ବିରୋଧୀ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ନିରଞ୍ଜନ କହିଛନ୍ତି, ଭାରତବର୍ଷକୁ ଏକ ବଳିଷ୍ଠ ରାଷ୍ଟ୍ର ରୂପେ ଗଠନ କରିବାର ଯେଉଁ ସ୍ୱପ୍ନ ଏ ଦେଶର ମହାମନୀଷୀମାନେ ଦେଖିଥିଲେ ତାହା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ନୂତନ ଶିକ୍ଷାନୀତିରେ ଅନ୍ତରାୟ ସୃଷ୍ଟି କରୁଛି। ଶିକ୍ଷା କ୍ଷେତ୍ରରେ କୌଣସି ପ୍ରକାର ଧନୀଗରିବର ପାତରଅନ୍ତର ରହିବା ଅନୁଚିତ। ଏହାଦ୍ୱାରା ମେଧାବୀ ଛାତ୍ରୀଛାତ୍ରମାନେ ଉପଯୁକ୍ତ ସୁଯୋଗ ପାଇବେ ନାହିଁ। ଯେଉଁମାନଙ୍କ ପାଖରେ ଅଧିକ ଅର୍ଥ ରହିଛି ସେମାନଙ୍କୁ ଏହି ସୁଯୋଗ ମିଳିବ। ନୂତନ ଶିକ୍ଷାନୀତି ଅଧିକ ବେସରକାରୀ ପୁଞ୍ଜି ବିନିଯୋଗର ସୁଯୋଗ ସୃଷ୍ଟି କରୁଛି। ଏହାଦ୍ୱାରା ଶିକ୍ଷାର ବ୍ୟବସାୟୀକରଣ ଅତି ଦ୍ରୁତଗତିରେ ବଢ଼ି ଚାଲିବ। ଭାରତୀୟ ସମ୍ବିଧାନରେ ଅତି ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି, ପ୍ରତ୍ୟେକ ଛାତ୍ରଙ୍କୁ ସମାନ ଶିକ୍ଷା ଦେବା ରାଷ୍ଟ୍ରର ଦାୟିତ୍ୱ। କେନ୍ଦ୍ର ସରକାର ନୂତନ ଶିକ୍ଷାନୀତିର ଯେଉଁ ୫ଟି ଆଞ୍ଚଳିକ ଭାଷାରେ ଇଞ୍ଜିନିୟରିଂ ଶିକ୍ଷା/ ବୈଷୟିକ ଶିକ୍ଷା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି ତାହା କେଉଁଠି ନା କେଉଁଠି ଭାରତବର୍ଷର ଶିକ୍ଷିତ ଯୁବତୀ, ଯୁବକଙ୍କୁ ପ୍ରତିଯୋଗିତା କ୍ଷେତ୍ରରେ ପ୍ରତିବନ୍ଧକ ଆସିପାରେ। ସେହିପରି ମେଡିକାଲ ଶିକ୍ଷାର ଏମ୍‌ବିବିଏସ୍ ଠାରୁ ଆରମ୍ଭକରି ପିଜି ପର୍ଯ୍ୟନ୍ତ ପଛୁଆବର୍ଗଙ୍କ ପାଇଁ ୨୭% ସ୍ଥାନ ସଂରକ୍ଷଣ ନିଷ୍ପତ୍ତି ସରକାରଙ୍କ ନିଜସ୍ୱ। କିନ୍ତୁ ଆର୍ଥିକ ଅନଗ୍ରସରଙ୍କ କ୍ଷେତ୍ରରେ ୧୦% ସଂରକ୍ଷଣ କଥା ସରକାର ଚାହୁଁନାହାନ୍ତି। ରାଷ୍ଟ୍ର ତା'ର ଆସନ୍ତା ଦିନର ନାଗରିକମାନଙ୍କୁ ସମାନ ଓ ବ୍ୟବସ୍ଥିତ ଶିକ୍ଷା ପ୍ରଦାନ କରିବାର ଗୁରୁଦାୟିତ୍ୱ ବହନ କରିବା ଉଚିତ ବୋଲି ନିରଞ୍ଜନ କହିଛନ୍ତି।

# ଅଧ୍ୟକ୍ଷ ଫୟାଜ୍, ନିର୍ଦ୍ଦେଶକ ଉଦିତ ନିର୍ଦ୍ଦୋଷ

**ଢେଙ୍କାନାଳ ଅଫିସ, ୩୦।୭**

## 'ଗୁଡ୍ ନିଉଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର' ଯୌନ କେଳେଙ୍କାରୀ ମାମଲା



ଗୁଡ୍ ନିଉଜ୍ ଇଣ୍ଡିଆ ଆବାସିକ ଗୃହ।

ଢେଙ୍କାନାଳ ଜିଲାର ବହୁଚର୍ଚ୍ଚିତ ବେଲଟିକିରି 'ଗୁଡ୍ ନିଉଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର' ନାବାଳିକା ଯୌନ କେଳେଙ୍କାରୀ ମାମଲାର ରାୟ ଶୁକ୍ରବାର ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ପ୍ରକାଶ ପାଇଛି। ସାକ୍ଷ୍ୟପ୍ରମାଣ ଅଭାବରୁ ସଂସ୍ଥାର ଅଧ୍ୟକ୍ଷ ତଥା ଅଭିଯୁକ୍ତ ଫୟାଜ୍ ରହେମାନ୍ ଏବଂ ତାଙ୍କ ସହଯୋଗୀ ତଥା ନିର୍ଦ୍ଦେଶକ ଉଦିତ୍ ଲିମା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତର ବିଚାରପତି ତଥା ଅତିରିକ୍ତ ଜିଲା ଦୌରାଜଜ୍ ଡ. ସୂର୍ଯ୍ୟମଣି ମହାପାତ୍ର ମାମଲାର ବିଚାର କରି ଏହି ରାୟ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ସଦର ବ୍ଲକ ବେଲଟିକିରିସ୍ଥିତ 'ଗୁଡ୍ ନିଉଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର' ଆବାସିକ ଗୃହରେ କଳାହାଣ୍ଡି, ଗଜପତି, ଫୁଲବାଣୀ, ଅନୁଗୋଳ, ଏବଂ ଢେଙ୍କାନାଳ ଜିଲାର ୯୪ଜଣ ନାବାଳକ ଅନ୍ତେବାସୀ ରହି ପାଠ ପଢୁଥିଲେ। ସେମାନଙ୍କ ମଧ୍ୟରେ ୬୨ଜଣ ଝିଅ ଓ ୩୨ଜଣ ପୁଅ ରହିଥିଲେ। ଆର୍ଥିକ ଅନଗ୍ରସର ଏବଂ ମା'ବାପା ହରାଇଥିବା ପିଲାଙ୍କୁ ଆଣି ଶିକ୍ଷାଦାନ ବ୍ୟବସ୍ଥା କରାଯାଇଥିଲା। କଟକ ଜିଲା ଫୁଲନଖରାଠାରେ ଅନୁଷ୍ଠାନର ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ରହିଥିଲା। ତେବେ ନାବାଳିକା ଅନ୍ତେବାସୀଙ୍କୁ ଅନୁଷ୍ଠାନର ଅଧ୍ୟକ୍ଷ ଫୟାଜ୍ ଯୌନ ନିର୍ଯାତନା ଦେଉଥିବା ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୀମାଞ୍ଚଳ ନାୟକ ଅଭିଯୋଗ କରିଥିଲେ। ସେହି ସମୟରେ ଏହି ଘଟଣା ଚହଳ ପକାଇଥିବାବେଳେ ରାଜ୍ୟ ସରକାର ଏହାକୁ ଗମ୍ଭୀରତାର ସହ ନେଇଥିଲେ। ଜିଲା ଶିଶୁ ସୁରକ୍ଷା ବିଭାଗ, ଜିଲା ପ୍ରଶାସନ ପକ୍ଷରୁ ତନାଘନା ଆରମ୍ଭ ହୋଇଥିଲା। ସଂସ୍ଥା ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ ଉଲ୍ଲଂଘନ କରିଥିବା ରିପୋର୍ଟରେ ଦର୍ଶାଯାଇଥିଲା। ପରେ ଶିଶୁ ସୁରକ୍ଷା ବିଭାଗ, ପ୍ରଶାସନ ଏବଂ ପୋଲିସ ସହାୟତାରେ ଅନ୍ତେବାସୀଙ୍କୁ ଉଦ୍ଧାର କରି ସେମାନଙ୍କ ପରିବାର ଜିମା ଦିଆଯାଇଥିଲା। ୨୦୧୮ ଡିସେମ୍ବର ୧ରେ ଏ ନେଇ ସଦର ଥାନାରେ ନଂ. ୫୩୯/୧୮ରେ ମାମଲା ରୁଜୁ ହୋଇଥିଲା। ପୋଲିସ ଫୟାଜ୍, ସୀମାଞ୍ଚଳ ଏବଂ ଉଦିତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଘଟଣାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଓଡ଼ିଶାର ବିଭିନ୍ନ ଜିଲାରେ ଅନୁଷ୍ଠାନ ଦ୍ୱାରା ପରିଚାଳିତ ୨୫ ଶିଶୁଗୃହକୁ ସିଲ୍ କରାଯାଇଥିଲା। ଏପରି କି ଏହାର ଲିଙ୍କ୍ ପଶ୍ଚିମବଙ୍ଗ ଯାଏ ଲମ୍ବିଥିବା ସୂଚନା ମିଳିବା ପରେ ମେଦିନାପୁର ଜିଲା ସାଲଗାଡ଼ିଆସ୍ଥିତ ସଂସ୍ଥାର ମୁଖ୍ୟାଳୟ ଏବଂ ଫୁଲନଖରା କାର୍ଯ୍ୟାଳୟରେ ଯାଞ୍ଚ ହୋଇଥିଲା। ମାମଲାର ସିଟି ସେସନ୍ସ ପୋକ୍‌ସୋ କେସ୍ ନଂ. ୭୯/୨୦୧୮ର ବିଚାର କରି ସାକ୍ଷ୍ୟପ୍ରମାଣ ଅଭାବରୁ ଅଦାଲତ ଫାୟାଜ୍ ଏବଂ ଉଦିତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜନ କୁମାର ପ୍ରଧାନ, ଉତ୍କଳ କେଶରୀ ଖଟୁଆ, ଅବନୀ ବଲ୍ଲଭ ରାଉତ, ଚିତ୍ତରଞ୍ଜନ ମହାପାତ୍ର ମାମଲା ପରିଚାଳନା କରିଥିଲେ।

# ସେମିଫାଇନାଲରେ ସିନ୍ଧୁ

ଟୋକିଓ,୩୦।୭

ଭାରତୀୟ ମହିଳା ବ୍ୟାଡମିଣ୍ଟନ ସୁପରଷ୍ଟାର ତଥା ବିଶ୍ୱ ଚାମ୍ପିୟନ ପି.ଭି. ସିନ୍ଧୁ ଅଲିମ୍ପିକ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସ ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ସେ ଶୁକ୍ରବାର ବିଶ୍ୱର ୫ ନମ୍ବର ଖେଳାଳି ଜାପାନର ଅକାନେ ୟାମାଗୁଚିଙ୍କୁ ସିଧାସଳଖ ଗେମ୍‌ରେ ହରାଇ ସେମିକୁ ଉଠିଛନ୍ତି। ୨୦୧୬ ରିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଥିବା ସିନ୍ଧୁ ୟାମାଗୁଚିଙ୍କୁ ୨୧-୧୩, ୨୨-୨୦ରେ ମାତ୍ର ୫୬ ମିନିଟ୍‌ରେ ପରାସ୍ତ କରି ପଦକ ଆଡକୁ ଅଗ୍ରଗତି କରିଛନ୍ତି। ଫଳରେ ଅଲିମ୍ପିକ ପଦକ ହାସଲଠାରୁ ସିନ୍ଧୁ ଆଉ ଗୋଟିଏ ପାଦ ଦୂରରେ ରହିଛନ୍ତି। ଏଥର ତାଙ୍କ ପାଖରେ ସ୍ୱର୍ଣ୍ଣ ପଦକ ହାସଲ କରିବାର ସୁଯୋଗ ରହିଛି। ସିନ୍ଧୁ ଏବେ ସେମିରେ ଥାଇଲାଣ୍ଡର ରଚାନୋକ ଇଣ୍ଟାନନ ଓ ଚାଇନିଜ ତାଇପେର ଜୁ ୟିଙ୍ଗଙ୍କ ମଧ୍ୟରେ ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲ ବିଜୟିନୀଙ୍କୁ ଭେଟିବେ। ଶନିବାର ସିନ୍ଧୁ ସେମିଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ।

ଷଷ୍ଠ ସିଡ ସିନ୍ଧୁ ପୂର୍ବରୁ ୟାମାଗୁଚିଙ୍କୁ ୧୧ଥର ପରାସ୍ତ କରିଥିବା ବେଳେ ତାଙ୍କଠାରୁ ୭ଥର ପରାଜୟ ବରଣ କରିଥିଲେ। ଗତ ମାର୍ଚ୍ଚରେ ସେ ୟାମାଗୁଚିଙ୍କୁ ଅଲ ଇଂଲଣ୍ଡ ଚାମ୍ପିୟନଶିପ୍‌ରେ ହରାଇଥିଲେ। ପ୍ରଥମ ଗେମ୍‌ରେ ସିନ୍ଧୁ ସହଜରରେ ବିଜୟୀ ହୋଇଥିଲେ। ତେବେ ଦ୍ୱିତୀୟ ଗେମରେ ଏକଦା ୧୮-୨୦ରେ ପଛରେ ପଡିଥିଲେ। ଏହାପରେ ପ୍ରତ୍ୟାବର୍ତ୍ତନ କରି ସେ ୪ ପଏଣ୍ଟ ହାସଲ କରିବା ସହ ବାଜି ମାରିଥିଲେ। ୟାମାଗୁଚି ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। କିନ୍ତୁ ଧୈର୍ଯ୍ୟର ସହ ଖେଳି ସିନ୍ଧୁ ୟାମାଗୁଚିଙ୍କ ଉପରେ ଚାପ ପ୍ରୟୋଗ କରିବାରେ ସଫଳ ହୋଇଥିଲେ। ପ୍ରଥମ ଗେମ୍‌ରେ ଏକଦା ଉଭୟ ଖେଳାଳି ୬-୬ ବରାବର ସ୍ଥିତିରେ ଥିଲେ। ଏହାପରେ ସିନ୍ଧୁ ପ୍ରଭାବୀ ପ୍ରଦର୍ଶନ କରି ମାତ୍ର ୨୩ ମିନିଟ୍‌ରେ ୨୧-୧୩ରେ ପ୍ରଥମ ଗେମ୍‌କୁ ହାତେଇଥିଲେ। ଅନ୍ୟପଟେ ଦ୍ୱିତୀୟ ଗେମ୍‌ରେ ସିନ୍ଧୁ ୬ ପଏଣ୍ଟ ଲିଡ୍ କରିବା ପରେ ୨ ପଏଣ୍ଟ ପଛରେ ପଡିଥିଲେ। ସିନ୍ଧୁ ୧୨-୬ରେ ଅଗ୍ରଣୀ ଥିବା ବେଳେ ୟାମାଗୁଚି ରଣନୀତି ବଦଳାଇଥିଲେ। ସିନ୍ଧୁଙ୍କ କ୍ଲାନ୍ତିର ଫାଇଦା ନେଇ ସେ ସ୍ଥିତି ବରାବର କରିବା ପରେ ଅଗ୍ରଣୀ ହୋଇଥିଲେ। ଏହପରେ ପ୍ରତ୍ୟାବର୍ତ୍ତନ କରି ସିନ୍ଧୁ ୪ ପଏଣ୍ଟ ହାସଲ କରି ବିଜୟୀ ହୋଇଥିଲେ। ଦ୍ୱିତୀୟ ଗେମ୍ ୩୩ ମିନିଟ ପର୍ଯ୍ୟନ୍ତ ଚାଲିଥିଲା। ଡିଫେନ୍ସରେ ଦୁର୍ବଳ ଥିବା ସିନ୍ଧୁ ତ୍ରୁଟି ସୁଧାରି ଅଲିମ୍ପିକ୍ସରେ ସମ୍ପୂର୍ଣ୍ଣ ରୂପେ ଭିନ୍ନ ଖେଳ ପ୍ରଦର୍ଶନ କରିଛନ୍ତି। ଅଲିମ୍ପିକ୍ସରେ ଏପର୍ଯ୍ୟନ୍ତ ସିନ୍ଧୁ ସୁନ୍ଦର ଡିଫେନ୍ସ ପ୍ରଦର୍ଶନ କରିଛନ୍ତି।

ପୂର୍ବରୁ ଗୁରୁବାର ସିନ୍ଧୁ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ଡେନମାର୍କର ୧୩ତମ ସିଡ୍ ଖେଳାଳି ମିଆ ବ୍ଲିଚ୍‌ଫେଲ୍ଟଙ୍କୁ ହରାଇଥିଲେ। ବ୍ୟାଡମିଣ୍ଟନରେ ଅନ୍ୟ ଭାରତୀୟ ଖେଳାଳିମାନେ ବିଦାୟ ନେଇସାରିଥିବା ବେଳେ ସିନ୍ଧୁ ଅଭିଯାନ ଜାରି ରଖିଛନ୍ତି।



ଶୁକ୍ରବାର କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅବସରରେ ପି.ଭି. ସିନ୍ଧୁ।



ସିମୋନ ବାଇଲ୍ସ

# ସିମୋନ ବାଇଲ୍ସଙ୍କ ନିଷ୍ପତ୍ତିକୁ ପ୍ରାୟୋଜକଙ୍କ ପ୍ରଶଂସା

**ୱାଶିଂଟନ, ୩୦।୭ (ଏପି):** ମାନସିକ ସ୍ୱାସ୍ଥ୍ୟ କାରଣରୁ ଅଲିମ୍ପିକ୍ସରେ ଜିମ୍ନାଷ୍ଟିକ୍ସ ଟିମ୍ ଇଭେଣ୍ଟରୁ ଓହରିଯିବା ଲାଗି ଆମେରିକାର ଷ୍ଟାର ଜିମ୍ନାଷ୍ଟ ସିମୋନ ବାଇଲ୍ସ ନେଇଥିବା ନିଷ୍ପତ୍ତିକୁ ଆଥ୍‌ଲେଟା ଓ ଭିସା ସମେତ ତାଙ୍କ ପ୍ରାୟୋଜକଗଣ ପ୍ରଶଂସା କରିଛନ୍ତି। ଖେଳାଳିଙ୍କ ମାନସିକ ସ୍ୱାସ୍ଥ୍ୟ ପ୍ରସଙ୍ଗରେ ପ୍ରାୟୋଜକମାନଙ୍କ ପ୍ରଶଂସା ଏହା ହେଉଛି ସଦ୍ୟତମ ଉଦାହରଣ। ଚଳିତବର୍ଷ ପ୍ରଥମ ଭାଗରେ ଫ୍ରେଞ୍ଚ ଓପନରେ ଟେନିସ ଷ୍ଟାର ନାଓମି ଓସାକା ସମାନ କାରଣରୁ ଯେତେବେଳେ ପ୍ରତିଯୋଗିତାରୁ ଓହରିଗଲେ ସେତେବେଳେ ଜାପାନର ଏହି ଖେଳାଳିଙ୍କୁ ବିଭିନ୍ନ ଆଡୁ ବିପୁଳ ସମର୍ଥନ ମିଳିଥିଲା। ଚଳିତ ଅଲିମ୍ପିକ୍ସରେ ବାଇଲ୍ସ ଚାହିଁଲେ ଜିମ୍ନାଷ୍ଟିକ୍ସର ଅନ୍ୟ କେତେକ ଇଭେଣ୍ଟରେ ଭାଗ ନେଇପାରିବେ। ଆମେରିକୀୟ ଷ୍ଟାର ଜିମ୍ନାଷ୍ଟ ୨୦୧୬ ଅଲିମ୍ପିକ୍ସରେ ୪ ସ୍ୱର୍ଣ୍ଣ ଏବଂ ଗୋଟିଏ ବ୍ରୋଞ୍ଜ ଜିତିଥିଲେ। ଏହାଛଡ଼ା ୨୦୧୩ ପରଠାରୁ ବିଶ୍ୱ ଚାମ୍ପିୟନଶିପ୍‌ଗୁଡ଼ିକରେ ସେ ୫ ଅଲରାଉଣ୍ଡ ଟାଇଟଲ ହାସଲ କରିଛନ୍ତି। ଏହି ଉଲ୍ଲେଖନୀୟ ସଫଳତା ପାଇଁ ୨୪ବର୍ଷୀୟା ବାଇଲ୍ସଙ୍କ ଉପରେ ପ୍ରାୟୋଜକଙ୍କ ଭିଡ଼ ଲାଗିଛି।

# ଦୀପିକାଙ୍କ ପଦକ ଆଶା ଧୂଳିସାତ୍



ଦୀପିକା କୁମାରୀ

**ଟୋକିଓ,୩୦।୭:** ଭାରତୀୟ ମହିଳା ତୀରନ୍ଦାଜ ଦୀପିକା କୁମାରୀଙ୍କ ଅଲିମ୍ପିକ ପଦକ ହାସଲ ଆଶା ଧୂଳିସାତ ହୋଇଛି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ସେ କୋରିଆର ଟପ୍ ସିଡ୍ ଖେଳାଳି ଅନ ସାନଙ୍କଠାରୁ ସିଧାସଳଖ ସେଟ୍‌ରେ ପରାସ୍ତ ହେବା ସହ ଆତ୍ମ ସମର୍ପଣ କରି ପରାସ୍ତ ହୋଇଛନ୍ତି। ତୃତୀୟଥର ପାଇଁ ଦୀପିକାଙ୍କ ପଦକ ଆଶା ପୂରଣ ହୋଇପାରିନାହିଁ। ଦୀପିକା ୦-୬ରେ ଅନଙ୍କଠାରୁ ପରାସ୍ତ ହୋଇଥିଲେ। ଏଥିସହ ଦୀପିକା ୩ଥର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ ମଧ୍ୟ ପଦକରୁ ବଞ୍ଚିତ ରହିଛନ୍ତି। ୨୦୧୬ ରିଓ ଅଲିମ୍ପିକ୍ସରେ ସେ ପ୍ରି- କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇଥିଲେ। ସେହିପରି ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ସେ ପଦାର୍ପଣ କରିଥିଲେ ମଧ୍ୟ ପ୍ରାରମ୍ଭିକ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଥିଲେ। ଦୀପିକାଙ୍କ ସ୍ୱାମୀ ଅତନୁ ଦାସ ଏକମାତ୍ର ଭାରତୀୟ ଭାବେ ଅଲିମ୍ପିକ୍ସ ତୀରନ୍ଦାଜୀରେ ଭାରତର ଆଶା ଉଜ୍ଜୀବିତ ରଖିଛନ୍ତି।

## ଜୋକୋଭିଚ୍‌ଙ୍କ ଗୋଲ୍ଡେନ ସ୍ଲାମ୍ ସ୍ୱପ୍ନ ଅଧୁରା

**ଟୋକିଓ, ୩୦।୭ (ଏପି):** ଗତଥର ଚାମ୍ପିୟନ ନୋଭାକ ଜୋକୋଭିଚ୍‌ଙ୍କ ଗୋଲ୍ଡେନ ସ୍ଲାମ ସ୍ୱପ୍ନ ଅଧୁରା ରହିଯାଇଛି। ପୁଣି ଏହି ସୁଯୋଗ ପାଇଁ ତାଙ୍କୁ ଅତି କମ୍‌ରେ ଆହୁରି ୩ ବର୍ଷ ଅପେକ୍ଷା କରିବାକୁ ପଡ଼ିବ। ଶୁକ୍ରବାର ଅନୁଷ୍ଠିତ ଅଲିମ୍ପିକ୍ସ ପୁରୁଷ ସିଙ୍ଗଲ୍ସର ଏକ ସେମିଫାଇନାଲରେ ସେ ଆଲେକ୍‌ଜାଣ୍ଡର ଜେଭେରେଭଙ୍କ ଠାରୁ ୧-୬, ୬-୩, ୬-୧ ସେଟ୍‌ରେ ହାରିଯାଇଛନ୍ତି। ଗୋଟିଏ ବର୍ଷ ପ୍ରଥମ ପୁରୁଷ ଖେଳାଳି ହିସାବେର ସମସ୍ତ ୪ଟି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିବା ଲାଗି ଚେଷ୍ଟା କରିଥିଲେ। ସେ ଏହି ବର୍ଷ ଅଷ୍ଟ୍ରେଲିଆନ ଓପନ, ଫ୍ରେଞ୍ଚ ଓପନ ଓ ୱିମ୍ବେଲଡନ ଜିତିସାରିଥିଲେ। ଅଲିମ୍ପିକ୍ସ ଓ ୟୁଏସ୍ ଓପନ ଟାଇଟଲ ସହ ସେ ଗୋଲ୍ଡେନ ସ୍ଲାମ ସଫଳତା ହାସଲ କରିବା ଲକ୍ଷ୍ୟରେ ରହିଥିଲେ। ୧୯୮୮ରେ ଷ୍ଟେଫି ଗ୍ରାଫ୍ ଏକମାତ୍ର ଖେଳାଳି ହିସାବରେ ଗୋଲ୍ଡେନ ସ୍ଲାମ ହାସଲ କରିଥିଲେ। ଜୋକୋଭିଚ୍ ଯଦି ୟୁଏସ୍ ଓପନ ଜିତନ୍ତି ତେବେ କ୍ୟାଲେଣ୍ଡର ବର୍ଷ ଗ୍ରାଣ୍ଡସ୍ଲାମ ଜିତିବାରେ ୧୯୬୯ରେ ରଡ୍ ଲାଭର ପରେ ପ୍ରଥମ ପୁରୁଷ ଖେଳାଳି ବିବେଚିତ ହେବେ।



# ବାରେଗାଙ୍କୁ ପ୍ରଥମ ଟ୍ରାକ୍ ସ୍ୱର୍ଣ୍ଣ



ଇଥିଓପିଆର ସେଲେମନ ବାରେଗା।

**ଟୋକିଓ, ୩୦।୭ (ଏପି):** ଟୋକିଓ ଅଲିମ୍ପିକ୍ସର ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଇଥିଓପିଆର ସେଲେମନ ବାରେଗା। ପୁରୁଷ ୧୦,୦୦୦ ମିଟର ରେସ୍‌ରେ ୨୭ ମିନିଟ ୪୩.୨୨ ସେକେଣ୍ଡ ସମୟ ନେଇ ସେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। କେବଳ ସେତିକି ନୁହେଁ ବିଶ୍ୱ ଚାମ୍ପିୟନ ଏବଂ ବିଶ୍ୱ ରେକର୍ଡଧାରୀ ଉଗାଣ୍ଡାର ଜୋଶୁଆ ଚେପଟେଗେଇଙ୍କୁ ପଛରେ ପକାଇ ସେ ବିପର୍ଯ୍ୟୟ ମଧ୍ୟ ସୃଷ୍ଟି କରିଛନ୍ତି। ଜୋଶୁଆ ୨୭:୪୩.୬୩ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଅନ୍ୟତମ ଉଗାଣ୍ଡା ରନର ଜ୍ୟାକବ କିପଲିମୋ ବ୍ରୋଞ୍ଜ ପଦକ ପାଇଛନ୍ତି। ଗତ ୨ ଅଲିମ୍ପିକ୍ସରେ ବ୍ରିଟେନର ମୋ ଫାରା ୧୦,୦୦୦ ମିଟର ରେସ୍‌ରେ ଟାଇଟଲ ବିଜୟୀ ହୋଇ ଆସୁଥିଲେ। ମାତ୍ର ଏଥର ବାରେଗା ଇଥିଓପିଆକୁ ସ୍ୱର୍ଣ୍ଣ ପଦକ ଆଣିଛନ୍ତି। ଏଥର ଫାରା ବ୍ରିଟେନ ଟିମ୍‌ରେ ସ୍ଥାନ ପାଇନାହାନ୍ତି। ଟ୍ରାକ୍ ପ୍ରତିଯୋଗିତାରେ ଶୁକ୍ରବାର କେବଳ ପୁରୁଷ ୧୦,୦୦୦ ମିଟର ମେଡାଲ ଇଭେଣ୍ଟ ଥିଲା।

# ମୋରିନିର ନିଃସର୍ତ୍ତମୂଳକ କ୍ଷମା ପ୍ରାର୍ଥନା

**ନୂଆଦିଲ୍ଲୀ, ୩୦।୭ (ପି.ଟି.):** ଭାରତୀୟ ଶୁଟିଂ ଟିମ୍‌ର କଥାରେ ସୁଇଜରଲାଣ୍ଡର ଏକ ବନ୍ଧୁକ ତିଆରି କରୁଥିବା କମ୍ପାନୀ ମୋରିନି ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆକୁ ନିଃସର୍ତ୍ତମୂଳକ କ୍ଷମାପ୍ରାର୍ଥନା କରିଛି। ଅଲିମ୍ପିକ୍ସ ୧୦ମିଟର ମହିଳା ଏୟାର ପିସ୍ତଲ କ୍ୱାଲିଫିକେଶନ ପ୍ରତିଯୋଗିତା ବେଳେ ମନୁ ଭାକରଙ୍କ ବନ୍ଧୁକରେ ତ୍ରୁଟି ପରିଲକ୍ଷିତ ହୋଇଥିଲା। ୧୬ତମ ଶଟ୍ ପରେ ଭାକରଙ୍କ ପିସ୍ତଲର କକିଂ ଲିଭର ଭାଙ୍ଗିଯାଇଥିଲା। ପିସ୍ତଲଟିକୁ ସଜାଡିବା ଲାଗି ୧୫ ମିନିଟ୍‌ରୁ ଅଧିକ ସମୟ ଲାଗିଥିଲା। ୧୯ ବର୍ଷୀୟ ଭାକର ପୁଣି ଯେତେବେଳେ ଶୁଟିଂରେ ଯୋଗଦେଲେ ତାଙ୍କ ରିଦିମ୍ ପ୍ରଭାବିତ ହୋଇଥିଲା। ସେତେବେଳେ ପରବର୍ତ୍ତୀ ୫୫ ମିନିଟ୍‌ରେ ତାଙ୍କ ପାଇଁ ୪୪ ଶଟ୍ ବାକି ରହିଥିଲା।



ମନୁ ଭାକର

# ସନ୍ତରଣରେ ଟାଟଜାନାଙ୍କ ବିଶ୍ୱରେକର୍ଡ



ଟାଟଜାନା ସ୍କେନମାକର

ଟୋକିଓ, ୩୦।୭(ଏପି)

ଦକ୍ଷିଣ ଆଫ୍ରିକାର ଟାଟଜାନା ସ୍କେନମାକର ପ୍ରଥମ ସନ୍ତରଣକାରୀଭାବେ ଚଳିତ ଟୋକିଓ ଅଲିମ୍ପିକ୍ସର ସନ୍ତରଣର ବ୍ୟକ୍ତିଗତ ଇଭେଣ୍ଟରେ ବିଶ୍ୱରେକର୍ଡର ଅଧିକାରି ହୋଇଛନ୍ତି। ଏହି ୨୪ ବର୍ଷୀୟା ସନ୍ତରଣକାରୀ ମହିଳା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଇଭେଣ୍ଟରେ ୨ ମିନିଟ ୧୮.୯୫ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ଅବସରରେ ସେ ଡେନମାର୍କର ରିକି ମୋଲେର ପେଡେରସେନଙ୍କ ନାମରେ ଥିବା ବିଶ୍ୱରେକର୍ଡକୁ ଭାଙ୍ଗିଛନ୍ତି। ବାର୍ସିଲୋନାରେ ଅନୁଷ୍ଠିତ ୨୦୧୩ ବିଶ୍ୱ ଚାମ୍ପିୟନଶିପ୍‌ରେ ପେଡେରସେନ ୨:୧୯.୧୧ ସେକେଣ୍ଡ ସମୟ ନେଇ ରେକର୍ଡର ଅଧିକାରୀ ଥିଲେ। ଟୋକିଓ ଆକ୍ୱାଟିକ୍ ସେଣ୍ଟରରେ ଏହା ତୃତୀୟ ବିଶ୍ୱରେକର୍ଡ। ପୂର୍ବରୁ ୨ଟି ମହିଳା ରିଲେରେ ହୋଇଥିଲା। "ମୁଁ କେବେ ଏହା ଆଶା କରି ନ ଥିଲି" ବୋଲି ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ରୌପ୍ୟ ପଦକ ଜିତିଥିବା ଟାଟଜାନା କହିଛନ୍ତି। ରୁଷିଆର ଏଭଗେନି ରେଲୋଭ ବ୍ୟାକ୍‌ଷ୍ଟ୍ରୋକ୍‌ରେ ଡବଲ ଟାଇଟଲ ହାସଲ କରିଛନ୍ତି। ଇମ୍ମା ମ୍ୟାକକନ ଅଷ୍ଟ୍ରେଲିଆକୁ ଆଉ ଏକ ସ୍ୱର୍ଣ୍ଣ ପଦକ ଦେଇଛନ୍ତି। ସନ୍ତରଣରେ ପୂର୍ବରୁ ରାଜୁତି କରୁଥିବା ଆମେରିକାର ପ୍ରଦର୍ଶନ କିନ୍ତୁ ଏଥର ନୈରାଶ୍ୟଜନକ ରହିଛି। ଚାଇନା ପଦକ ତାଲିକାର ଶୀର୍ଷରେ ଅପରିବର୍ତ୍ତିତ ରହିଛନ୍ତି। ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ରେଲୋଭ ଅଲିମ୍ପିକ୍ ରେକର୍ଡ ସମୟ ୧:୫୩.୨୯ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଆମେରିକାର ରିଆନ ମର୍ଫି ୧:୫୪.୧୫ ସେକେଣ୍ଡ ସହ ରୌପ୍ୟରେ ସନ୍ତୁଷ୍ଟ ହୋଇଛନ୍ତି। ମର୍ଫି ୨୦୧୬ ରିଓ ଅଲିମ୍ପିକ୍ସରେ ଡବଲ ଗୋଲ୍ଡ ମେଡାଲିଷ୍ଟ ଥିଲେ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଚ଼ ଗିତାଞ୍ଜଳି ମହାନ୍ତି**
ସ୍ୱାମୀ ଆଳୟ କୁମାର ମହାନ୍ତି
ଭି.ଆର-୬୮, ୟୁନିଟ୍-୬, ଭୁବନେଶ୍ୱର
ଆବିର୍ଭାବ: ୦୯.୦୯.୧୯୫୯
ତିରୋଧାନ: ୨୧.୦୭.୨୦୨୧
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।
:ଶୋକସନ୍ତପ୍ତ:
ଝିଅ: ମିଲି, ଗ୍ଲନ୍ଦି, ପୁଅ: ଦିଲୁ, ବୋହୂ: କଁଇ, ନାତି, ନାତୁଣୀ: ପୁପୁନ୍, ସୁଭନ୍ ଓ ସୁହନ୍ ଏବଂ ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ।
ଧ-୬୧୯୩୧

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଲକ୍ଷ୍ମୀପ୍ରିୟା କର**
ଘଣ୍ଟିଖାଲ, କଟକ
ଆବିର୍ଭାବ: ୧୫।୦୪।୧୯୫୭
ତିରୋଧାନ: ୨୧।୦୭।୨୦୨୧
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା, ଆମର ପାଥେୟ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଭକ୍ତିପୂତ ପ୍ରାର୍ଥନା କରୁଛୁ।
—:ଶୋକସନ୍ତପ୍ତ:—
ସ୍ୱାମୀ: ସାଧୁ ଚରଣ କର, ପୁଅ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୨୧୨୧୨

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**NURSING**



ADMISSION OPEN
For Session 2021-22
Courses Offered
B.Sc. Nursing (4 yrs.)
(Approved by ONMRC, BBSR, and Affiliated by Utkal University, BBSR.
GNM (3 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
ANM (2 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
DMLT (2 yrs.)
(Approved by DMLT / RT Council BBSR)
PALLI CHANDAN
GROUP OF INSTITUTION
Women's College Road, Nimapada, Puri-752106
Ph.- 9437282699 / 9658570761
Email- kamal2007@pcgi.co.in

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଳୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି



କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
9311642059
8750699637

**ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍**
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର



କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସଂପର୍କ କରନ୍ତୁ
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
Baba Rejvan Khan
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9650844651


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଟୋକିଓ ଅଲିମ୍ପିକ୍ସର ଶୁକ୍ରବାର ଅନୁଷ୍ଠିତ ମହିଳା ୫୦୦୦ ମିଟର ରେସ୍‌ର ଏକ ହିଟ୍ ଅବସରରେ ପ୍ରତିଯୋଗୀମାନେ।

## ୧୦୦ ମିଟରରୁ ଦୂତୀଙ୍କ ଅଭିଯାନ ଶେଷ

**ଭୁବନେଶ୍ୱର, ୩୦।୭(କ୍ରୀଡ଼ା ପ୍ରତିନିଧି)**

ଟୋକିଓରେ ଚାଲିଥିବା ଅଲିମ୍ପିକ୍ସରେ ମହିଳା ୧୦୦ ମିଟର ହିଟ୍‌ରୁ ଓଡ଼ିଶାର ଦୂତୀ ଚାନ୍ଦଙ୍କ ଅଭିଯାନ ଶେଷ ହୋଇଛି। ଏହି ଇଭେଣ୍ଟରେ ଭାରତକୁ ଏକମାତ୍ର ପ୍ରତିନିଧିତ୍ୱ କରିଥିବା ଦୂତୀ ହିଟ୍-୫ରେ ନୈରାଶ୍ୟଜନକ ଭାବେ ୭ମ ସ୍ଥାନରେ ରହିଥିଲେ। ତାଙ୍କ ଟାଇମିଂ ଥିଲା ୧୧.୫୪ ସେକେଣ୍ଡ। ଗତ ମାସରେ ଅନୁଷ୍ଠିତ ଆନ୍ତଃରାଜ୍ୟ ଆଥ୍‌ଲେଟିକ ମିଟ୍‌ରେ ଦୂତୀ ୧୧.୧୭ ସେକେଣ୍ଡ ସମୟ ନେଇଥିଲେ। ମାତ୍ର ଟୋକିଓରେ ସେ ନିଜ ଶ୍ରେଷ୍ଠ ପ୍ରଦର୍ଶନ କରିପାରି ନ ଥିଲେ। ଏହି ହିଟ୍‌ରେ ଜାମାଇକାର ଶେଲି-ଆନ୍ ଫ୍ରାସର ପ୍ରାଇସ ୧୦.୮୪ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ସୁଇଜରଲାଣ୍ଡର ଆଜ୍‌ଲା ଡେଲ୍ ପୋଣ୍ଟେ ୧୦.୯୧ ଏବଂ ନାଇଜେରିଆର ଗ୍ରେସ୍ ନୋକୋଚା ନାଜୁବେଚି ୧୧.୦୦ ସେକେଣ୍ଡ ନେଇ ପରବର୍ତ୍ତୀ ୨ ସ୍ଥାନରେ ରହିଥିଲେ। ହିଟ୍-୫ରୁ ଏହି ୩ ଜଣ ସେମିଫାଇନାଲ ପାଇଁ ଯୋଗ୍ୟତା ପାଇଥିଲେ। ଦୂତୀ ୨୦୦ ମିଟର ରେସ୍‌ରେ ମଧ୍ୟ ଅଂଶଗ୍ରହଣ କରିବେ।


ମହିଳା ୧୦୦ ମିଟର ହିଟ୍ ରେସ୍ ପରେ ଜାମାଇକାର ଶେଲି-ଆନ୍ ଫ୍ରାଜର ପ୍ରାଇସ ଙ୍କ ସହ ଓଡ଼ିଶାର ଦୂତୀ ଚାନ୍ଦ।

# ଭାରତୀୟ ମହିଳାଙ୍କ ପ୍ରଥମ ବିଜୟ

**ଟୋକିଓ,୩୦।୭**

ଅଲିମ୍ପିକ୍ସ ହକି ଇଭେଣ୍ଟରେ ଭାରତୀୟ ମହିଳା ଦଳ କ୍ରମାଗତ ୩ଟି ପରାଜୟ ବରଣ କରିବା ପରେ ପ୍ରଥମ ବିଜୟ ହାସଲ କରିଛି। ଶୁକ୍ରବାର ଭାରତ ନବନୀତ କୌରଙ୍କ ବିଳମ୍ବିତ ଗୋଲ ବଳରେ ଆୟର୍ଲାଣ୍ଡକୁ ୧-୦ ଗୋଲରେ ପରାସ୍ତ କରିଛି। ଏଥିସହ ଭାରତର କ୍ୱାର୍ଟର ଫାଇନାଲ ଆଶା ଉଜ୍ଜୀବିତ ରହିଛି। ଭାରତ ଏବେ ତା'ର ଅନ୍ତିମ ପୁଲ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଶନିବାର ଭେଟିବ ଓ ଏହି ମ୍ୟାଚ୍‌ରେ ବିଜୟ ହାସଲ କରିବା ଅପରିହାର୍ଯ୍ୟ ହୋଇଛି। ଏଥିସହ ଗ୍ରେଟ୍ ବ୍ରିଟେନଠାରୁ ଆୟର୍ଲାଣ୍ଡ ହାରିବା ଜରୁରୀ ହୋଇଛି। ଏହା ହେଲେ ଭାରତ କ୍ୱାର୍ଟର ଫାଇନାଲକୁ ଉଠିବ। ଉଭୟ ପୁଲ୍‌ର ଶ୍ରେଷ୍ଠ ୪ଟି ଦଳ କ୍ୱାର୍ଟର ଫାଇନାଲକୁ ଉଠିବେ। ଭାରତ ପୁଲ୍- ଏ'ରେ ୪ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ସହ ୩ ପଏଣ୍ଟ ହାସଲ କରି ପଞ୍ଚମ ସ୍ଥାନରେ ରହିଛି। ଆୟର୍ଲାଣ୍ଡ ମଧ୍ୟ ସମାନ ୩ ପଏଣ୍ଟ ହାସଲ କରିଥିଲେ ମଧ୍ୟ ଗୋଲ ବ୍ୟବଧାନରେ ଭାରତକୁ ପଛରେ ପକାଇ ଚତୁର୍ଥ ସ୍ଥାନରେ ରହିଛି।

କଡ଼ା ସଂଘର୍ଷପୂର୍ଣ୍ଣ ପୁଲ୍- ଏ'ରେ ଭାରତ ତା'ର ଚତୁର୍ଥ ମ୍ୟାଚ୍‌ରେ ବିଜୟୀ ହେବା ନିହାତି ଜରୁରୀ ଥିଲା। ପ୍ରଥମ ୩ଟି କ୍ୱାର୍ଟର ଗୋଲଶୂନ୍ୟ ଥିଲା। ପ୍ରଭାବ ବିସ୍ତାର କରି ଖେଳିଥିଲେ ମଧ୍ୟ ଭାରତ ଆୟର୍ଲାଣ୍ଡ ଡିଫେନ୍ସକୁ ଭେଦ କରିପାରି ନ ଥିଲା। ଆୟର୍ଲାଣ୍ଡ ଗୋଲକିପର ଆୟେଶା ମ୍ୟାକଫେରାନ ଚମତ୍କାର ପ୍ରଦର୍ଶନ କରି ଡିଫେନ୍ସର ନେତୃତ୍ୱ ନେଇଥିଲେ। ତେବେ ମ୍ୟାଚ୍ ଶେଷ ଆଡକୁ ୫୭ତମ ମିନିଟ୍‌ରେ ନବନୀତ ଆୟେଶାଙ୍କୁ ଚକ୍‌ମା ଦେଇ ଗୋଲ ସ୍କୋର କରିବା ସହ ଭାରତୀୟ ଶିବିରରେ ଆନନ୍ଦ ଆଣିଦେଇଥିଲେ। ହ୍ୟାଟ୍ରିକ ପରାଜୟ କାରଣରୁ ଭାରତ ହତୋତ୍ସାହ ହୋଇଥିଲା। ତେବେ ଏହି ବିଜୟ ଦଳରେ ନୂଆ ଆଶା ଆଣିଦେଇଛି। ଏବେ ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାର ସୁଯୋଗ ରହିଛି।

ବିଜୟୀ ହୋଇଥିଲେ ମଧ୍ୟ ଭାରତ ତା'ର ପୁରୁଣା ଦୁର୍ବଳତା ଦୋହରାଇଥିଲା। ଭାରତ ୧୪ଟି ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ଗୋଟିଏ ହେଲେ ଗୋଲ ଦେଇପାରି ନ ଥିଲା। ତେବେ ଅଧିନାୟିକା ରାନୀ ରାମପଲ ନବନୀତଙ୍କ ପାଇଁ ସୁଯୋଗ ସୃଷ୍ଟି କରିଥିଲେ। ନବନୀତ ଠିକ୍ ସମୟରେ ଠିକ୍ ସ୍ଥାନରେ ରହି ଏହି ସୁଯୋଗର ସଦ୍‌ବ୍ୟବହାର କରି ଗୋଲ ଦେବାରେ ସଫଳ ହୋଇଥିଲେ। ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ପ୍ରଥମ ଦୁଇଟି କ୍ୱାର୍ଟରରେ ଭାରତ ପ୍ରଭାବ ବିସ୍ତାର କରି ଖେଳିଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇ ନ ଥିଲା। ପ୍ରଥମ ଦୁଇଟି କ୍ୱାର୍ଟରରେ ଭାରତ ୧୦ଟି ପେନାଲ୍ଟି କର୍ନର ପାଇଥିଲା। କିନ୍ତୁ ସବୁ ବେକାର ସାବ୍ୟସ୍ତ ହୋଇଥିଲା।

ଦ୍ୱିତୀୟ କ୍ୱାର୍ଟରରେ ଆୟର୍ଲାଣ୍ଡ ଆକ୍ରମଣାତ୍ମକ ଭାବେ ଖେଳିଥିଲା। ୧୮ତମ ମିନିଟ୍‌ରେ ପେନାଲ୍ଟି ସୁଯୋଗ ପାଇଥିଲେ ମଧ୍ୟ ଆୟର୍ଲାଣ୍ଡ ଗୋଲ ଦେଇପାରି ନ ଥିଲା। ଦଳ ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ ଭାରତୀୟ ଡିଫେନ୍ସ ସବୁକୁ ପ୍ରତିହତ କରିଥିଲା। ଭାରତୀୟ ଗୋଲକିପର ସବିତା ଚମତ୍କାର ପ୍ରଦର୍ଶନ କରିଥିଲେ। ପେନାଲ୍ଟି କର୍ନର ମାଧ୍ୟମରେ ଭାରତ ବାରମ୍ବାର ଗୋଲ ଦେବାରେ ବିଫଳ ହେବା ପରେ ଭାରତୀୟ ଶିବିରରେ ନିରାଶ ଖେଳିଯାଇଥିଲା। ଗତ ମ୍ୟାଚ୍‌ଗୁଡିକରେ ମଧ୍ୟ ଭାରତର ଏହି ଦୁର୍ବଳତା ଦଳ ପାଇଁ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଏହା ସତ୍ତ୍ୱେ ଭାରତୀୟ ଖେଳାଳିମାନେ ଲଢେଇ ଜାରି ରଖିଥିଲେ ଓ ଶେଷରେ ନବନୀତ ଗୋଲ ଦେଇଥିଲେ। ଫଳରେ ଭାରତ ଅଲିମ୍ପିକ୍ସରୁ ବାଦ୍ ପଡିବାରୁ ଅଳ୍ପକେ ବର୍ତ୍ତିଯାଇଥିଲା।

### ଅଲିମ୍ପିକ୍ସ ହକି
### କ୍ୱାର୍ଟର ଆଶା ଉଜ୍ଜୀବିତ


ଆୟର୍ଲାଣ୍ଡ ବିପକ୍ଷରେ ଗୋଲ ସ୍କୋର ହେବାପରେ ଭାରତୀୟ ଫରୱାର୍ଡ ବନ୍ଦନା କାଟାରିୟା (ବାମ) ଓ ଅଧିନାୟିକା ରାଣୀ ରାମପାଲ ଖୁସି ମୁହୂର୍ତ୍ତରେ।



## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୯ | ୧୦ | ୧୧ | ୪୦ |
| ଜାପାନ | ୧୭ | ୪ | ୭ | ୨୮ |
| ଆମେରିକା | ୧୪ | ୧୬ | ୧୧ | ୪୧ |
| ଆରଓସି | ୧୦ | ୧୪ | ୧୦ | ୩୪ |
| ଅଷ୍ଟ୍ରେଲିଆ | ୯ | ୨ | ୧୧ | ୨୨ |
| ଗ୍ରେଟ ବ୍ରିଟେନ | ୬ | ୯ | ୯ | ୨୪ |
| ଦକ୍ଷିଣ କୋରିଆ | ୫ | ୪ | ୬ | ୧୫ |
| ନେଦରଲାଣ୍ଡ୍ସ | ୩ | ୭ | ୫ | ୧୫ |
| ଫ୍ରାନ୍ସ | ୩ | ୫ | ୫ | ୧୩ |
| ଜର୍ମାନୀ | ୩ | ୪ | ୯ | ୧୬ |
| କାନାଡ଼ା | ୩ | ୩ | ୫ | ୧୧ |
| ନ୍ୟୁଜିଲାଣ୍ଡ | ୩ | ୩ | ୨ | ୮ |
| ଚେକ୍ ରିପବ୍ଲିକ୍ | ୩ | ୨ | ୧ | ୬ |
| କ୍ରୋଏସିଆ | ୩ | ୧ | ୨ | ୬ |
| ଇଟାଲୀ | ୨ | ୭ | ୧୧ | ୨୦ |
| ହଙ୍ଗେରି | ୨ | ୧ | ୨ | ୫ |
| ସ୍ଲୋଭେନିଆ | ୨ | ୧ | ୧ | ୪ |
| କୋସୋଭୋ | ୨ | ୦ | ୦ | ୨ |
| ବ୍ରାଜିଲ | ୧ | ୩ | ୩ | ୭ |
| ସୁଇଜରଲାଣ୍ଡ | ୧ | ୩ | ୩ | ୭ |
| ଜର୍ଜିଆ | ୧ | ୩ | ୦ | ୪ |
| ରୋମାନିଆ | ୧ | ୩ | ୦ | ୪ |
| ଚାଇନିଜ୍ ତାଇପେ | ୧ | ୨ | ୩ | ୬ |
| ହଂକଂ | ୧ | ୨ | ୦ | ୩ |
| ଦକ୍ଷିଣ ଆଫ୍ରିକା | ୧ | ୨ | ୦ | ୩ |
| ଅଷ୍ଟ୍ରିଆ | ୧ | ୧ | ୨ | ୪ |
| ସର୍ବିଆ | ୧ | ୧ | ୨ | ୪ |
| ନରୱେ | ୧ | ୧ | ୦ | ୨ |
| ସ୍ଲୋଭାକିଆ | ୧ | ୧ | ୦ | ୨ |
| ଟ୍ୟୁନିସିଆ | ୧ | ୧ | ୦ | ୨ |
| ଇସ୍ତୋନିଆ | ୧ | ୦ | ୧ | ୨ |
| ଆୟର୍ଲାଣ୍ଡ | ୧ | ୦ | ୧ | ୨ |
| ଉଜ୍‌ବେକିସ୍ତାନ | ୧ | ୦ | ୧ | ୨ |
| ବର୍ମୁଡା | ୧ | ୦ | ୦ | ୧ |
| ଇକ୍ୱେଡର | ୧ | ୦ | ୦ | ୧ |
| ଇଥିଓପିଆ | ୧ | ୦ | ୦ | ୧ |
| ଫିଜି | ୧ | ୦ | ୦ | ୧ |
| ଗ୍ରୀସ୍ | ୧ | ୦ | ୦ | ୧ |
| ଇରାନ | ୧ | ୦ | ୦ | ୧ |
| ଲାଟିଭିଆ | ୧ | ୦ | ୦ | ୧ |
| ଫିଲିପାଇନ୍ସ | ୧ | ୦ | ୦ | ୧ |
| ଥାଇଲାଣ୍ଡ | ୧ | ୦ | ୦ | ୧ |
| କଲମ୍ବିଆ | ୦ | ୨ | ୧ | ୩ |
| ସ୍ପେନ | ୦ | ୨ | ୧ | ୩ |
| ଇଣ୍ଡୋନେସିଆ | ୦ | ୧ | ୨ | ୩ |
| ମଙ୍ଗୋଲିଆ | ୦ | ୧ | ୨ | ୩ |
| ବେଲଜିୟମ | ୦ | ୧ | ୧ | ୨ |
| କ୍ୟୁବା | ୦ | ୧ | ୧ | ୨ |
| ଡେନମାର୍କ | ୦ | ୧ | ୧ | ୨ |
| ଉଗାଣ୍ଡା | ୦ | ୧ | ୧ | ୨ |
| ବୁଲଗେରିଆ | ୦ | ୧ | ୦ | ୧ |
| **ଭାରତ** | **୦** | **୧** | **୦** | **୧** |
| ଜୋର୍ଡାନ | ୦ | ୧ | ୦ | ୧ |
| ନର୍ଥ ମାସେଡୋନିଆ | ୦ | ୧ | ୦ | ୧ |
| ପୋଲାଣ୍ଡ | ୦ | ୧ | ୦ | ୧ |
| ତୁର୍କମେନିସ୍ତାନ | ୦ | ୧ | ୦ | ୧ |
| ଭେନଜୁଏଲା | ୦ | ୧ | ୦ | ୧ |
| ୟୁକ୍ରେନ | ୦ | ୦ | ୪ | ୪ |
| କାଜାଖସ୍ତାନ | ୦ | ୦ | ୩ | ୩ |
| ଇଜିପ୍ଟ | ୦ | ୦ | ୨ | ୨ |
| ମେକ୍ସିକୋ | ୦ | ୦ | ୨ | ୨ |
| ତୁର୍କୀ | ୦ | ୦ | ୨ | ୨ |
| ଆର୍ଜେଣ୍ଟିନା | ୦ | ୦ | ୧ | ୧ |
| ଆଜରବୈଜାନ | ୦ | ୦ | ୧ | ୧ |
| ଆଇଭରି କୋଷ୍ଟ | ୦ | ୦ | ୧ | ୧ |
| ଫିନ୍‌ଲାଣ୍ଡ | ୦ | ୦ | ୧ | ୧ |
| ଇସ୍ରାଏଲ | ୦ | ୦ | ୧ | ୧ |
| କୁଏତ | ୦ | ୦ | ୧ | ୧ |
| ପର୍ତ୍ତୁଗାଲ | ୦ | ୦ | ୧ | ୧ |
| ସାନ୍ ମାରିନୋ | ୦ | ୦ | ୧ | ୧ |

## ଶନିବାର ଭାରତର କାର୍ଯ୍ୟସୂଚୀ
### (ଭାରତୀୟ ସମୟ ଅନୁସାରେ)

**ତୀରନ୍ଦାଜୀ:**
- ପୁରୁଷ ବ୍ୟକ୍ତିଗତ ପ୍ରି-କ୍ୱାର୍ଟରଫାଇନାଲ ମ୍ୟାଚ- ଅତନୁ ଦାସ ବନାମ ଟାକାହାରୁ ଫୁରୁକାୱା (ଜାପାନ), ସମୟ: ସକାଳ ୭ଟା ୧୮

**ଆଥଲେଟିକ୍ସ:**
- ମହିଳା ଡିସ୍‌କସ୍ ଥ୍ରୋ କ୍ୱାଲିଫିକେଶନ ଗ୍ରୁପ୍ ଏ'-ସୀମା ପୁନିଆ, ସମୟ: ସକାଳ ୬ଟା
- ମହିଳା ଡିସ୍‌କସ୍ ଥ୍ରୋ କ୍ୱାଲିଫିକେଶନ ଗ୍ରୁପ୍ ବି'-କମଲପ୍ରୀତ୍ କୌର, ସମୟ: ସକାଳ ୭ଟା ୨୫।
- ପୁରୁଷ ଲଙ୍ଗଜମ୍ପ କ୍ୱାଲିଫିକେଶନ ଗ୍ରୁପ୍ ବି'-ଶ୍ରୀଶଙ୍କର, ସମୟ: ଅପରାହ୍ନ ୩ଟା ୪୦।

**ବ୍ୟାଡ୍‌ମିଣ୍ଟନ:**
- ମହିଳା ସିଙ୍ଗଲ୍ସ ସେମିଫାଇନାଲ-ପି.ଭି. ସିନ୍ଧୁ ବନାମ ତାଇ ତିଜୁଇଙ୍ଗ୍ (ଚାଇନିଜ ତାଇପେ), ସମୟ: ଅପରାହ୍ନ ୩ଟା ୨୦।

**ବକ୍ସିଂ:**
- ପୁରୁଷ ୫୨କେଜି ରାଉଣ୍ଡ ଅଫ୍ ୧୬ ବାଉଟ୍-ଅମିତ ପଙ୍ଘାଲ ବନାମ ୟୁର୍‌ବର୍ଜେନ ହର୍ନି ମାର୍ଟିନେଜ୍ ରିଭାସ (କଲମ୍ବିଆ), ସମୟ: ସକାଳ ୭ଟା ୩୦।
- ମହିଳା ୭୫ କେଜି କ୍ୱାର୍ଟରଫାଇନାଲ ବାଉଟ୍-ପୂଜା ରାଣୀ ବନାମ ଲି କ୍ୱିଆନ୍ (ଚାଇନା), ସମୟ: ଅପରାହ୍ନ ୩ଟା ୩୬।

**ଗଲ୍ଫ:**
- ପୁରୁଷ ବ୍ୟକ୍ତିଗତ ଷ୍ଟ୍ରୋକ୍ ପ୍ଲେ ରାଉଣ୍ଡ ୨-ଅନିର୍ବାଣ ଲାହିରି ଓ ଉଦୟନ ମାନେ, ସମୟ: ପ୍ରତ୍ୟୁଷ ୪ଟା ୧୫।

**ହକି:**
- ମହିଳା ପୁଲ୍ ଏ' ମ୍ୟାଚ-ଭାରତ ବନାମ ଦକ୍ଷିଣ ଆଫ୍ରିକା ପୁଲ୍ ଏ' ମ୍ୟାଚ, ସମୟ: ସକାଳ ୮ଟା ୪୫।

**ସେଲିଂ:**
- ପୁରୁଷ ସ୍କିଫ୍ ୪୯ ଇଆର ରେସ୍ ୧୦, ୧୧ ଓ ୧୨-କେ.ସି. ଗଣପତି ଓ ବରୁଣ ଠକ୍କର, ସମୟ: ସକାଳ ୮ଟା ୩୫।

**ଶୁଟିଂ:**
- ମହିଳା ୫୦ ମିଟର ରାଇଫଲ ୩ ପୋଜିଶନ କ୍ୱାଲିଫିକେଶନ-ଅଞ୍ଜୁମ ମୋଦ୍‌ଗିଲ ଓ ତେଜସ୍ୱିନୀ ସାୱନ୍ତ, ସମୟ: ସକାଳ ୮ଟା ୩୦।

# ଅନ୍ତିମ ପୁଲ୍ ମ୍ୟାଚରେ ଜାପାନକୁ ହରାଇଲା ଭାରତ

**ଟୋକିଓ,୩୦।୭**

ଅଲିମ୍ପିକ୍ସ ପୁରୁଷ ହକି ଇଭେଣ୍ଟରେ ଭାରତ ପୁଲ୍-ଏ'ରେ ତା'ର ଅନ୍ତିମ ମ୍ୟାଚ୍‌ରେ ଜାପାନକୁ ୫-୩ ଗୋଲରେ ପରାସ୍ତ କରିଛି। ପୂର୍ବରୁ କ୍ୱାର୍ଟର ଫାଇନାଲରେ ପହଞ୍ଚି ସାରିଥିବା ଭାରତ ଏହି ମ୍ୟାଚ୍‌ରେ ମଧ୍ୟ ପ୍ରଭାବବିସ୍ତାର କରି ଖେଳିବା ସହ ଆୟୋଜକ ଜାପାନକୁ ଚକ୍‌ମା ଦେଇଛି। ଏଥିସହ ପୁଲ୍- ଏ'ରେ ଭାରତ ୫ଟି ମ୍ୟାଚ ଖେଳି ୪ ବିଜୟ ଓ ଗୋଟିଏ ପରାଜୟ ସହ ୧୨ ପଏଣ୍ଟ ହାସଲ କରି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ଅଷ୍ଟ୍ରେଲିଆ ୫ଟି ମ୍ୟାଚ୍ ଖେଳି ୪ ବିଜୟ ଓ ଗୋଟିଏ ଡ୍ର ସହ ୧୩ ପଏଣ୍ଟ ହାସଲ କରି ଶୀର୍ଷରେ ରହିଛି। ଆର୍ଜେଣ୍ଟିନା ୫ ମ୍ୟାଚ୍ ଖେଳି ୭ ପଏଣ୍ଟ ହାସଲ କରି ତୃତୀୟ, ସ୍ପେନ୍ ୫ ପଏଣ୍ଟ ହାସଲ କରି ଚତୁର୍ଥ ସ୍ଥାନରେ ରହି କ୍ୱାର୍ଟରକୁ ଉଠିଛନ୍ତି। ତେବେ ନ୍ୟୁଜିଲାଣ୍ଡ ୪ ଓ ଜାପାନ ୧ ପଏଣ୍ଟ ପାଇ ଯଥାକ୍ରମେ ପଞ୍ଚମ ଓ ଷଷ୍ଠ ସ୍ଥାନରେ ରହି ବିଦାୟ ନେଇଛନ୍ତି। ଭାରତ ତା'ର ଏକମାତ୍ର ପରାଜୟ ଅଷ୍ଟ୍ରେଲିଆଠାରୁ ବରଣ କରିଥିଲା। ଅଷ୍ଟ୍ରେଲିଆ ୭-୧ ଗୋଲରେ ଭାରତକୁ ପରାସ୍ତ କରିଥିଲା। ପ୍ରତ୍ୟେକ ପୁଲ୍‌ର ଶ୍ରେଷ୍ଠ ୪ଟି ଦଳ କ୍ୱାର୍ଟର ଫାଇନାଲକୁ ଉଠିବାର ନିୟମ ରହିଛି। ଭାରତ ଏଥିସହ ୪୯ ବର୍ଷର ପୁରୁଣା ରେକର୍ଡର ସମକକ୍ଷ ହୋଇଛି। ପୂର୍ବରୁ ୧୯୭୨ ଅଲିମ୍ପିକ୍ସରେ ଭାରତ ପୁଲ୍ ପର୍ଯ୍ୟାୟରେ ୪ଟି ମ୍ୟାଚ ଜିତିଥିଲା। ଏହି ଅଲିମ୍ପିକ୍ସରେ ଭାରତ ୭ରୁ ୫ଟି ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ପାଖାପାଖି ୫ ଦଶନ୍ଧି ପରେ ଭାରତ ଏହି ସଫଳତାକୁ ଦୋହରାଇବାରେ ସଫଳ ହୋଇଛି।

ସ୍ଥାନୀୟ ଓଇ ହକି ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ତରଫରୁ ଗୁରଜନ୍ତ ସିଂ ୧୭ ଓ ୫୬ତମ ମିନିଟ୍‌ରେ ଦୁଇଟି ଗୋଲ ସ୍କୋର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେହିପରି ହରମନପ୍ରୀତ ୧୩ତମ, ଶମସେର ସିଂ ୩୪ ଓ ନୀଳକାନ୍ତ ଶର୍ମା ୫୧ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଏଥିସହ ପୂର୍ବରୁ ୮ଥର ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଭାରତ କ୍ରମାଗତ ୩ଟି ମ୍ୟାଚ୍ ଜିତି ହ୍ୟାଟ୍ରିକ ଅର୍ଜନ କରିଛି। ଅପରପକ୍ଷରେ ଜାପାନ ତରଫରୁ କେଣ୍ଟା ତନାକା ୧୯, କୋଟା ୱାଟାନେବ ୩୩ ଓ କାଜୁମା ମୁରାଟା ୫୯ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚ୍ ପୂର୍ବରୁ ଜାପାନ କ୍ୱାର୍ଟର ଫାଇନାଲ ଦୌଡ଼ରୁ ବାଦ୍ ପଡିସାରିଥିଲା।

ବିଜୟଧାରା ବଜାୟ ରଖିବାକୁ ଭାରତ ପ୍ରୟାସ କରିଥିଲା। ଫଳସ୍ୱରୂପ ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା ଓ ଜାପାନ ଡିଫେନ୍ସକୁ ଭେଦ କରିଥିଲା। ଏହା ସତ୍ତ୍ୱେ ବାରମ୍ବାର ସୁଯୋଗ ପାଇଥିଲେ ମଧ୍ୟ ଭାରତ ପ୍ରଥମ ୧୦ ମିନିଟ୍‌ରେ ଗୋଲ ଦେଇପାରି ନ ଥିଲା। ଜାପାନ ପ୍ରଥମେ ସୁଯୋଗ ପାଇଥିଲେ ମଧ୍ୟ ଗୋଲ ଦେବାରେ ବିଫଳ ହୋଇଥିଲା। ପ୍ରଥମ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ହରମନପ୍ରୀତ ଭାରତକୁ ଅଗ୍ରଣୀ କରାଇଥିଲେ। ଭାରତୀୟ ଡିଫେନ୍ସରେ ମଧ୍ୟ କେତୋଟି ତ୍ରୁଟି ଦେଖିବାକୁ ମିଳିଥିଲା। ତେବେ ଶେଷରେ ଏହି ବିଜୟ ଭାରତ ଆତ୍ମବିଶ୍ୱାସକୁ ଆହୁରି ଦୃଢ କରିଛି।


ଗୋଲ ସ୍କୋରର ହରମନପ୍ରୀତ ସିଂ (ଡାହାଣରୁ ଦ୍ୱିତୀୟ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

# ଜୟନ୍ତଙ୍କୁ ୭ ଉଇକେଟ, ରାକେଶଙ୍କ ଶତକ

**ଭୁବନେଶ୍ୱର,୩୦।୭ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ଆନ୍ତଃ ଜିଲା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ଇକୋର୍ସା, ଅନୁଗୋଳ, ବୌଦ୍ଧ, କଟକ-ବି, ସୁନ୍ଦରଗଡ, ଭଦ୍ରକ, ଭୁବନେଶ୍ୱର-ଏ, ବାଲେଶ୍ୱର ଓ ଖୋର୍ଦ୍ଧା ବିଜୟ ହାସଲ କରିଛନ୍ତି।

କଟକର ବିଡାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ୨୮ତମ ମ୍ୟାଚ୍‌ରେ ଇକୋର୍ସା ୮ ଉଇକେଟରେ କଳାହାଣ୍ଡିକୁ ପରାସ୍ତ କରିଛି। ଟସ୍ ଜିତି କଳାହାଣ୍ଡି ୧୨ ଓଭରରେ ମାତ୍ର ୩୩

**କଳାହାଣ୍ଡି କପ୍ କ୍ରିକେଟ**

**ଇକୋର୍ସା, କଟକ-ବି, ଭୁବନେଶ୍ୱର-ଏ, ବାଲେଶ୍ୱର, ଖୋର୍ଦ୍ଧା ବିଜୟୀ**

ରନକରି ଅଲଆଉଟ ହୋଇଥିଲା। ଜବାବରେ ଇକୋର୍ସା ୭.୪ ଓଭରରେ ୨ ଉଇକେଟ ହରାଇ ୩୬ ରନକରି ବିଜୟୀ ହୋଇଛି। ଇକୋର୍ସାର ଜୟନ୍ତ କୁମାର ବେହେରା ସର୍ବାଧିକ ୭ ଉଇକେଟ ହାସଲ କରିଥିଲେ।

କଟକର ସନସାଇନ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ୨୯ତମ ମ୍ୟାଚ୍‌ରେ ଅନୁଗୋଳ ୮୩ ରନରେ କେନ୍ଦ୍ରାପଡାକୁ ପରାସ୍ତ କରିଛି। ଟସ ଜିତି ଅନୁଗୋଳ ନିର୍ଦ୍ଧାରିତ ୩୮ ଓଭରରେ ୫ ଉଇକେଟ ହରାଇ ୨୫୧ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ରାକେଶ ଗୋଚ୍ଛାୟତ ୧୦୯ ରନର ଶତକୀୟ ଇନିଂସ ଖେଳିଥିଲେ। ଜବାବରେ କେନ୍ଦ୍ରାପଡା ୯ ଉଇକେଟ ହରାଇ ୧୪୨ ରନରେ ସୀମିତ ରହି ପରାସ୍ତ ହୋଇଥିଲା।



ଶତକ ହାସଲକାରୀ ରାକେଶ ଗୋଚ୍ଛାୟତ।

କଟକର ଏସ୍‌ସିବି ମେଡିକାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ୩୦ତମ ମୁକାବିଲାରେ ବୌଦ୍ଧ ୮୬ ରନରେ ଗଞ୍ଜାମକୁ ପରାସ୍ତ କରିଛି। ଟସ ଜିତି ବୌଦ୍ଧ ୩୮ ଓଭରରେ ୮ ଉଇକେଟ ହରାଇ ୧୮୦ ରନ ସଂଗ୍ରହ କରିଥିଲା। ଜବାବରେ ଗଞ୍ଜାମ ୨୯.୩ ଓଭରରେ ୯୪ ରନକରି ଅଲଆଉଟ ହୋଇଥିଲା।

ଭୁବନେଶ୍ୱରର କିଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଟୁର୍ନାମେଣ୍ଟର ୩୧ତମ ମୁକାବିଲାରେ କଟକ-ବି ୯ ଉଇକେଟରେ ନବରଙ୍ଗପୁରକୁ ହରାଇଛି। ଟସ ଜିତି ନବରଙ୍ଗପୁର ୨୦.୫ ଓଭରରେ ୬୭ ରନକରି ଅଲଆଉଟ ହୋଇଥିଲା। କଟକ-ବି'ର ଧୀରଜ କୁମାର ସିଂ ସର୍ବାଧିକ ୫ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ କଟକ ବି ୮.୫ ଓଭରରେ ଗୋଟିଏ ଉଇକେଟ ହରାଇ ୬୮ ରନକରି ବିଜୟୀ ହୋଇଥିଲା।

ଭୁବନେଶ୍ୱରର ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ୩୨ତମ ମ୍ୟାଚ୍‌ରେ ସୁନ୍ଦରଗଡ଼ ୩ ଉଇକେଟରେ ଢେଙ୍କାନାଳକୁ ହରାଇଛି। ଢେଙ୍କାନାଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୬.୨ ଓଭରରେ ୧୧୪ ରନକରି ଅଲଆଉଟ ହୋଇଛି। ଜବାବରେ ସୁନ୍ଦରଗଡ଼ ୨୬ ଓଭରରେ ୭ ଉଇକେଟ ହରାଇ ୧୧୮ ରନକରି ବିଜୟୀ ହୋଇଛି।

ସେହିପରି ରେଲୱେ ଗ୍ରାଉଣ୍ଡରେ ଅନୁଷ୍ଠିତ ୩୩ତମ ମୁକାବିଲାରେ ଭଦ୍ରକ ୪୭ ରନରେ ମାଲକାନଗିରିକୁ ହରାଇଛି। ଟସ୍ ଜିତି ଭଦ୍ରକ ୩୪ ଓଭରରେ ୮ ଉଇକେଟ ହରାଇ ୨୧୮ ରନ ସଂଗ୍ରହ କରିଥିଲା। ଜବାବରେ ମାଲକାନଗିରି ୯ ଉଇକେଟ ହରାଇ ୧୭୧ ରନରେ ସୀମିତ ରହି ପରାସ୍ତ ହୋଇଥିଲା।

କଟକର ନିମପୁର ଗ୍ରାଉଣ୍ଡରେ ଖେଳାଯାଇଥିବା ୩୪ତମ ମ୍ୟାଚ୍‌ରେ ଭୁବନେଶ୍ୱର- ଏ ୬୦ ରନରେ ନୟାଗଡକୁ ହରାଇଛି। ଟସ ହାରି ଭୁବନେଶ୍ୱର-ଏ ୪୫ ଓଭରରେ ୯ ଉଇକେଟ ହରାଇ ୨୪୪ ରନ ସଂଗ୍ରହ କରିଥିଲା। ନୟାଗଡର ସିଲାନ ନାଏକ ସର୍ବାଧିକ ୫ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ନୟାଗଡ ୪୫ ଓଭରରେ ୭ ଉଇକେଟ ହରାଇ ୧୮୪ ରନକରି ପରାସ୍ତ ହୋଇଥିଲା।

କଟକର ରେଭେନ୍ସା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ୩୫ତମ ମ୍ୟାଚ୍‌ରେ ବାଲେଶ୍ୱର ୧୨୧ ରନରେ ନୂଆପଡାକୁ ହରାଇଛି। ଟସ ଜିତି ବାଲେଶ୍ୱର ୨୧ ଓଭରରେ ୪ ଉଇକେଟ ହରାଇ ୧୭୮ ରନ ସଂଗ୍ରହ କରିଥିଲା। ଜବାବରେ ନୂଆପଡା ୨୧ ଓଭରରେ ୯ ଉଇକେଟ ହରାଇ ୫୭ ରନରେ ସୀମିତ ରହି ପରାସ୍ତ ହୋଇଥିଲା।

କଟକର ରେଭେନ୍ସା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ୩୬ତମ ମ୍ୟାଚ୍‌ରେ ଖୋର୍ଦ୍ଧା ଡିଏଲ୍‌ଏସ୍ ନିୟମରେ ୫୦ ରନରେ ଦେବଗଡ଼କୁ ହରାଇଛି। ମ୍ୟାଚ୍ ୨୬ ଓଭରରେ ସୀମିତ ରହିଥିଲା। ଟସ ହାରି ଖୋର୍ଦ୍ଧା ୨୬.୩ ଓଭରରେ ୪ ଉଇକେଟ ହରାଇ ୧୯୧ ରନ ସଂଗ୍ରହ କରିଥିଲା। ଜବାବରେ ଦେବଗଡ଼ ୨୬ ଓଭରରେ ୯ ଉଇକେଟ ହରାଇ ୧୬୩ ରନରେ ସୀମିତ ରହି ପରାସ୍ତ ହୋଇଥିଲା।



ଟୋକିଓ ଅଲିମ୍ପିକ୍ସ ପୁରୁଷ ଡବଲ୍ସ ଟେନିସ ସ୍ୱର୍ଣ୍ଣ ପଦକ ବିଜୟୀ କ୍ରୋଏସିଆର ମେଟ୍ ପାଭିକ୍(ବାମ) ଓ ନିକୋଲା ମେକଟିକ୍।

# ହର୍ନାଣ୍ଡେଜଙ୍କ ସହ ଓଡ଼ିଶା ଏଫ୍‌ସିର ଚୁକ୍ତି

**ଭୁବନେଶ୍ୱର, ୩୦।୭(କ୍ରୀଡ଼ା ପ୍ରତିନିଧି)**

ହିରୋ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ)ର ୮ମ ସଂସ୍କରଣ ପୂର୍ବରୁ ସ୍ପେନର ଆକ୍ରମଣାତ୍ମକ ମିଡ୍‌ଫିଲ୍ଡର ଜାଭି ହର୍ନାଣ୍ଡେଜଙ୍କ ସହ ଚୁକ୍ତି କରିଛି ଓଡ଼ିଶା ଏଫ୍‌ସି। ସିଡିଏଫ୍ ପିଜାରାଲ୍ସ, ସଲମାଙ୍କା ଓ ରିଅଲ ମାଡ୍ରିଡରେ ୟୁଥ୍ ଫୁଟବଲ ଖେଳିବାପରେ ରିଅଲ ମାଡ୍ରିଡ୍-ବି ପକ୍ଷରୁ ସିନିୟର କ୍ୟାରିୟର ଆରମ୍ଭ କରିଥିଲେ। ବିଭିନ୍ନ ସ୍ପାନିଶ୍ କ୍ଲବରେ ଖେଳିଥିବା ଏହି ୩୨ ବର୍ଷୀୟ ଫୁଟବଲର ରୋମାନିଆର ପ୍ରଫେଶନାଲ କ୍ଲବ ଏସିଏସ୍ ପୋଲି ଟିମିସୋଆରାରେ ଯୋଗ ଦେଇଥିଲେ। ପରେ ପୋଲାଣ୍ଡ ଓ ଆଜରବୈଜାନରେ ପେସାଦାର ଫୁଟବଲ ଖେଳିବାପରେ ୨୦୧୯ରେ ସେ ଆଇଏସ୍‌ଏଲ୍‌ର ଅନ୍ୟତମ କ୍ଲବ ଏଟିକେ ସହିତ ଚୁକ୍ତି କରିଥିଲେ। କୋଲକାତା ଭିତ୍ତିକ ଏହି ଫ୍ରାଞ୍ଚାଇଜ୍ ଦଳ ପକ୍ଷରୁ ଟାଇଟଲ ଜିତିବାପରେ ୨୦୨୦ରେ ନବଗଠିତ ଏଟିକେ ମୋହନବାଗାନ କ୍ଲବରୁ ଖେଳିଥିଲେ। ଆଇଏସ୍‌ଏଲ୍‌ରେ ତାଙ୍କର ୩୭ଟି ମ୍ୟାଚ ଖେଳିବାର ଅଭିଜ୍ଞତା ରହିଛଇ। ୨୦୧୯-୨୦ ସିଜନର ଚେନ୍ନାଇନ୍ ଏଫ୍‌ସି ବିପକ୍ଷ ଫାଇନାଲରେ ସେ ୨ଟି ଗୋଲ ଦେଇଥିଲେ। ଏହା ବ୍ୟତୀତ ସେ ୧୯ ବର୍ଷରୁ କମ୍ ସ୍ପାନିଶ ଜାତୀୟ ଦଳ ପକ୍ଷରୁ ମଧ୍ୟ ପ୍ରତିନିଧିତ୍ୱ କରିଥିଲେ। ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍ କିକୋ ରାମିରେଜ ଖୁସି ଜାହିର କରିବା ସହ ହର୍ନାଣ୍ଡେଜଙ୍କ ଉପସ୍ଥିତିରେ ଦଳରେ ସନ୍ତୁଳନ ବଜାୟ ରହିପାରିବ ବୋଲି କହିଛନ୍ତି। ମିଡ୍‌ଫିଲ୍ଡରେ ଖେଳୁଥିଲେ ହେଁ ଶାରୀରିକ ଦକ୍ଷତା ଏବଂ ଭଲ ଟେକ୍ନିକ ଯୋଗୁ ହର୍ନାଣ୍ଡେଜ ଗୋଲ ସ୍କୋର ମଧ୍ୟ କରିପାରନ୍ତି ବୋଲି ପ୍ରକାଶ କରିଛନ୍ତି। ଓଡ଼ିଶା ଏଫ୍‌ସି ସହିତ ଚୁକ୍ତି କରି ଭାରତରେ ଖେଳ ଜାରିରଖିବା ସୁଯୋଗ ପାଇଥିବାରୁ ଆନନ୍ଦ ପ୍ରକାଶ କରିଛନ୍ତି ହର୍ନାଣ୍ଡେଜ। ଓଡ଼ିଶା ଏଫ୍‌ସି ଦର୍ଶକଙ୍କୁ ଗର୍ବିତ କରିବା ପାଇଁ ମୁଁ କଠିନ ପରିଶ୍ରମ କରିବି ବୋଲି ସେ କହିଛନ୍ତି। ହର୍ନାଣ୍ଡେଜଙ୍କୁ ସ୍ୱାଗତ କରିଛନ୍ତି ଓଡ଼ିଶା ଏଫ୍‌ସି କ୍ଲବ ସଭାପତି ରାଜ ଅଥୱାଲ।



ଜାଭି ହର୍ନାଣ୍ଡେଜ (ଡାହାଣ)।

# ଜାତୀୟ ରେକର୍ଡ ସତ୍ତ୍ୱେ ସାବ୍‌ଲେ ଆଉଟ

**ଟୋକିଓ, ୩୦।୭(ପି.ଟି.)**

ଭାରତର ଅବିନାଶ ସାବ୍‌ଲେ ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ନିଜ ଜାତୀୟ ରେକର୍ଡ ଭାଙ୍ଗିଥିଲେ ହେଁ ଅଲିମ୍ପିକ୍ସର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରି ନାହାନ୍ତି। ଏଡ଼.ପି. ଜାବିର ମଧ୍ୟ ପୁରୁଷ ୪୦୦ ମିଟର ହର୍ଡ୍‌ଲ୍ସରେ ନିରାଶ କରିଛନ୍ତି। ତେଣୁ ଆଥଲେଟିକ୍ସ ଇଭେଣ୍ଟରେ ଭାରତର ଆରମ୍ଭ ଭଲ ହୋଇନାହିଁ। ୨୬ ବର୍ଷୀୟ ସାବ୍‌ଲେ ହିଟ୍-୨ରେ ୮ ମିନିଟ ୧୮.୧୨ ସେକେଣ୍ଡ ସମୟ ନେଇ ନିଜ ନାମରେ ଥିବା ଜାତୀୟ ରେକର୍ଡ ଭାଙ୍ଗିଥିଲେ। ପୂର୍ବରୁ ଗତ ମାର୍ଚ୍ଚରେ ଫେଡେରେଶନ କପ୍‌ରେ ତାଙ୍କ ଜାତୀୟ ରେକର୍ଡ ଟାଇମିଂ ଥିଲା ୮:୨୦.୨୦ ସେକେଣ୍ଡ। ତେବେ ସେ ନିଜ ହିଟ୍‌ରେ ୭ମ ସ୍ଥାନରେ ସନ୍ତୁଷ୍ଟ ରହି ବିଦାୟ ନେଇଥିଲେ। ମାତ୍ର ଦୁର୍ଭାଗ୍ୟଜନକଭାବେ ପ୍ରତି ହିଟ୍‌ର ଟପ୍-୩ ପରବର୍ତ୍ତୀ ରାଉଣ୍ଡକୁ ଯିବାର ନିୟମ ଥିବାରୁ ସାବ୍‌ଲେଙ୍କୁ ନିରାଶ ହେବାକୁ ପଡ଼ିଛି। ହିଟ୍-୩ରେ କିନ୍ତୁ ଟପ୍-୩ରେ ରହିଥିବା ଆଥଲେଟ୍ ତାଙ୍କଠାରୁ ଅଧିକ ସମୟ ନେଇଥିଲେ ହେଁ ଫାଇନାଲକୁ କ୍ୱାଲିଫାଇ କରିଛନ୍ତି। ନିୟମ ଅନୁସାରେ ମୋଟ ୧୫ ଆଥଲେଟ୍ ଫାଇନାଲରେ ପ୍ରବେଶ କରିବେ।

# କ୍ରୁନାଲ, ଗୋଥାମ, ଚହଲଙ୍କୁ ଛାଡ଼ି ଫେରିଲେ ଖେଳାଳି



ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଅବସରରେ ଭାରତୀୟ ଖେଳାଳି।

**କଲମ୍ବୋ, ୩୦।୭ (ପି.ଟି.):** ଶିଖର ଧାୱନଙ୍କ ନେତୃତ୍ୱାଧୀନ ଭାରତୀୟ ସୀମିତ ଓଭର ଦଳ ଶୁକ୍ରବାର ସନ୍ଧ୍ୟାରେ ବେଙ୍ଗାଲୁରୁରେ ପହଞ୍ଚିଛି। କୋଭିଡ୍ ଟେଷ୍ଟରେ ପଜିଟିଭ ଯୋଗୁ କ୍ରିଷ୍ଣାପ୍ପା ଗୋଥାମ, ଯୁଜବେନ୍ଦ୍ର ଚହଲ ଓ କ୍ରୁନାଲ ପାଣ୍ଡ୍ୟା ପ୍ରମୁଖ ଆସିନାହାନ୍ତି। ଗୁରୁବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚରେ ଶ୍ରୀଲଙ୍କା ୭ ଉଇକେଟରେ ଭାରତକୁ ପରାସ୍ତ କରି ୩ ମ୍ୟାଚ ବିଶିଷ୍ଟ ସିରିଜ ୨-୧ରେ ବିଜୟ ହାସଲ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ବିନିମୟରେ ୮୧ ରନ କରିଥିଲା। ଶ୍ରୀଲଙ୍କା ୧୪. ୩ ଓଭରରେ ୩ ଉଇକେଟ ବିନିମୟରେ ବିଜୟ ପାଇଁ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲା। ପୂର୍ବରୁ ଅନୁଷ୍ଠିତ ଦିନିକିଆ ସିରିଜକୁ ଭାରତ ୨-୧ରେ ଜିତିନେଇଥିଲା। ସୂଚନାଯୋଗ୍ୟ, କ୍ରୁନାଲ କରୋନା ସଂକ୍ରମିତ ଜଣାପଡ଼ିବା ପରେ ତାଙ୍କ ସଂସ୍ପର୍ଶରେ ଆସିଥିବା ୮ ଭାରତୀୟ ଖେଳାଳି ଆଇସୋଲେଶନରେ ରହିଥିଲେ। କିନ୍ତୁ ଶୁକ୍ରବାର ଭାରତୀୟ ଦଳର ପ୍ରତ୍ୟାବର୍ତ୍ତନ ପୂର୍ବରୁ ଆର୍‌ଟି-ପିସିଆର ରିପୋର୍ଟରେ ଗୋଥାମ ଓ ଚହଲଙ୍କର ପଜିଟିଭ ଆସିଥିଲା। ଦେଶର ସ୍ୱାସ୍ଥ୍ୟ ପ୍ରୋଟୋକଲ ଅନୁସାରେ ସେମାନେ ବାଧ୍ୟତାମୂଳକ ୭ ଦିନ ଆଇସୋଲେଶନରେ ରହିବେ। ବେଙ୍ଗାଲୁରୁରେ ପହଞ୍ଚିଥିବା ଖେଳାଳିମାନେ ସେମାନଙ୍କ ସହରକୁ ଯୋଗାଯୋଗ କରୁଥିବା ବିମାନଗୁଡ଼ିକରେ ନିଜ ଘରକୁ ଫେରିବେ। ମୁମ୍ବାଇ ଓ କଲମ୍ବୋରେ ୬ ସପ୍ତାହ ଧରି ବାୟୋବବଲରେ ରହିବା ପରେ ଖେଳାଳିମାନଙ୍କୁ ବିଶ୍ରାମ ପ୍ରୟୋଜନ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଜଣେ କର୍ମକର୍ତ୍ତା କହିଛନ୍ତି। କ୍ରୁନାଲଙ୍କର ଯଦି ଦୁଇଟି ଆର୍‌ଟି-ପିସିଆର୍ ରିପୋର୍ଟ ନେଗେଟିଭ ଆସେ ତେବେ ଆସନ୍ତା ସପ୍ତାହ ମଧ୍ୟ ଭାଗରେ ସ୍ୱଦେଶ ଫେରିବାରେ ସମର୍ଥ ହେବେ। ବିମାନରେ ଚଢ଼ିବା ପୂର୍ବରୁ ପ୍ରତ୍ୟେକ ସଦସ୍ୟଙ୍କର ଆରଟି-ପିସିଆର୍ ଟେଷ୍ଟ ହୋଇଥିଲା। ସମ୍ଭବତଃ କ୍ରୁନାଲଙ୍କ ସହ ଗୋଥାମ ଓ ଚହଲ ଅଧିକ ସଂସ୍ପର୍ଶରେ ଆସିଥିବାରୁ ସେମାନଙ୍କର ପଜିଟିଭ ଆସିଥିଲା। ଅନ୍ୟ ୬ଜଣ ହାର୍ଦ୍ଦିକ ପାଣ୍ଡ୍ୟା, ମନୀଷ ପାଣ୍ଡେ, ଇଶାନ କିଷନ, ସୂର୍ଯ୍ୟକୁମାର ଯାଦବ, ପୃଥ୍ୱୀ ଶ' ଏବଂ ଦୀପକ ଚହରଙ୍କୁ ଦେଶକୁ ଫେରିଯିବା ଲାଗି ଅନୁମତି ମିଳିଯାଇଥିଲା। ଏହି ସମସ୍ତ ୯ଜଣ ଖେଳାଳି ପ୍ରଥମ ଗେମ୍ ଏବଂ ପରେ ଜୁଲାଇ ୨୭ରେ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ ବେଳେ ଏକାଠି ହୋଇଥିଲେ। ସେତେବେଳେ କ୍ରୁନାଲଙ୍କ ପାଖରେ ଗଳାରେ ଯନ୍ତ୍ରଣା ସହ କରୋନା ଲକ୍ଷଣ ପ୍ରକାଶ ପାଇଥିଲା। ତାଙ୍କର କୋଭିଡ୍ ଟେଷ୍ଟ କରାଯିବାକରୁ ପଜିଟିଭ ଆସିଥିଲା।

# ଶ୍ରୀଲଙ୍କା କ୍ରିକେଟ ପାଇଁ ଶୁଭ ସୂଚନା

**ଭିଭିଏସ୍ ଲକ୍ଷ୍ମଣ**

ଶ୍ରୀଲଙ୍କା ଟି୨୦ ସିରିଜ ବିଜୟ ଉତ୍ସବ ପାଳନ କରିବା ପଛରେ କିଛି କାରଣ ରହିଛି। ବିଗତ କିଛିଦିନ ହେଲା ସେମାନେ ବିଜୟ ପଥକୁ ଫେରିବା ଲାଗି ଚେଷ୍ଟା ଚଳାଇ ଆସୁଛନ୍ତି। ନିକଟରେ ଇଂଲଣ୍ଡ ଟୁର୍ ବେଳେ ସେମାନେ ଶୋଚନୀୟ ପରାଜୟ ବରଣ କରିଛନ୍ତି। ଭାରତ ବିପକ୍ଷ ସିରିଜ ପୂର୍ବରୁ ବିଭିନ୍ନ କାରଣରୁ ସେମାନେ କେତେଜଣ ମୁଖ୍ୟ ବ୍ୟାଟ୍ସମ୍ୟାନଙ୍କୁ ହରାଇଛନ୍ତି। ମୁରଲୀ, ମାହେଲା ଓ ସାଙ୍ଗାଙ୍କ ଭଳି କିମ୍ବଦନ୍ତୀ ଖେଳାଳିଙ୍କ ଅବସର ପରଠାରୁ ଶ୍ରୀଲଙ୍କା କ୍ରିକେଟ ଦଳ ସଂଘର୍ଷ ଚଳାଇ ଆସୁଛି। ଅବଶ୍ୟ ସେମାନେ ଭାରତର ଏକ ଦୁର୍ବଳ ଦଳକୁ ପରାସ୍ତ କରିଛନ୍ତି। ନିଜ ଦେଶରେ ଏହି ଭ୍ରମଣକାରୀ ଦଳଠାରୁ ପରାଜୟ ଲଜ୍ଜାଜନକ ହୋଇଥାନ୍ତା। ସିରିଜର ଅଗ୍ରଗତି ସହ ଅଭିଜ୍ଞ ଧନଞ୍ଜୟ ଡି' ସିଲ୍‌ଭାଙ୍କ ପ୍ରଦର୍ଶନରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ଓପନର ଅଭିଷ୍କା ଫର୍ନାଣ୍ଡୋ ତାଙ୍କ ବ୍ୟାଟିଂ ଦକ୍ଷତା ଦେଖାଇଥିଲେ। ଭ୍ରମଣକାରୀ ଦଳ ପାଇଁ ବାଧକ ସାଜିଥିଲେ ୱାନିଣ୍ଡୁ ହସରଙ୍ଗା ଓ ଚାମିକା କରୁଣାରତ୍ନେ। ଉଭୟେ ବେଶ୍ କୁଶଳୀ। ଚାପ ପରିସ୍ଥିତିକୁ ସାମ୍ନା କରିବା ସାମର୍ଥ୍ୟ ସେମାନଙ୍କ ନିକଟରେ ରହିଛି। ଶ୍ରୀଲଙ୍କା କ୍ରିକେଟ ପାଇଁ ଏସବୁ ଉତ୍ସାହଜନକ ସୂଚନା। ଶ୍ରୀଲଙ୍କା ୨୦୦୭ରୁ ୨୦୧୪ ମଧ୍ୟରେ ଆଇସିସି ଇଭେଣ୍ଟଗୁଡ଼ିକରେ ସ୍ଥିର ପ୍ରଦର୍ଶନ କରିଆସିଥିଲା। ଏହି ସ୍ଥିରକୁ ଫେରିବା ଲାଗି ଦଳ ଉଦ୍ୟମ ଚଳାଇ ଆସୁଛି। ଅନ୍ୟପକ୍ଷରେ ଭ୍ରମଣକାରୀ ଭାରତୀୟ ଦଳ କଥା ଦେଖିବାକୁ ଗଲେ କେତେଜଣ ଯୁବ ବ୍ୟାଟ୍ସମାନଙ୍କ ଲାଗି ଏହା ଏକ ସୁଯୋଗ ଥିଲା। କୋଭିଡ୍ ଟେଷ୍ଟରେ କ୍ରୁନାଲ ପାଣ୍ଡ୍ୟା ପଜିଟିଭ ଆସିବା ପରେ ଦଳ ୯ଜଣ ଖେଳାଳିଙ୍କୁ ହରାଇଥିଲା। ଦଳର ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନଙ୍କ ସଂଖ୍ୟା ୫କୁ ହ୍ରାସ ପାଇଥିଲା। ପୁନଶ୍ଚ ଶେଷ ଦୁଇ ଟି୨୦ ଯେଉଁ ପିଚ୍‌ରେ ଖେଳାଗଲା ତାହା ଫର୍ମାଟ ପାଇଁ ଉପଯୋଗୀ ନ ଥିଲା। ପ୍ରତିକୂଳ ପରିସ୍ଥିତିରେ ଭଲ ଖେଳିପାରିଲେ ଆତ୍ମବିଶ୍ୱାସ ବୃଦ୍ଧି ପାଇଥାଏ। କିନ୍ତୁ ମୋର ଦୃଢ ବିଶ୍ୱାସ ରାହୁଲ ଦ୍ରାବିଡ ତାଙ୍କ ପିଲାମାନଙ୍କୁ ସାନ୍ତ୍ୱନାର ବାଣୀ ଶୁଣାଇଥିବେ। ଏଇଟା ଶେଷ ନୁହେଁ, ନିଜକୁ ସୁଧାରିବା ପାଇଁ ଆହୁରି ସମୟ ଓ ସୁଯୋଗ ରହିଛି। ସ୍ପିନର କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀ ଭଲ ପ୍ରଦର୍ଶନ କରିଥିଲେ। ହେଲେ ମୋତେ ରାହୁଲ ଚହରଙ୍କ ଆକ୍ରମଣାତ୍ମକ ବୋଲିଂ ଆକର୍ଷିତ କରିଥିଲା। ଚଳିତବର୍ଷ ପରବର୍ତ୍ତୀ ଭାଗରେ ହେବାକୁଥିବା ଟି୨୦ ବିଶ୍ୱକପ୍ ପାଇଁ ତାଙ୍କୁ ଦଳରେ ସ୍ଥାନ ମିଳିବା ସମ୍ଭବନା ରହିଛି। ଏହି ଟୁର୍‌ରେ ଭାରତୀୟ ଯୁବ ବ୍ୟାଟ୍ସମ୍ୟାନଙ୍କ ଦୋଷ ଦୁର୍ବଳତା ପ୍ରକାଶ ପାଇଛି। ଏଥିରେ ସୁଧାର ଆଣିବାକୁ ପଡ଼ିବ। ସେମାନେ ବଡ଼ ସ୍କୋର ପାଇଁ ଦଳ ଲାଗି ଉତ୍ସାହଜନକ ଆରମ୍ଭ କରିପାରୁ ନାହାନ୍ତି। ସ୍ଲୋ ପିଚ୍‌ରେ କ୍ୱାଲିଟି ସ୍ପିନରଙ୍କୁ ସାମ୍ନା କରିବାର କୌଶଳ ସେମାନଙ୍କଠାରେ ଊଣା ପରିଲକ୍ଷିତ ହେଉଛି। ନ୍ୟାଶନାଲ କ୍ରିକେଟ ଏକାଡେମି (ଏନ୍‌ସିଏ) ଏବଂ ରାଜ୍ୟ ଦଳଗୁଡ଼ିକ ସହ ସମ୍ପୃକ୍ତ କୋଚ୍‌ମାନେ ଏହି ସବୁ ଦୋଷ ଦୁର୍ବଳତାକୁ ସଜାଡ଼ିବା ଦିଗରେ ଧ୍ୟାନ ଦେବେ ବୋଲି ମୋର ଆଶା। **(ଗେମ୍‌ପ୍ଲାନ୍)**







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ପ୍ରାଥମିକ ବିଦ୍ୟାଳୟରେ ପାଠାଗାର ଉଦ୍‌ଘାଟିତ

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କର୍ଡାପାଲ କ୍ଲଷ୍ଟରର ବଙ୍କିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଏକ ନୂତନ ପାଠାଗାର ଉଦ୍‌ଘାଟିତ ହୋଇଯାଇଛି। ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର କୁମ୍ଭକାର ମୁଖ୍ୟଅତିଥି ଭାବେ ଯୋଗଦେଇ ପାଠାଗାରକୁ ଉଦ୍‌ଘାଟନ କରିଥିଲେ । ପ୍ରଧାନ ଶିକ୍ଷକ ନେତ୍ରାନନ୍ଦ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ କର୍ଡାପାଲ କ୍ଲଷ୍ଟର ସିଆରସିସି ମନୋଜ କୁମାର ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଶାନ୍ତନୁ ପାତ୍ର ଉତ୍ସବ ପରିଚାଳନା କରିଥିଲେ । ଉକ୍ତ ପାଠାଗାର ହେବା ଦ୍ୱାରା ସ୍କୁଲର ଛାତ୍ରୀଛାତ୍ରମାନେ ଉପକୃତ ହୋଇପାରିବେ ।

**ସଂକ୍ଷେପରେ**

## ପଥର୍ଲା ତେଲନଦୀ ଘାଟ ରାସ୍ତା ଅବସ୍ଥା ଶୋଚନୀୟ



ବାଉଁଶୁଣୀ,୩୦।୭(ଡି.ଏନ୍.ଏ.): ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତର ପଥର୍ଲା ଗାଁ । ଏହା ତେଲ ନଦୀ ଅବବାହିକାରେ ରହିଛି । ଏହି ଗାଁରୁ ତେଲ ନଦୀକୁ ଗୋଟିଏ ରାସ୍ତା ଯାଇଛି। ଏହି ରାସ୍ତା ଦେଇ ଗ୍ରାମବାସୀ ବିଭିନ୍ନ କାମରେ ନଦୀକୁ ଯାତାୟତ କରନ୍ତି। ହେଲେ ଏହି ରାସ୍ତା ଅବସ୍ଥା କହିଲେ ନ ସରେ। କାଦୁଅ ପଚପଚ ରାସ୍ତାରେ ଲୋକେ ବହୁ କଷ୍ଟରେ ଯାତାୟତ କରୁଛନ୍ତି। ଏହି ରାସ୍ତା ଦେଇ ଗବଜୋରରୁ ବୈଦ୍ୟନାଥ ଦେଇ ଯାଇଥିବା ଡଙ୍ଗାଘାଟ ବା ଫେରିଘାଟକୁ ପ୍ରତିଦିନ ଶହ ଶହ ଲୋକ ଯିବାଆସିବା କରନ୍ତି। କାରଣ ମନମୁଣ୍ଡାଠାରୁ କଣ୍ଟାମାଳ ପର୍ଯ୍ୟନ୍ତ ଏହି ରାସ୍ତାକୁ ଛାଡ଼ିଦେଲେ ଡଙ୍ଗାଘାଟକୁ ଯିବା ପାଇଁ ଅନ୍ୟ କୌଣସି ଭଲ ରାସ୍ତା ନାହିଁ। ଏଭଳି ପରିସ୍ଥିତିରେ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଡିଓ, ଜିଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ଅଭିଯୋଗ କରିଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ସୁଫଳ ମିଳିନାହିଁ। ତୁରନ୍ତ ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ରାଜରାସ୍ତା ଅବରୋଧ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ପଦକ୍ଷେପ ନେବାକୁ କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିବା କଣ୍ଟାମାଳ ବିଡିଓ ବନ୍ଦନା ଖଟୁଆ କହିଛନ୍ତି ।

## ଆୟୁର୍ବେଦ କଲେଜରେ ବିଶ୍ୱ ହେପାଟାଇଟିସ୍ ଦିବସ

ପାଇକମାଳ, ୩୦।୭ (ଡି.ଏନ.ଏ): ବରଗଡ ଜିଲା ପାଇକମାଳ ସ୍ଥିତ ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନରେ କାୟା ଚିକିତ୍ସା ବିଭାଗ ଏବଂ ଏନ୍‌ଏସ୍‌ଏସ୍ ୟୁନିଟ ପକ୍ଷରୁ ଶୁକ୍ରବାର ୧୫ତମ ବିଶ୍ୱ ହେପାଟାଇଟିସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଜାତୀୟ ସ୍ତରୀୟ ବକ୍ତୃତା ଆୟୋଜନ କରାଯାଇଥିଲା। ଏଥିରେ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ନାରାୟଣ ଚନ୍ଦ୍ର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଯକୃତସ୍ରାବି ବିକାର ଉପରେ ଆଲୋକପାତ କରିଥିଲେ। ଏହି ୱେବିନାରରେ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରମୁଖ ଅନୁଷ୍ଠାନମାନଙ୍କରୁ ଅନେକ ଚିକିତ୍ସକ, ସ୍ନାତକୋତ୍ତର ତଥା ସ୍ନାତକ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଅନୁଷ୍ଠାନ ପରିସରରେ ହେପାଟାଇଟିସ ରୋଗର ଚିକିତ୍ସା ଉପରେ ଏକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଅନୁଷ୍ଠାନର ଅଧକ୍ଷା ପ୍ରଫେସର ଡା. କ୍ଷୀରାବ୍ଧି ତନୟା ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ଅଧାପିକା, ଅଧାପକ, ଚିକିତ୍ସକ ତଥା ସହ ଚିକିତ୍ସକମାନେ ଅଂଶଗ୍ରହଣ କରିଥିଲେ। କାୟା ଚିକିତ୍ସା ବିଭାଗର ମୁଖ୍ୟ ପ୍ରଫେସର ଡା. ଜଗବନ୍ଧୁ ମିଶ୍ର, ସହ ପ୍ରାଧାପକ ଡା. ନାୟୁଡୁ ଜଗନ୍ନାଥ ଯୋଗ ଦେଇଥିଲେ। ଏନ୍‌ଏସ୍‌ଏସ୍‌ର ଡା. ମଧୁସୂଦନ ମେହେର କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଶେଷରେ କାର୍ଯ୍ୟକ୍ରମ ସଂଯୋଜକ ଡା. ସୁଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଦ୍ୟାଳୟର ଶୋଚନୀୟ ଅବସ୍ଥା

### ୩୦ବର୍ଷ ବିତିଲା: ସମ୍ପୂର୍ଣ୍ଣ ହୋଇନି ଶ୍ରେଣୀଗୃହ

ବାଉଁଶୁଣୀ,୩୦।୭(ଡି.ଏନ୍.ଏ.)

୩୦ ବର୍ଷ ତଳେ ଆରମ୍ଭ ହୋଇଥିବା ମନମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ ପ୍ରକୋଷ୍ଠ ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନ ପାରି ଅଧପନ୍ତରିଆ ଭାବେ ପଡିରହିଛି। ଛାତରୁ ପାଣି ଗଳିବାରୁ ୨ଟି ଶ୍ରେଣୀ ପ୍ରକୋଷ୍ଠ ନିର୍ମାଣ ସକାଶେ ନବମ ଅର୍ଥ କମିଶନ ଯୋଜନାରୁ ଅର୍ଥ ମଞ୍ଜୁର ହୋଇଥିଲା। ପ୍ରଥମେ ଜଣେ ଠିକାଦାର ପ୍ଲିନ୍ଥ ପର୍ଯ୍ୟନ୍ତ କାମ କରି ଛାଡି ପକାଇଯାଇଥିଲାବେଳେ ଅନ୍ୟ ଜଣେ ଠିକାଦାର ଛାଡି ଥିବା କାମରୁ ପ୍ରାୟ ୩ ଫୁଟ ପର୍ଯ୍ୟନ୍ତ କଲାପରେ ସେ ମଧ ଛାଡି ଦେଇଥିଲେ। ଏନେଇ ବାରମ୍ବାର ଅଭିଯୋଗ କଲାପରେ ଆଉ ଜଣେ ଠିକାଦାରଙ୍କୁ କାମ ଦିଆଯାଇଥିଲା। ସେ ମଧ ଛାତ ପର୍ଯ୍ୟନ୍ତ କାମ କରି ଛାଡି ପକାଇଗଲେ। ସେହି ଦିନ ଠାରୁ ଉକ୍ତ କାମ ଅଧାହୋଇ ପଡିରହିଛି। ତେବେ ଏହି କାମ ପାଇଁ ଆଜି ପର୍ଯ୍ୟନ୍ତ କେତେ ଟଙ୍କାର କାମ ହେଲାଣି ଫଳକ ଲଗାଯାଇ ନ ଥିବାରୁ କିଛି ସ୍ପଷ୍ଟ ହୋଇପାରୁ ନାହିଁ। ଏବେ ଉକ୍ତ



ମନମୁଣ୍ଡା ପ୍ରାଥମିକ ବିଦ୍ୟାଳୟ।

ଜାଗାରେ ଗଛଲତା ଉଠି ଜଙ୍ଗଲ ସଦୃଶ୍ୟ ହେଲାଣି। ସରକାର ବିଦ୍ୟାଳୟର ଉନ୍ନତି ଓ ବିକାଶ ପାଇଁ ଆମ ବିଦ୍ୟାଳୟ ଅଭିଯାନ ଚଳାଇଛନ୍ତି। ପୁରାତନ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଦ୍ୟାଳୟର ବିକାଶ ପାଇଁ କମିଟି ଗଠନ ଓ ଅର୍ଥ ଆଦାୟ କରି ପାଣ୍ଠି ଗଠନ କରାଯାଉଛି। ଶତାବ୍ଦୀ ପୁରାତନ ତଥା ୧୮୮୧ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବାବେଳେ ଛାତ୍ରୀଛାତ୍ରଙ୍କ ବସିବା ପାଇଁ ଆବଶ୍ୟକ ଶ୍ରେଣୀ ପ୍ରକୋଷ୍ଠ ନାହିଁ। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଇଁ କମନ ରୁମ ନାହିଁ। ପ୍ରାୟ ୩ ଏକର ପରିମିତରେ ଥିବା ଏହି ବିଦ୍ୟାଳୟ ଏନ୍‌ଏଚ୍ ୫୭ କଡରେ ଥିଲେ ମଧ କୌଣସି ସରକାରୀ ଅଧିକାରୀ ଗୁରୁତ୍ୱ ଦେଇ ଦେଖୁ ନ ଥିବା ଅଭିଯୋଗ ହେଉଛି। ଏଠାରେ ଶତାଧିକ ମୂଲ୍ୟବାନ ଶାଗୁଆନ ଗଛ ଥିଲା। ତନ୍ମଧ୍ୟରୁ ଅଧା ଚୋରି ହୋଇଗଲାଣି। ବିଦ୍ୟାଳୟ ପରିସରରେ ପଡୋଶୀ ଲୋକମାନେ ମଇଳା ଆବର୍ଜନା ପକାଉଛନ୍ତି। ଏପରିକି ମଦ୍ୟପମାନଙ୍କ ଆଡ୍ଡାସ୍ଥଳ ପାଲଟିଛି ଉକ୍ତ ବିଦ୍ୟାଳୟ। ଉକ୍ତ ଅଧପନ୍ତରିଆ ନିର୍ମିତ ଶ୍ରେଣୀ ପ୍ରକୋଷ୍ଠ ବିଷୟରେ ଭିଜିଲାନ୍ସ ତଦନ୍ତ କରାଯାଉ। ସରକାରୀ ଅର୍ଥ ଅପବ୍ୟୟ ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଓ ଅସମ୍ପୂର୍ଣ୍ଣ ଶ୍ରେଣୀ ପ୍ରକୋଷ୍ଠକୁ ତୁରନ୍ତ ସମ୍ପୂର୍ଣ କରାଯିବାକୁ ଏବଂ ଅବ୍ୟବ୍ୟସ୍ଥାକୁ ବ୍ୟବସ୍ଥା କରାଯିବାକୁ ଆମ ସ୍କୁଲ ଅଭିଯାନର ସଭାପତି ବୈଦ୍ୟନାଥ ହୋତା ଦାବି କରିଛନ୍ତି।

# ସ୍କୁଲକୁ ଲକ୍ଷେ ଟଙ୍କା ଦେଲେ ଶିକ୍ଷକ ଦମ୍ପତି



ଶିକ୍ଷକ ଦମ୍ପତି ଚେକ୍ ପ୍ରଦାନ କରୁଛନ୍ତି।

ସୋନପୁର,୩୦।୭(ନି.ପ୍ର)

ସରକାରଙ୍କ ମୋ ସ୍କୁଲ ଅଭିଯାନରେ ସାମିଲ ହୋଇ ନିଜେ ପଢୁଥିବା ସ୍କୁଲକୁ ୧ ଲକ୍ଷ ଟଙ୍କା ଦାନ କରିଛନ୍ତି ଶିକ୍ଷକ ଦମ୍ପତି। ଏହି ଟଙ୍କା ଗାଁ ସ୍କୁଲର ଉନ୍ନତିକରଣରେ ଖର୍ଚ୍ଚ ହେବ। ଶିକ୍ଷକ ସୁଶିଳ କୁମାର ସାହୁ ଓ ତାଙ୍କ ସ୍ତ୍ରୀ ଗୀତିଶ୍ରୀ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ପଣ୍ଡକିଟାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଏହି ଟଙ୍କା ଦାନ କରିଛନ୍ତି। ସୁଶିଳ ଏହି ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ। ସ୍କୁଲର ଉନ୍ନତି ପାଇଁ ସେ ଟଙ୍କା ଦାନ କରିବାର ପ୍ରସ୍ତାବ ସ୍ତ୍ରୀଙ୍କୁ ଦେଇଥିଲେ। ସ୍ତ୍ରୀ ଏହି ପ୍ରସ୍ତାବରେ ସହମତ ହୋଇଥିଲେ।

ସୁଶିଳ ବର୍ତ୍ତମାନ ମାୟାବର୍ହା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ସେହିପରି ସାରସମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି ଗୀତିଶ୍ରୀ। ସ୍କୁଲ ଭିତ୍ତିଭୂମିର ଉନ୍ନତି ଓ ସ୍ମାର୍ଟ କ୍ଲାସର ବ୍ୟବସ୍ଥା ହୋଇପାରିଲେ ସରକାରୀ ସ୍କୁଲ ପ୍ରତି ଛାତ୍ରୀଛାତ୍ର ଅଧିକ ଆକର୍ଷିତ ହେବେ। ଏଥିପାଇଁ ନିଜେ ପାଠ ପଢିଥିବା ସ୍କୁଲର ଉନ୍ନତି ପାଇଁ ପୁରାତନ ଛାତ୍ରୀଛାତ୍ର ଆଗେଇ ଆସିବା ଉଚିତ ବୋଲି ସୁଶିଳ କହିଛନ୍ତି। ସେହିପରି ଗାଁ ସ୍କୁଲର ବିକାଶରେ ନିଜେ ସହଭାଗୀ ହୋଇଥିବାରୁ ବହୁତ ଖୁସି ଲାଗୁଛି ବୋଲି କହିଛନ୍ତି ଶିକ୍ଷୟିତ୍ରୀ ଗୀତିଶ୍ରୀ। ଶିକ୍ଷକ ଦମ୍ପତିଙ୍କ ଏଭଳି ମହତ୍ କାମ ସମାଜ ପାଇଁ ପ୍ରେରଣାଦାୟକ ବୋଲି କହିଛନ୍ତି ସୁବର୍ଣ୍ଣପୁର ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ। ପଣ୍ଡକିଟାଲ ସ୍କୁଲରେ ଏହି ଅବସରରେ ସ୍ୱତନ୍ତ୍ର ଉତ୍ସବ ହୋଇଥିଲା। ଏଥିରେ ଡିଇଓ ଲକ୍ଷ୍ମଣ ଭୋଇ, ଏଡିଇଓ ରାଧାକାନ୍ତ ଗଡତିଆ, ସିଆରସିସି ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପସ୍ଥିତିରେ ଶିକ୍ଷକ ଦମ୍ପତି ୫୦ ହଜାର ଟଙ୍କାର ୨ଟି ଚେକ୍ ପ୍ରଦାନ କରିଥିଲେ।

# ଥାନାଧିକାରୀଙ୍କ ବିରୋଧରେ ଅଭିଯୋଗ କଲେ ବୃଦ୍ଧା

ବାଉଁଶୁଣୀ, ୩୦।୭(ଡି.ଏନ୍.ଏ.)

ଜଣେ ବୟସ୍କା ମହିଳାଙ୍କ ଲିଖିତ ଅଭିଯୋଗ ପାଇବା ପରେ ମଧ ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ତାଙ୍କୁ ଓଲଟା ଧମକଚମକ ଦେଉଥିବା ଭଳି ଗୁରୁତର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବାଉଁଶୁଣୀ ଥାନା ତାଳସରଡା ଗ୍ରାମର ଅଷ୍ଟମୀ ମହାକୁଳ (୬୭) ନାମକ ଜଣେ ମହିଳା ବୌଦ୍ଧ ଆରକ୍ଷୀ ଅଧୀକ୍ଷକଙ୍କ ଠାରୁ ଆରମ୍ଭ କରି ୫-ଟି ସଚିବଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିବା ଜଣାପଡିଛି । ଅଭିଯୋଗ ଅନୁଯାୟୀ ନିଜ ସ୍ୱାମୀଙ୍କ ଭାଗ ଜମିରେ ନିଜ ସମୁଧିଙ୍କୁ ଡକାଇ ତାଙ୍କ ସହାୟତାରେ ଅଷ୍ଟମୀ ଧାନ ବୁଣାଇବା ସମୟରେ ଗତ ଜୁଲାଇ ୩ ତାରିଖରେ ଗ୍ରାମର ଗୋଟିଏ


ଅଷ୍ଟମୀ ମହାକୁଳ।

ପରିବାର ଗଣ୍ଡଗୋଳ କରିଥିଲେ। ତାଙ୍କ ଘରକୁ ଆସି ସମ୍ପୃକ୍ତ ମହିଳାଙ୍କୁ ଗାଳି ଗୁଲଜ କରି ଠେଲି ଦେବାରୁ ଅଣ୍ଟାରେ ଆଘାତ ମଧ ଲାଗିଥିଲା। ସେ ଗତ ୩ ତାରିଖରେ ବାଉଁଶୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଥାନା ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଓଲଟା ଅପରପକ୍ଷକୁ ଡକାଇ ଅଷ୍ଟମୀ ପରିବାର ବିରୋଧରେ ଅନ୍ୟ ଏକ ଅଭିଯୋଗ ଲେଖାଇ ତାଙ୍କୁ ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି। ଗତ ୩ ତାରିଖରେ ଅଷ୍ଟମୀ ଥାନାରେ ଅଭିଯୋଗ କରିଥିଲେ ମଧ ଥାନା ଅଧିକାରୀ ତାଙ୍କ ଅଭିଯୋଗ ଅନେକ ଦିନ ବିତି ଯାଇଥିଲେ ମଧ ପଞ୍ଜିକରଣ କରି ନଥିବା କିମ୍ବା ଅଭିଯୋଗକାରିଣୀଙ୍କୁ ଏଫ୍‌ଆଇଆର କପି ପ୍ରଦାନ କରି ନ ଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଜଣେ ବରିଷ୍ଠ ବିଧବା ମହିଳାଙ୍କ ପ୍ରତି ବାଉଁଶୁଣୀ ଥାନା ଅଧିକାରୀ କରିଥିବା ଅନ୍ୟାୟ ଓ ଅବହେଳା ଯୋଗୁ ସେ ମାନସିକ ସ୍ତରରେ ଚାପଗ୍ରସ୍ତ ଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅଭିଯୋଗ ପତ୍ରରେ ଅନୁରୋଧ କରିଛନ୍ତି।

## ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ଦାବିପତ୍ର

ଭବାନୀପାଟଣା, ୩୦।୭ (ଡି.ଏନ.ଏ.)

ପଶ୍ଚିମ ଓଡିଶାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଏବଂ କଳାହାଣ୍ଡି ଜିଲାକୁ ଲଗାତାର ଭାବେ ସ୍ୱାସ୍ଥ୍ୟସେବାର ଅବହେଳା ପ୍ରତିବାଦ ଏବଂ ବୁର୍ଲା ଭିମସାରରେ ଏକମୋ ମେଶିନ ଲଗାଇବା ଆଦି ୧୧ ଦଫା ଦାବି ନେଇ କଳାହାଣ୍ଡି ଜିଲା ଭାଜପା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାର ପଶ୍ଚିମ ଓଡିଶା ସମେତ କଳାହାଣ୍ଡି ଜିଲାକୁ ଲଗାତାର ଭାବେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅବହେଳା ଓ ବୈମାତୃକ ମନୋଭାବ ଦେଖାଇ ଆସୁଛନ୍ତି। ବୁର୍ଲା ଭିମସାର ଉପରେ ପଶ୍ଚିମ ଓଡିଶା ସମେତ ଛତିଶଗଡ ରାଜ୍ୟର ବହୁ ଅଞ୍ଚଳ ସ୍ୱାସ୍ଥ୍ୟସେବା ନିର୍ଭର କରୁଛି। ରାଜ୍ୟ ସରକାର ଦୀର୍ଘ ୨୦ ବର୍ଷ ଶାସନ କରିବା ପରେ ମଧ ଭିମସାରରେ ବର୍ତ୍ତମାନ ସୁଦ୍ଧା ୨୦ଟି ଆଇସିୟୁ ବେଡ୍ ଅଛି ଯାହା ସମୁଦ୍ରକୁ ଶଙ୍ଖେ। ଅନ୍ୟପଟେ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ପାଇଁ ୯ ଗୋଟି ଏକମୋ ମେଶିନ୍ ବ୍ୟବସ୍ଥା କରାଯାଇଥିବା ବେଳେ ପଶ୍ଚିମ ଓଡିଶାର ମୁଖ୍ୟ ବୁର୍ଲାସ୍ଥିତ ଭିମସାରରେ ଗୋଟିଏ ବି ଏକମୋ ମେଶିନ୍ ଲଗାଯିବା ବ୍ୟବସ୍ଥା କରାଯାଇନାହିଁ। ଯାହା ରାଜ୍ୟ ସରକାରଙ୍କ ପଶ୍ଚିମ ଓଡିଶା ପ୍ରତି କେତେ ଦୂର ଆନ୍ତରିକତା ଅଛି ତାହା ସ୍ପଷ୍ଟ ଜଣାପଡୁଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ପଶ୍ଚିମ ଓଡିଶା ବିଭିନ୍ନ ଜିଲାରେ ପିଏଚ୍‌ସି ଓ ସିଏଚ୍‌ସିରେ କୋଭିଡ୍ ମହାମାରୀର ମୁକାବିଲା ପାଇଁ ସରକାର କୌଣସି ପ୍ରକାର ବ୍ୟବସ୍ଥା କରିନାହାନ୍ତି। ଫଳରେ ଲୋକମାନେ ବାଧ ହୋଇ ଜିଲାରେ ଏକମାତ୍ର କୋଭିଡ୍ ହସ୍ପିଟାଲ ଉପରେ ନିର୍ଭର କରୁଥିବା ବେଳେ ଆଉ କିଛି ଜିଲା ବାହାରକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି ବୋଲି ଦଳ ଅଭିଯୋଗ କରିଛି। ଜିଲା ଭାଜପା ସଭାପତି ଦେବେନ୍ଦ୍ର ମହାନ୍ତି ଓ ଭବେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ବଲାଙ୍ଗୀର ବିଧାୟକଙ୍କ ଚୁଡ଼ାପାଲି ଗସ୍ତ

ବଲାଙ୍ଗୀର ଅଫିସ, ୩୦।୭

ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଚୁଡାପାଲି ଅଞ୍ଚଳ ଗସ୍ତରେ ଯାଇ ବିଭିନ୍ନ ସମସ୍ୟା ଉପରେ ସେଠାକାର ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିଛନ୍ତି । ଚୁଡାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅବ୍ୟବସ୍ଥାକୁ ନେଇ ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଅନେକ ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ରହୁ ନ ଥିବା ଏବଂ ଆଉଟଡୋର ଓ ଇନ୍‌ଡୋରରେ କେବଳ ନାମକୁ ମାତ୍ର ରୋଗୀଙ୍କ ପଞ୍ଜୀକରଣ ହେଉଥିବା ବିଧାୟକଙ୍କୁ ଜଣାଇଥିଲେ। ସାଧାରଣ ଅସ୍ତ୍ରୋପଚାର ମଧ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହେଉ ନ ଥିବା ଅଭିଯୋଗ କରିଥିଲେ। ଏଠାରେ ଥିବା ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟର ଯୁକ୍ତ ଦୁଇ ଶ୍ରେଣୀରେ ସିଟ ସଂଖ୍ୟା ବଢ଼ାଇବା ପାଇଁ ବୁଦ୍ଧିଜୀବୀମାନେ ଦାବି କରିଥିଲେ । ଯୁକ୍ତ ଦୁଇ ଶ୍ରେଣୀରେ କେବଳ ଅନୁସୂଚିତ ଜାତି ପାଇଁ ୧୦ଟି ଛାତ୍ର ଓ ୧୦ଟି ଛାତ୍ରୀ ସିଟ୍, ଜନଜାତି ପାଇଁ ୨୦ଟି ଛାତ୍ର ଓ ୨୦ଟି ଛାତ୍ରୀ


ବିଧାୟକ ନରସିଂହ ମିଶ୍ରଙ୍କ ସହ ଚୁଡାପାଲି ଅଞ୍ଚଳର ବୁଦ୍ଧିଜୀବୀ ଆଲୋଚନା କରୁଛନ୍ତି।

### ସ୍ୱାସ୍ଥ୍ୟ, ଶିକ୍ଷା, ଲୋୟର ସୁକତେଲ ପ୍ରକଳ୍ପ ଉପରେ ଆଲୋଚନା

ସିଟ୍ ଏବଂ ସାଧାରଣବର୍ଗ ପାଇଁ କେବଳ ୪ଟି ସିଟ୍ ରହିଛି। ଯେହେତୁ ଚଳିତବର୍ଷ ରେକର୍ଡ ସଂଖ୍ୟକ ଛାତ୍ରୀଛାତ୍ର ହାଇସ୍କୁଲ ପରୀକ୍ଷାରେ ପାସ କରିଛନ୍ତି । ଅନୁସୂଚିତ ଜନଜାତି ସିଟ ସହିତ ସାଧାରଣ ବର୍ଗର ସିଟ ସଂଖ୍ୟା ବଢାଇବା ବ୍ୟବସ୍ଥା କରିବା ପାଇଁ ବିଧାୟକ ମିଶ୍ରଙ୍କୁ ଅନୁରୋଧ କରିଥିଲେ। ସେହିପରି ଲୋୟର ସୁକତେଲ ପ୍ରକଳ୍ପ ଯୋଗୁ କ୍ଷତିଗ୍ରସ୍ତ ହେଉଥିବା ଡୁଲୁସର ଏବଂ ଚୁଡାପାଲିର କିଛି ଲୋକ ଉପଯୁକ୍ତ କ୍ଷତିପୂରଣ ପାଇନ ଥିବା ଜଣାଇଥିଲେ। ଆଲୋଚନାରେ ସ୍ଥାନୀୟ ସରପଞ୍ଚ ଘାସିରାମ ବେହେରା, ଲୋକନାଥ କୁମୁରା, ଲମ୍ବୋଦର ପଟେଲ, ନିରଞ୍ଜନ ମିଶ୍ର, ଅକ୍ଷୟ ଘିଭେଲା, ସୁଶୀଳ କୁମାର ବେହେରା ଉପସ୍ଥିତ ଥିଲେ।

# ବଲାଙ୍ଗୀରରେ ହେବ ନୂଆ ଜିଲାପାଳଙ୍କ କାର୍ଯ୍ୟାଳୟ

- ପ୍ଲାନ୍, ଏଷ୍ଟିମେଟ୍ ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ
- ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ

ବଲାଙ୍ଗୀର ଅଫିସ, ୩୦।୭

ବଲାଙ୍ଗୀରଠାରେ ଏକ ନୂଆ ଜିଲାପାଳ କାର୍ଯ୍ୟାଳୟ ନିର୍ମାଣ କରାଯିବ। ଏନେଇ ପ୍ରସ୍ତାବିତ ଯୋଜନା ଉପରେ ନୂଆ ପ୍ଲାନ୍ ଓ ଏଷ୍ଟିମେଟ୍ ପ୍ରସ୍ତୁତି କରିବା ପାଇଁ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମିଳିଥିବା ସୂଚନା ମୁତାବକ, ବଲାଙ୍ଗୀରରେ ଏକ ନୂଆ ଜିଲାପାଳ କାର୍ଯ୍ୟାଳୟ ତିଆରି ପାଇଁ ରାଜ୍ୟ ସରକାରଙ୍କୁ ଦୀର୍ଘଦିନରୁ ପ୍ରସ୍ତାବ ଦିଆଯାଇଥିଲା। ବଲାଙ୍ଗୀର ସହରର କେନ୍ଦ୍ର ସ୍ଥଳରେ ସ୍ୱାଧୀନତା ପୂର୍ବରୁ ନିର୍ମିତ ଏକ କୋଠାରେ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ପରିଚାଳିତ ହେଉଛି। ଯେଉଁ କୋଠାରେ ଏବେ ଜିଲାପାଳ କାର୍ଯ୍ୟାଳୟ ଚାଲିଛି ତାହା ପାଖାପାଖି ୧୧୦ରୁ ଉର୍ଦ୍ଧ୍ୱ ବର୍ଷର ପୁରୁଣା କୋଠା। ଜିଲାର ବର୍ଦ୍ଧିତ ଜନସଂଖ୍ୟା ଓ ନୂଆ ଟେକ୍ନୋଲୋଜିର ବିକାଶ ପରେ ଏହି କୋଠାରେ ଜିଲାପାଳ କାର୍ଯ୍ୟାଳୟ ପରିଚାଳନା ଅନେକ ଦିଗରୁ ସହଜ ହେଉନାହିଁ। ଏହାବାଦ୍ ଏହି କୋଠା ୨୬ ନମ୍ବର ଜାତୀୟ ରାଜପଥ କଡରେ ରହିଥିବାରୁ ଏଠାରେ ପାର୍କିଂ ଏକ ବଡ ସମସ୍ୟା ଭାବେ ଉଭା ହେଉଛି। ଅଫିସ ଭିତରେ ପାର୍କିଂ ପାଇଁ ସ୍ଥାନ ନ ଥିବାରୁ ଏଠାରେ ଅଧିକାରୀ ଓ କର୍ମଚାରୀଙ୍କ ଗାଡି ପାର୍କିଂ କରିବା ମଧ କଷ୍ଟକର ହୋଇପଡୁଛି। ବଲାଙ୍ଗୀର ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଜିଲା ହୋଇଥିବାରୁ ଏଠାରେ ବିଭିନ୍ନ ସମୟରେ ଜରୁରୀ ବୈଠକ ଅନୁଷ୍ଠିତ ହେଉଛି। ତେବେ ଜିଲାପାଳ ଅଫିସରେ ଏକ ସୁନ୍ଦର ଓ ବ୍ୟବସ୍ଥିତ ସମ୍ମିଳନୀ କକ୍ଷ ନ ଥିବାରୁ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହାବାଦ୍ ରାଜ୍ୟ ସରକାର ପ୍ରଶାସନକୁ ଲୋକାଭିମୁଖୀ କରିବାକୁ ଯାଇ ଗୋଟିଏ ସ୍ଥାନରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଅଫିସ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ଦୂରଦୂରାନ୍ତରୁ ଆସୁଥିବା ଲୋକେ ସହଜରେ କାର୍ଯ୍ୟ ସମ୍ପାଦନ କରିପାରିବେ। ମାତ୍ର ବଲାଙ୍ଗୀର ଜିଲାପାଳ କକ୍ଷରେ ସେସବୁ ସୁବିଧା ନାହିଁ। ଏଭଳି ସ୍ଥିତିରେ ବଲାଙ୍ଗୀରରେ ଏକ ମିନି ସେକ୍ରେଟୋରିଏଟ୍ ବା ନୂଆ ଜିଲାପାଳ ଅଫିସ କାର୍ଯ୍ୟକାରୀ କରିବାକୁ ଦୀର୍ଘ ଦିନରୁ ଦାବି ହୋଇଆସୁଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବଲାଙ୍ଗୀରରେ ପ୍ରସ୍ତାବିତ ନୂଆ ଜିଲାପାଳ ଅଫିସକୁ ଅନୁମୋଦନ କରିବା ପାଇଁ ଏ ସଂକ୍ରାନ୍ତରେ ଉପଯୁକ୍ତ ପ୍ଲାନ୍ ଓ ଏଷ୍ଟିମେଟ୍ କରି ବିଭାଗକୁ ପ୍ରେରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ବଲାଙ୍ଗୀରରେ ନୂଆ ଜିଲାପାଳ କାର୍ଯ୍ୟାଳୟ ତିଆରି ପାଇଁ ପୂର୍ବରୁ ଟିଟିଲାଗଡ ରାସ୍ତାର ଷ୍ଟେଟ୍ ହୋଟେଲ ମ୍ୟାନେଜମେଣ୍ଟ ପାଖରେ ଜମି ଚିହ୍ନଟ ହୋଇଥିଲା। ଏବେ ପୁଣି ଏହାକୁ ପରିବର୍ତ୍ତନ କରାଯାଇ ଇନ୍ଦିରାନଗର ଅଞ୍ଚଳର ସରକାରୀ ଜମିରେ ଏହାକୁ କରାଯିବ ବୋଲି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡିଛି।

# ଦିବ୍ୟାଙ୍ଗ ଦମ୍ପତିଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ

ବୌଦ୍ଧ,୩୦।୭(ସ୍ୱ.ପ୍ର.)

ରାଜ୍ୟ ସରକାର ବିଭିନ୍ନ ବର୍ଗ ଓ ସ୍ତରର ଲୋକଙ୍କୁ ବିଭିନ୍ନ କ୍ଷେତ୍ରରେ ସହାୟତା ଯୋଗାଇଦେଉଛନ୍ତି। ଏହି ପରିପ୍ରେକ୍ଷିରେ ବୌଦ୍ଧ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଏକ ଦିବ୍ୟାଙ୍ଗ ଦମ୍ପତିଙ୍କୁ ବିବାହ ପ୍ରୋତ୍ସାହନ ରାଶି ଶୁକ୍ରବାର ପ୍ରଦାନ କରାଯାଇଛି। ବୌଦ୍ଧ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉକ୍ତ ଦମ୍ପତିଙ୍କୁ ସରକାରଙ୍କ ପକ୍ଷରୁ ଅଢେଇ ଲକ୍ଷ ଟଙ୍କାର ବିବାହ ପ୍ରୋତ୍ସାହନ ରାଶି ଜିଲାପାଳ ଲଲାଟେନ୍ଦୁ ମିଶ୍ର ପ୍ରଦାନ କରିଛନ୍ତି। ହରଭଙ୍ଗା ବ୍ଲକ ପନଖିମାଲ ଗ୍ରାମର ସଞ୍ଜୟ ତରିଆ ଶାରିରୀକ ଭାବରେ ୭୦ ପ୍ରତିଶତ ଦିବ୍ୟାଙ୍ଗ। କିଛିମାସ ପୂର୍ବରୁ ସସ୍ମିତା ସିଠଙ୍କ ସହ ତାଙ୍କର ବିବାହ ହୋଇଥିଲା। ବିବାହ ପରେ ସଞ୍ଜୟ ଓ ସସ୍ମିତା ଦୁହେଁ ସରକାରଙ୍କ ସାମାଜିକ ନିରାପତ୍ତା ଯୋଜନାରେ ସହାୟତା ପାଇଁ ଆବେଦନ କରିଥିଲେ। ତାଙ୍କର ଆବେଦନକୁ


ଜିଲାପାଳଙ୍କ ଦ୍ୱାରା ଦମ୍ପତିଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି।

ମଞ୍ଜୁର କରାଯାଇ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଇଛି। ଏହି ରାଶି ଉଭୟଙ୍କ ନାମରେ ବ୍ୟାଙ୍କ ଖାତାରେ ଜମା କରାଯାଇଛି।

ମିଳିଥିବା ସହାୟତା ଟଙ୍କାରୁ ଏକମାସ ପରେ ୧୦ ପ୍ରତିଶତ, ୬ ମାସପରେ ପୁଣି ୧୦ ପ୍ରତିଶତ ଏବଂ ତିନିବର୍ଷ ପରେ ସମୁଦାୟ ଅର୍ଥ ଉଠାଇପାରିବେ ବୋଲି ଜଣାପଡିଛି। ଏହି ସହାୟତା ପ୍ରଦାନ ସମୟରେ ଜିଲା ଗ୍ରାମ୍ୟଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶିକା ବବିତାରାଣୀ ଦଳବେହେରା, ଜିଲା ସାମାଜିକ ନିରାପତ୍ତା ଅଧିକାରୀ ଆଦିପତି କହଁର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତ ବଳିୟାରସିଂ ପ୍ରମୁଖ ଉପସ୍ଥିତ ଥିଲେ। ଉଭୟଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହ ସରକାରଙ୍କ ପକ୍ଷରୁ ମିଳିଥିବା ସହାୟତା ବ୍ୟବସାୟରେ ଉପଯୋଗ କରିବାକୁ ଉପସ୍ଥିତ ଅଧିକାରୀମାନେ ପରାମର୍ଶ ଦେଇଥିଲେ।

# ଗଞ୍ଜେଇର ପେଣ୍ଠସ୍ଥଳ ବୌଦ୍ଧ ଜିଲା

### ଗଞ୍ଜେଇ ଚାଷ ସହିତ କାରବାର ଥମିବାର ନା ନେଉନି

ବୌଦ୍ଧ, ୩୦।୭(ସ୍ୱ.ପ୍ର.)

କୃଷିଭିତ୍ତିକ ବୌଦ୍ଧ ଜିଲାରେ ୩ଟି ବ୍ଲକ ଓ ଗୋଟିଏ ବିଜ୍ଞାପିତ ଅଞ୍ଚଳ ପରିଷଦ ରହିଛି। ଏହି ଛୋଟ ଜିଲାରେ ଶିଳ୍ପ ନ ଥିବାବେଳେ ଲୋକମାନେ ମୁଖ୍ୟତଃ ଚାଷ ଉପରେ ନିର୍ଭର କରିଚାଲିଥାନ୍ତି। ଜିଲାର ଚାଷ କହିଲେ ଧାନ। ଧାନ ବ୍ୟତୀତ ବର୍ତ୍ତମାନ ଲୋକମାନେ କିଛି ମାତ୍ରାରେ ପନିପରିବା ଚାଷ କରୁଛନ୍ତି। କିନ୍ତୁ ଜିଲାରେ ଆଉ ଏକ ମୁଖ୍ୟ ଚାଷ ପାଲଟିଛି ଗଞ୍ଜେଇ। କହିବାକୁ ଗଲେ ବୌଦ୍ଧ ଜିଲା ଏକ ପ୍ରକାର ଗଞ୍ଜେଇ ଚାଷର ପେଣ୍ଠସ୍ଥଳ ପାଲଟିଛି। ଯୁବପିଢି ଆଧୁନିକତା ଆଡକୁ ଗତିକରି କମ୍ ପରିଶ୍ରମରେ ସ୍ୱଳ୍ପ ସମୟରେ ଅଧିକ ଲାଭ ଲୋଭରେ ପ୍ରତିବର୍ଷ ଗଞ୍ଜେଇ ଚାଷ ପ୍ରତି ଅଧିକ ମାତ୍ରାରେ ମନବଳାଇଥିବା ଜିଲାର ଗଞ୍ଜେଇ ମାମଲାଗୁଡିକ ଦେଖିଲେ ସ୍ପଷ୍ଟ ବାରିହୋଇପଡୁଛି।

ପ୍ରତିବର୍ଷ ଜିଲାପାଳଙ୍କ ନିର୍ଦ୍ଦେଶରେ ପୋଲିସ୍ ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଲକ୍ଷଲକ୍ଷ ଗଞ୍ଜେଇ ଗଛ କଟାଯାଉଛି। କୋଟି କୋଟି ଟଙ୍କାର ଗଞ୍ଜେଇ ମଧ୍ୟ ଜବତ କରୁଛନ୍ତି। ଗଛଗୁଡିକ ଅମଳ ପୂର୍ବରୁ ନଷ୍ଟ କରାଯାଉଥିଲେ ମଧ୍ୟ ଜିଲାରୁ ପ୍ରତିଦିନ ବାହାରକୁ ଗଞ୍ଜେଇ ଚାଲାଣ ହେଉଥିବାବେଳେ ଜିଲା ପୋଲିସ ହାତରେ ପ୍ରତିଦିନ ଧରାପଡୁଛନ୍ତି। ଖାଲିଯେ ଜିଲା ପୋଲିସ ହାତରେ ଧରାପଡୁଛନ୍ତି, ତାହା ନୁହେଁ ରାଜ୍ୟ ଓ ରାଜ୍ୟ ବାହାର ପୋଲିସ ହାତରେ ଧରାପଡୁଥିବା ଜଣାପଡିଛି। ଭୌଗୋଳିକ ଦୃଷ୍ଟିକୋଣରୁ ବୌଦ୍ଧ ଜିଲା ରାଜ୍ୟର ମଧ୍ୟସ୍ଥଳରେ ଅବସ୍ଥିତ। ଜିଲାର ଅନେକ ଅଞ୍ଚଳ ବଣପାହାଡ ଘେରା ହୋଇଥିବାବେଳେ ଏଠାକାର ଅଧିବାସୀ ଗରିବ ଓ ଆଦିବାସୀ ଶ୍ରେଣୀର। ଏମାନଙ୍କ ସରଳତାର ସୁଯୋଗ ନେଇ ବ୍ୟବସାୟୀ ଓ ଅସାଧୁବ୍ୟକ୍ତିମାନେ ଏମାନଙ୍କୁ ହାତକରି ଗଞ୍ଜେଇ ଚାଷ ଓ ଗଞ୍ଜେଇ କାରବାର କରି ମାଲେମାଲ ହେଉଛନ୍ତି। କିନ୍ତୁ ବ୍ୟବସାୟୀ ଓ ଅସାଧୁବ୍ୟକ୍ତିମାନେ ଧରାପଡୁ ନାହାନ୍ତି। ଧରାପଡୁଛନ୍ତି ନିରୀହ ଗରିବ ଖଟିଖିଆ। କାରଣ ବ୍ୟବସାୟୀ ଓ ଅସାଧୁବ୍ୟକ୍ତିମାନେ ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗକୁ ହାତକରି ଖସି ଯାଉଛନ୍ତି। ଚାଷ ଓ ଚାଲାଣ କରିବାକୁ ହେଲେ ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗକୁ ହାତ ନ କଲେ ଏହା ସମ୍ଭବ ହୋଇ ନ ଥାଏ। ଚାଷ ପାଇଁ ୬ରୁ ୭ ମାସ ସମୟ ଲାଗିଥାଏ। ଜିଲାରେ ପ୍ରତିବର୍ଷ ଗଞ୍ଜେଇ ଚାଷ ବୃଦ୍ଧି ହେବାରେ ଲାଗିଛି। ଜିଲାରେ ଉତ୍ପାଦିତ ଗଞ୍ଜେଇ ଚାହିଦା ବହୁ ମାତ୍ରାରେ ଅଧିକ ଥିବାରୁ ରାଜ୍ୟ ଓ ରାଜ୍ୟ ବାହାରକୁ ପ୍ରତ୍ୟହ ବହୁ ପରିମାଣରେ ଚାଲାଣ ହେଉଛି। ଜିଲାର ଦୁର୍ଗମ ପାହାଡ ଅଞ୍ଚଳରେ ଏହି ଗଞ୍ଜେଇ ଚାଷ ହେଉଛି। କିନ୍ତୁ ବନବିଭାଗ କି ସ୍ଥାନୀୟ ପୋଲିସ କିପରି ଚାଷ ହେଉଥିବା ଜାଣିପାରେ ନାହିଁ ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପଡୋଶୀ ଜିଲାଗୁଡିକରେ ଧରାପଡୁଥିବା ଗଞ୍ଜେଇ ଚାଲାଣର ସିଂହ ଭାଗ ବୌଦ୍ଧ ଜିଲାରୁ ହିଁ ଚାଲାଣ ହୋଇଥାଏ। ବିଶେଷତଃ ଜିଲାର ୪ଟି ଥାନା ବୌଦ୍ଧ, ବାଉଁଶୁଣୀ, ମନମୁଣ୍ଡା ଓ କଣ୍ଟମାଳ ଅଞ୍ଚଳରେ ବ୍ୟାପକ ଗଞ୍ଜେଇ ଚାଷ ହୋଇଆସୁଥିବାବେଳେ ବର୍ତ୍ତମାନ ସେଗୁଡିକ ଚାଲାଣ କରାଯାଉଛି। କିଛି ଦିନ ହେବ ଉକ୍ତ ଥାନାଗୁଡିକ ପକ୍ଷରୁ ପ୍ରତିଦିନ ଗଞ୍ଜେଇ ଚାଲାଣକାରୀ ଧରାପଡୁଛନ୍ତି। ଜିଲାରେ ନୂତନ ଆରକ୍ଷୀ ଅଧୀକ୍ଷକ ଯୋଗଦେବା ପରେ ଉକ୍ତ ଥାନାଗୁଡିକ ପକ୍ଷରୁ ଏକପ୍ରକାର ଗଞ୍ଜେଇ ଚାଲାଣ ଧରିବାକୁ ପ୍ରତିଯୋଗିତା ହୋଇଥିବା ମନେହୁଏ। ଯଦି ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଠିକ୍ ପଦକ୍ଷେପ ନିଆଯାଏ, ତେବେ ଆଗାମୀ ଦିନରେ ବୌଦ୍ଧ ଜିଲାରୁ ଗଞ୍ଜେଇ ଚାଷ ଓ କାରବାର ଲୋପ ପାଇବ ଏଥିରେ ସନ୍ଦେହ ନାହିଁ। ବର୍ତ୍ତମାନ ଗଞ୍ଜେଇ ଚାଲାଣ ମାମଲାଗୁଡିକୁ ଦେଖିଲେ ଜିଲାଟି ଏକ ପ୍ରକାର ଗଞ୍ଜେଇର ପେଣ୍ଠସ୍ଥଳ ହୋଇପଡିଛି। ଏଣୁ ପ୍ରଶାସନ ପକ୍ଷରୁ ଏବେଠୁ ଏହା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଆଶା କର୍ମୀଙ୍କୁ ବିଭିନ୍ନ ଉପକରଣ ବଣ୍ଟନ

ଖପ୍ରାଖୋଲ (ଡି.ଏନ.ଏ): ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହଠାରେ ଶୁକ୍ରବାର ଆଶା କର୍ମୀଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ସୁରଜ କୁମାର ଦିପ, ସମ୍ମାନିତ ଅତିଥି ଭାବେ ମେଡିକାଲ ସୁପରଭାଇଜର ନାରାୟଣ ପଧାନୀ, ଆର.ସି.ଡି.ସି ପୋଗ୍ରାମ ଅଫିସର ଶମ୍ଭୁ ସାହୁ, ଟେକେନ୍ଦ୍ର ଜାଲ, ବୈକୁଣ୍ଠ ବାଗ ଯୋଗ ଦେଇଥିଲେ । ଏହି ଅବସରରେ ବ୍ଲକର ୧୨୪ ଜଣ ଆଶା କର୍ମୀଙ୍କୁ ଅକ୍ସି ମିଟର, ଥର୍ମୋସ୍କେନର, ମାକ୍ସ, ସାନିଟାଇଜର ବଣ୍ଟନ କରାଯାଇଥିଲା । କରୋନା ସଚେତନତା ପାଇଁ ଏହା ଦିଆଯାଇଛି । ବ୍ଲକ ପୋଗ୍ରାମ ଅଫିସର ସଂଯୁକ୍ତା ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସଂକ୍ଷେପରେ

### ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ



ଜାମଟିକ୍ରା,୩୦।୭(ଡି.ଏନ.ଏ): କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ହିତାଧିକାରୀଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କା ଘର ଯୋଜନାରେ ସେମାନଙ୍କୁ ଘର ଯୋଗାଇ ଦିଆଯାଉଛି। କିନ୍ତୁ ବରଗଡ ଜିଲାରେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ପ୍ରକୃତ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ବରଗଡ ଜିଲା ଅତାବିରା ବ୍ଲକ ଟାମ୍ପରସରା ପଞ୍ଚାୟତ ତଳିଟାମ୍ପରା ଗ୍ରାମରେ ଏଭଳି ଦେଖିବାକୁ ମିଳିଛି। ଏହି ଗ୍ରାମର ବିଧବା ଟିକେଶ୍ୱରୀ ଦାସ (୫୯)। ଗତ ମେ ମାସରେ ତାଙ୍କ ସ୍ୱାମୀ ବଳରାମ ଦାସଙ୍କ କରୋନାରେ ମୃତ୍ୟୁ ଘଟିଛି। ବଳରାମ ଜଣେ ଦୁଗ୍ଧଚାଷୀ ଥିଲେ। ତାଙ୍କର କୌଣସି ସନ୍ତାନ ନାହିଁ। ସ୍ୱାମୀକୁ ହରାଇ ବିଧବା ଟିକେଶ୍ୱରୀ ଏବେ ଅସହାୟ। ତାଙ୍କର ଜମିବାଡି କିଛି ନାହିଁ। ସେ ତାଙ୍କ ଭଙ୍ଗା ମାଟି କୁଡିଆରେ ବିପଦସଙ୍କୁଳ ଅବସ୍ଥାରେ ଅତି ଦୟନୀୟ ଭାବେ ଜୀବନଯାପନ କରୁଛନ୍ତି। ସେ ଏବେ ୫ କିଲୋ ଚାଉଳ ପାଉଛନ୍ତି। ତାଙ୍କୁ ଆବାସ ଘର ଓ ବିଧବା ଭତ୍ତା ପ୍ରଦାନ କରିବାକୁ ଦାବି ହେଉଛି।

### ମାଟ୍ରିକ ପରୀକ୍ଷା କେନ୍ଦ୍ର ପରିଦର୍ଶନ କଲେ ଜିଲା ଶିକ୍ଷାଧିକାରୀ

ଲୋଇସିଂହା,୩୦।୭(ଡି.ଏନ.ଏ): ସାରା ରାଜ୍ୟରେ ସ୍ୱତନ୍ତ୍ର ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ଆସନ୍ତା ୫ ତାରିଖରେ ପରୀକ୍ଷା ଶେଷ ହେବ । ଏହି କ୍ରମରେ ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ହରେକୃଷ୍ଣ ମହତାବ ହାଇସ୍କୁଲରେ ବ୍ଲକର ଏକମାତ୍ର ପରୀକ୍ଷା କେନ୍ଦ୍ର କରାଯାଇଛି । ଏଚଏସସିରୁ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ଏବଂ ମୁକ୍ତ ସ୍କୁଲ ସାର୍ଟିଫିକେଟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨ ଜଣ ପ୍ରଥମ ଦିନରେ ଅନୁପସ୍ଥିତ ଥିବା କେନ୍ଦ୍ର ସୁପରିଟେଣ୍ଡେଣ୍ଟ ଉଦ୍ଧବ ପୁଟେଲଙ୍କ ପ୍ରକାଶ କରିଛନ୍ତି । ସୂଚନା ଅନୁଯାୟୀ, ଜୁନ ୨୫ରେ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଥିଲା । ଫଳାଫଳକୁ ନେଇ ଅସନ୍ତୁଷ୍ଟ ଥିବା ବ୍ଲକର ୨୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଫର୍ମ ଦାଖଲ କରିଥିବା ବେଳେ ପ୍ରଥମ ଦିନ ସାହିତ୍ୟ ପରୀକ୍ଷାରେ ୨୬ ଜଣ ଛାତ୍ରୀଛାତ୍ର ଉପସ୍ଥିତ ରହି ପରୀକ୍ଷା ଦେଇଥିଲେ । ସେହିପରି ମୁକ୍ତ ସ୍କୁଲ ସାର୍ଟିଫିକେଟ ପାଇଁ ୭ ଜଣ ଫର୍ମ ଦାଖଲ କରିଥିବା ବେଳେ ୫ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ରହି ପରୀକ୍ଷା ଦେଇଥିବା ସେ ପ୍ରକାଶ କରିଥିଲେ । ପରୀକ୍ଷା କେନ୍ଦ୍ରକୁ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ଏବଂ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀନା ବେହେରା ପରିଦର୍ଶନ କରିଥିଲେ । କୋଭିଡ ମାଗଦର୍ଶିକା ଅନୁପାଳନ କରି ପରୀକ୍ଷା ଅନୁଷ୍ଠିତ ହେଉଛି ।

### ପୁରାଣ ଗାୟିକା ପଙ୍କଜିନୀ ମିଶ୍ରଙ୍କ ପରଲୋକ

ଦେଓଗାଁ,୩୦।୭(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ପଞ୍ଚାୟତ



ଟେପ୍ରେନ ଗାଁର ସୁନାମଧନ୍ୟ ପୁରାଣ ଗାୟିକା ପଙ୍କଜିନୀ ମିଶ୍ର (୬୩)ଙ୍କ ଗୁରୁବାର ବିଳମ୍ବିତ ରାତିରେ ହୃଦଘାତରେ ପରଲୋକ ହୋଇଛି । ରାତି ପ୍ରାୟ ୩ଟା ସମୟରେ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା । ଚିକିତ୍ସାଳୟ ନେବା ସମୟରେ ପରଲୋକ ହୋଇ ଯାଇଥିଲା। ଶୁକ୍ରବାର ସକାଳେ ଖବର ପ୍ରଚାରିତ ହେବା ପରେ ଦେଓଗାଁ ବ୍ଲକ ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁ ବେଳକୁ ତାଙ୍କ ସ୍ୱାମୀ ଶଙ୍କର୍ଷଣ ମିଶ୍ର, ପୁଅ ଗଣେଶ, ରମେଶ ଓ ଝିଅ ପିଙ୍କି ଉପସ୍ଥିତ ଥିଲେ । ନିକଟସ୍ଥ ସୋନଗଡ ନଦୀ କୂଳରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ବଡପୁଅ ଗଣେଶ ମୁଖାଗ୍ନି ଦେଇଥିଲେ । ସେ ଜିଲାରେ ଜଣେ ଉଚ୍ଚକୋଟୀର ପୁରାଣ ଗାୟିକା ଭାବେ ସୁନାମ ଅର୍ଜନ କରିଥିଲେ । ତାଙ୍କ ବିୟୋଗରେ ବ୍ଲକ ଅଧକ୍ଷା ରୀନା ମେହେର, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ବିଜୁ ଯୁବ ଜନତା ଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ଯୁବନେତା ଅଚ୍ୟୁତ ମିଶ୍ର ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।

# ଛତିଶଗଡ଼କୁ ଲମ୍ବିଛି ଚୋରାଚାଲାଣ

■ଜଗଦଲପୁରରେ ୧୮୦ ପ୍ୟାକେଟ୍ ସାର ଜବତ
■ସାମ୍ନାକୁ ଆସିଲା କଳାବଜାର

ଦେଓଗାଁ,୩୦।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ଅଞ୍ଚଳର କେତେଜଣ ସାର ବ୍ୟବସାୟୀ ଡିଏପି ଓ ୟୁରିଆ ସାର ଛତିଶଗଡରୁ ଚୋରାରେ ଆଣି ଦେଓଗାଁ ଓ ଗୁଡଭେଲା ବ୍ଲକ ଅଞ୍ଚଳରେ ଚଢ଼ାଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଆସୁଛି। ଗତ ୨୮ ତାରିଖରେ ଦେଓଗାଁ ଅଞ୍ଚଳକୁ ଏକ ମିନିଟ୍ରକରେ ୧୮୦ ପ୍ୟାକେଟ ଡିଏପି ସାର ଚୋରାଚାଲାଣ ହୋଇ ଆସୁଥିବା ଖବରପାଇ ଜଗଦଲପୁର ପୋଲିସ ଉକ୍ତ ମିନିଟ୍ରକକୁ ଅଟକ ରଖି ଯାଞ୍ଚ କରିଥିଲା। ଯାଞ୍ଚ ପରେ ଛତିଶଗଡରୁ ଏହି ଅଞ୍ଚଳକୁ ସାର ଚୋରାଚାଲାଣ ହେଉଥିବା ସାମ୍ନାକୁ ଆସିଛି। ଉକ୍ତ ଟ୍ରକରେ ଆସୁଥିବା ସାର ନକଲି ସନ୍ଦେହ ହେବାରୁ ପୋଲିସ ସାରର ନମୁନାକୁ ସମ୍ବଲପୁର ଲ୍ୟାବ୍‌କୁ ପଠାଇଥିବା ସୂଚନା ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, ଦେଓଗାଁ ବ୍ଲକ ଗୁଡଖାପଲା ପଞ୍ଚାୟତ ସଞ୍ଜୟପଡାର ଜଣେ ବ୍ୟବସାୟୀ ଛତିଶଗଡ ରାଜ୍ୟରୁ ସାର ଆଣି ଦେଓଗାଁ ବ୍ଲକର ଗୁଡଖାପଲା, ବଡବାହାଲ, ଅର୍ଜୁନପୁର, କୁଲୁତାପଡା, ମକୁନ୍ଦପୁର, ଉପରଝର, ମହଲାଇ ଆଦି ପଞ୍ଚାୟତର ବିଭିନ୍ନ ଗାଁ ତଥା ଗୁଡଭେଲା ବ୍ଲକର ତୁଷୁରା ମାର୍କେଟରେ ଚଢ଼ାଦରରେ ବିକ୍ରି କରୁଥିବା ବିଭିନ୍ନ ସମୟରେ ଚାଷୀମାନେ ଅଭିଯୋଗ କରି ଆସୁଥିଲେ । ଗତ ୨୮ ତାରିଖରେ ଏହି ବ୍ୟବସାୟୀ ଜଣକ ପଦ୍ମପୁର ଉପଖଣ୍ଡ ଛତିଶଗଡ ସୀମାନ୍ତରେ ଥିବା ସରେଇପାଲି ଗ୍ରାମରୁ ଏକ ମିନି ଟ୍ରକରେ ୧୮୦ ପ୍ୟାକେଟ ନବରତ୍ନ ଡିଏପି ସାର ବେଆଇନ ଭାବେ ଆଣୁଥିଲେ।

ଏ ସମ୍ପର୍କରେ କୌଣସି ସୂତ୍ରରୁ ଖବରପାଇ ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନାଧିକାରୀ ବୀରବର ଭଗତ ଉକ୍ତ ମିନିଟ୍ରକକୁ ଅଟକ ରଖିଥିଲେ। ତେବେ ଆସୁଥିବା ସାର ସମ୍ପର୍କିତ କୌଣସି କାଗଜପତ୍ର ସଂପୃକ୍ତ ବ୍ୟବସାୟୀ ଦେଖାଇ ନ ପାରିବାରୁ ଗାଡି ସମେତ ସାରକୁ ଜବତ କରି ଝାରବନ୍ଧ ସହକାରୀ କୃଷି ଅଧିକାରୀଙ୍କ ଜିମା ଦେଇଥିଲେ। ଝାରବନ୍ଧ ସହକାରୀ କୃଷି ଅଧିକାରୀ ପ୍ରଣୟ ମନ୍ତ୍ରୀ ଓ ଡୁଙ୍ଗୁରିପାଲି ସହକାରୀ କୃଷି ଅଧିକାରୀ ମନୋଜ ରାଉତ ତଦନ୍ତ କରି ଉକ୍ତ ସାର ବେଆଇନ ଭାବେ ଚାଲାଣ ହେଉଥିବା ସନ୍ଦେହ ହେବାରୁ ଲଉଡିଦର୍ହା ପ୍ୟାକ୍ସ ସମ୍ପାଦକଙ୍କ ତତ୍ତ୍ୱାବଧାନରେ ରଖି ତଦନ୍ତ ଚଲାଇଥିବା ସୂଚନା ମିଳିଛି। ଉକ୍ତ ମିନି ଟ୍ରକର ଡ୍ରାଇଭର ଓ ସାର ବ୍ୟବସାୟୀଙ୍କୁ ଜଗଦଲପୁର ପୋଲିସ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ସୂଚନାଯୋଗ୍ୟ, ୨ ମାସ ପୂର୍ବରୁ ଉକ୍ତ ଗାଡିରେ ମହୁଲ ଚାଲାଣ ସମୟରେ ପୁଇଁନ୍ତଲା ପୋଲିସ ଆଟଗାଁ ନିକଟରୁ ଜବତ କରିଥିବା ବେଳେ କିଛିଦିନ ତଳେ ସେହି ଗାଡିକୁ ସଂପୃକ୍ତ ବ୍ୟବସାୟୀ ମୁକୁଳାଇଥିବା ସାଧାରଣରେ ଆଲୋଚନା ହେଉଛି । ଦେଓଗାଁ ବ୍ଲକର ଉପରଝର ଅଞ୍ଚଳ, ଦେଓଗାଁ ମୁଖ୍ୟାଳୟ ସମେତ ତୁଷୁରା ଓ ବଡଙ୍ଗୋମୁଣ୍ଡା ଅଞ୍ଚଳରେ କେତେକ ବ୍ୟବସାୟୀ ଏଭଳି କାରବାରରେ ଲିପ୍ତ ରହି ବେଆଇନ ଭାବେ ସାର, ମହୁଲ, ଚାଉଳ ଗାଡିରେ ଶାଗୁଆନ ପଟା ଆଦି କଳାବଜାର କରୁଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ବର୍ତ୍ତମାନ ଖରିଫ ଧାନ ଚାଷ ବେଉଷଣ ସମୟ ହୋଇଥିବା ବେଳେ ଡିଏପି ସାର ଅଭାବର ସୁଯୋଗ ନେଇ କେତେକ ଅସାଧୁ ବ୍ୟବସାୟୀ ଏଭଳି କଳାବଜାର କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

## ଭୁଜାଲି, ପିସ୍ତଲ ଜବତ: ୩ ଗିରଫ



ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।



ଅଭିଯୁକ୍ତଙ୍କ ପାଖରୁ ଜବତ ମାରଣାସ୍ତ୍ର ।

ବରଗଡ଼ ଅଫିସ୍,୩୦।୭

ବରଗଡ଼ ଜିଲା ବିଜେପୁର ଥାନା ପୋଲିସ ଲୁଟ୍ ଘଟଣାରେ ଶୁକ୍ରବାର ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୋହେଲା ଥାନା କୁସୁଡ଼ା ଗ୍ରାମର ମହେଶ ପ୍ରଧାନ(୨୮), ସଦର ଥାନା ପିପିଲିପାଲି ଗ୍ରାମର ବିଭୂତି କୁମାର ସାହୁ(୨୩) ଏବଂ ପ୍ରହ୍ଲାଦ ଲୁହା(୨୫)। ସେମାନଙ୍କ ପାଖରୁ ଗୋଟିଏ ଭୁଜାଲି, ଗୋଟିଏ ପିସ୍ତଲ, ଏକ ବୁଲେଟ୍ ଓ ଏକ ବାଇକ୍ ଜବତ୍ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ବିଜେପୁର ଥାନାରେ ଏକ ମାମଲା (ନଂ.୧୩୦/୨୧) ରୁଜୁ ହୋଇଛି।

ପ୍ରକାଶ ଯେ, ଗତ ୨୮ତାରିଖରେ ବିଜେପୁର ଥାନା ପହଣ୍ଡି ଗ୍ରାମର କମଳେଶ ସାହୁ ପଡ଼ା ଗ୍ରାମରୁ ନିଜ ଘରକୁ ଫେରୁଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଅଟକାଇଥିଲେ। କମଳେଶଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ ତଥା ମାଡ଼ପିଟ୍ କରିବା ସହିତ ତାଙ୍କ ପାଖରୁ ୩ହଜାର ଟଙ୍କା ଏବଂ ମୋବାଇଲ ଲୁଟି ନେଇଥିଲେ। ଏ ନେଇ କମଳେଶ ବିଜେପୁର ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ ସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ବରଗଡ଼ ସଦର ଥାନାରେ ମଧ୍ୟ ୨ଟି ଆପରାଧିକ ମାମଲା (ନଂ.୧୭୦/୨୧, ନଂ.୧୯୧/୨୧) ରହିଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ବିଜେପୁର ଥାନାଧିକାରୀ ସନୟ କୁମାର ନାଏକ ସୂଚନା ଦେଇଛନ୍ତି।

## ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ବିକ୍ଷୋଭ




ବରବଡ଼ରେ ଭାଜପାର ବିକ୍ଷୋଭ ଶୋଭାଯାତ୍ରା।

ବରଗଡ଼ ଅଫିସ୍,୩୦।୭

ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦିଆଯାଉଥିବା ନେଇ ରାଜ୍ୟ ସରକାର ଡିଣ୍ଡିମ ପିଟୁଛନ୍ତି। ମାତ୍ର ଅନେକସ୍ଥଳେ ଲୋକେ ଏଥିରୁ ବଞ୍ଚିତ ହେଉଛନ୍ତି। ଡାକ୍ତର ସମେତ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ଓ ବିଭିନ୍ନ ପରୀକ୍ଷା ପାଇଁ ଆନୁସଙ୍ଗିକ ବ୍ୟବସ୍ଥାର ଅଭାବ ଭଳି ସମସ୍ୟା ରହିଛି। ଏହାର ପ୍ରତିବାଦରେ ଶୁକ୍ରବାର ଭାଜପା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବରଗଡ଼ ସିଡ଼ିଏମଓ ଡା. ଅରୁଣ କୁମାର ପାତ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଶତାଧିକ ଭାଜପା କର୍ମୀ ସ୍ଥାନୀୟ ଡାକବଙ୍ଗଳାରୁ ଏକ ବିକ୍ଷୋଭ ଶୋଭାଯାତ୍ରାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ପଶ୍ଚିମ ଓଡ଼ିଶାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାସହିତ ସିଡ଼ିଏମଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଭୀମସାର ବୁର୍ଲାରେ ଇକ୍‌ମୋ ମେଶିନ ସ୍ଥାପନ, ଖାଲି ପଡ଼ିଥିବା ବିଶେଷଜ୍ଞ ପଦବୀ ପୂରଣ, ଭୀମସାରକୁ ସମ୍ପୂର୍ଣ୍ଣ ଆର୍ଥିକ କ୍ଷମତା ପ୍ରଦାନ, ବରଗଡ଼ରେ ଆରଟିପିସିଆର ଟେଷ୍ଟ ବ୍ୟବସ୍ଥା, ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲାର ସମସ୍ତ ସିଏଚ୍‌ସି, ପିଏଚ୍‌ସିରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ, ବରଗଡ଼ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଭାଜପା ନେତମାନେ ଦାବି କରିଛନ୍ତି। ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ୍ ଆଚାର୍ଯ୍ୟ, ସୁରେଶ୍ୱର ଶତପଥି, ମିଳନ ସେଠ, ରବି ନାରାୟଣ ଦାଶ, କୁଶ କୁମ୍ଭାର, ଈଶ୍ୱର ବାଗ, ଯୁବମୋର୍ଚ୍ଚା ଜିଲା ସଭାପତି ଅମିତ ପଣ୍ଡା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ବିଶ୍ୱ ହେପାଟାଇଟିସ୍ ଦିବସ ପାଳିତ

ଭବାନୀପାଟଣା, ୩୦।୭ (ଡି.ଏନ.ଏ.)

ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ଡ. ସଞ୍ଜୟ କୁମାର ଶତପଥୀଙ୍କ ପୌରହିତ୍ୟରେ ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ଚିତ୍ତରଞ୍ଜନ ଖୁଣ୍ଟିଆ ହେପାଟାଇଟିସ୍ ରୋଗ ବିଷୟରେ ବୁଝାଇବା ସହିତ ଏହି ରୋଗର ଭୟାବହତା ଉପରେ କିପରି ସଚେତନ କରାଯାଇ ପାରିବ ସେ ବିଷୟରେ ଆଲୋକପାତ କରିଥିଲେ। କୁଳପତି ପ୍ରଫେସର ଶତପଥୀ ହେପାଟାଇଟିସ୍ ରୋଗର କାରଣ ଏବଂ ନିରାକରଣ ଉପରେ ଟିପ୍‌ପଣୀ ରଖିଥିଲେ। କୁଳପତି ପ୍ରଫେସର ଶତପଥୀ ହେପାଟାଇଟିସ୍ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହିତ ଏହି ରୋଗକୁ ସମୁଳେ ପ୍ରତିହତ କରିବା ପାଇଁ ବିଶ୍ୱବିଦ୍ୟାଳୟ ସମସ୍ତ ଅଧାପକ, ଅଧ୍ୟାପିକା ଓ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀମାନଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ପୀତାମ୍ବର ଭୋଇ, ଡ. ଜୟଦେବ ସାହୁ, ହିମାଂଶୁ ଷଡଙ୍ଗୀ, ପଦ୍ମଲୋଚନ ଭୁଏ, ଅଖିଳ ନାୟକ, ଡ. ସୁବ୍ରତ ପାଣିଗ୍ରାହୀ, ମହେଶ୍ୱର ଦୁରିଆ, ବିଷ୍ଣୁ ପ୍ରସାଦ ଚୌଧୁରୀ, ନିଖିଲ ସାହୁ, ସମସ୍ତ ଶିକ୍ଷକ, କର୍ମଚାରୀ ଏବଂ ବିଦ୍ୟାର୍ଥୀ ଯୋଗଦେଇଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଡ. ଚିତ୍ତରଞ୍ଜନ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

## ଶିଶୁ ସୁରକ୍ଷାରେ ସମ୍ମିଳିତ ଉଦ୍ୟମ ଲୋଡ଼ା




ଶିଶୁ ସୁରକ୍ଷା କର୍ମଶାଳାରେ ମଞ୍ଚାସୀନ ଅଧିକାରୀବୃନ୍ଦ ।

ବରଗଡ଼ ଅଫିସ୍,୩୦।୭

ଶିଶୁ ସୁରକ୍ଷା ଉପରେ ବରଗଡ଼ ମିଶନ ଶକ୍ତି ହଲରେ ଶୁକ୍ରବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଆଡ୍ ଏଟ୍ ଆକ୍ସନ ଏବଂ ୟୁନିସେଫ୍‌ର ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିଶୁଙ୍କ ପ୍ରତି ହେଉଥିବା ଅତ୍ୟାଚାର, ନିର୍ଯାତନା, ବାଲ୍ୟ ବିବାହ, ଶିଶୁ ଶ୍ରମିକ ଆଦି ରୋକିବା ସହିତ ଶିଶୁ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ଆଡ୍ ଏଟ୍ ଆକ୍ସନର ଡାଇରେକ୍ଟର ଉମି ଡାନିଏଲ ଶିଶୁ ଶ୍ରମିକ ଏବଂ ଶିଶୁ ଚାଲାଣ ଉପରେ ଆଲୋକପାତ କରିଥିଲେ। ଏହା ରୋକିବା ପାଇଁ ବିଭିନ୍ନ ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡ ଉପରେ ସଜାଗ ଦୃଷ୍ଟି ରଖିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ଜିଲା ସମାଜ ମଙ୍ଗଳ ଅଧିକାରୀ ବିଦ୍ୟୁତ୍‌ପ୍ରଭା ରଥ ଯୋଗଦେଇ ବାଲ୍ୟ ବିବାହ ରୋକିବା ଦିଗରେ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପରେ ବିବରଣୀ ପ୍ରଦାନ କରିଥିଲେ। ଶିଶୁ କଲ୍ୟାଣ ସମିତିର ଚେୟାରମ୍ୟାନ ସୁଜିତ କୁମାର ଦାଶ ଶିଶୁ ସୁରକ୍ଷା ପାଇଁ ରହିଥିବା ଆଇନର ବିଭିନ୍ନ ଦିଗ ଉପସ୍ଥାପନ କରିଥିଲେ। ଆରପିଏଫ୍ ଇନ୍ସପେକ୍ଟର ବି.ବି ମିଶ୍ର ଶିଶୁ ଚାଲାଣ ରୋକିବା ପାଇଁ ଆରପିଏଫ୍ ନେଉଥିବା ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମଞ୍ଜୁ ଏକ୍କା ଅନ୍ୟ ବିଭାଗୀୟ ସଂସ୍ଥା ସହଯୋଗରେ ନିଆଯାଉଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ନେହେରୁ ଯୁବକେନ୍ଦ୍ର ବରଗଡ଼ର ରୋଶନ ଟଣ୍ଡନ ଶିଶୁ ସୁରକ୍ଷାରେ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଥିବା କହିଥିଲେ। କାର୍ଯ୍ୟକ୍ରମରେ ଚାଇଲ୍ଡ ଲାଇନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଅଲ୍‌ଟ୍ରାସାଉଣ୍ଡ ମେଶିନ କାର୍ଯ୍ୟକ୍ଷମ ଦାବି

ବରଗଡ଼ ଅଫିସ୍,୩୦।୭



ଆପ୍ କାର୍ଯ୍ୟକର୍ତ୍ତା ସ୍ୱାସ୍ଥ୍ୟ ସମସ୍ୟା ନେଇ ସୂଚନା ଦେଉଛନ୍ତି।

ବରଗଡ଼ ସହର ଉପକଣ୍ଠ ଖେଦାପାଲିସ୍ଥିତ ନୂଆ ଜିଲା ମୁଖ୍ୟ ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ପରୀକ୍ଷା ହୋଇପାରୁ ନାହିଁ। ଫଳରେ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନେ ସହରରେ ରହିଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ଯାଉଛନ୍ତି। ସେହିପରି ଘରୋଇ ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ପରୀକ୍ଷା କରି ରୋଗୀଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏଭଳି ଅଭିଯୋଗ କରି ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନୂଆ ଜିଲା ମୁଖ୍ୟ ଡାକ୍ତରଖାନାରେ ତୁରନ୍ତ ଅଲଟ୍ରାସାଉଣ୍ଡ ମେଶିନ କାର୍ଯ୍ୟକ୍ଷମ କରିବାକୁ ଦାବି କରିଛି। ସେହିପରି ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ଆସୁଥିବା ଆସନ୍ନ ପ୍ରସବାଙ୍କ ଅସ୍ତ୍ରୋପଚାର ଏଠାରେ କରାଯାଉନାହିଁ ଏବଂ ସେମାନଙ୍କୁ ନୂଆ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି। ପୁଣି ନୂଆ ଜିଲା ମୁଖ୍ୟ ଡାକ୍ତରଖାନାରେ ନାନା ଆଳ ଦେଖାଇ ଆସନ୍ନ ପ୍ରସବାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଉଛି ବୋଲି ଆପ୍‌ର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ ଅଭିଯୋଗ କରିଛନ୍ତି। ଏହିସବୁ ସମସ୍ୟାର ସମାଧାନ ତୁରନ୍ତ କରା ନ ଗଲେ ଆପ୍ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଅମିତାଭ ପାତ୍ର ଚେତାବନୀ ଦେଇଛନ୍ତି।

### ନୂତନ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଭାବେ ଯୋଗଦେଲେ ଦେବଦତ୍ତ ସବ୍ୟସାଚୀ

ଭବାନୀପାଟଣା, ୩୦।୭ (ଡି.ଏନ.ଏ.)

ଟିପିଡବ୍ଲୁଓଡିଏଲ୍ କଳାହାଣ୍ଡି ସର୍କଲ (କଳାହାଣ୍ଡି ଓ ନୂଆପଡା) ନୂତନ ସୁପରିଣ୍ଟେଣ୍ଟ ଇଞ୍ଜିନିୟର ଭାବେ ଦେବଦତ୍ତ ସବ୍ୟସାଚୀ ମିଶ୍ର ଯୋଗ ଦେଇଛନ୍ତି। ମିଶ୍ର ପୂର୍ବରୁ ସମ୍ବଲପୁରରେ କାର୍ଯ୍ୟରତ ଥିଲେ। ମିଶ୍ର କଳାହାଣ୍ଡି ସର୍କଲ ନୂତନ ସୁପରିଣ୍ଟେଣ୍ଟ ଇଞ୍ଜିନିୟର ଭାବେ ଯୋଗଦେବା ପରେ ତାଙ୍କୁ ଟିପିଡବ୍ଲୁଓଡିଏଲ୍‌ର କାର୍ଯ୍ୟ ନିର୍ବାହି ଅଧିକାରୀ ମାନସ କୁମାର ମାଟି, ଉପଖଣ୍ଡ ବିଦ୍ୟୁତ ଅଧିକାରୀ ବିନୟ ରାଉତ, କନିଷ୍ଠ ଯନ୍ତ୍ରୀ ମାନସ ସେଠୀ ସ୍ୱାଗତ କରିଥିଲେ।

## ଅସହାୟ ବୃଦ୍ଧଙ୍କୁ ମିଳିଲା ଭତ୍ତା

ଅତାବିରା,୩୦।୭ (ଡି.ଏନ.ଏ)

**ଧରିତ୍ରୀ ପ୍ରଭାବ**

ବରଗଡ ଜିଲା ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ସାଲନା ଗାଁର ଏ. ରୁଦ୍ରାୟ ଓ ତାଙ୍କ ପତ୍ନୀ କେ. ଈଶ୍ୱରୀ। ଘର ଭାଙ୍ଗି ଯାଇଥିବାରୁ ଜଣେ ବ୍ୟକ୍ତି ଉକ୍ତ ଦମ୍ପତିଙ୍କୁ ଆଶ୍ରୟ ଦେଇଛନ୍ତି। ଏ ନେଇ ଧରିତ୍ରୀରେ ଘର ଭାଙ୍ଗିବାର ବଛରେ ହେଲା ପରହର୍ ଘରେ ମୁଡ ଗୁଁଜିଛନ୍ ଅସହାୟ ବୁଢ଼ାବୁଢ଼ୀ ପ୍ରକାଶ ପାଇଥିଲା। ଭେଡେନ ବ୍ଲକର ତତ୍କାଳୀନ ବିଡିଓ ମୁରଲୀଧର ନାୟକ ତଦନ୍ତ କରି ଉକ୍ତ ବୃଦ୍ଧଙ୍କୁ ଆବାସ ଗୃହ ଦେବା ପାଇଁ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ରୁଦ୍ରାୟଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିଥିଲେ ମଧ ତାଙ୍କ ସ୍ତ୍ରୀ ଏ. ଈଶ୍ୱରୀ (୬୫)ଙ୍କୁ ଏଯାଏ ଭତ୍ତା ମିଳିପାରି ନାହିଁ। ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।



ବୃଦ୍ଧ ଏ. ରୁଦ୍ରାୟ।

## ୨ ହାମ୍‌ଲେଟ ରାଜସ୍ୱ ଗାଁ ଅପେକ୍ଷାରେ

କର୍ଲାମୁଣ୍ଡା, ୩୦।୭ (ଡି.ଏନ.ଏ.)

**କର୍ଲାମୁଣ୍ଡା ବ୍ଲକ**
■୧୭ ହାମଲେଟକୁ ରାଜସ୍ୱ ଗ୍ରାମ ପାଇଁ ଦାବି

ସରକାର ହାମଲେଟ ଗ୍ରାମକୁ ରାଜସ୍ୱ ମାନ୍ୟତା ଦେବାକୁ ନୋଟିସ ଜାରି କରିବା ପରେ ଅନେକ ହାମଲେଟ ଏବେ ରାଜସ୍ୱ ଗ୍ରାମ ହେବା ସୁନିଶ୍ଚିତ ହୋଇଯାଇଛି। ଏହି କ୍ରମରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ୨ଟି ହାମଲେଟ ଗ୍ରାମ ରାଜସ୍ୱ ଗ୍ରାମ ଘୋଷଣା ହେବା ଅପେକ୍ଷାରେ ଥିବା ବେଳେ ଏହି ବ୍ଲକର ଅନେକ ହାମଲେଟ ଗ୍ରାମ ଏବେ ରାଜସ୍ୱ ଗ୍ରାମ ହେବାକୁ ଆଶା କରୁଥିବା ଜଣାପଡିଛି।

ସୂଚନା ଅନୁସାରେ ଏହି ବ୍ଲକରେ ୨୦୧୧ ଜନଗଣନା ଅନୁଯାୟୀ ୧୨ଟି ପଞ୍ଚାୟତ ୬୧ଖଣ୍ଡ ଗାଁରେ ୧୫୬୮୪ ପରିବାର ୫୭୦୪୨ଜଣ ଉଭୟ ପୁରୁଷ ମହିଳା ଅଛନ୍ତି। ବ୍ଲକ ଅଧୀନ ରାଜପୁର ପଞ୍ଚାୟତ ରାଜପୁର ଗାଁରୁ ୧ କି.ମି. ଦୂରରେ ଥିବା ୨ ୱାର୍ଡ ବିଶିଷ୍ଟ ୫୦୦ରୁ ଊର୍ଦ୍ଧ୍ୱ ଲୋକ ବାସ କରୁଥିବା ବାଞ୍ଜିପଦର ହାମଲେଟ ଗ୍ରାମ ଓ ସାପଲହରା ଗ୍ରାମପଞ୍ଚାୟତ ସପଲହରା ରାଜସ୍ୱ ଗ୍ରାମଠାରୁ ୧ କି.ମି. ଦୂରରେ ୪୦୦ ଲୋକ ବାସ କରୁଥିବା ବାଞ୍ଜିପଦର ହାମଲେଟ ରାଜସ୍ୱ ଗ୍ରାମ ହେବା ଘୋଷଣା ଅପେକ୍ଷାରେ ରହିଛି। ସେହିଭଳି ତେରେସିଂହା ପଞ୍ଚାୟତ ତେରେସିଂହା ରାଜସ୍ୱ ଗ୍ରାମ ବେଲପଡା ଓ କଲୋନିପଡା ଓ ସାନଡୁଙ୍ଗୁରୀଗୁଡାର ରାଜସ୍ୱ ଗ୍ରାମର ସନ୍ଧିମୁଣ୍ଡା ଓ ରଣାପଡା, ଟିଷିଡା ପଞ୍ଚାୟତ ସଲଣ୍ଡିଆମୁଣ୍ଡା ରାଜସ୍ୱ ଗ୍ରାମର ମାତୃପୁରୀ ଓ ବହଲମୁଣ୍ଡା, ରେଗଡା ପଞ୍ଚାୟତର ରେଗଡା ରାଜସ୍ୱ ଗ୍ରାମ ଭୋଇପଡା, ଯୋଗିପଲା ଗ୍ରାମ ଶିଶୋପଡା ଓ କେଶପଡା, କର୍ଲାମୁଣ୍ଡା ପଞ୍ଚାୟତ ଡୁକେରମାଲ ରାଜସ୍ୱ ଗ୍ରାମର କର୍ଲାମୁଣ୍ଡା ବସ୍ତି, ଫଲସାପଡା ଓ ଉମାକାନ୍ତପଡା, ସର୍ଗୁଲମାଲପଡା ରାଜସ୍ୱ ଗ୍ରାମର ସରଦାପୁର, ରିଞ୍ଜା ପଞ୍ଚାୟତ ଦେଓଗାଁ ରାଜସ୍ୱ ଗ୍ରାମର ଟିକରାପଡା, ରାଜପୁର ପଞ୍ଚାୟତ ରାଜପୁର ରାଜସ୍ୱ ଗ୍ରାମର ସାଲେପାଲି, ସାପଲହରା ରାଜସ୍ୱ ଗ୍ରାମର ଗୁଛାପଡା, ଯୋରାଡବରା ପଞ୍ଚାୟତର କୁଶୁର୍ଲା ରାଜସ୍ୱ ଗ୍ରାମର ହଜାରୀପଡା ଆଦି ହାମଲେଟଗୁଡିକ ରାଜସ୍ୱ ଗ୍ରାମ ପାଇଁ ପ୍ରଶାସନ ପଦକ୍ଷେପ ନେବା ପାଇଁ ଏହି ସବୁ ହାମଲେଟର ଜନସାଧାରଣ ଦାବି କରିଛନ୍ତି।



ସାପଲହରା ରାଜସ୍ୱ ଗାଁର ବାଞ୍ଜିପଦର ହାମଲେଟ ରାଜସ୍ୱ ଗ୍ରାମ ଘୋଷଣା ଅପେକ୍ଷାରେ।

**୫ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର**

ସୋର,(ଡି.ଏନ.ଏ.): ସୋର ଥାନା ଅଞ୍ଚଳର ଜଣେ ୫ବର୍ଷର ଶିଶୁକନ୍ୟାଙ୍କୁ ସେହି ଅଞ୍ଚଳର ଜଣେ ଯୁବକ ବଳାତ୍କାର କରିଥିବା ନେଇ ପୀଡିତାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗୁରୁବାର ଘର ଲୋକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଯୁବକଜଣକ ଶିଶୁକନ୍ୟାଙ୍କୁ ଏକ କୁଡିଆ ଭିତରକୁ ଟେକି ନେଇ ବଳାତ୍କାର କରିଛନ୍ତି। ଏନେଇ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ଯୁବକଙ୍କ ଛୁରାମାଡ଼ରେ ମହିଳା ଗୁରୁତର

**କୋକସରା,୩୦।୭ (ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ଲଡୁଗାଁର ମହିଳାଙ୍କୁ ଗୁରୁବାର ଜଣେ ଯୁବକ ଛୁରାରେ ଆକ୍ରମଣ କରିଛନ୍ତି। ଏ ନେଇ ସମ୍ପୃକ୍ତା ମହିଳାଙ୍କ ସ୍ୱାମୀ ଥାନାରେ ଅଭିଯୋଗ କରିଛନ୍ତି। ମହିଳାଙ୍କ ବେକ ଓ ଜଙ୍ଘରେ ଛୁରା ମାଡ଼ ହୋଇଥିବା ଜଣାପଡ଼ିଛି। ଲଡୁଗାଁର ବ୍ୟବସାୟୀ ରାଜୀବ କୁମାର ଅଗ୍ରୱାଲଙ୍କ ସ୍ତ୍ରୀଙ୍କୁ ତାଙ୍କ ଘରେ ଶ୍ରମିକ ଭାବେ କାମ କରୁଥିବା ମୁଟ୍ରାବାହେଲି ଗ୍ରାମର ଯୁବକ ଦୟା ନାଗ (୨୮) କୌଣସି କାରଣକୁ ନେଇ ଉତକ୍ଷିପ୍ତ ହୋଇ ଏକ ଧାରୁଆ ଛୁରାରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ମହିଳାଙ୍କ ବେକରେ ଓ ଜଙ୍ଘରେ ଆକ୍ରମଣ କରିଥିବା ନେଇ ମହିଳାଙ୍କ ସ୍ୱାମୀ କୋକସରା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ କୋକସରା ପୋଲିସ ଏକ ମାମଲା (ନଂ.୧୫୫/୨୧) ରୁଜୁ ହୋଇ ଘଟଣାର ତଦନ୍ତ ଜାରି ରହିଥିବା ନେଇ ତଦନ୍ତକାରୀ ଅଧିକାରୀ ଗୋପବନ୍ଧୁ ନାଏକ ସୂଚନା ଦେଇଛନ୍ତି ।

### ଅଫ୍‌ଲାଇନ ମାଟ୍ରିକ ପରୀକ୍ଷା ଦେଲେ ୩୪ ଛାତ୍ରୀଛାତ୍ର

**କୋକସରା,୩୦।୭ (ଡି.ଏନ.ଏ.):** ଶୁକ୍ରବାରଠାରୁ ସ୍ୱତନ୍ତ୍ର ମାଟ୍ରିକ ପରୀକ୍ଷା-୨୦୨୧ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା କୋକସରା ବ୍ଲକ ଜବାହର ଉଚ୍ଚ ବିଦ୍ୟାପୀଠରେ ବ୍ଲକର ବିଭିନ୍ନ ହାଇସ୍କୁଲରୁ ୩୪ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ଜଣାପଡ଼ିଛି। ବ୍ଲକର ୪୯ଜଣ ମାଟ୍ରିକ ପରୀକ୍ଷା ଦେବା ପାଇଁ ଆବେଦନ କରିଥିବା ବେଳେ ଶୁକ୍ରବାର ପ୍ରଥମ ଦିନରେ ରେଗୁଲାର ଓ ଏକ୍ସ ରେଗୁଲାର ମିଶି ୩୪ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ନୋଡାଲ ପରୀକ୍ଷା କେନ୍ଦ୍ର ଅଧିକାରୀ ସୁଧୀର କୁମାର ପଣ୍ଡା ସୂଚନା ଦେଇଛନ୍ତି। ପ୍ରଥମ ଦିନ ଛାତ୍ରୀଛାତ୍ର ମାତୃଭାଷା ବିଷୟରେ ପରୀକ୍ଷା ଦେଇଛନ୍ତି। କୋକସରା ପରୀକ୍ଷା କେନ୍ଦ୍ର ଅଧୀକ୍ଷକ ଭାବେ କୋକସରା ବିଇଓ ନାଗେଶ୍ୱର ପ୍ରଧାନ, ତଦାରଖ ଦାୟିତ୍ୱରେ କୋକସରା ତହସିଲଦାର ମନୋଜ ପାଢ଼ୀ ଓ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ସଦର ବିଇଓ ପରୀକ୍ଷା କେନ୍ଦ୍ର ପରିଦର୍ଶନରେ ଆସିଥିବା ନେଇ କୋକସରା ପରୀକ୍ଷା କେନ୍ଦ୍ର ଅଧିକାରୀ ସୁଧୀର ପଣ୍ଡା ସୂଚନା ଦେଇଛନ୍ତି।

### ବଳାତ୍କାର ଅଭିଯୋଗରେ କନଷ୍ଟେବଲ ଗିରଫ

**ବାରିପଦା ଅଫିସ,୩୦।୭:** ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ପୋଲିସ ବଳାତ୍କାର ଓ ପ୍ରତାରଣା ଅଭିଯୋଗରେ ଜଣେ କନଷ୍ଟେବଲଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ ବେତନଟୀ ଥାନା ପଦିପଡ଼ା ଗ୍ରାମର ଅଶୋକ ସୋରେନ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ. ୭୦୨/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ, ବାରିପଦା ଲକ୍ଷ୍ମୀପୋଷିସ୍ଥିତ ୫ମ ବାଟାଲିୟନରେ କନଷ୍ଟେବଲ ଭାବେ କାର୍ଯ୍ୟ କରୁଥିବା ଅଶୋକଙ୍କ ସହ ଜନୈକା ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ସେ ଶାରୀରିକ ସମ୍ବନ୍ଧ ସ୍ଥାପନ କରିଥିଲେ। ପରେ ଯୁବତୀଙ୍କୁ ପ୍ରତାରଣା କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା।

# ଅସ୍ଥାୟୀ ପୋଲ ଉପରେ ପାଣି

**ଜୁନାଗଡ, ୩୦।୭ (ଡି.ଏନ.ଏ.)**


ମାଲପଡା-ଖୁର୍ସେଲଗୁଡା ରାସ୍ତା ବନ୍ଦ କରିଛି ବିଭାଗ।

**ଧାର୍ଯ୍ୟ ସମୟରେ ବି ପୋଲ ନିର୍ମାଣ ନ ହେବା ଘଟଣା**
- ପୁରୁଣା ପୋଲ ଭଙ୍ଗାଗଲା
- ରାସ୍ତା ବନ୍ଦ କଲା ବିଭାଗ, ଯାତୟାତ ଠପ୍

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମାଲପଡା-ଖୁର୍ସେଲଗୁଡା ମଧ୍ୟରେ ଯାତାୟାତ ଠପ୍ ହୋଇଛି। ମାଲପଡା ନାଳ(ଯୋର) ଉପରେ ନିର୍ମାଣ କରାଯାଇଥିବା ଅସ୍ଥାୟୀ ପୋଲ ଉପରେ ବର୍ଷା ପାଣି ପ୍ରବାହିତ ହେଉଥିବାରୁ ଶୁକ୍ରବାର ପିଡବ୍ଲୁଡି ବିଭାଗ ପକ୍ଷରୁ ଉକ୍ତ ରାସ୍ତା ବନ୍ଦ କରାଯାଇଛି। ଫଳରେ ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହୋଇ ଏବେ ଘୋଲିଜିବା ଛକ ଦେଇ ଅଧିକ କି.ମି. ବୁଲି ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଛି। ପ୍ରାପ୍ତ ସୂଚାନରୁ ପ୍ରକାଶ, ପିଡବ୍ଲୁଡି ବିଭାଗ ପକ୍ଷରୁ ମାଲପଡା ନାଳର ପୋଲ ନିର୍ମାଣ ପାଇଁ ୩ କୋଟି ୬୫ ଲକ୍ଷ ବ୍ୟୟ ଅଟକଳ ମଞ୍ଜୁର ହୋଇଛି। ଏହା ୧୬।୯।୨୦୧୯ରେ ଆରମ୍ଭ ହୋଇ ୧୫।୯।୨୦୨୦ରେ ଶେଷ ଲାଗି ତାରିଖ ଧାର୍ଯ୍ୟ ହୋଇଥିଲା। କିନ୍ତୁ ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ପୋଲ ଧାର୍ଯ୍ୟ ସମୟ ଶେଷ ହୋଇ ଇତିମଧ୍ୟରେ ୧୦ ମାସ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଶେଷ ତ ଦୂରର କଥା କାମ ମଧ୍ୟ ଆରମ୍ଭ ହୋଇନାହିଁ। ପୂର୍ବରୁ ଲୋକେ ପୁରୁଣା ପୋଲରେ ଯାତାୟାତ କରୁଥିଲେ। ଠିକାଦାର ନୂତନ ପୋଲ କରିବା ବାହାନାରେ ଏହାକୁ ଭାଙ୍ଗି ତାହା ପାଖରେ ଏକ ଅସ୍ଥାୟୀ ପୋଲ ନିର୍ମାଣ କରିଥିଲେ। ଅସ୍ଥାୟୀ ପୋଲ ଯେଣତେଣ ପ୍ରକାର କରାଯିବା ସହ କମ୍ ଉଚ୍ଚତା ଯୋଗୁ ଗୋଟିଏ ବର୍ଷାରେ ପୋଲ ଉପରକୁ ପାଣି ଚଢି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି।

# କେବିକେ ଅଞ୍ଚଳର ରେଳ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ରେଳମନ୍ତ୍ରୀଙ୍କୁ ଦାବିପତ୍ର


ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ଏବଂ ଏନ. ଭାସ୍କର ରାଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରୁଛନ୍ତି।

**ଖଡିଆଳ, ୩୦।୭ (ଡି.ଏନ.ଏ.)**

କେବିକେ ଅଞ୍ଚଳର ରେଳ ପ୍ରକଳ୍ପର ବିକାଶ ଏବଂ ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ନେଇ ଓଡ଼ିଶାର ୨ଜଣ ଏମ୍‌ପି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏମ୍‌ପି ଏନ. ଭାସ୍କର ରାଓ ଏବଂ ସୁଜିତ କୁମାର କେବିକେ ଅଞ୍ଚଳକୁ ରେଳପଥ ସଂଯୋଗୀକରଣ ପାଇଁ ଦାବି ରଖିଛନ୍ତି। ନୂତନ ଲାଇନ ଏବଂ ପ୍ରସ୍ତାବିତ ପ୍ରକଳ୍ପ ଅତ୍ୟାଧୁନିକରଣ ପାଇଁ ପ୍ରସ୍ତାବ ଦେଇଛନ୍ତି। ସେଥି ମଧ୍ୟରୁ କଣ୍ଟାବାଞ୍ଜି-କୋକସରା ଭାୟା ରାଜଖଡିଆଳ, ଜୁଆଝର ଧର୍ମଗଡ ୧୧୫ କି.ମି. ପ୍ରକଳ୍ପର ପୁନଃରୀକ୍ଷିଣ କରି ରେଟଅଫ୍ ରିଟର୍ଣ୍ଣ ଉପରେ କାର୍ଯ୍ୟ କରିବାକୁ ଦାବି କରିଛନ୍ତି। ସେହିପରି ହାୱଡା-ଟିଟିଲାଗଡ ଇସ୍ପାତ ଟ୍ରେନ୍‌କୁ ଜୁନାଗଡ ରୋଡ ପର୍ଯ୍ୟନ୍ତ ସମ୍ପ୍ରସାରଣ, ସମ୍ବଲପୁର-ହାୱଡା ସୁପରଫାଷ୍ଟ ସାପ୍ତାହିକ ରେଳକୁ ଦୈନିକ ଚାଲୁ କରି ରାୟପୁର ଭାୟା ଟିଟିଲାଗଡ-କଣ୍ଟାବାଞ୍ଜି ପର୍ଯ୍ୟନ୍ତ ସମ୍ପ୍ରସାରଣ, ରାୟଗଡା ବିଶାଖାପାଟଣା ପେସେଞ୍ଜରକୁ ଏକ୍ସପ୍ରେସ ମାନ୍ୟତା ଦେଇ ଭବାନୀପାଟଣା ପର୍ଯ୍ୟନ୍ତ ସମ୍ପ୍ରସାରଣ, ପୁନଃରୀକ୍ଷିଣ ଧର୍ମଗଡ-ଜୁନାଗଡ ୧୯ କି.ମି. ପ୍ରକଳ୍ପ ଦାବିପତ୍ର ଦେଇଛନ୍ତି।

# ପାଣି ପାଇଁ ରାସ୍ତାକୁ ଓହ୍ଲାଇଲେ ମହିଳା


ମହିଳାମାନେ ରାସ୍ତାରେ ବିକ୍ଷୋଭ କରୁଛନ୍ତି।

**ଖଡିଆଳ, ୩୦।୭ (ଡି.ଏନ.ଏ.)**

- ୧୫ ଦିନ ହେବ ଜଳ ଯୋଗାଣ ବ୍ୟାହତ
- ବିରିଘାଟ ଗ୍ରାମରେ ପାନୀୟ ଜଳ ସମସ୍ୟା

ନୂଆପଡା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ବିରିଘାଟ ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖା ଯାଇଛି। ନଦୀ କୂଳରେ ଥାଇ ମଧ୍ୟ ଗାଁରେ ପାନୀୟ ଜଳର ସମସ୍ୟା ଦେଖାଦେଉ ଥିବାରୁ ଶୁକ୍ରବାର ଗ୍ରାମର ମହିଳାମାନେ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହୋଇଛନ୍ତି। ଏହି ଗ୍ରାମକୁ ସୁନ୍ଦର ନଦୀରୁ ପାନୀୟ ଜଳ ପ୍ରକଳ୍ପରୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ କରାଯାଉଛି। ହେଲେ ଦୀର୍ଘ ୧୫ ଦିନ ହେବ ପାଇପ ଯୋଗେ ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ଗ୍ରାମ ମହିଳାମାନେ ଗ୍ରାମର ଥିବା କେତୋଟି ନଳକୂପରୁ ଜଳକୁ ସଂଗ୍ରହ କରୁଛନ୍ତି। କିନ୍ତୁ ନଳକୂପ ଜଳରେ ମଇଳା ପାଣି ବାହାରିବା ସହ ଦୂଷିତ ଜଳ ବାହାରୁଛି। କେତୋଟି ନଳକୂପରେ ଫ୍ଲୋରାଇଡ୍ ଯୁକ୍ତ ଜଳ ବାହାରୁ ଥିବା ମହିଳାମାନେ କହିଛନ୍ତି। ଫଳରେ ଗ୍ରାମର ମହିଳାମାନେ ରାସ୍ତାକୁ ବାହାରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ରୋବେର୍ଟ ପ୍ରଧାନଙ୍କୁ ପଚାରିବାରୁ ଯାନ୍ତ୍ରିକ ତ୍ରୁଟି କାରଣରୁ ପାନୀୟ ଜଳ ପ୍ରକଳ୍ପରୁ ଜଳ ଯୋଗାଣରେ ବାଧାପ୍ରାପ୍ତ ହେଉଛି। ଅତିଶୀଘ୍ର ଜଳ ଯୋଗାଣ ସ୍ୱାଭାବିକ ହୋଇଯିବ ବୋଲି ସେ କହିଛନ୍ତି।

# କାପସିରେ ମିନିଷ୍ଟାଡିୟମ ନିର୍ମାଣ ପାଇଁ ଦାବି

**ଜିଲାପାଳଙ୍କ ସିନାପାଲି ଗସ୍ତ**

**ନୂଆପଡ଼ା ଅଫିସ,୩୦।୭**

ନୂଆପଡା ଜିଲାପାଳ ସ୍ୱାଧାଦେବ ସିଂ ଗୁରୁବାର ସିନାପାଲି ବ୍ଲକ ଗସ୍ତ କରି ଉନ୍ନୟନ କାର୍ଯ୍ୟ ତଦାରଖ କରିଥିଲେ। ଏହି ଅବସରରେ ସିନାପାଲି ବ୍ଲକ ସଦର ଗ୍ରାମର ଯୁବ ଗୋଷ୍ଠୀମାନେ କାପସି ଗ୍ରାମରେ ମିନିଷ୍ଟାଡିୟମ ନିର୍ମାଣ ପାଇଁ ଜିଲାପାଙ୍କୁ ଦାବି କରିଛନ୍ତି। ପୂର୍ବତନ ଜିଲା ପରିଷଦ ସଦସ୍ୟ ଲିଙ୍ଗରାଜ ଘିବେଲାଙ୍କ ନେତୃତ୍ୱରେ ସିନାପାଲି ଗ୍ରାମର ଅନେକ ଯୁବ ଗୋଷ୍ଠୀ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ସିନାପାଲି ବ୍ଲକରେ ମିନିଷ୍ଟାଡିୟ ନ ଥିବାରୁ ଅଞ୍ଚଳର କ୍ରୀଡାବିତ, କ୍ରୀଡାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଉଛି। ଏ ନେଇ ଅନେକ ଥର ପ୍ରଶାସନ, ନେତା, ମନ୍ତ୍ରୀଙ୍କୁ ଜଣାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। କ୍ରୀଡାର ବିକାଶ ପାଇଁ ସରକାର ଅନେକ ପଦକ୍ଷେପ ନେଇଥିବା ବେଳେ ଷ୍ଟାଡିୟମ ଓ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ କରୁଛନ୍ତି। କିନ୍ତୁ ସିନାପାଲି ଅଞ୍ଚଳରେ ଷ୍ଟାଡିୟମ ନ ଥିବାରୁ ବହୁତ ପ୍ରତିଭାବାନ ଖେଳାଳି ଲୁକାୟୀତ ଅବସ୍ଥାରେ ରହିଯାଉଛନ୍ତି। ସିନାପାଲିସ୍ଥିତ କାପସିଠାରେ ସିନାପାଲି ମହାବିଦ୍ୟାଳୟ ରହିଛି। ଏଣୁ ଏହି ସ୍ଥାନ ହିଁ ଉପଯୁକ୍ତ ସ୍ଥାନ ମନେ କରି ଏଠାରେ ଷ୍ଟାଡିୟମ୍ ନିର୍ମାଣ ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି। ସିନାପାଲି ତହସିଲଦାର ଲୋକନାଥ ଶବରଙ୍କୁ ଏହି କାର୍ଯ୍ୟର ତଦନ୍ତ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଦାବିପତ୍ରର ଏକ ନକଲ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀଙ୍କୁ ମଧ୍ୟ ପଠାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଲିଙ୍ଗରାଜ ଘିବେଲାଙ୍କ ସମେତ କାପସି ଆଜାଦ କ୍ଲବ ସଭାପତି ବିହାରି ଲାଲ ମିଶ୍ର, ନରେଶ କୁମାର ମାଝି, ପ୍ରକାଶ ପାତ୍ର, ତୁଳାରାମ ନିଆଲ, ପ୍ରଶାନ୍ତ ଦାସ, ଜୟନ୍ତ ଦାସ, ଟିଙ୍କୁ ମହାନନ୍ଦ, ମନୋଜ ଜଗତ ସମେତ ଅନେକ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ତ୍ରୀଙ୍କ ଜୁନାଗଡ଼ ଥାନା ପରିଦର୍ଶନ


ମନ୍ତ୍ରୀ ଜୁନାଗଡ଼ ଥାନା ପରିଦର୍ଶନ କରୁଛନ୍ତି।

**ଜୁନାଗଡ଼, ୩୦।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ଥାନାକୁ ଶୁକ୍ରବାର ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ପରିଦର୍ଶନ କରିଛନ୍ତି। ସେଠାରେ ସେ ଆଇନ ଶୃଙ୍ଖଳା ପରିସ୍ଥିତି ସମୀକ୍ଷା କରିଥିଲେ। ଥାନାକୁ ଅଭିଯୋଗ କରି ଆସୁଥିବା ଲୋକଙ୍କୁ ଉତ୍ତମ ଆଚରଣ ଦେଖାଇବା ସହ ଉଚିତ ନ୍ୟାୟ ପ୍ରଦାନ କରିବା ଓ ବରିଷ୍ଠ ନାଗରିକଙ୍କୁ ବସିବା ପାଇଁ ବ୍ୟବସ୍ଥା କରିବା, ପିଇବା ପାଣିର ସୁବିଧା କରିବା, ଭଦ୍ରତାର ସହ ସମ୍ମାନ ଦେଖାଇବା ଉପରେ ଥାନାଧିକାରୀ ଉତ୍ତମ କୁମାର ସାହୁଙ୍କୁ ମନ୍ତ୍ରୀ କହିଥିଲେ। ଏହାପରେ ମନ୍ତ୍ରୀ ଥାନା ପରିସରରେ ନିର୍ମାଣ ହୋଇଥିବା ନୂତନ ଉଦ୍ୟାନ ବୁଲି ଦେଖିଥିଲେ। ସେଠାକାର କାରୁକାର୍ଯ୍ୟକୁ ଦେଖି ସେ ବେଶ ଖୁସି ହୋଇଥିଲେ। ଏହି ସମୟରେ ମନ୍ତ୍ରୀଙ୍କ ସହ ଜୁନାଗଡ଼ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମହେଶ କୁମାର ସାହୁ, ବିଜେଡି ନଗର ସଭାପତି ବାପି ରାଉତ, କାମାକ୍ଷ ପ୍ରସାଦ ପ୍ରଧାନୀ, ଦୁଷ୍ମନ୍ତ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷାରେ ଭାଙ୍ଗିଲା କୁଡ଼ିଆ

**ଲାଠୋର,୩୦।୭(ଡି.ଏନ.ଏ.)**


ଭଙ୍ଗା ଘର ଆଗରେ ଶାନ।

**ପର ଘରେ ଆଶ୍ରୟ ନେଲେ ମହିଳା**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ତଳିପଡାର ଶାନ ଠାକୁର (୫୫) ନାମ୍ନୀ ଜଣେ ମହିଳାଙ୍କ କୁଡିଆ ଘର ଲଗାଣ ବର୍ଷାରେ ଭାଙ୍ଗିଯିବାରୁ ସେ ଏବେ ପର ଘରେ ଆଶ୍ରୟ ନେଇଛନ୍ତି । ଗୁରୁବାର ସନ୍ଧ୍ୟାରେ ତାଙ୍କ ଘର ଭାଙ୍ଗି ଯାଇଥିଲା। କୁଡିଆ ଭାଙ୍ଗିବା ସମୟରେ ସେ କୌଣସି କାମରେ ବସ୍ତିକୁ ଯାଇଥିବା ଯୋଗୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଶାନଙ୍କ ଝିଅ ପୁଅ ତଥା ସମ୍ପତ୍ତି ବାଡି କିଛି ନ ଥିଲେ ମଧ୍ୟ ପର ଘରେ ମୂଲ ଲାଗି ସ୍ୱାମୀ ଶତ୍ରୁଘ୍ନଙ୍କ ସହ ହସଖୁସିରେ ଦିନ କାଟୁଥିଲେ । ତଳିପଡାରେ ଥିବା କୁଡିଆ ଘରେ ଦୁହେଁ ରହୁଥିଲେ । ଗତ ୮ ବର୍ଷ ପୂର୍ବେ ସ୍ୱାମୀଙ୍କ ମୃତ୍ୟୁରେ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡିଲେ ଶାନ। ପଞ୍ଚାୟତରୁ ପାଉଥିବା ୫ କିଲୋ ଚାଉଳ ଏବଂ ୫ ଶହ ଭତ୍ତା ଟଙ୍କା ରେ କୌଣସି ମତେ ଚଳି ଯାଉଛନ୍ତି ସିନା ହେଲେ ଭଲ ଘର ଖଣ୍ଡିଏ କରିବା ପାଇଁ ତାଙ୍କର ନାହିଁ ସମ୍ବଳ। ଫଳରେ ସ୍ୱାମୀ କରିଥିବା ଚାଳ ଛପର ଘରେ ରହି ଆସୁଥିଲେ। ଆବାସ ଯୋଜନାରେ ଘର ପାଇଁ ପଞ୍ଚାୟତ ଠାରୁ ବ୍ଲକ ଅଫିସ ପର୍ଯ୍ୟନ୍ତ ବାରମ୍ବାର ଦୌଡି ନୟାନ୍ତ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଭାଗ୍ୟକୁ ଆଦରି ଚାଳ ଛପର ଘରେ ପଡି ରହିଥିଲେ। ହେଲେ ଗତ ୪ ଦିନ ଧରି ଲଗାଣ ବର୍ଷାରେ ସେହି ଘର ସମ୍ପୂର୍ଣ୍ଣ ଭାଙ୍ଗିଯିବାରୁ ମହିଳା ଜଣକ ପରଘରେ ଆଶ୍ରୟ ନେଇଛନ୍ତି। ସାଇତି ରଖିଥିବା ଖାଦ୍ୟ ସାମଗ୍ରୀ ସହ ଘରକରଣା ଜିନିଷପତ୍ର ନଷ୍ଟ ହୋଇଯାଇଛି। ବର୍ତ୍ତମାନ ସେ କେଉଁଠି ରହିବେ ଓ କଣ ଖାଇବେ ସେହି ଚିନ୍ତାରେ ରହିଛନ୍ତି। ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ମହିଳାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ଶତ ପ୍ରତିଶତ ସଫଳତା

**ମୁନିଗୁଡ଼ା,୩୦।୭(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ଡିଏଭି ବେଦାନ୍ତ ଆନ୍ତର୍ଜାତିକ ବିଦ୍ୟାଳୟ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଶତ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍କୁଲର ନିଲେଶ ବଂଶଲ୍ ୯୭.୨୦ ପ୍ରତିଶତ, ଆକାଶ ସେଠୀ ୯୫.୬୦ ପ୍ରତିଶତ ଓ ଲିପ୍‌ସା ପାତ୍ର ୯୩.୪୦ ପ୍ରତିଶତ ନମ୍ବର ରଖି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ୯୦%ରୁ ଅଧିକ ନମ୍ବର ୬ ଜଣ ଓ ୮୦%ରୁ ୯୦% ରଖି ୮ଜଣ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ଏହି ବିଦ୍ୟାଳୟରେ ରାୟଗଡ଼ା ଜିଲାର ମୁନିଗୁଡ଼ା, ବିଷମକଟକ ଏବଂ ଅମ୍ବାଦୋଳା ଅଞ୍ଚଳର ଅନେକ ଛାତ୍ରୀଛାତ୍ର ପଢୁଥିବାରୁ ଅଞ୍ଚଳରେ ଖୁସି ପ୍ରକାଶ ପାଇଛି। ଅଭିଭାବକ ଓ ଛାତ୍ରଛାତ୍ରମାନେ ଏଥିପାଇଁ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଜିଲା ଓକିଲ ସଂଘର ସାଧାରଣ ବୈଠକ

**ନୂଆପଡ଼ା ଅଫିସ,୩୦।୭**

ନୂଆପଡା ଜିଲା ବାର ଆସୋସିଏଶନ ସମ୍ମିଳନି କକ୍ଷରେ ଶୁକ୍ରବାର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତିଙ୍କ ଅନୁପସ୍ଥିତିରେ ଉପସଭାପତି ପ୍ରକାଶ କୁମାର ସ୍ୱାଇଁ ସଭାପତିତ୍ୱ କରି ସଭା ପରିଚାଳନ କରିଥିଲେ। ଏହି ଅବସରରେ ସମ୍ପାଦକ ଅଶ୍ୱନୀ କୁମାର ବାଗ ବର୍ତ୍ତମାନ କୋଭିଡ୍ ମହାମାରୀ ତଥା କେନ୍ଦ୍ର ସରକାରଙ୍କ ତୃତୀୟ ଲହର ଚେତାବନୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଗାମୀ ଅଗଷ୍ଟରେ କୋର୍ଟ କିପରି ପରିଚାଳନା ହେବ, ଓକିଲମାନଙ୍କ ଦୀର୍ଘ ଦିନର ବ୍ୟବଧାନ ପରେ ଯୋଗଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସର୍ବସମ୍ମତିକ୍ରମେ ବାର ଆସୋସିଏଶନ ଓ ସିଭିଲ ବାର ଆସୋସିଏଶନ ମିଳିତ ଭାବେ ଆଗାମୀ ଅଗଷ୍ଟ ୨୦ ପର୍ଯ୍ୟନ୍ତ ପୂର୍ବଭଳି କୋର୍ଟ କାର୍ଯ୍ୟ ବଳବତର ରହିବ ବୋଲି ପ୍ରକାଶ କରିଥିଲେ। ଅତ୍ୟନ୍ତ ଜରୁରୀ ଥିବା ମାମଲା ତଥା ଜାମିନ ଆବେଦନ ଇତ୍ୟାଦି କାର୍ଯ୍ୟ ଓକିଲମାନେ କରି ପାରିବେ। ଅତ୍ୟନ୍ତ ଜରୁରୀ କୋର୍ଟ ମାମଲା ଭର୍ଚୁଆଲ ମୋଡରେ ହେବ ବୋଲି ସମ୍ପାଦକ ବାଗ ପ୍ରକାଶ କରିଛନ୍ତି। ଏହି ଅବସରରେ ଓକିଲ ବଳଦେବ ରଥ ଯିଏକି ପୂର୍ବରୁ ଜିଲା ବାର ଆସୋସିଏଶନର ସଭ୍ୟ ଥିଲେ। ସେ ପୁଣି ଥରେ ଜିଲା ବାର ଆସୋସିଏଶନ ସଦସ୍ୟ ଭାବେ ଯୋଗଦାନ କରିବାରୁ ତାଙ୍କୁ ସ୍ୱାଗତ କରାଯାଇଥିଲା । ଯୁଗ୍ମ ସମ୍ପାଦକ ଅନୁପ କୁମାର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।


ଓକିଲ ସଂଘ ବୈଠକରେ ଆଲୋଚନା କରାଯାଉଛି।

# ୧୩ ଘର ଭାଙ୍ଗିଲା ପ୍ରଶାସନ

**ନୂଆପଡ଼ା ଅଫିସ,୩୦।୭**


ଜେସିବି ଲଗାଇ ବିସ୍ଥାପିତଙ୍କ ଘର ଭଙ୍ଗାଯାଉଛି ।

**ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ**
- ହକ୍ ନ ପାଇବା ପର୍ଯ୍ୟନ୍ତ ହଟିବୁ ନାହିଁ
- ପଲିଥିନ ତଳେ ବିସ୍ଥାପିତ ପରିବାର

ବହୁପ୍ରତିକ୍ଷିତ ନୂଆପଡ଼ା ଜିଲା ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ବିସ୍ଥାପିତଙ୍କ ସମସ୍ୟା ୨୦ ବର୍ଷ ପରେ ମଧ୍ୟ ଥମିବାର ନା ନେଉନାହିଁ। ଇତିମଧ୍ୟରେ ପ୍ରକଳ୍ପ ଲୋକାର୍ପିତ ହୋଇସାରିଥିବା ବେଳେ ଏବେ ମଧ୍ୟ ବିସ୍ଥାପିତଙ୍କ ଦୁଃଖ ଯେଉଁ ତିମିରକୁ ସେହି ତିମିରେ ରହିଛି। ସହାୟତା ରାଶି ପାଇ ନ ଥିବା ୧୩ ବିସ୍ଥାପିତ ପରିବାର କୋମନା ବ୍ଲକ ରଜନା ପଞ୍ଚାୟତ କାଳିମାଟି ଗାଁରେ ରହୁଥିଲେ। ଭିଟାମାଟି ନ ଛାଡିବାରୁ ପ୍ରଶାସନ ପକ୍ଷରୁ ଗୁରୁବାର ପୋଲିସ ଫୋର୍ସ ସହିତ ଜେସିବି ମେଶିନ ଲଗାଇ ୧୩ ଘରକୁ ଭାଙ୍ଗି ଦିଆଯାଇଛି। ଫଳରେ ବର୍ତ୍ତମାନ ଲଗାଣ ବର୍ଷା ସମୟରେ ନାହିଁ ନ ଥିବା ଅସୁବିଧାରେ ଜୀବନ ବିତାଉଛନ୍ତି ବିସ୍ଥାପିତ ପରିବାର। ପୋଲିସ ଭୟ ଦେଖାଇ ୧୩ ପରିବାରଙ୍କ ଘର ଭାଙ୍ଗି ଦେଇଥିବା ବେଳେ ହକ୍ ନ ପାଇବା ପର୍ଯ୍ୟନ୍ତ ଏଠାରୁ ହଟିବୁ ନାହିଁ ବୋଲି ସେମାନେ ଅଡି ବସିଛନ୍ତି। ବୁଡି ଅଞ୍ଚଳବାସୀଙ୍କୁ ପ୍ରଶାସନ ଥଇଥାନ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କରି ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରଶାସନ ଏମାନଙ୍କୁ ରହିବା ପାଇଁ ରଜନା ସ୍କୁଲ ଗୃହ ଦେଇଥିଲେ। ସେଠାରେ ରହିବା ଉପଯୁକ୍ତ ସ୍ଥାନ ନୁହେଁ, ଅତି କଦର୍ଯ୍ୟ ରହିଥିବାରୁ ୧୨ ଘର ପରିବାର ରଜନା ଚାରି ଛକଠାରେ ପଲିଥିନ ତଳେ ଓ ଭୋଲାନାଥ ମାଝିଙ୍କ ପରିବାର ରଜନା ସ୍କୁଲ ଗୃହରେ ରହିଛନ୍ତି। ସୂଚନା ଯେ, ୨୦୦୦ରେ ଉଭୟ ନୂଆପଡା ଓ ବଲାଙ୍ଗୀର ଜିଲାର ୨୯,୯୦୦ ହେକ୍ଟର ଚାଷ ଜମିରେ ଜଳ ସେଚନ ଲକ୍ଷ୍ୟ ରଖି ଆରମ୍ଭ ହୋଇଥିଲା ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ। ନୂଆପଡା ଜିଲା ଖଡିଆଳ ଓ କୋମନା ବ୍ଲକ ମଧ୍ୟ ଭାଗରେ ତିଖାଲିଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୦ରେ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ୧୦ଟି ଗାଁ ସମ୍ପୂର୍ଣ୍ଣ ବୁଡି ହୋଇ ବିସ୍ଥାପିତ ହୋଇଥିବା ବେଳେ ୨୧ଟି ଗାଁ ଆଶିଂକ କ୍ଷତିଗ୍ରସ୍ତ ହୋଇଥିଲା। ବିସ୍ଥାପିତଙ୍କୁ ସୁବିଧା ଯୋଗାଇ ଦିଆଯିବ ବୋଲି ଆରମ୍ଭ ହୋଇଥିଲା ପ୍ରକଳ୍ପ କାମ। ହେଲେ ଦୀର୍ଘ ୨୦ ବର୍ଷ ବିତିଯାଇଥିଲେ ମଧ୍ୟ ବିସ୍ଥାପିତଙ୍କ ସମସ୍ୟା ଦୂର ହୋଇ ପାରିନାହିଁ। ନିଜର ଅଧିକାର ପାଇଁ ବିସ୍ଥାପିତ ଲୋକେ ବହୁବାର ଲଢେଇ କରି ଆନ୍ଦୋଳନ ପନ୍ଥା ଅବଲମ୍ବନ କରିଥିଲେ ମଧ୍ୟ ସରକାରଙ୍କ ମିଛ ପ୍ରତିଶ୍ରୁତିର ଶିକାର ହୋଇ ବର୍ତ୍ତମାନ ଯାଏ ନିଜ ହକ୍ ପାଇବାରୁ ବଞ୍ଚିତ। ଏ ସଂକ୍ରନ୍ତରେ ପ୍ରକଳ୍ପ ଅଧିକାରୀ ତରଣୀସେନ ସୁନାଙ୍କୁ ପଚାରିବାରୁ ନିୟମ ଅନୁସାରେ ଏହି ପରିବାରଙ୍କୁ ସୁବିଧା ଦିଆଯିବ ବୋଲି ପ୍ରକାଶ କରିଛନ୍ତି।